SEPTEMBER 14, 2026
MONDAY, BHUBANESWAR

ସେପ୍ଟେମ୍ବର ୧୪, ୨୦୨୬
ସୋମବାର, ଭୁବନେଶ୍ୱର

ବିଜ୍ଞାପନ ଓ ପ୍ରସାର ପାଇଁ ଯୋଗାଯୋଗ କରନ୍ତୁ
9937085463
akhyara.advertisement@gmail.com

# ଅକ୍ଷର
AKHYARA ODISHA ଓଡ଼ିଶା



ଶୁକ୍ଲାମ୍ବର ଧରଂ ବିଷ୍ଣୁ ଶଶିବର୍ଣ୍ଣଂ ଚତୁର୍ଭୁଜମ୍ ।
ପ୍ରସନ୍ନବଦନଂ ଧ୍ୟାୟେତ୍ ସର୍ବବିଘ୍ନୋପଶାନ୍ତୟେ ।

VOLUME 2 ● ISSUE- 12 ବର୍ଷ- ୨ ● ସଂଖ୍ୟା-୧୨ RNI REGD NO. ORIORI/25/A2226 ● DAILY EDITION ପୃଷ୍ଠା-୧୨ ● ମୂଲ୍ୟ- ୭/- PAGES - 12 ● PRICE- 7/-

### ୨୦୧୪ ରୁ ୨୦୨୬ ବଦଳିଯାଇଛି ଦେଶର ଚିତ୍ର !

## ୨୦୨୯ ସୁଦ୍ଧା ୨୧ ରାଜ୍ୟରେ ୟୁସିସି: ଅମିତ ଶାହ

ମୁମ୍ବାଇ ୧୩/୦୯ : ୨୦୨୯ ଲୋକସଭା ନିର୍ବାଚନ ପୂର୍ବରୁ ଏନ୍‌ଡିଏ ନେତୃତ୍ୱାଧୀନ ୨୧ ରାଜ୍ୟରେ ସମାନ ନାଗରିକ ସଂହିତା (ୟୁସିସି) ଲାଗୁ ହେବ ବୋଲି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ରବିବାର ପ୍ରତିଶ୍ରୁତି ଦେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନରୁ ୩୦ ଦିନିଆ 'ସେବା ସଂକଳ୍ପ ଅଭିଯାନ' ପାଇଁ ଗଠନ ହୋଇଛି ବୋଲି ଶାହ କହିଛନ୍ତି । ସେ ଏହା ମଧ ଘୋଷଣା କରିଛନ୍ତି ଯେ, ସମଗ୍ର ଏନ୍‌ଡିଏ ମେଣ୍ଟ ଓ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକ ପ୍ରଧାନମନ୍ତ୍ରୀ ଓ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବରେ ମୋଦୀଙ୍କ କାର୍ଯ୍ୟକାଳର ୨୫ ବର୍ଷ ପୂରଣ ଅବସରରେ ସେପ୍ଟେମ୍ବର ୧୭ ରୁ ଅକ୍ଟୋବର ୧୭ ପର୍ଯ୍ୟନ୍ତ

ସଂକଳ୍ପ ଅଭିଯାନ
ସେପ୍ଟେମ୍ବର ୧୭ରୁ
୩୦ ଦିନିଆ
କାର୍ଯ୍ୟକ୍ରମ



ଯୋଜନା ଘୋଷଣା କରିବା ସହିତ କେନ୍ଦ୍ର ଗୃହମନ୍ତ୍ରୀ ଏହି ଘୋଷଣା କରିଛନ୍ତି ।ମୁମ୍ବାଇଠାରେ ସେବା ସଙ୍କଳ୍ପ ଅଭିଯାନ ଉପରେ ଗଣମାଧ୍ୟମକୁ ସମ୍ବୋଧନ କରି ଶାହ କହିଛନ୍ତି, ଆମେ କେତେକ ରାଜ୍ୟରେ ୟୁସିସି ଲାଗୁ କରିସାରିଛୁ । ମୋର ଗଭୀର ବିଶ୍ୱାସ ରହିଛି, ୨୦୨୯ ନିର୍ବାଚନ ପୂର୍ବରୁ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ଶାସିତ ୨୧ ରାଜ୍ୟରେ ୟୁସିସି କାର୍ଯ୍ୟକାରୀ ହେବ । ବର୍ତ୍ତମାନ ୧୯ ରାଜ୍ୟ ଓ ୨ଟି କେନ୍ଦ୍ର ଶାସିତ ଅଞ୍ଚଳରେ ଏନ୍‌ଡିଏ କ୍ଷମତାରେ ରହିଛି । ଉତ୍ତରାଖଣ୍ଡ, ଗୁଜରାଟ ଓ ଆସାମରେ ୟୁସିସି ଲାଗୁ ହୋଇସାରିଥିବାବେଳେ ମଧ୍ୟପ୍ରଦେଶରେ ୟୁସିସିର ଖସଡ଼ା ପ୍ରସ୍ତୁତ କରିବାକୁ ଏକ କମିଟି ଦେଶବ୍ୟାପୀ 'ସେବା ସଂକଳ୍ପ ଅଭିଯାନ' ପରିଚାଳନା କରିବାକୁ ଏକାଠି ହେଉଛନ୍ତି । ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ କରିବା ଓ ଧାରା ୩୭୦ ଉଚ୍ଛେଦ କରିବା, ତିନି ତଲାକ୍ ପ୍ରତ୍ୟାହାର କରିବା ଓ ନକ୍ସଲବାଦର ମୂଳୋତ୍ପାଟନ କରିବାରେ ସଫଳ ହୋଇଛି ବୋଲି ଶାହ କହିଛନ୍ତି । ୨୦୧୪ ପୂର୍ବରୁ ଦେଶର ଜାତୀୟ ରାଜନୀତି ଦୁର୍ନୀତି, ଜାତିବାଦ ଓ ପରିବାରବାଦ ପରି ପ୍ରସଙ୍ଗରେ ଗ୍ରସ୍ତ ଥିଲା । କିନ୍ତୁ ୨୦୧୪ ରୁ ୨୦୨୬ ମଧ୍ୟରେ ଏହି ପ୍ରସଙ୍ଗର ଊର୍ଦ୍ଧ୍ୱକୁ ଯାଇ ପ୍ରଦର୍ଶନକୁ ନେଇ ରାଜନୀତି ରହିଛି ବୋଲି କେନ୍ଦ୍ର ଗୃହମନ୍ତ୍ରୀ କହିଛନ୍ତି ।

### ସଂଯୁକ୍ତ ଆରବ ଏମିରଟ୍ସ ଗସ୍ତ ସାରି ଓଡ଼ିଶା ଫେରିଲେ ମୁଖ୍ୟମନ୍ତ୍ରୀ

# ଯୁବବର୍ଗଙ୍କ ସ୍ୱର୍ଣ୍ଣିମ ଭବିଷ୍ୟତ ପାଇଁ ଉପଯୋଗ କରନ୍ତୁ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୩/୦୯ ;ରାଜ୍ୟର ଯୁବପିଢ଼ିଙ୍କ ଭବିଷ୍ୟତକୁ ଉଜ୍ଜ୍ୱଳ କରିବା ପାଇଁ ଆମ ସରକାର ନିଜର ସର୍ବାଧିକ ସାମର୍ଥ୍ୟର ଉପଯୋଗ କରୁଛନ୍ତି ବୋଲି ଟଇର ଗସ୍ତରୁ ଫେରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଗଣମାଧ୍ୟମକୁ ବିବୃତି ଦେଇ କହିଛନ୍ତି ସେ କହିଛନ୍ତି ଯେ ରାଜ୍ୟର ପୁଅ-ଝିଅ ପାଠପଢ଼ା ସାରିବା ପରେ ଯେପରି ନିଜ ମାଟିରେ ହିଁ ସମ୍ମାନଜନକ ନିଯୁକ୍ତି ପାଇପାରିବେ, ତାହା ଆମ ସରକାରଙ୍କ ମୂଳ ଲକ୍ଷ୍ୟ । ଏଥିପାଇଁ ଆରମ୍ଭରୁ ହିଁ ଶିଳ୍ପାୟନ ଅଭିଯାନକୁ ବ୍ୟାପକ କରାଯାଇଛି । ଭୁବନେଶ୍ୱର ବିମାନବନ୍ଦର ଠାରେ ଗଣମାଧ୍ୟମ ପ୍ରତିନିଧି ମାନଙ୍କ ନିକଟରେ ବିବୃତ୍ତି ରଖି ସେ କହିଥିଲେ ଯେ, ଏହି ଗସ୍ତ, ଗତ ଦୁଇ ବର୍ଷ ଧରି ସରକାରଙ୍କ ଶିଳ୍ପାୟନ ଅଭିଯାନର ଆଉ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି । ୨୦୨୫ ଜାନୁୟାରୀରେ ଭୁବନେଶ୍ୱରରେ ଅନୁଷ୍ଠିତ 'ଉତ୍କର୍ଷ ଓଡ଼ିଶା – ମେକ ଇନ ଓଡ଼ିଶା କନକ୍ଲେଭ' ପରେ ଦିଲ୍ଲୀ, ମୁମ୍ବାଇ, ହାଇଦ୍ରାବାଦ, କୋଲକାତା, ଗୁଜରାଟ ଠାରୁ ଆରମ୍ଭ କରି ସିଙ୍ଗାପୁର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନକୁ ଗସ୍ତ କରି ପୁଞ୍ଜି ଯୋଗାଡ଼ କରିବା ପାଇଁ ଓଡ଼ିଶା ସରକାରଙ୍କ ଏକ ସମର୍ପିତ ଟିମ୍ ନିରବିଚ୍ଛିନ୍ନ ଉଦ୍ୟମ ଜାରି ରଖିଛନ୍ତି ।

ଏହି ଉଦ୍ୟମ ଦ୍ୱାରା ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ତ୍ୱରାନ୍ୱିତ ହେବା ସହିତ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉଛି ଏବଂ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଏହା ଗୋଟିଏ ଗୋଟିଏ ମାଇଲଖୁଣ୍ଟ ଭାବେ ପରିଗଣିତ ହେଉଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ।ସୂଚନାଯୋଗ୍ୟ ଯେ ଗତ ସେପ୍ଟେମ୍ବର ୮ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ, ଶିଳ୍ପ ମନ୍ତ୍ରୀ ଓ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ୟୁଏଇ ଗସ୍ତ କାଳରେ ୯, ୧୦ ଓ ୧୧ ତାରିଖ ତିନି ଦିନ ଧରି ଆବୁଧାବି ଏବଂ ଦୁବାଇରେ ଓଡ଼ିଶାରେ ପୁଞ୍ଜି ନିବେଶ ପାଇଁ ବ୍ୟାପକ ଆଲୋଚନା ଓ ପର୍ଯ୍ୟାଲୋଚନା କରାଯାଇଛି । ପୃଷ୍ଠା ୨...

### ବିଦେଶୀ ପୁଞ୍ଜି ନିବେଶରେ ବଦଳିବ ଓଡ଼ିଶାର ଚିତ୍ର

ଭୁବନେଶ୍ୱର ୧୩/୦୯ : ରାଜ୍ୟରେ ବିଦେଶୀ ପୁଞ୍ଜି ନିବେଶ ଓଡିଶାକୁ ନୂଆ ଗତି ଦେବ । ୟୁଏଇ ଗସ୍ତ ଓଡ଼ିଶା ପାଇଁ ଅଭୂତପୂର୍ବ ସଫଳତା ଆଣିଛି । ୨୪ ଟି ଏମଓୟୁ ସ୍ୱାକ୍ଷରିତ ହୋଇଥିବା ବେଳେ ଆସିବ ୨ ଲକ୍ଷ ୪୩ ହଜାର କୋଟିର ନିବେଶ । ୮ ଲକ୍ଷ ନିଯୁକ୍ତି ସୃଷ୍ଟି ହେବ । ଏହା ଓଡ଼ିଶା ଅର୍ଥନୀତି ବିକାଶରେ ବଡ଼ ସହାୟକ ହେବ । ୩ ଦିନରେ ବିଭିନ୍ନ ଆଲୋଚନା କରିଛନ୍ତି ମୁଖ୍ୟମନ୍ତ୍ରୀ । ଓଡ଼ିଶା ଆଗକୁ ବଢୁଛି, ଏହି ମିଟ ବେଶ ସହାୟକ ହେବ । ୟୁଏଇର ନିବେଶ ଓଡ଼ିଶାକୁ ବିକାଶ କ୍ଷେତ୍ରରେ ନୂଆ ଗତି ଦେବ । ଯେଉଁ ଲକ୍ଷ ନେଇ ଆମେ ଯାଇଥିଲୁ । ତାହା ସଫଳ ହୋଇଛି । ଆଗାମୀ ଦିନରେ କେମିତି ଗ୍ରାଉଣ୍ଡ ବ୍ରେକିଂ କରାଯିବ । ତା ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ଶିଳ୍ପ ମନ୍ତ୍ରୀ ସଂପଦ ସ୍ୱାଇଁ କହିଛନ୍ତି । ଗ୍ରାଉଣ୍ଡ ବ୍ରେକିଂକୁ ନେଇ ବିରୋଧୀ ପ୍ରଶ୍ନ କରିଛନ୍ତି, ଏହା ଏକ ନିରନ୍ତର ପ୍ରକ୍ରିୟା । ୨ ବର୍ଷ ଭିତରେ ୩ ଲକ୍ଷ ୨୦ ହଜାର କୋଟିର ପ୍ରକଳ୍ପ ଗ୍ରାଉଣ୍ଡ ବ୍ରେକିଂ ହୋଇଛି । ୨ ବର୍ଷରେ ଆମେ ଯାହା କରିଛୁ, ଏହା ତାଙ୍କର ୧୦ ବର୍ଷ ସହ ସମାନ । ଗତ ଦୁଇ ମାସ ତଳେ ଆଇଏସି କମ୍ପାନୀ ଆସିଥିଲା । ଆମେ ଜମି ଚିହ୍ନଟ କରି ଜମି କାଗଜପତ୍ର ହସ୍ତାନର ହୋଇଛି । ଓଡ଼ିଶା ସରକାର କେବଳ ନିବେଶକମାନଙ୍କୁ ଆକୃଷ୍ଟ କରୁନାହାନ୍ତି । କାମ କରୁଛନ୍ତି ଏହା ହେଉଛି ତାର ପ୍ରମାଣ । ପ୍ରଥମଥର ପାଇଁ ଓଡ଼ିଶାକୁ ଏତେ ମାତ୍ରାରେ ବିଦେଶ ପୁଞ୍ଜି ଆସିବ ବୋଲି ମନ୍ତ୍ରୀ କହିଛନ୍ତି ।



- ଓଡ଼ିଶା ନିବେଶକ ସମ୍ମିଳନୀରେ ଯୋଗ ଦେଇ ଫେରିଲେ
- ଭୁବନେଶ୍ୱର ବିମାନ ବନ୍ଦରରେ ମୁଖ୍ୟମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ
- ୫ ଦିନିଆ ଗସ୍ତ ସମୟରେ ୩ ଦିନ ନିବେଶକଙ୍କ ସହ ଆଲୋଚନା
- 'ଓଡ଼ିଶାରେ ଅଧିକରୁ ଅଧିକ ନିବେଶ ଓ ନିଯୁକ୍ତି ସୃଷ୍ଟି ଆମର ଲକ୍ଷ୍ୟ'
- '୨ ଲକ୍ଷ ୪୩ ହଜାର କୋଟିର ନିବେଶ ଆସିବ' ସୃଷ୍ଟି ହେବ ୯ ଲକ୍ଷ ନିଯୁକ୍ତି
- 'ପ୍ରତକ୍ଷ୍ୟ ଓ ପରୋକ୍ଷ ଭାବେ ୮ ଲକ୍ଷରୁ ଅଧିକ ଲୋକଙ୍କୁ ନିଯୁକ୍ତି ମିଳିବ'
- ୨୨.୫ ଲକ୍ଷ କୋଟିରେ ପହଞ୍ଚିଲା ସମୁଦାୟ ପୁଞ୍ଜି ନିବେଶ ପ୍ରସ୍ତାବ

### ଜୁନିୟର ମହିଳା ହକି ଏସିଆ କପ୍ ବିଜୟ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ



ଭୁବନେଶ୍ୱର ୧୩/୦୯ ;ଜୁନିୟର ଏସିଆ କପ୍ ହକିରେ କ୍ରମାଗତ ତୃତୀୟ ଥର ପାଇଁ ଚାମ୍ପିଅନ୍ ହୋଇଥିବା ଭାରତୀୟ ଜୁନିୟର ମହିଳା ହକି ଦଳକୁ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି ।ଫାଇନାଲ୍ ମ୍ୟାଚ୍ରେ ଭାରତ ଚୀନ୍କୁ ୧-୦ ଗୋଲ୍ରେ ପରାସ୍ତ କରି ଏହି ଗୌରବମୟ ସଫଳତା ହାସଲ କରିଛି । ଭାରତୀୟ ଦଳର ଏହି ଉଲ୍ଲେଖନୀୟ ବିଜୟ ତାଙ୍କ ପ୍ରତିଭା, ଦୃଢ଼ ସଂକଳ୍ପ ଓ ଲଢୁଆ ମନୋଭାବର ପ୍ରତିଫଳନ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।ସୋସିଆଲ୍ ମିଡିଆ ମାଧ୍ୟମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଭାରତୀୟ ଦଳର ଏହି ସଫଳତା ସମଗ୍ର ଦେଶ ପାଇଁ ଗର୍ବର ମୁହୂର୍ତ୍ତ । ଏହା ନାରୀଶକ୍ତିର ସାମର୍ଥ୍ୟର ଏକ ଶକ୍ତିଶାଳୀ ପ୍ରମାଣ ମଧ ବୋଲି ସେ ଉଲ୍ଲେଖ କରିଛନ୍ତି । ପୃଷ୍ଠା ୨...

### 'ସେବା ସଂକଳ୍ପ ଅଭିଯାନ' ଜରିଆରେ ପ୍ରତିଟି ନାଗରିକଙ୍କ ପାଖରେ ପହଞ୍ଚିବାର ଲକ୍ଷ୍ୟ

# ନିଃସ୍ୱାର୍ଥପର ସେବା, ଆମ ପ୍ରତିଜ୍ଞା

ଭୁବନେଶ୍ୱର: ୧୩/୦୯ ; ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୨୫ ବର୍ଷର ସାର୍ବଜନୀନ ଜୀବନ ଓ ଜନସେବାରୁ ପ୍ରେରଣା ନେଇ ଦେଶବ୍ୟାପୀ ଭାବେ ଆରମ୍ଭ ହେଉଥିବା 'ସେବା ସଂକଳ୍ପ ଅଭିଯାନ'କୁ ଓଡ଼ିଶାରେ ଏକ ବ୍ୟାପକ ଜନସେବା ଅଭିଯାନରେ ପରିଣତ କରିବାକୁ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ କୃଷ୍ଣ ଚନ୍ଦ୍ର ମହାପାତ୍ର ଆହ୍ୱାନ ଦେଇଛନ୍ତି । ଅଭିଯାନ ସମ୍ପର୍କରେ ସୂଚନା ଦେଇ ଡଃ ମହାପାତ୍ର କହିଛନ୍ତି, ସେବା ସଂକଳ୍ପ ଅଭିଯାନର ଲକ୍ଷ୍ୟ ହେଉଛି ସମାଜର ପ୍ରତ୍ୟେକ ବର୍ଗ ଓ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଜନସେବା ସହ ଯୋଡ଼ିବା । ରାଜନୀତି କେବଳ ନିର୍ବାଚନକୁ କେନ୍ଦ୍ର କରି ନୁହେଁ, ବରଂ ଲୋକଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବା ଓ ଆବଶ୍ୟକ ସମୟରେ ଲୋକଙ୍କ ପାଖରେ ଠିଆ ହେବା ହିଁ ପ୍ରକୃତ ଜନସେବା । ଅଭିଯାନର ରୂପରେଖ ସମ୍ପର୍କରେ ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଏହି ଅଭିଯାନକୁ ସାଂଗଠନିକ ଜିଲ୍ଲା, ମଣ୍ଡଳ ଓ ବୁଥ୍ ସ୍ତର ପର୍ଯ୍ୟନ୍ତ ନିଆଯିବ । ଜନଜାତି ସମାଜ, ମହିଳା, ଚାଷୀ, ଯୁବକ, ଗରିବ ଓ ବଞ୍ଚିତ ବର୍ଗଙ୍କ ନିକଟକୁ ଯାଇ ସେମାନଙ୍କ ସମସ୍ୟା ଶୁଣି ସମାଧାନରେ ସହଯୋଗ କରିବା ଏହି ଅଭିଯାନର ପ୍ରମୁଖ ଉଦ୍ଦେଶ୍ୟ ରହିବ । ଅଭିଯାନ ଅବସରରେ ରକ୍ତଦାନ ଶିବିର, ସ୍ୱଚ୍ଛତା ଅଭିଯାନ, ଶ୍ରମଦାନ, ବୃକ୍ଷରୋପଣ, ଜନସଚେତନତା ଓ ବିଭିନ୍ନ ସାମାଜିକ ଓ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ଆୟୋଜିତ ହେବ । ସେବା କେବଳ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ସୀମିତ ନରହି ସାଧାରଣ ନାଗରିକଙ୍କୁ ମଧ ଏହାର ସକ୍ରିୟ ଅଂଶୀଦାର କରିବାକୁ ଉଦ୍ୟମ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି । ଯୁବଶକ୍ତିକୁ ଅଭିଯାନର ଏକ ପ୍ରମୁଖ ଅଂଶ କରାଯିବ । ପୃଷ୍ଠା ୨...



- ଜନସେବା ଆମ ସଂକଳ୍ପ, ଆମ ପରିଚୟ
- ପ୍ରତିଟି ହାତ ସେବାରେ ବଦଳିବ ଦିଗନ୍ତ
- 'ସେବା ସଂକଳ୍ପ' ଅଭିଯାନକୁ ଜନ ଆନ୍ଦୋଳନ କରନ୍ତୁ
- କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନକଲ୍ୟାଣମୂଳକ ଯୋଜନାକୁ ସମାଜର ଶେଷ ବ୍ୟକ୍ତିଙ୍କ ପାଖରେ ପହଞ୍ଚାଇବା ମନ୍ତ୍ରୀକୃଷ୍ଣଚନ୍ଦ୍ର ମହାପାତ୍ର

### ବିଦ୍ୟୁତ୍ ଚାହିଦା ଶୀର୍ଷରେ, କୋଇଲା ଭଣ୍ଡାର ଖାଲି

# ଦେଶରେ ଶକ୍ତି ସଙ୍କଟ ନେଇ ଚିନ୍ତା

ନୂଆଦିଲ୍ଲୀ, ୧୩।୯ : ଦେଶରେ ବିଦ୍ୟୁତ୍ ଚାହିଦା ବଢ଼ିବା ସହ କୋଇଲା ଷ୍ଟକ୍‌କୁ ନେଇ ଚିନ୍ତା ବଢ଼ିଛି । ଭାରତର ପ୍ରାୟ ଏକ-ତୃତୀୟ କୋଇଲା ଆଧାରିତ ବିଦ୍ୟୁତ୍ କେନ୍ଦ୍ରରେ ଏବେ ଇନ୍ଧନ ଷ୍ଟକ୍ ବହୁତ କମ୍ ରହିଛି । ସରକାର ଏବେ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକୁ କୋଇଲା ଯୋଗାଣ ବଢ଼ାଇବାକୁ ପଦକ୍ଷେପ ନେଉଛନ୍ତି ।ଭାରତର ପିକ୍ ପାୱାର ଡିମାଣ୍ଡ ଅର୍ଥାତ୍ ସର୍ବାଧିକ ବିଦ୍ୟୁତ୍ ଚାହିଦା ମେ' ମାସରେ ରେକର୍ଡ ୨୭୦.୭୦ ଗିଗାୱାଟ୍‌ରେ ପହଞ୍ଚିଥିଲା । ଏବେ ମଧ ବିଦ୍ୟୁତ୍ ଚାହିଦା ପ୍ରାୟ ୨୬୭ ଗିଗାୱାଟ୍ ଆଖପାଖରେ ରହିଛି ।ସେଣ୍ଟ୍ରାଲ୍ ଇଲେକ୍ଟ୍ରିସିଟି ଅଥରିଟିର ତଥ୍ୟ ଅନୁସାରେ, ଯେଉଁ ବିଦ୍ୟୁତ୍ କେନ୍ଦ୍ରରେ ଆବଶ୍ୟକ ଇନ୍‌ଭେଣ୍ଟରୀର ୨୫ ପ୍ରତିଶତରୁ କମ୍ କୋଇଲା ରହିଛି କିମ୍ବା ମାତ୍ର ୩ ଦିନରୁ କମ୍ ସମୟ ପାଇଁ ବିଦ୍ୟୁତ୍ ଉତ୍ପାଦନ କରିବା ଭଳି ଷ୍ଟକ୍ ରହିଛି, ସେଭଳି ପ୍ଲାଣ୍ଟ ସଂଖ୍ୟା ଦ୍ରୁତ ଗତିରେ ବଢ଼ିଛି ।ଅଗଷ୍ଟ ଶେଷରେ ଏଭଳି ପ୍ଲାଣ୍ଟ ସଂଖ୍ୟା ୪୫ ଥିଲା । କିନ୍ତୁ ସେପ୍ଟେମ୍ବର ୯ ସୁଦ୍ଧା ଏହା ବଢ଼ି ୫୯ରେ ପହଞ୍ଚିଛି । ଏହାକୁ ନେଇ ଏନର୍ଜି ବିଶେଷଜ୍ଞମାନେ ଚିନ୍ତା ପ୍ରକାଶ କରିଛନ୍ତି । ମନୋଜ କୁମାରଙ୍କ କହିବା ଅନୁସାରେ, କମ୍ କୋଇଲା ଷ୍ଟକ୍ ଥିବା ବିଦ୍ୟୁତ୍ କେନ୍ଦ୍ର ସଂଖ୍ୟା ବଢ଼ିବା ଚିନ୍ତାର ବିଷୟ ।ଦିନ ସମୟରେ ସୌର ଶକ୍ତି ଦେଶର ବିଦ୍ୟୁତ୍ ଚାହିଦାର ଏକ ବଡ଼ ଅଂଶ ପୂରଣ କରୁଛି । କିନ୍ତୁ ବ୍ୟାଟେରୀ ଷ୍ଟୋରେଜ୍‌ର ଅଭାବ ଏବଂ ଜଳାଶୟଗୁଡ଼ିକରେ ପାଣିର ସ୍ତର କମିବା ଯୋଗୁଁ କୋଇଲା ଆଧାରିତ ବିଦ୍ୟୁତ୍ ଉତ୍ପାଦନ ଉପରେ ଚାପ ବଢ଼ିଛି । ଅର୍ଥାତ୍ ଦିନରେ ସୋଲାର୍ ପାୱାର ଚାହିଦା ସମ୍ଭାଳୁଥିଲେ ମଧ, ଷ୍ଟୋରେଜ୍ ସୁବିଧା କମ୍ ଥିବାରୁ ଅନ୍ୟ ସମୟରେ କୋଇଲା ବିଦ୍ୟୁତ୍ ଉପରେ ଅଧିକ ନିର୍ଭର କରିବାକୁ ପଡୁଛି । ପୃଷ୍ଠା ୨...





## ଅକ୍ଷର ବ୍ୟଙ୍ଗ ବିଚାର

### ଡ.ଗିରୀଶ ରଂଜନ

କଦଳୀରେ ଦେଖ କେମିକାଲ ରଙ୍ଗ
ଦୋକାନୀ ମାରୁଛି ନିତି
ଆମେ ସବୁ ତାକୁ ଆନନ୍ଦରେ ଖାଉ
ସ୍ୱାସ୍ଥ୍ୟର ହେଉଛି କ୍ଷତି
ଅଜାକୁ କହୁଚି ନାତି
ଖାଦ୍ୟ ବଦଳରେ ବିଷ ଖାଇଲେ
ଧ୍ୱଂସ ହୋଇବ ମଣିଷ ଜାତି

# ବ୍ରିକ୍ସ ମଞ୍ଚରୁ ଶାନ୍ତିର ବାର୍ତ୍ତା ମୋଦୀ-ଜିନ୍‌ପିଙ୍ଗ୍‌ଙ୍କ ମଧ୍ୟସ୍ଥତା

ନୂଆଦିଲ୍ଲୀ: ୧୩/୦୯ ; ରୁଷ୍-ୟୁକ୍ରେନ୍ ଯୁଦ୍ଧର ଅବସାନ ପାଇଁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍‌ଙ୍କ ସହାୟତା ପ୍ରସ୍ତାବକୁ ରୁଷ୍ ସ୍ୱାଗତ କରିଛି । ନୂଆଦିଲ୍ଲୀରେ ଚାଲିଥିବା ବ୍ରିକ୍ସ ଶିଖର ସମ୍ମିଳନୀ ଅବସରରେ ଏହି ଦୁଇ ନେତା ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କୁ ଯୁଦ୍ଧ ଶେଷ କରିବା ପାଇଁ ନିଜ ନିଜର କୂଟନୈତିକ ସହଯୋଗ ଦେବାକୁ ଆଗ୍ରହ ପ୍ରକାଶ କରିଥିବା କ୍ରେମ୍‌ଲିନ୍ କହିଛି ।କ୍ରେମ୍‌ଲିନ୍‌ର ମୁଖପାତ୍ର ଦିମିତ୍ରି ପେସ୍‌କୋଭ୍ କହିଛନ୍ତି, ମୋଦୀ ଓ ଜିନ୍‌ପିଙ୍ଗ୍ ଉଭୟେ ପୁଟିନ୍‌ଙ୍କୁ ନିଜ ଦେଶର 'ସଦିଚ୍ଛାପୂର୍ଣ୍ଣ ସହଯୋଗ' ଦେବାକୁ ପ୍ରସ୍ତାବ ଦେଇଛନ୍ତି । ଏହାଦ୍ୱାରା ରୁଷ୍ ଓ ୟୁକ୍ରେନ୍ ମଧ୍ୟରେ ଆଲୋଚନା ଆଗକୁ ବଢ଼ାଇବାରେ ଦୁଇ ଦେଶ ସହାୟକ ହୋଇପାରନ୍ତି । ମୋଦୀଙ୍କ ପକ୍ଷରୁ ଏଭଳି ସହଯୋଗ ପ୍ରସ୍ତାବ ପୂର୍ବରୁ ମଧ ଦିଆଯାଇଥିବା ରୁଷ୍ ସୂଚନା ଦେଇଛି ।ଏହି ଘଟଣା ଏଭଳି ସମୟରେ ସାମ୍ନାକୁ ଆସିଛି, ଯେତେବେଳେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ରୁଷ୍-ୟୁକ୍ରେନ୍ ଶାନ୍ତି ଉଦ୍ୟମ ଆଗକୁ ବଢ଼ିପାରୁନାହିଁ । ଯୁଦ୍ଧ ବନ୍ଦ କରିବା ପାଇଁ ଆମେରିକା ପକ୍ଷରୁ ଆଲୋଚନାର ରାସ୍ତା ଖୋଲିବାକୁ ପ୍ରୟାସ ହୋଇଥିଲେ ମଧ ରୁଷ୍ ଓ ୟୁକ୍ରେନ୍ ମଧ୍ୟରେ ମୁଖ୍ୟ ପ୍ରସଙ୍ଗଗୁଡ଼ିକରେ ସହମତି ହୋଇପାରିନାହିଁ । ଫଳରେ ଶାନ୍ତି ଆଲୋଚନା ଅଟକି ରହିଛି । ପୃଷ୍ଠା ୨...



- କୂଟନୀତିର ବିଜୟ: ଶାନ୍ତି ପ୍ରସ୍ତାବକୁ ରୁଷ୍‌ର ସ୍ୱାଗତ
- ୟୁକ୍ରେନ୍ ବିବାଦରେ ଶାନ୍ତିର ନୂଆ ଆଶା
- ଯୁଦ୍ଧ ନୁହେଁ, ଶାନ୍ତି ଚାହେଁ ବିଶ୍ୱ ରୁଷ୍‌ର ସକାରାତ୍ମକ ମୋଡ଼

### ପ୍ରଧାନମନ୍ତ୍ରୀ ମୋଦୀ ଓ କାଜାଖସ୍ତାନ ରାଷ୍ଟ୍ରପତିଙ୍କ ବୈଠକ

ନୂଆଦିଲ୍ଲୀ ୧୩/୦୯ ;ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ୧୮ତମ ବ୍ରିକ୍ସ ସମ୍ମିଳନୀ ଅବସରରେ କାଜାଖସ୍ତାନ ଯୁକ୍ତରାଜ୍ୟର ରାଷ୍ଟ୍ରପତି କାସିମ୍-ଜୋମାର୍ଟ ଟୋକାୟେଭଙ୍କ ସହ ସାକ୍ଷାତ କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ କାଜାଖସ୍ତାନ ସହ ଭାରତର ପ୍ରାଚୀନ ସଭ୍ୟତାଗତ ସମ୍ପର୍କକୁ ମନେ ପକାଇଥିଲେ ଏବଂ ନିକଟ ଅତୀତରେ ଭାରତ-କାଜାଖସ୍ତାନ ସମ୍ପର୍କରେ ନିରନ୍ତର ଅଗ୍ରଗତି ହେଉଥିବାରୁ ସନ୍ତୋଷ ବ୍ୟକ୍ତ କରିଥିଲେ । ଉଭୟ ନେତା ରାଜନୈତିକ, ବାଣିଜ୍ୟ, ପ୍ରତିରକ୍ଷା ଓ ସୁରକ୍ଷା, ସଂଯୋଗୀକରଣ, ଶକ୍ତି, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ଉଦୀୟମାନ ପ୍ରଯୁକ୍ତିବିଦ୍ୟା, ସୃଜନଶୀଳ ଅର୍ଥନୀତି ଏବଂ ଜନସାଧାରଣଙ୍କ ମଧ୍ୟରେ ପାରସ୍ପରିକ ସମ୍ପର୍କ ସମେତ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗର ସମୀକ୍ଷା କରିଥିଲେ । ଏଥିସହ ସେମାନେ ଆଞ୍ଚଳିକ ଓ ଅନ୍ତର୍ଜାତୀୟ ଘଟଣାବଳୀ ଉପରେ ମତ ବିନିମୟ କରିଥିଲେ ।ଉଭୟ ନେତା ପାରସ୍ପରିକ ହିତ ସହିତ ଉଭୟ ଦେଶର ଜନସାଧାରଣଙ୍କ କଲ୍ୟାଣ ତଥା ଅଞ୍ଚଳରେ ଶାନ୍ତି, ସ୍ଥିରତା, ବିକାଶ ଓ ସମୃଦ୍ଧି ପାଇଁ ଦୁଇ ଦେଶ ମଧ୍ୟରେ ରଣନୈତିକ ସହଭାଗିତାକୁ ଆହୁରି ସୁଦୃଢ଼ କରିବା ନିମନ୍ତେ ନିଜର ପ୍ରତିବଦ୍ଧତାକୁ ଦୋହରାଇଥିଲେ ।






ସୋମବାର ୧୪।୦୯।୨୦୨୬

ଅକ୍ଷର

AKHYARA ODISHA ଓଡ଼ିଶା


# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...........

## ସଂଯୁକ୍ତ ଆରବ ଏମିରଟ୍ସ .........

ଟଇର ଗସ୍ତରେ ସମୁଦାୟ ୫୨ଟି ବିଜନେସ ମିଟିଙ୍ଗ୍, ୬ଟି ରାଉଣ୍ଡଟେବୁଲ ମିଟିଙ୍ଗ୍, ୪୬ଟି ୱାନ୍-ଟୁ-ୱାନ୍ ମିଟିଙ୍ଗ୍ ସହ ପ୍ରାୟ ୪୦୦ ଶିଳ୍ପ ନେତୃତ୍ୱ ଓ ପ୍ରତିନିଧିଙ୍କ ସହିତ ଆଲୋଚନା ହୋଇଛି। ଏହି ଗସ୍ତ କାଳରେ ସମୁଦାୟ ୮ଟି ବୁଝାମଣା ପତ୍ର ସ୍ୱାକ୍ଷରିତ ହେବା ସହ ୧୬ଟି ନିବେଶ ସମ୍ଭାବନା ସୃଷ୍ଟି ହୋଇଛି, ଯାହାଦ୍ୱାରା ରାଜ୍ୟକୁ ୨ ଲକ୍ଷ ୪୩ ହଜାର ୧୬୨ କୋଟି ଟଙ୍କାର ନିବେଶ ପ୍ରସ୍ତାବ ହାସଲ ହୋଇଛି। ଏହାଦ୍ୱାରା ୬ ଲକ୍ଷ ୧୮ ହଜାର ୭୨୫ ପ୍ରତ୍ୟକ୍ଷ ସୁଯୋଗ ସୃଷ୍ଟି ହେବ। ପରୋକ୍ଷ ନିଯୁକ୍ତି ସହ ସମୁଦାୟ ପ୍ରାୟ ୯ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପୂର୍ବରୁ ହାସଲ ହୋଇଥିବା ୨୦ ଲକ୍ଷ କୋଟିରୁ ଅଧିକ ଟଙ୍କାର ନିବେଶ ପ୍ରସ୍ତାବକୁ ମିଶାଇ ବର୍ତ୍ତମାନ ରାଜ୍ୟର ମୋଟ ନିବେଶ ପ୍ରସ୍ତାବ ୨୨.୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି।ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ, ଏହି ଗସ୍ତ କାଳରେ ଟଇର ର ଅର୍ଥନୀତି ଓ ପର୍ଯ୍ୟଟନ ମନ୍ତ୍ରୀ ତଥା ଅନ୍ତର୍ଜାତୀୟ ନିବେଶ ପରିଷଦର ଅଧକ୍ଷ ଅବ୍‌ଦୁଲା ବିନ୍ ତକ୍ ଅଲ୍ ମାରି ଏବଂ ପରିଚାଳନା ନିର୍ଦ୍ଦେଶକ ସୟଦ ବସର୍ ସୁଏବ୍‌ଙ୍କ ସହିତ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ଆଦାନୀ ଗ୍ରୁପ୍ ମଧ୍ୟରେ ୨୦୨୬ ଜୁଲାଇ ୨ ତାରିଖରେ ହୋଇଥିବା ଭାଗିଦାରୀକୁ ଆଗକୁ ନେଇ ଓଡ଼ିଶାରେ ୧୪ଟି ନୂଆ ପ୍ରକଳ୍ପ ପାଇଁ ଗକ୍ଟଟ ସ୍ୱାକ୍ଷରିତ ହୋଇଛି। ଏହି ଦୁଇ କମ୍ପାନୀର ଇଣ୍ଟିଗ୍ରେଟେଡ୍ ଆଲୁମିନିୟମ୍ ପ୍ରୋଜେକ୍ଟ ପାଇଁ ରାୟଗଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ ଶିଳ୍ପ ସ୍ଥାପନ ନେଇ ଉଦ୍ୟମ ଜାରି ରହିଛି।ଏହା ସହିତ ଟଇରର ସଫଳ ଓଡ଼ିଆ ଉଦ୍ୟୋଗୀ ଓ ପ୍ରବାସୀ ଓଡ଼ିଆମାନଙ୍କ ସହ ଭାବର ଆଦାନପ୍ରଦାନ କରାଯାଇଛି, ଯାହା ଦ୍ୱିପାକ୍ଷିକ ବ୍ୟବସାୟିକ ଓ ସାଂସ୍କୃତିକ ସମ୍ପର୍କକୁ ଅଧିକ ମଜବୁତ କରିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ।ସେ ଆହୁରି କହିଥିଲେ ଯେ, ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶାର ପରିକଳ୍ପନା ଏବଂ ଆସନ୍ତା ଦଶ ବର୍ଷ ମଧ୍ୟରେ ରାଜ୍ୟକୁ ୫୦୦ ବିଲିଅନ ଆମେରିକୀୟ ଡଲାର ଅର୍ଥନୀତିରେ ପରିଣତ କରିବା ପାଇଁ ଆମର ଉଦ୍ୟମ ଜାରି ରହିଛି । ଶିକ୍ଷିତ ଯୁବବର୍ଗଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଉଛି। ଏଥିପାଇଁ ଆଗାମୀ ଦିନରେ ପ୍ରତିଷ୍ଠିତ ହେବାକୁ ଥିବା କାରଖାନା ଓ ଅଫିସଗୁଡ଼ିକ ପାଇଁ ଯୁବବର୍ଗଙ୍କୁ ନିଯୁକ୍ତି-ପ୍ରସ୍ତୁତ କରିବାକୁ ଆବଶ୍ୟକୀୟ ସ୍ୱଳସକ୍ଷକ୍ଷ-ଦିଆଯାଉଛି। ପ୍ରାରମ୍ଭିକ ସ୍ତରରେ ସଫଳତା ମିଳିବା ପରେ ସରକାରଙ୍କ ପରବର୍ତ୍ତୀ ଲକ୍ଷ୍ୟ ହେଉଛି ଏହିସବୁ ନିବେଶ ପ୍ରସ୍ତାବ ଓ ଗକ୍ଟଟ ଗୁଡ଼ିକୁ ଯଥାଶୀଘ୍ର କାର୍ଯ୍ୟକାରୀ କରି ଉତ୍ପାଦନ ଆରମ୍ଭ କରିବା, ଯାହା ଆଗାମୀ ଦିନରେ ରାଜ୍ୟରେ ନିଯୁକ୍ତିର ଏକ ବଡ଼ ସୁଯୋଗ ସୃଷ୍ଟି କରିବ।' ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ . ମୁକେଶ ମହାଲିଙ୍ଗ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଜଙ୍ଗଲ ପରିବେଶ ଓ ଜଳବାୟୁ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଶାସକ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ , ଏକାମ୍ର ବିଧାୟକ ବାବୁ ସିଂ , ନିଆଳି ବିଧାୟକ ଛବି ମଲ୍ଲିକ, ଭଟଲି ବିଧାୟକ ଇରାସିସ ଆଚାର୍ଯ୍ୟ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠି , ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସମାଜ ସେବୀ ଜଗନ୍ନାଥ ପ୍ରଧାନ ଏବଂ ବିପୁଳ ସଂଖ୍ୟାରେ ଜନସାଧାରଣ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରି ଧନ୍ୟବାଦ ଜଣାଇଥିଲେ ।

## ବ୍ରିକ୍ସ ମଞ୍ଚରୁ ଶାନ୍ତିର...

ରୁଷ୍ ପକ୍ଷରୁ ଭାରତର ଭୂମିକାକୁ ନେଇ ମଧ୍ୟ ସକାରାତ୍ମକ ମନୋଭାବ ପ୍ରକାଶ କରାଯାଇଛି। ମୋଦୀ ମଧ୍ୟ ପୁଟିନ୍‌ଙ୍କ ସହ ବୈଠକରେ ଯୁଦ୍ଧର ସମାଧାନ ପାଇଁ କୂଟନୀତି ଓ ଆଲୋଚନାକୁ ଗୁରୁତ୍ୱ ଦେଇଛନ୍ତି। ଚୀନ୍ ମଧ୍ୟ ଯୁଦ୍ଧର ରାଜନୈତିକ ସମାଧାନ ପାଇଁ ଆଲୋଚନା ପକ୍ଷରେ ରହିଛି। ବ୍ରିକ୍ସ ସମ୍ମିଳନୀରେ ମୋଦୀ, ଜିନ୍‌ପିଙ୍ଗ୍ ଓ ପୁଟିନ୍‌ଙ୍କ ଏକାଠି ଆଲୋଚନା ଏହି ପ୍ରସଙ୍ଗରେ ଗୁରୁତ୍ୱ ବହନ କରିଛି। ରୁଷ୍ ଆଶା କରୁଛି, ଯୁଦ୍ଧ ଶେଷ ପାଇଁ କୂଟନୈତିକ ପ୍ରୟାସରେ ଭାରତ ଓ ଚୀନ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇପାରେ।

## 'ସେବା ସଂକଳ୍ପ ଅଭିଯାନ' ....

ସ୍କୁଲ ଓ କଲେଜ ସ୍ତରରେ ଚିତ୍ରାଙ୍କନ, ଭାଷଣ, ଆଲୋଚନା ଓ ବିଭିନ୍ନ ସୃଜନଶୀଳ ପ୍ରତିଯୋଗିତା ମାଧ୍ୟମରେ 'ବିକଶିତ ଭାରତ-୨୦୪୭', ରାଷ୍ଟ୍ର ନିର୍ମାଣ, ଜନସେବା ଓ ଯୁବଶକ୍ତି ଭଳି ବିଷୟ ଉପରେ ଯୁବପିଢ଼ିଙ୍କ ଚିନ୍ତନ ଓ ସୃଜନଶୀଳତାକୁ ପ୍ରୋତ୍ସାହିତ କରାଯିବ । ମହିଳା ସଶକ୍ତୀକରଣ, ଚାଷୀଙ୍କ ସମୃଦ୍ଧି, ଯୁବକଙ୍କ ଦକ୍ଷତା ବିକାଶ, ଗରିବଙ୍କ କଲ୍ୟାଣ ଓ ଜନଜାତି ସମାଜର ଉନ୍ନତିକୁ ମଧ୍ୟ ଏହି ଅଭିଯାନର ସେବାମୂଳକ ଦୃଷ୍ଟିକୋଣ ସହ ଯୋଡ଼ାଯିବ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା ଓ ସୁବିଧା ସମାଜର ଶେଷ ବ୍ୟକ୍ତିଙ୍କ ନିକଟରେ ପହଞ୍ଚିବା ନେଇ ଜନସଚେତନତା ଓ ସହଯୋଗମୂଳକ କାର୍ଯ୍ୟକ୍ରମକୁ ଗତିଶୀଳ କରାଯିବ।

## ଦେଶରେ ଶକ୍ତ...

କୋଇଲା ଷ୍ଟକ୍‌ର ସାଧାରଣ ସ୍ତର ବଜାୟ ରଖିବା ପାଇଁ ରେଳ ମାଧ୍ୟମରେ ବିଦ୍ୟୁତ୍ କମ୍ପାନୀଗୁଡ଼ିକୁ ଅଧିକ କୋଇଲା ପଠାଇବା ଉପରେ ଜୋର୍ ଦିଆଯାଉଛି। ସେପ୍ଟେମ୍ବର ୬ ତାରିଖରେ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକୁ କୋଇଲା ପଠାଇବା ପାଇଁ ୪୪୪ଟି ଟ୍ରେନ୍ ବା ରେକ୍ ନିୟୋଜିତ ହୋଇଥିଲା। ସେପ୍ଟେମ୍ବର ୩ ତାରିଖରେ ଏହି ସଂଖ୍ୟା ୩୭୦ ଥିଲା।ଏହା ସହିତ କୋଲ୍ ଇଣ୍ଡିଆ ଏବଂ ଏହାର ସହଯୋଗୀ କମ୍ପାନୀଗୁଡ଼ିକ ସଡ଼କ ପଥରେ ମଧ୍ୟ କୋଇଲା ପରିବହନ ବଢ଼ାଇଛନ୍ତି। ତେବେ କୋଲ୍ ଇଣ୍ଡିଆ କହିଛି ଏହାର ପିଟ୍‌ହେଡ୍‌ରେ ପ୍ରାୟ ୭.୬ କୋଟି ଟନ୍ କୋଇଲା ଷ୍ଟକ୍ ରହିଛି। ଏବେ ମୁଖ୍ୟ ଚ୍ୟାଲେଞ୍ଜ ହେଉଛି ବଢୁଥିବା ବିଦ୍ୟୁତ୍ ଚାହିଦା ଅନୁସାରେ ଦେଶର ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକରେ ପର୍ଯ୍ୟାପ୍ତ କୋଇଲା ଷ୍ଟକ୍ କିପରି ବଜାୟ ରଖାଯିବ। ଗରମ ଯଦି ଆହୁରି ଲମ୍ବା ସମୟ ଧରି ରହେ, ତେବେ ବିଦ୍ୟୁତ୍ ଚାହିଦା ଉପରେ ଚାପ ଆହୁରି ବଢ଼ିପାରେ।

## ଜୁନିୟର ମହିଳା ହକି ...

ଦଳର ବିଜୟ ଦେଶର ଝିଅମାନଙ୍କୁ ବଡ଼ ସ୍ୱପ୍ନ ଦେଖିବା, ପ୍ରତିବନ୍ଧକତାକୁ ଅତିକ୍ରମ କରିବା ଏବଂ ଜୀବନରେ ନୂଆ ଉଚ୍ଚତା ହାସଲ କରିବା ପାଇଁ ପ୍ରେରଣା ଦେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି । ଭାରତୀୟ ଜୁନିୟର ମହିଳା ହକି ଦଳ ଆଗାମୀ ଦିନରେ ମଧ୍ୟ ଦେଶ ପାଇଁ ଅଧିକ ଗୌରବ ଆଣିବ ବୋଲି ସେ ଶୁଭେଚ୍ଛା ଜଣାଇଛନ୍ତି ।

# ମାନବିକତା ଦେଖାଇଲେ ଗୋଲାମୁଣ୍ଡା ବ୍ଲକ ଅଧକ୍ଷ



ଗୋଲାମୁଣ୍ଡା,୧୩।୯ (ଅକ୍ଷର ଓଡ଼ିଶା ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ତଥା ବିନ୍ଦୁମୀନା ସେବା ଫାଉଣ୍ଡେସନର ଅଧକ୍ଷ ବିନ୍ଦୁ ମହାନନ୍ଦଙ୍କ ଏକ ମହାନ କାର୍ଯ୍ୟ ସାମ୍ନାକୁ ଆସିଛି। ସେ ନିଜର ମାନବିକତା ଓ ସମାଜସେବାର ଏକ ଅନନ୍ୟ ଉଦାହରଣ ସୃଷ୍ଟି କରି ଜଣେ ଦୁର୍ଘଟଣାଗ୍ରସ୍ତ ଯୁବକଙ୍କ ଜୀବନ ବଞ୍ଚାଇବା ସହ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛନ୍ତି।ସୂଚନା ଅନୁଯାୟୀ, ନୂଆପଡ଼ା ଜିଲ୍ଲା ରାଜା ଖଡ଼ିଆଳ ଅଞ୍ଚଳର ଗଗନ ବନ୍ଦିଛୋଡ (୪୩) କଳାହାଣ୍ଡି ଜିଲ୍ଲାର ଏକ ରାଇସ ମିଲ୍‌ରେ କାମ କରନ୍ତି। ପବିତ୍ର ନୂଆଁଖାଇ ପର୍ବ ପାଇଁ ସେ ନିଜର ପାଉଣା ଧରି ଏବଂ ଘର ପାଇଁ ପର୍ବପର୍ବାଣୀ ଜିନିଷପତ୍ର କିଣି ନିଜ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ମାତ୍ର ଗୋଲାମୁଣ୍ଡା ଥାନା ଅନ୍ତର୍ଗତ ଦଶପୁର ଫାଣ୍ଡି ଅଧୀନସ୍ଥ ଫୁଣ୍ଡା ଛକ ନିକଟରେ ସେ ହଠାତ୍ ଭାରସାମ୍ୟ ହରାଇ ବାଇକ୍‌ରୁ ପଡ଼ିଯାଇଥିଲେ ଏବଂ ଗୁରୁତର ଭାବେ ଆହତ ହୋଇଥିଲେ।ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ସେଠାରେ ରୁଣ୍ଡ ହୋଇ ଆମ୍ବୁଲାନ୍ସ ଓ ଅନ୍ୟାନ୍ୟ ଗାଡ଼ି ପାଇଁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ କୌଣସି ଯାନବାହନର ବନ୍ଦୋବସ୍ତ ହୋଇପାରି ନଥିଲା। ଯୁବକ ଜଣକ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଛଟପଟ ହେଉଥିଲେ। ଠିକ୍ ଏହି ସମୟରେ ଉକ୍ତ ରାସ୍ତା ଦେଇ ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ ଯାଉଥିଲେ। ସେ ଭିଡ଼ ଦେଖି ଗାଡ଼ି ଅଟକାଇଥିଲେ ଏବଂ ଯୁବକଙ୍କ ଗୁରୁତର ଅବସ୍ଥା ଦେଖି ବିଳମ୍ବ ନକରି ତୁରନ୍ତ ତାଙ୍କୁ ନିଜ ଗାଡ଼ିରେ ବସାଇ ଗୋଲାମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟକୁ ନେଇଥିଲେ। ତାଙ୍କର ଏହି ଜନହିତକର କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳବାସୀ ଓ ସବୁ ମହଲରେ ଉଚ୍ଚ ପ୍ରଶଂସା କରାଯାଉଛି।

# ବିଜେପିର ପ୍ରଥମ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ

ନୂଆପଡ଼ା :- ୧୩/୦୯( ଅକ୍ଷର ଓଡିଶା )ନୂଆପଡା ଜିଲ୍ଲା ଜନସେବାର ୨୫ ବର୍ଷ ପୂର୍ତ୍ତି ଅବସରରେ ୧୭ ସେପ୍ଟେମ୍ବରରୁ ଏକ ମାସ ବ୍ୟାପୀ କାର୍ଯ୍ୟକ୍ରମ ଭାରତୀୟ ଜନତା ପାର୍ଟି ନୂଆପଡ଼ା ଜିଲ୍ଲାର ପ୍ରଥମ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଆଜି ନୂଆପଡ଼ା ଜିଲ୍ଲା କାର୍ଯ୍ୟାଳୟଠାରେ ଜିଲ୍ଲା ସଭାପତି କମଳେଶ ଦିକ୍ଷୀତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ଶାରଦା ସତପଥୀ ଉପସ୍ଥିତ ରହି ସଂଗଠନକୁ ଜିଲ୍ଲାରୁ ବୁଥ ସ୍ତର ପର୍ଯ୍ୟନ୍ତ ଗୋଟିଏ ଲାଇନ୍‌ରେ ସୁଦୃଢ଼ କରିବା ଏବଂ ପାର୍ଟିର ବିଭିନ୍ନ କାର୍ଯ୍ୟକ୍ରମକୁ କାର୍ଯ୍ୟକର୍ତ୍ତାମାନେ ସକ୍ରିୟ ଭାବେ ସଫଳ କରିବା ପାଇଁ ମାର୍ଗଦର୍ଶନ ଦେଇଥିଲେ। ଜିଲ୍ଲା ପ୍ରଭାରୀ ଆର୍ତ୍ତତ୍ରାଣ ମହାପାତ୍ର ମଣ୍ଡଳ ପ୍ରଭାରୀଙ୍କ ପ୍ରବାସ, ଶକ୍ତିକେନ୍ଦ୍ର ପ୍ରବାସ ଏବଂ ତୃଣମୂଳ ସ୍ତରରେ ସଂଗଠନକୁ ଅଧିକ ସକ୍ରିୟ କରିବା ଉପରେ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ବିଜେପିର ପୂର୍ବତନ ରାଜ୍ୟ ସଭାପତି ତଥା ପୂର୍ବତନ ସାଂସଦ ବସନ୍ତ କୁମାର ପଣ୍ଡା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନସେବାର ୨୫ ବର୍ଷ ପୂର୍ତ୍ତି ଅବସରରେ ୧୭ ସେପ୍ଟେମ୍ବରରୁ ୧୭ ଅକ୍ଟୋବର ପର୍ଯ୍ୟନ୍ତ ଏକ ମାସ ଧରି ଜିଲ୍ଲାରୁ ବୁଥ ସ୍ତର ପର୍ଯ୍ୟନ୍ତ ହେବାକୁ ଥିବା ବିଭିନ୍ନ ସେବାମୂଳକ ଓ ସଂଗଠନାତ୍ମକ କାର୍ଯ୍ୟକ୍ରମର ସଫଳ ରୂପାୟନ ଉପରେ ଆଲୋକପାତ କରିଥିଲେ। ପୂର୍ବତନ ଜିଲ୍ଲା ସଭାପତି ସୁବ୍ରତ ଠାକୁର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ କାର୍ଯ୍ୟ ପାଇଁ ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ।

# ଓଡ଼ିଶା ସାମ୍ବାଦିକ ମହାସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ



କଣ୍ଟିଲୋ,୧୩।୯ (ଅକ୍ଷର ଓଡ଼ିଶା) ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋସ୍ଥିତ ପ୍ରଭୁ ଶ୍ରୀନୀଳମାଧବଙ୍କ ପୀଠରେ ନବ ଗଠିତ ଓଡିଶା ସାମ୍ବାଦିକ ମହାସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସଂଘର ସଭାପତି ଦେବୀ ପ୍ରସାଦ ରଥଙ୍କ ପୌରହିତ୍ୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଘର ବରିଷ୍ଠ ସଦସ୍ୟମାନେ ଉପସ୍ଥିତ ରହି ସାମ୍ବାଦିକମାନଙ୍କର ବିଭିନ୍ନ ସମସ୍ୟା ସଂର୍ପକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ।ମହାସଂଘର ଉପ ସଭାପତି ଶୁଭ୍ରାଂଶୁ ମହାରଣା,ସାଧାରଣ ସମ୍ପାଦକ ଅଖିଳ ବିହାରୀ ପାଣିଗ୍ରାହୀ,ସହ ସମ୍ପାଦକ ବ୍ରଜବନ୍ଧୁ ଦେହୁରୀ, କୋଷାଧକ୍ଷ ଭବାନୀ ଶଙ୍କର ସିଂହସାମନ୍ତ ପ୍ରମୁଖ ମହାସଂଘର ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ମତାମତ ପ୍ରଦାନ କରିଥିଲେ। ଆସନ୍ତା ଡିସେମ୍ବର ମାସ ଦ୍ୱିତୀୟ ସପ୍ତାହରେ ନୟାଗଡ ଜିଲ୍ଲାର ଗଣିଆ ବ୍ଲକ ଅଧୀନ ମା କଳାପାଟ ଠାକୁରାଣୀଙ୍କ ପୀଠରେ ରାଜ୍ୟସ୍ତରୀୟ ସାମ୍ବାଦିକ ସମ୍ମିଳନୀ ଆୟୋଜନ ନେଇ ଆଲୋଚନା ହୋଇଥିଲା।ଆଗାମୀ ଦିନରେ ସମାଜର କଲ୍ୟାଣ ନିମନ୍ତେ ମହାସଂଘ ପକ୍ଷରୁ ଉଦ୍ୟମ ଜାରି ରହିବ ବୋଲି ବୈଠକରେ ସ୍ଥିର ହୋଇଥିଲା।ଶେଷରେ ବରିଷ୍ଠ ସଦସ୍ଯ ଭୂପେନ ଦାଶ ଧନ୍ୟବାଦ ଦେଇଥିଲେ।

# ପୁରପଲ୍ଲୀରେ ନୂଆଁଖାଇ ପାଳନ ପ୍ରସ୍ତୁତି ଚୂଡ଼ାନ୍ତ

# ସ୍ୱତନ୍ତ୍ର ବଜାର ବ୍ୟବସ୍ଥା



ନୂଆପଡ଼ା, . ୧୩/୦୯ (ଅକ୍ଷର ଓଡ଼ିଶା): ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ପାଳନ ପାଇଁ ନୂଆପଡ଼ା ଜିଲ୍ଲାର ସହର ଓ ଗ୍ରାମାଞ୍ଚଳରେ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏହି ଅବସରରେ ଜିଲ୍ଲାର ବିଭିନ୍ନ ବଜାରରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ବେଳେ ସର୍ବତ୍ର ଉତ୍ସବମୁଖର ପରିବେଶ ଦେଖିବାକୁ ମିଳୁଛି।କୃଷି ଭିତ୍ତିକ ଏହି ମହାନ ଗଣପର୍ବକୁ ସ୍ୱାଗତ କରିବା ପାଇଁ ଗାଁ ଠାରୁ ସହର ପର୍ଯ୍ୟନ୍ତ ସମସ୍ତେ ନିଜ ନିଜ ଢଙ୍ଗରେ ପ୍ରସ୍ତୁତିରେ ବ୍ୟସ୍ତ ରହିଛନ୍ତି। ନୂଆଁଖାଇ ପଶ୍ଚିମ ଓଡ଼ିଶାର ଗୌରବମୟ ପରମ୍ପରା ଓ ସମୃଦ୍ଧ ସଂସ୍କୃତିର ପ୍ରତୀକ ହୋଇଥିବା ବେଳେ ଏହାକୁ ପାଳନ କରିବା ପାଇଁ ସମାଜର ସମସ୍ତ ବର୍ଗର ଲୋକ ଏକାକାର ହୋଇଛନ୍ତି।ପର୍ବ ପାଳନ ପାଇଁ ଆବଶ୍ୟକ ବିଭିନ୍ନ ସାମଗ୍ରୀ ବଜାରରେ ବ୍ୟାପକ ଭାବେ ବିକ୍ରି ହେଉଛି। କୃଷି ଉତ୍ପାଦିତ ପ୍ରଥମ ଶସ୍ୟ ଧାନ, ଖେଡ଼, ଚୁଡ଼ା ଆଦି ପ୍ରତି ଲୋକଙ୍କ ଆକର୍ଷଣ ବଢ଼ିଥିବା ବେଳେ କୁରେ ପତ୍ର, ମାଟି ହାଣ୍ଡି, ମାଟି ପାତ୍ର ଓ କୁରେ ପତ୍ରରେ ତିଆରି ଦନା ଆଦିର ଚାହିଦା ମଧ୍ୟ ବେଶ ବଢ଼ିଛି। ସେହିପରି ବିଭିନ୍ନ ପ୍ରକାର ପନିପରିବା, ଗୁଡ଼ ଏବଂ ନୂତନ ପୋଷାକପତ୍ର କିଣିବା ପାଇଁ ବଜାରରେ ଭିଡ଼ ଜମୁଥିବା ଦେଖାଯାଉଛି।ଗ୍ରାମାଞ୍ଚଳରେ ମଧ୍ୟ ନୂଆଁଖାଇ ପାଇଁ ଘରଦ୍ୱାର ଲିପାପୋଛା କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହା ସହିତ ଭେଟଘାଟ, ନୂଆଁଖାଇ ଜୁହାର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ମଧ୍ୟ ବିଭିନ୍ନ ସ୍ଥାନରେ ଆୟୋଜନ ଜୋରଦାର ହୋଇଛି।ସର୍ବୋପରି, ନୂଆପଡ଼ା ଜିଲ୍ଲାର ପୁରପଲ୍ଲୀ ଏବେ ନୂଆଁଖାଇର ରଙ୍ଗରେ ରଙ୍ଗାୟିତ ହୋଇପଡ଼ିଛି ଏବଂ ଚାରିଆଡ଼େ ପର୍ବର ଉତ୍ସାହ ଓ ଆନନ୍ଦର ପରିବେଶ ସୃଷ୍ଟି ହୋଇଛି।

## ସରପଞ୍ଚ ଓ ସମିତି ସଭ୍ୟଙ୍କୁ ମଣ୍ଡାପଡା ଗ୍ରାମ ମନା

# ଗ୍ରାମବାସୀଙ୍କ ଅଭିଯୋଗ, ସମିତି ସଭ୍ୟଙ୍କ ଖଣ୍ଡନ

ଆସିକା, ୧୩/୦୯/(ଅକ୍ଷର ଓଡିଶା ):ଆସିକା ପଞ୍ଚାୟତ ସମିତି ବୈଠକରେ ହୋହାଲ୍ଲା ଘଟଣା ପରେ ହରିଡ଼ାପଦର ପଞ୍ଚାୟତରେ ରାଜନୈତିକ ତାତି ବଢ଼ିଥିବା ଚର୍ଚ୍ଚା ହେଉଛି। ବୈଠକ ଶେଷରେ ହରିଡ଼ାପଦର ପଞ୍ଚାୟତର ସରପଞ୍ଚ ଜୟନ୍ତୀ ବେହେରା ଆସିକା ଥାନାରେ ଏକ ଅଭିଯୋଗ ଦାଖଲ କରିବା ସହ ଘଟଣାର ଉଚିତ ତଦନ୍ତ ଓ ନ୍ୟାୟ ପାଇଁ ଗଞ୍ଜାମ ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ମଧ୍ୟ ନିବେଦନ କରିଥିବା ଜଣାପଡ଼ିଛି।ଏହାର କିଛି ସମୟ ପରେ ହରିଡ଼ାପଦର ପଞ୍ଚାୟତର ବଡ଼ ଗ୍ରାମ ମଣ୍ଡାପଡାର କିଛି ଗ୍ରାମବାସୀ ସରପଞ୍ଚ ଓ ସମିତି ସଭ୍ୟଙ୍କୁ ଗ୍ରାମକୁ ଆସିବାକୁ ମନା କରାଯାଇଥିବା ନେଇ ସାମ୍ବାଦିକଙ୍କ ସମ୍ମୁଖରେ ପ୍ରତିକ୍ରିୟା ଦେଇଛନ୍ତି।ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ମଣ୍ଡାପଡା ଗ୍ରାମର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସରପଞ୍ଚ କିମ୍ବା ସମିତି ସଭ୍ୟଙ୍କ ପକ୍ଷରୁ ଆବଶ୍ୟକ ସହଯୋଗ ମିଳୁନାହିଁ। ଚାଷ କାର୍ଯ୍ୟ ପାଇଁ ଜଳ ଯୋଗାଣଠାରୁ ଆରମ୍ଭ କରି ଗ୍ରାମର ମନ୍ଦିର ଯାନିଯାତ୍ରା ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟରେ



ସହଯୋଗ ମିଳୁନଥିବା ସେମାନେ ଅଭିଯୋଗ କରିଛନ୍ତି।ଏହି ଅଭିଯୋଗ ସମ୍ପର୍କରେ ସମିତି ସଭ୍ୟଙ୍କୁ ପଚାରିବାରୁ ସେ ଗ୍ରାମବାସୀଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ତେବେ ପଞ୍ଚାୟତରେ ଦେଖାଦେଇଥିବା ଏହି ବିବାଦ ଆଗାମୀ ଦିନରେ କେଉଁ ରାଜନୈତିକ ମୋଡ଼ ନେଉଛି, ତାହାକୁ ନେଇ ସ୍ଥାନୀୟ ମହଲରେ ଚର୍ଚ୍ଚା ଜୋର ଧରିଛି।

# ଗଣେଶ ମେଳା ଉପଲକ୍ଷେ କଳସ ଯାତ୍ରା

ଦେବଗଡ଼,୧୩।୦୯(ଅକ୍ଷର ଓଡ଼ିଶା): ଦେବଗଡ଼ ଜିଲ୍ଲାର ପ୍ରସିଦ୍ଧ ଗଣେଶ ମେଳା ଉପଲକ୍ଷେ ଏକ ଭବ୍ୟ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶତାଧିକ ମହିଳା ଓ ଶ୍ରଦ୍ଧାଳୁ ଏହି କଳସ ଯାତ୍ରାରେ ସାମିଲ ହୋଇଥିଲେ। ପାରମ୍ପରିକ ବାଦ୍ୟଯନ୍ତ୍ର ଓ ଭକ୍ତିମୟ ପରିବେଶ ମଧ୍ୟରେ ଶ୍ରଦ୍ଧାଳୁମାନେ କଳସ ଧାରଣ କରି ଯାତ୍ରାରେ ଅଂଶଗ୍ରହଣ କରିଥିଲେ।ଏହି ଅବସରରେ ଗଣେଶଙ୍କ ଆରାଧନା ସହ ମେଳାର ଶୁଭାରମ୍ଭ କରାଯାଇଥିଲା। ଆଗାମୀ ଦିନଗୁଡ଼ିକରେ ମେଳାରେ ବିଭିନ୍ନ ଧାର୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଭକ୍ତଙ୍କ ସମାଗମ ହେବ ବୋଲି ଆୟୋଜକମାନେ କହିଛନ୍ତି।

# ୩୪ତମ ଗଣେଶ ମହୋତ୍ସବ ସମାରୋହ

କଟକ ୧୩/୦୯(ଅକ୍ଷର ଓଡ଼ିଶା): କଟକ-ଭୁବନେଶ୍ୱର ଯୁଗ୍ମନଗରୀ ଗଣେଶ ପୂଜା କମିଟି ପକ୍ଷରୁ ଐତିହାସିକ ଉପର ବାଲିଯାତ୍ରା ପଡ଼ିଆରେ ଚଳିତବର୍ଷ ୩୪ତମ ଗଣେଶ ମହୋତ୍ସବ ମହାସମାରୋହରେ ପାଳନ କରାଯିବା ବୋଲି ଆଜି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ସଭାପତି ସରୋଜ ସିଂ। ଏହି ଅବସରରେ ଆସନ୍ତା ସୋମବାର ସନ୍ଧ୍ୟା ୬ଟା ୩୦ମିନିଟ୍‌ରେ ମହୋତ୍ସବର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହେବ।ଉଦ୍‌ଘାଟନ ଉତ୍ସବରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା ଉଦ୍‌ଘାଟକ ଭାବେ ଯୋଗଦେବେ। ପୂର୍ବତନ ଭୁବନେଶ୍ୱର ସାଂସଦ ତଥା ଦୈନିକ 'ସମ୍ବାଦ'ର ଅଧକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟଅତିଥି, ପୂର୍ବତନ ବାଙ୍କୀ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ମୁଖ୍ୟବକ୍ତା ଏବଂ ପୂର୍ବତନ ଚୌଦ୍ୱାର-କଟକ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ସମ୍ମାନନୀୟ ଅତିଥି ଭାବେ ଯୋଗଦେବାର ଆହୋଜକ ମାନେ ପ୍ରକାଶ କରିଛନ୍ତି। ସେହିପରି ବିଶିଷ୍ଟ ସମାଜସେବୀ ତଥା ଶିକ୍ଷାବିତ୍ ଡ. ପ୍ରଭୁପଦ ମହାନ୍ତି ଓ ସମାଜସେବୀ ଭଗବାନ ଦାସ ବାଜୋରିଆ ବରେଣ୍ୟ ଅତିଥି ଭାବେ ଯୋଗଦେବେ। ଉଦ୍‌ଘାଟନ ଉତ୍ସବରେ କମିଟିର ସଭାପତି ସରୋଜ ସିଂହ ସଭାପତିତ୍ୱ କରିବେ। ଗଣେଶ ମହୋତ୍ସବକୁ ସଫଳ କରିବା ସହ ଅଧିକ ସଂଖ୍ୟାରେ ଯୋଗଦେଇ ଉତ୍ସବର ଶୋଭା ବଢ଼ାଇବାକୁ କମିଟି ପକ୍ଷରୁ ନିବେଦନ କରାଯାଇଛି।ଏନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କମିଟିର ସଭାପତି ସରୋଜ ସିଂହଙ୍କ ସମେତ ସୁରେନ୍ଦ୍ର ସେନାପତି, ନିବେଦିତା ମହାପାତ୍ର ମେତ କମିଟିର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ରାସ୍ତା ଅଭାବରେ ଧୀରମୁଣ୍ଡା ଚାରିଘରିଆ ଗ୍ରାମବାସୀ ହନ୍ତସନ୍ତ



ରିଆମାଳ,୧୩।୦୯(ଅକ୍ଷର ଓଡ଼ିଶା): ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ ପଳସମା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଧୀରମୁଣ୍ଡା ଚାରିଘରିଆ ଗାଁକୁ ଯିବା ପାଇଁ ଭଲ ରାସ୍ତା ନଥିବାରୁ ଦୀର୍ଘଦିନ ଧରି ଗ୍ରାମବାସୀ ଯାତାୟାତ ସମସ୍ୟା ଭୋଗୁଛନ୍ତି। ବର୍ଷା ହେଲେ ରାସ୍ତାରେ ପାଣି ଜମିବା ସହ ଚାରିଆଡ଼େ କାଦୁଅ ହୋଇ ଯାତାୟାତ ଅତ୍ୟନ୍ତ ଦୁର୍ଗମ ହୋଇପଡୁଛି।ଏହାର ପ୍ରଭାବରେ ଦୈନିକ ଯାତାୟାତ କରୁଥିବା ଗ୍ରାମବାସୀ, ଛାତ୍ରଛାତ୍ରୀ ଓ ଅନ୍ୟମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ବର୍ଷାଦିନେ ରୋଗୀଙ୍କୁ ଡାକ୍ତରଖାନା ନେବା ସହ ଜରୁରୀ ସମୟରେ ଯାନବାହନ ଚଳାଚଳ କରିବା କଷ୍ଟକର ହୋଇପଡୁଛି।ଗ୍ରାମବାସୀଙ୍କ ଦୈନିକ ଯାତାୟାତ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଗାଁକୁ ପକ୍କା ରାସ୍ତା ନିର୍ମାଣ କରିବାକୁ ସ୍ଥାନୀୟ ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ନିକଟରେ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ଶୀଘ୍ର ପଦକ୍ଷେପ ନିଆଯାଇ ଗ୍ରାମବାସୀଙ୍କ ଦୀର୍ଘଦିନର ସମସ୍ୟାର ସମାଧାନ କରାଯିବାକୁ ସେମାନେ ଆଶା ପ୍ରକାଶ କରିଛନ୍ତି।

# ବୁଗୁଡ଼ା ପଥୁରିଆ ସାହି ଚାରିଛକିଆରେ ଘଟୁଛି ଦୁର୍ଘଟଣା, ହମ୍ପସ୍ ନିର୍ମାଣ ଦାବି

ବୁଗୁଡ଼ା :୧୩/୦୯(ଅକ୍ଷର ଓଡ଼ିଶା)୬ : ବୁଗୁଡା ସହର ମଧ୍ୟସ୍ଥ ପଥୁରିଆ ସାହି ଚାରିଛକିଆରେ ଯାନବାହାନ ଚଳାଚଳ ବେଳେ ଅମାନିଆ ଚାଳକଙ୍କ ଯୋଗୁଁ ଅଧିକାଂଶ ସମୟରେ ଛୋଟବଡ ଦୁର୍ଘଟଣାମାନ ଘଟୁଥିବାରୁ ତାହାର ପ୍ରତିକାର ରୂପେ ସେହି ଛକର ତିନିପଟରେ ହମ୍ପସ୍ ନିର୍ମାଣ କରାଯିବା ଜରୁରୀ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ବୁଗୁଡା ବଡଦାଣ୍ଡ ପଟକୁ ଲମ୍ବିଥିବା ରାସ୍ତାରେ ବିରଞ୍ଚି ନାରାୟଣ ଏବଂ ବଳଦେବସ୍ୱାମୀଙ୍କ ମନ୍ଦିର ସାଙ୍ଗକୁ ଏନ୍‌ଏସି କାର୍ଯ୍ୟାଳୟ , ଖଦାଳ ସାହି ରାସ୍ତା ପଟରେ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ, ବନ ବିଭାଗ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ପୋଲିସ ଥାନା ଓ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ , ନୂଆଁ ସାହି ରାସ୍ତାରେ ଗୋପୀନାଥ ମନ୍ଦିର ରହିଥିବାରୁ ସେହି ଚାରିଛକ ଦେଇ ଦୈନିକ ଅସଂଖ୍ୟ ଶ୍ରଦ୍ଧାଳୁଙ୍କ ସମେତ ଶହ ଶହ ଛାତ୍ରଛାତ୍ରୀ ଏବଂ ଜନତା ଯାତାୟତ କରୁଛନ୍ତି। ଏଥି ସହ ସେହି ଛକ ବୁଗୁଡା-ପୋଲସରା ମୁଖ୍ୟ ସଡକ ମଧ୍ୟରେ ରହିଥିବାରୁ ଯାନବାହାନ ଚଳାଚଳ ବେଳେ ଅମାନିଆ ଚାଳକଙ୍କ ଦ୍ରୁତଗତି ଯୋଗୁଁ ନାନା ସମସ୍ୟା ସାଙ୍ଗକୁ ଦୁର୍ଘଟଣାମାନ ଘଟୁଛି ଏବଂ ଅଯଥା ବିବାଦ ଉପୁଜୁଛି। ସେହି ଛକରେ ଦୁର୍ଘଟଣାକୁ ଏଡାଇବା ଏବଂ ଅମାନିଆ ବାଇକ୍ ଚାଳକଙ୍କ ଦ୍ରୁତଗତିରେ ବ୍ରେକ୍ ଲଗାଇବା ପାଇଁ ଗୋପୀନାଥ ମନ୍ଦିର ନିକଟରେ, ଖଦାଳ ସାହି ମଧ୍ୟରେ ଏବଂ ଏନ୍‌ଏସି କାର୍ଯ୍ୟାଳୟ ପୂର୍ବରୁ ଏପରି ତିନି ପଟ ରାସ୍ତାରେ ହମ୍ପସ୍ ନିର୍ମାଣ କରିବା ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ଗମ୍ଭାରିଆ ଗାଁରେ ହାତୀପଲଙ୍କ ତାଣ୍ଡବ

# ଗୋଠଛଡ଼ା ଦନ୍ତା ଭାଙ୍ଗିଲା ଘର, ଖାଇଲା ଧାନ-ଚାଉଳ ଓ ପନିପରିବା



ଯୋଡ଼ା, ୧୩/୯ (ଅକ୍ଷର ଓଡିଶା )): କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ଗମ୍ଭାରିଆ ଗ୍ରାମରେ ବିଳମ୍ବିତ ରାତିରେ ହାତୀପଲ ପଶି ଆସି ତାଣ୍ଡବ ରଚିଛନ୍ତି। ଅଚାନକ ହାତୀପଲ ଗାଁ ଭିତରକୁ ପ୍ରବେଶ କରିବା ପରେ ଏକ ଗୋଠଛଡ଼ା ଦନ୍ତା ଘରଦ୍ୱାର ଭାଙ୍ଗିବା ସହ ବ୍ୟାପକ ଭାବେ ଜିନିଷପତ୍ର ନଷ୍ଟ କରିଥିବା ଜଣାପଡ଼ିଛି।ଦନ୍ତାଟି ଘରେ ରଖାଯାଇଥିବା ଧାନ ଓ ଚାଉଳ ଖାଇବା ସହ ଘର ଆଖପାଖରେ ଥିବା ପନିପରିବା ମଧ୍ୟ ନଷ୍ଟ କରିଥିଲା। ହାତୀପଲଙ୍କ ଏଭଳି ଉପଦ୍ରବ ଯୋଗୁଁ ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି।ହାତୀପଲ ଗାଁ ନିକଟରେ ଘୁରି ବୁଲୁଥିବାରୁ ଲୋକଙ୍କ ଧନଜୀବନ ପ୍ରତି ବିପଦ ଆଶଙ୍କା ଦେଖାଦେଇଛି। ଏନେଇ ବନ ବିଭାଗ ତୁରନ୍ତ ପଦକ୍ଷେପ ନେଇ ହାତୀପଲଙ୍କୁ ଗାଁଠାରୁ ଘଉଡ଼ାଇବା ସହ କ୍ଷତିଗ୍ରସ୍ତ ପରିବାରକୁ ଆବଶ୍ୟକ କ୍ଷତିପୂରଣ ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ସଡକ ଦୁର୍ଘଟଣାରେ ତିନି ଜଣ ଗୁରୁତର

ପରଜଙ୍ଗ,୧୩।୯(ଅକ୍ଷର ଓଡ଼ିଶା): ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଅନ୍ତର୍ଗତ ୧୪୯ ନମ୍ବର ଜାତୀୟ ରାଜପଥରେ ସଡକ ଦୁର୍ଘଟଣାରେ ତିନି ଜଣ ଗୁରୁତର ଅବସ୍ଥାରେ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ସୂଚନା ମୁତାବକ ଆଖୁଆପାଳ ପଞ୍ଚାୟତର ଝରାପାଳ ବସ୍ତିର ଜୟଦେବ ସିଂହଙ୍କ ଦୁଇ ପୁଅ ରଞ୍ଜନ ସିଂହ, ଗଣେଶ୍ୱର ସିଂହ ଓ ବୁରୀ ମୁଣ୍ଡା ଙ୍କ ପୁଅ ଅଜୟ ମୁଣ୍ଡା ଏକ ମୋଟର ସାଇକେଲ ଯୋଗେ ଘରକୁ ଫେରୁଥିବାବେଳେ ଦଦରାଘାଟି ଜଳ ପ୍ରକଳ୍ପ ନିକଟରେ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା। ଫଳରେ ମୋଟରସାଇକେଲରେ ଆସୁଥିବା ତିନି ଜଣ ରାସ୍ତା ପାର୍ଶ୍ୱରେ ଥିବା ଲୁହା ସୁରକ୍ଷା ବାଡାରେ ଯାଇ ବାଡେଇ ହୋଇଥିଲେ। ଖବର ପାଇ ସ୍ଥାନୀୟ ପୋଲିସ ଓ ଲୋକେ ଘଟଣାସ୍ଥଳରେ ପହଂଚି ରୋଗୀ ବାହାକ ଯୋଗେ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା।

# ଡାବୁଗାଁ ବିଜେଡି ଜୋନ ୧ ଓ ଜୋନ ୨ ସଭାପତିଙ୍କ ନାମ ଘୋଷିତ

ଡାବୁଗାଁ ୧୩/୦୯/ (ଅକ୍ଷର ଓଡିଶା) ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ବିଜେଡି ର ଜୋନ ୧ ଓ ଜୋନ ୨ ସଭାପତିଙ୍କ ନାମ ଘୋଷଣା କରାଯାଇଛି ।ଦଳ ତୃତୀୟ ଥର ପାଇଁ ଜୋନ ୧ ସଭାପତି ଭାବେ ନରସିଂହ କଲାର ଓ ଜୋନ ୨ ସଭାପତି ଭାବେ ଶିବ ପ୍ରସାଦ ମିଶ୍ର (ବୁଡା) ଙ୍କୁ ମନୋନୀତ କରାଯାଇଛି। ନବରଙ୍ଗପୁର ବିଜୁ ଜନତା ଦଳ ଜିଲ୍ଲା ସଭାପତି ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଝରିଗାଁ, ଚନ୍ଦାହାଣ୍ଡି, ଉମରକୋଟ, ପାପଡାହାଣ୍ଡି, କୋଷାଗୁମୁଡା ଓ ଡାବୁଗାଁ ବ୍ଲକ ପାଇଁ ଜୋନ ସଭାପତିଙ୍କ ନାମ ଘୋଷଣା କରିଥିଲେ। ବିଜେଡି ଦଳ ତୃତୀୟ ଥର ପାଇଁ ଡାବୁଗାଁ ବ୍ଲକ ର ଜୋନ ୧ ଓ ଜୋନ ୨ ସଭାପତି ପାଇଁ ପୁନର୍ବାର ନରସିଂହ କଲାର ଓ ଶିବ ପ୍ରସାଦ ମିଶ୍ରଙ୍କ ଉପରେ ଆସ୍ଥା ଓ ବିଶ୍ୱାସ ରଖି ଥିବାରୁ ଉଭୟ ଜୋନ ସଭାପତି ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକ, ଜିଲ୍ଲା ବିଜେଡି ସଭାପତି ମନହୋର ରନ୍ଧାରୀ ସହ ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି। ଆଗାମି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଦଳ କୁ ଅଧିକ ସଂଗଠିତ କରାଯିବା ସହ ବ୍ଲକ ରେ ବିଜେଡି ଦଳକୁ ୧ ନମ୍ବର କରିବାକୁ ପ୍ରକାଶ କରିଛନ୍ତି । ବିଜେଡି ଦଳ ଡାବୁଗାଁ ବ୍ଲକ ରେ ପୁନର୍ବାର ଦୁଇ ଜୋନ ସଭାପତିଙ୍କ ନାମ ଘୋଷଣା ପରେ କର୍ମୀ ମହୋଲରେ ଖୁସିର ମାହୋଲ ଖେଳି ଯାଇଛି।

# ବିଶ୍ୱପ୍ରସିଦ୍ଧ ମହିମାଗାଦିରେ ଭକ୍ତିମୟ ପରିବେଶରେ ନବାନ୍ନ ଉତ୍ସବ ପାଳିତ

## ନୂଆ ଚୁଡ଼ା ଓ ଦହି-ମହୁର ମହାପ୍ରସାଦ ଅର୍ପଣ, ରାଜ୍ୟ ଓ ବାହାରୁ ହଜାର ହଜାର ଭକ୍ତଙ୍କ ସମାଗମ

ଗଁଦିଆ, ୧୩/୯ (ବେତୁଜୀ ପ୍ରସାଦ):ଢେଙ୍କାନାଳ ଜିଲ୍ଲାର ଗର୍ବ ଓ ଗୌରବ, ବିଶ୍ୱପ୍ରସିଦ୍ଧ ମହିମାଗାଦି ଯୋରନ୍ଦା ଠାରେ ଅତ୍ୟନ୍ତ ଭକ୍ତିମୟ ପରିବେଶରେ ପାରମ୍ପରିକ 'ନବାନ୍ନ ଉତ୍ସବ' ଅନୁଷ୍ଠିତ ହୋଇଯାଇଛି। ପ୍ରଭୁ ମହିମା ମହାପ୍ରଭୁଙ୍କ ନିକଟରେ ଚଳିତ ବର୍ଷର ନୂଆ ଶସ୍ୟ ଭୋଗ ଲାଗିବା ସହ ସମଗ୍ର ଅଞ୍ଚଳ ଅଧ୍ୟାତ୍ମିକ ମୁଖର ହୋଇଉଠିଛି। ପରମ୍ପରା ଅନୁଯାୟୀ, ଭାଦ୍ରବ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥି ତଥା ବ୍ରାହ୍ମ ମୁହୂର୍ତ୍ତରେ ଏହି ପବିତ୍ର ନବାନ୍ନ ଉତ୍ସବ ଅନୁଷ୍ଠିତ ହୋଇଥାଏ। ଆଶ୍ରମ ମଣ୍ଡଳସ୍ଥିତ ଭିକ୍ଷା ଅସ୍ଥାନ ସମୀପ ଅମ୍ବହନିୟା ପ୍ରସାଦ ମଣ୍ଡପରେ ନୂଆ ଚୁଡ଼ା, ଦହି, ମହୁ, ଘିଅ, କଦଳୀ, ନଡ଼ିଆ, କର୍ପୂର ଏବଂ ବିଭିନ୍ନ ଫଳମୂଳ ମିଶାଇ ନବାନ୍ନ ପ୍ରସ୍ତୁତ କରାଯାଇଥିଲା। ବିଶେଷକରି କଟକ ଜିଲ୍ଲା ଆଠଗଡ଼ କୁଲେଇଲୋ ଅଞ୍ଚଳରୁ ଆସିଥିବା ନୂଆ ଚୁଡ଼ାରେ ଏହି ମହାପ୍ରସାଦ ପ୍ରସ୍ତୁତ



କରାଯାଇ ମହିମା ମହାପ୍ରଭୁଙ୍କ ପାଖରେ ଅର୍ପଣ କରାଯାଇଥିଲା। ସକାଳ ୭ ଘଟିକା ସମୟରେ ସିଂହଦ୍ୱାର ସମ୍ମୁଖରେ ଭକ୍ତମାନଙ୍କୁ ପ୍ରସାଦ ବିତରଣ କରାଯାଇଥିଲା। ଏହି ଉତ୍ସବରେ ଉଭୟ କୌପୀନଧାରୀ ମହିମା ସମାଜ ଓ ବଲ୍କଳଧାରୀ ମହିମା ସମାଜର ବାବାମାନଙ୍କ ସମେତ ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରାୟ ୫,୦୦୦ ରୁ ୭,୦୦୦ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଓଡ଼ିଶାର ବିଭିନ୍ନ ଜିଲ୍ଲା ସହିତ ଛତିଶଗଡ଼, ଝାଡ଼ଖଣ୍ଡ, ତେଲେଙ୍ଗାନା, ଗୁଜୁରାଟ ଓ ଆସାମ ଆଦି ରାଜ୍ୟରୁ ମଧ୍ୟ ବହୁ ଭକ୍ତ ଯୋରନ୍ଦାରେ ପହଞ୍ଚି ମହିମା ଦର୍ଶନ କରିଥିଲେ। ଏହି ପବିତ୍ର କାର୍ଯ୍ୟକ୍ରମରେ ସତ୍ୟ ମହିମା ଧର୍ମ ଧାମ ପରିଚାଳନା ସମିତିର ସଭାପତି ବାବା ଶୁକଦେବ ଦାସ, ସମ୍ପାଦକ ବାବା ନିତ୍ୟାନନ୍ଦ ଦାସ, ବାବା ପ୍ରସନ୍ନ ଦାସ, ବାବା ପ୍ରଭାସ ଦାସ, ବାବା ଅନାମ ଚରଣ ଦାସ ଏବଂ ସତ୍ୟ ଅଲେଖ ମହିମା ଧର୍ମ କୌପୀନଧାରୀ ସମିତିର ସଭାପତି ରଘୁନାଥ ବାବା, ସମ୍ପାଦକ ସୁଶାନ୍ତ ବାବା ପ୍ରମୁଖ ଉପସ୍ଥିତ ରହି ନୀତିକାନ୍ତି ପରିଚାଳନା କରିଥିଲେ। ସେହିପରି ଉପଜିଲ୍ଲାପାଳ ପଦ୍ମ ଚରଣ ସାହୁ, ଢେଙ୍କାନାଳ ପୌରାଧକ୍ଷା ଜୟନ୍ତୀ ପାତ୍ର, ସମାଜସେବୀ ରାମଚନ୍ଦ୍ର ପାତ୍ର ଓ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ମହାପ୍ରସାଦ ସେବନ କରିଥିଲେ। ବର୍ଷର ପ୍ରଥମ ଶସ୍ୟକୁ ପ୍ରଭୁଙ୍କ ନିକଟରେ ଅର୍ପଣ କରିବା ଦ୍ୱାରା ପୃଥିବୀ ଶସ୍ୟଶ୍ୟାମଳ ହେବା ସହ ସମଗ୍ର ଜଗତର କଲ୍ୟାଣ ହୋଇଥାଏ ବୋଲି ଭକ୍ତମାନଙ୍କ ମଧ୍ୟରେ ଗଭୀର ବିଶ୍ୱାସ ରହିଛି।

# ୧୦ଟି ମଣ୍ଡପରେ ପୂଜା ପାଇବେ ଗଜାନନ

## ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ

ପରଜଙ୍ଗ, ୧୩।୯(ଅକ୍ଷର ଓଡ଼ିଶା):ଆଗକୁ ପାର୍ବଣର ଋତୁ ଆରମ୍ଭ ହେବାକୁ ଥିବା ବେଳେ ଆସନ୍ତା ସୋମବାର ରହିଛି ଅଗ୍ରପୂଜ୍ୟ ଗଜାନନଙ୍କ ପୂଜା ଦିବସ।ତେବେ ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପରଜଙ୍ଗ ବ୍ଲକ ଗଡ଼ ପରଜଙ୍ଗରେ ଏହି ପୂଜା ଖୁବଧୁମ ଧାମରେ ପାଳନ କରାଯିବ ।ଗଡ଼ ପରଜଙ୍ଗରେ ୧୦ ଗୋଟି ମଣ୍ଡପରେ ପୂଜା ପାଇବେ ଅଗ୍ରପୂଜ୍ୟ।ପ୍ରତି ବର୍ଷ ଭଳି ଏବର୍ଷ ମଧ୍ୟ ବିଭିନ୍ନ କମିଟି ମାନଙ୍କ ପକ୍ଷରୁ ବିଭିନ୍ନ ପ୍ରକାରର ଭଳିକି ଭଳି ତୋରଣ, ଲାଇଟ ,ମିନା ବଜାର, ମେଲୋଡି, ବିଭିନ୍ନ ପ୍ରକାରର ଦୋଳି ଓ ସଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି।ଭକ୍ତ ମାନଙ୍କ ପାଇଁ ଅଗ୍ର ପୂଜ୍ୟଙ୍କ ଦର୍ଶନ ସହିତ ବିଭିନ୍ନ ପ୍ରକାରର ଖାଦ୍ୟ ପେୟ ଦୋକାନର ଆସର ଜମିବ ।ପୂଜା ପାଇଁ ଆଉ ଗୋଟିଏ ଦିନ ସମୟ ବାକି ଥିବା ବେଳେ ଟେଣ୍ଟ,ଲାଇଟ,ସାଜ ସଜା ସଂସ୍ଥା ମାନେ ନିଜ ନିଜ କାମରେ ବ୍ୟସ୍ତ ଅଛନ୍ତି।ଅନେକ



ମଣ୍ଡପରେ ମୂର୍ତ୍ତି କାରିଗର ମାନେ ମଧ୍ୟ ନିଜ ନିଜର କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚାଇଲେଣି ।ତେବେ ରବିବାର ମୂର୍ତ୍ତିର ଶେଷ ସ୍ପର୍ଶ ଦିଆ ଯିବ ବୋଲି ଜଣେ ମୂର୍ତ୍ତି କାରିଗର ସୁଦୀପ୍ତ କୁମାର ପାତ୍ର(ମିନୁ)କହିଛନ୍ତି।ସ୍ଥାନୀୟ ପ୍ରଶାସନର ସହଯୋଗ ସହ ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମାପନ ହେବ ବୋଲି କମିଟି ମାନେ କହିଛନ୍ତି।

# ପୋଖରୀରୁ ଶ୍ରମିକଙ୍କ ମୃତଦେହ ଉଦ୍ଧାର

ପରଜଙ୍ଗ, ୧୩।୯ (ଅକ୍ଷର ଓଡ଼ିଶା): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ବାରିହାପୁର ଗ୍ରାମ ପୋଖରୀରୁ ରବିବାର ଜଣେ ଶ୍ରମିକଙ୍କ ମୃତଦେହ ଭାସୁଥିବା ଅବସ୍ଥାରେ ଉଦ୍ଧାର କରାଯାଇଛି। ମୃତକ ହେଲେ ବାରିହାପୁର ତଳସାହିର ବସନ୍ତ କୁମାର ସାହୁ (୬୫) ।ସୂଚନା ଅନୁଯାୟୀ, ବସନ୍ତ ଶନିବାର ଶ୍ରମିକ ଭାବେ କାମ କରିବାକୁ ଘରୁ ଯାଇଥିଲେ। ହେଲେ ଧାର୍ଯ୍ୟ ସମୟରେ ଘରକୁ ଫେରି ନଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ସନ୍ଧାନ ପାଇ ନଥିଲେ। ରବିବାର ଅପରାହ୍ନ ପ୍ରାୟ ୩ଟା ସମୟରେ ଗ୍ରାମ ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା କେତେକ ଲୋକ ଦେଖି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ପରେ ପରିବାର ଲୋକେ ମୃତକଙ୍କୁ ବସନ୍ତ ଙ୍କର ବୋଲି ଚିହ୍ନଟ କରିଥିଲେ ।କାମ ସାରି ଗାଧୋଇବା ପାଇଁ ପୋଖରୀକୁ ଯାଇଥିବାବେଳେ ବସନ୍ତ ପାଣିରେ ବୁଡ଼ିଯାଇଥିବା ପରିବାର ଲୋକେ ସନ୍ଦେହ କରିଛନ୍ତି। ଏନେଇ ସେମାନେ ପରଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପାଇଁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଇଛି। ସୋମବାର ବ୍ୟବଚ୍ଛେଦ ହେବ ବୋଲି ଜଣାପଡ଼ିଛି ।ପରଜଙ୍ଗ ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଚଳାଇଛି। ବସନ୍ତଙ୍କ ମୃତ୍ୟୁ ଖବର ପ୍ରଚାର ପରେ ବାରିହାପୁର ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ବ୍ୟଞ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁ ର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ ପ୍ରକାଶ କରିଛି।

# ଗଣେଶ ପୂଜାକୁ ନେଇ କାମାକ୍ଷାନଗର ଉତ୍ସବମୁଖର

## ୧୭ଟି ମଣ୍ଡପରେ ପୂଜା ପାଇବେ ଗଜାନନ। ଶେଷ ପର୍ଯ୍ୟାୟରେ ମୂର୍ତ୍ତି ଓ ମଣ୍ଡପ ନିର୍ମାଣ

କାମାକ୍ଷାନଗର, ୧୩/୯(ସୁମନ୍ତ ଜେନା) ଆସନ୍ତା ୧୪ ତାରିଖ ସୋମବାର ଅଗ୍ରପୂଜ୍ୟ ପ୍ରଭୁ ଶ୍ରୀ ଗଣେଶଙ୍କ ପୂଜା। ଗଣେଶ ପୂଜାକୁ ନେଇ ଏବେ ଚଳଚଞ୍ଚଳ ହୋଇଉଠିଛି କାମାକ୍ଷାନଗର ସହର। ଚଳିତ ବର୍ଷ ସହରର ବିଭିନ୍ନ ସ୍ଥାନରେ ୧୭ଟି ମଣ୍ଡପରେ ପ୍ରଭୁ ଗଜାନନ ପୂଜା ପାଇବେ। ପୂଜାକୁ ଆକର୍ଷଣୀୟ କରିବା ପାଇଁ ସମସ୍ତ ପୂଜା କମିଟି ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି ।ଚଳିତ ବର୍ଷ ପୂଜା ପାଇଁ ସମସ୍ତ ପୂଜା ମଣ୍ଡପ ପକ୍ଷରୁ ପ୍ରଭୁ ଶ୍ରୀ ଗଣେଶଙ୍କୁ ଧୁମଧାମରେ ଆଗମନ କରାଯାଇଛି। ବାଜା, ବାଣ ଓ ଆତସବାଜିର ତାଳେ ତାଳେ ଶୋଭାଯାତ୍ରାରେ ଗଜାନନଙ୍କୁ ମଣ୍ଡପକୁ ଅଣାଯାଇଥିଲା। ଏହି ଆଗମନ ଶୋଭାଯାତ୍ରାରେ ଭକ୍ତ ଓ ପୂଜା କମିଟିର ସଦସ୍ୟମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା ।ଦୁଇ ବର୍ଷ ହେବ କାମାକ୍ଷାନଗରରେ ମିଳିତ ଭାବେ ଗଣେଶ ପୂଜା ଓ ଭସାଣି ଉତ୍ସବ ପାଳନ କରାଯାଉଛି। ଏହାକୁ ନେଇ ପୂଜା



କମିଟିଗୁଡ଼ିକ ମଧ୍ୟରେ ଉତ୍ସାହ ବଢ଼ିଥିବା ବେଳେ ଚଳିତ ବର୍ଷ ମଧ୍ୟ ପୂଜାକୁ ଶାନ୍ତିଶୃଙ୍ଖଳାର ସହ ପାଳନ ପାଇଁ ପ୍ରସ୍ତୁତି ହୋଇଛି ।ବିଭିନ୍ନ ପୂଜା ମଣ୍ଡପରେ ଆକର୍ଷଣୀୟ ତୋରଣ ନିର୍ମାଣ ସାଙ୍ଗକୁ ରଙ୍ଗବେରଙ୍ଗ ଆଲୋକମାଳାରେ ସଜ୍ଜିତ କରାଯାଉଛି। ମୂର୍ତ୍ତି ନିର୍ମାଣ ଓ ମଣ୍ଡପ ସାଜସଜ୍ଜା କାର୍ଯ୍ୟ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପୂଜା ଅବସରରେ ବିଭିନ୍ନ ମଣ୍ଡପରେ ମେଲୋଡି, ଭଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ।ଭକ୍ତମାନେ ଯେପରି ସୁବିଧାରେ ଓ ଶୃଙ୍ଖଳିତ ଭାବେ ପ୍ରଭୁ ଶ୍ରୀ ଗଣେଶଙ୍କ ଦର୍ଶନ କରିପାରିବେ, ସେଥିପାଇଁ ପ୍ରତ୍ୟେକ ପୂଜା କମିଟି ପକ୍ଷରୁ ବିଶେଷ ବ୍ୟବସ୍ଥା କରାଯାଇଛି। ଉତ୍ସବ ସମୟରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ସହ ପ୍ରଶାସନର ନିୟମ ମାନି ପୂଜା ପାଳନ ପାଇଁ ମଧ୍ୟ କମିଟିଗୁଡ଼ିକ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି ।ଗଣେଶ ପୂଜା ପାଇଁ ମଣ୍ଡପଗୁଡ଼ିକରେ ଶେଷ ସ୍ପର୍ଶ ଦିଆଯାଉଥିବା ବେଳେ ସହରରେ ଉତ୍ସବର ମାହୋଲ ଜମିବାରେ ଲାଗିଛି। ଗଜାନନଙ୍କ ଆଗମନରୁ ଆରମ୍ଭ ହୋଇଥିବା ଉତ୍ସବ ଆସନ୍ତାକାଲି ପୂଜା ସହ ଆହୁରି ରଙ୍ଗୀନ ହେବ। ଗଣେଶ ପୂଜାକୁ ନେଇ ସହରବାସୀଙ୍କ ମଧ୍ୟରେ ମଧ୍ୟ ବେଶ୍ ଉତ୍ସାହ ଓ ଉଦ୍ଦୀପନା ପ୍ରକାଶ ପାଇଛି।

# ନୂତନ ବସ୍‌ଷ୍ଟାଣ୍ଡର ନର୍ଦ୍ଦମା ପାଣି ନିଷ୍କାସନ ପାଇଁ ଦାବିପତ୍ର

ପରଜଙ୍ଗ, ୧୩।୯ (ଅକ୍ଷର ଓଡ଼ିଶା): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ମୁଖ୍ୟ ବଜାର ନିକଟରେ ନୂତନ ଭାବେ କାର୍ଯ୍ୟକ୍ଷମ ହୋଇଥିବା ଅଟଳ ବସ୍‌ଷ୍ଟାଣ୍ଡରୁ ନିର୍ଗତ ଅପରିଷ୍କାର ପାଣି ନିଷ୍କାସନ ପାଇଁ ସୁବ୍ୟବସ୍ଥିତ ଡ୍ରେନେଜ ବ୍ୟବସ୍ଥା କରାଯାଇ ନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ବସ୍‌ଷ୍ଟାଣ୍ଡର ଅପରିଷ୍କାର ପାଣି ବଜାର ଦେଇ ଯାଇଥିବା ଡ୍ରେନ୍‌ରେ ଛାଡ଼ି ଦିଆଯାଉଥିବାରୁ ଏହା ଗ୍ରାମ୍ୟ ଖଣ୍ଡିଆବନ୍ଧା ପୋଖରୀରେ ମିଶୁଥିବା ଅଭିଯୋଗ ହୋଇଛି ।ଏହାଦ୍ୱାରା ପୋଖରୀ ପାଣି ପ୍ରଦୂଷିତ ହେବା ସହ ମାଛ ମରୁଥିବା ଏବଂ ପୋଖରୀ ପାଣି ବ୍ୟବହାର କରୁଥିବା ଲୋକେ ବିଭିନ୍ନ ରୋଗରେ ପଡୁଥିବା ପରଜଙ୍ଗ ଗ୍ରାମ୍ୟ କମିଟି ପକ୍ଷରୁ ଅଭିଯୋଗ କରାଯାଇଛି। ପୂର୍ବରୁ ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱରେ ଅଧାପନ୍ତରିଆ ଭାବେ ନିର୍ମିତ ଡ୍ରେନ୍‌ରେ ଏହି ପାଣି ଛଡ଼ାଯାଉଥିବାରୁ ସମସ୍ୟା ଆହୁରି ବଢ଼ିଛି ।ଏହାର ସ୍ଥାୟୀ ସମାଧାନ ପାଇଁ ଗ୍ରାମ୍ୟ କମିଟି ପକ୍ଷରୁ ଓଏସ୍‌ଆର୍‌ଟିସିର ଜିଲ୍ଲା ମୁଖ୍ୟ ପ୍ରବନ୍ଧକଙ୍କ ନିକଟକୁ ଲକ୍ଷ୍ମୀ ବସ୍‌ର ସୁପରଭାଇଜର କଳ୍ପନା ମହାପାତ୍ରଙ୍କ ଜରିଆରେ ଏକ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି। ବସ୍‌ଷ୍ଟାଣ୍ଡର ଅପରିଷ୍କାର ପାଣି ପୋଖରୀରେ ନମିଶିବା ଭଳି ସ୍ୱତନ୍ତ୍ର ଡ୍ରେନେଜ ବ୍ୟବସ୍ଥା କରିବାକୁ କମିଟି ଦାବି କରିଛି। ତୁରନ୍ତ ସ୍ଥାୟୀ ସମାଧାନ କରା ନଗଲେ ଆନ୍ଦୋଳନକୁ ଓହ୍ଲାଇବାକୁ କମିଟି ଚେତାବନୀ ଦେଇଛି ।ଗ୍ରାମ କମିଟି ସଭାପତି ସୁବ୍ରତ କୁମାର ପରିଡ଼ା, ସନ୍ତୋଷ କୁମାର ସାମଲ, କେଶବ ରାଉତ, ପ୍ରଭାତ ତ୍ରିପାଠୀ, ଗଜେନ୍ଦ୍ର ଦାଳବେହେରା ଓ ପ୍ରମୁଖ ଉପସ୍ଥିତ ଥିଲେ।

# କାମାକ୍ଷାନଗରର ଗଣପର୍ବ ଦଶହରା ପାଇଁ ମାଟି ଅନୁକୂଳ

## ହିନ୍ଦୁ ମୁସଲିମ ଭାଇଚାରା ମଧ୍ୟରେ ୬୯ବର୍ଷ ରେ ପହଁଚିଛି ତରୁଣ ବଜାର ପୂଜା ପ୍ରତିଷ୍ଠାନ



କାମାକ୍ଷାନଗର, ୧୩/୯(ସୁମନ୍ତ ଜେନା) କାମାକ୍ଷାନଗର ର ଗଣପର୍ବ ଦଶହରା କୁ ଆଉ ମାତ୍ର ମାସେ ବାକିଥିବା ବେଳେ ଏହାକୁ ନେଇ ଚଳଚଞ୍ଚଳ ହୋଇଛନ୍ତି ସହର ର ବିଭିନ୍ନ ପୂଜା ପ୍ରତିଷ୍ଠାନ । ଦୁର୍ଗାପୂଜା ନିମନ୍ତେ ମା ଙ୍କ ମୃର୍ଣ୍ମୟୀ ମୂର୍ତ୍ତି ନିର୍ମାଣ ପାଇଁ ଆଜି ମାଟି ଅନୁକୂଳ ହୋଇଛି ।ସହର ର ବହୁ ପୁରାତନ ତରୁଣବଜାର ତରଫରୁ ଆଜି ସ୍ଥାନୀୟ ରେକୁଳା ନିକଟରେ ମାଟି ଅନୁକୂଳ କରାଯାଇଛି । ଦୀର୍ଘ ୬୯ ବର୍ଷ ଧରି ତରୁଣବଜାର ପୂଜା ପ୍ରତିଷ୍ଠାନ ଦୁର୍ଗାପୂଜା ପାଳନ କରି ଆସୁଥିବା ବେଳେ ସହର ର ଏକମାତ୍ର ପୂଜା ଅନୁଷ୍ଠାନ ଭାବେ ହିନ୍ଦୁ, ମୁସଲିମ ଙ୍କ ମଧ୍ୟରେ ଭାଇଚାରା ନେଇ ପୂଜା ଅନୁଷ୍ଠିତ ହୋଇ ଆସୁଛି । ତରୁଣ ବଜାର ରେ ବହୁ ସଂଖ୍ୟାରେ ମୁସଲିମ ସମ୍ପ୍ରଦାୟ ର ବ୍ୟକ୍ତି ବ୍ୟବସାୟୀ ଭାବେ ରହିଥିବା ବେଳେ ମା ଙ୍କ ମାଟିଅନୁକୂଳ କାର୍ଯ୍ୟକ୍ରମ ରେ ସମସ୍ତେ ଭାଇଚାରା ର ସହ ପୂଜା କରିଥାନ୍ତି । ଦୀର୍ଘ ବର୍ଷ ଧରି ଭାଇଚାରା ମଧ୍ୟରେ ତରୁଣବଜାର ରେ ମା ଦୁର୍ଗା ଙ୍କ ପୂଜା ଅନୁଷ୍ଠିତ ହେଉଥିବା ବେଳେ ମାଟି ଅନୁକୂଳ କୁ ନେଇ କାମାକ୍ଷାନଗର ସହର ରେ ପାର୍ବଣ ର ମାହୋଲ ସୃଷ୍ଟି ହୋଇଛି ।

# ଗଣେଶ ପୂଜା ପୂର୍ବରୁ ଭୁବନରେ ପୁଲିସର ଫ୍ଲାଗ୍ ମାର୍ଚ୍ଚ



ଭୁବନ ୧୩/୦୯ (ନନ୍ଦ କିଶୋର ନାଏକ) : ଗଣେଶ ପୂଜାକୁ ଶାନ୍ତି, ଶୃଙ୍ଖଳା ଓ ସୁରକ୍ଷିତ ପରିବେଶରେ ପାଳନ ପାଇଁ ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ପକ୍ଷରୁ ଆଜି ଫ୍ଲାଗ୍ ମାର୍ଚ୍ଚ କରାଯାଇଛି । ଭୁବନ ସହରର ବିଭିନ୍ନ ଅଞ୍ଚଳରେ ପୁଲିସ କର୍ମଚାରୀମାନେ ଫ୍ଲାଗ୍ ମାର୍ଚ୍ଚ କରି ଆଇନଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରିଥିଲେ । ଭୁବନ ଥାନାର ଭାରପ୍ରାପ୍ତ ନିରୀକ୍ଷକ ରେଣୁବାଳା ସାହୁଙ୍କ ନେତୃତ୍ୱରେ ଏହି ଫ୍ଲାଗ୍ ମାର୍ଚ୍ଚ ଅନୁଷ୍ଠିତ ହୋଇଥିଲା । ପୂଜା ସମୟରେ ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ୍ ବ୍ୟବସ୍ଥା, ସାଧାରଣ ଲୋକଙ୍କ ସୁରକ୍ଷା ଏବଂ ଶାନ୍ତିଶୃଙ୍ଖଳା ବଜାୟ ରଖିବା ନେଇ ପୁଲିସ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି । ଗଣେଶ ପୂଜା ଅବସରରେ ସହରର ବିଭିନ୍ନ ପୂଜାମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ବୃଦ୍ଧି ପାଇବା ସମ୍ଭାବନା ଥିବାରୁ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଉଛି । ଫ୍ଲାଗ୍ ମାର୍ଚ୍ଚ ମାଧ୍ୟମରେ ପୁଲିସର ସୁରକ୍ଷା ପ୍ରସ୍ତୁତି ଓ ସତର୍କତାର ବାର୍ତ୍ତା ସାଧାରଣ ଲୋକଙ୍କ ନିକଟରେ ପହଞ୍ଚିଛି । ଗଣେଶ ପୂଜାକୁ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରିବା ସହ ଆଇନଶୃଙ୍ଖଳା ରକ୍ଷାରେ ପୁଲିସକୁ ସହଯୋଗ କରିବାକୁ ଭୁବନ ଥାନା ପକ୍ଷରୁ ସାଧାରଣ ଲୋକଙ୍କୁ ଆହ୍ୱାନ କରାଯାଇଛି ।

# ଚେକା ପୋଖରୀରେ ବୁଡ଼ି ବୃଦ୍ଧା ମୃତ

ପରଜଙ୍ଗ, ୧୩।୯(ଅକ୍ଷର ଓଡ଼ିଶା):ପୋଖରୀରେ ଗାଧୋଇବାକୁ ଯାଇ ଅଘଟଣ । ପାଣିରେ ବୁଡ଼ି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି ।ପରଜଙ୍ଗ ବ୍ଲକ ଜୟପୁରାକାଟେଣୀ ଗାଁରେ ଘଟିଛି ଏଭଳି ଅଘଟଣ ମୃତ ବୃଦ୍ଧା ହେଲେ ଜୟପୁରାକାଟେଣୀ ଗାଁର ନିରାଶ ପରିଡ଼ା (୭୦) ରବିବାର ସକାଳେ ଗାଁ ନିକଟ ଚେକା ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ । ହେଲେ ଦୀର୍ଘ ସମୟ ପରେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି ଆରମ୍ଭ କରିଥିଲେ ।ପରେ ସେ ପୋଖରୀରେ ବୁଡ଼ି ଯାଇଥିବା ଜଣାପଡ଼ିଥିଲା । ଖବର ପାଇ କାମାକ୍ଷାନଗର ଅଗ୍ନିଶମ ବାହିନୀ ଓ ପୋଲିସ ପହଞ୍ଚି ପୋଖରୀରୁ ତାଙ୍କୁ ଉଦ୍ଧାର କରିଥିଲେ । ତେବେ ତାଙ୍କର ମୃତ୍ୟୁ ହୋଇସାରିଥିଲା । ଘଟଣାକୁ ନେଇ ଗାଁରେ ଶୋକର ଛାୟା ଖେଳିଯାଇଛି ।

# ବାଘାଯତୀନ ସ୍ମୃତି ପରିଷଦ ତରଫରୁ ଦ୍ୱାଦଶ ବର୍ଷ ସାଇକେଲ ଶୋଭାଯାତ୍ରା

କାମାକ୍ଷାନଗର, ୧୩/୯(ସୁମନ୍ତ ଜେନା) ବାଘାଯତୀନ ସ୍ମୃତି ପରିଷଦ ତରଫରୁ ଦ୍ୱାଦଶବର୍ଷ ସାଇକେଲ ଶୋଭାଯାତ୍ରା ବାଘାଯତୀନ ଙ୍କ ଜନ୍ମତିଥି ଠାରୁ ଆରମ୍ଭ ହୋଇଛି । ଚଳିତ ବର୍ଷ ରାଜ୍ୟ ରେ ଥିବା ବିଭିନ୍ନ ସହିଦ ଙ୍କ ଜନ୍ମଭୂମି ରେ ପହଞ୍ଚିା ସହ ବାଲେଶ୍ୱର ଜିଲ୍ଲା ବାଲିଆପାଳ ଅଞ୍ଚଳ ରେ ଥିବା ବିଭିନ୍ନ ସମସ୍ୟା କୁ ମୁଖ୍ୟମନ୍ତ୍ରୀ ଙ୍କ ନିକଟରେ ଦାବି ଜଣାଇବା ଉଦେଶ୍ୟ ରେ ଏହି ସାଇକେଲ ଶୋଭାଯାତ୍ରା ଆରମ୍ଭ ହୋଇଛି । ଆଜି ଏହି ଶୋଭାଯାତ୍ରା କାମାକ୍ଷାନଗର ସହର ରେ ପହଞ୍ଚିଥିବା ବେଳେ ସମସ୍ତ ସାଇକେଲ ଶୋଭାଯାତ୍ରା ର ସଦସ୍ୟ ମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ସହର ର କଳ୍ପନାକ୍ଲବ ଠାରେ ଯୁବ ସଂଗଠକ ସରୋଜକାନ୍ତ ବେହେରା ଙ୍କ ନେତୃତ୍ୱ ରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି ।ଏହି ଶୋଭାଯାତ୍ରା ବାଘାଯତୀନ ଙ୍କ ଜନ୍ମପୀଠ ରୁ ବାହାରି ବିଭିନ୍ନ ଜିଲ୍ଲା ପରିକ୍ରମା କରି ବହୁ ସହିଦଙ୍କ ଜନ୍ମଭୂମି ରେ ପହଞ୍ଚିଥିବା ବେଳେ ପୁରୀ ରେ ଏହା ଉଦଯାପିତ ହେବ । ପରେ ବାଘାଯତୀନ ସ୍ମୃତିପରିଷଦ ତରଫରୁ ସୁବର୍ଣ୍ଣରେଖା ନଦୀ



ରେ ସ୍ଥାୟୀ ନଦୀବନ୍ଧ ନିର୍ମାଣ,ସ୍ୱାସ୍ଥ୍ୟପାଇଁ ଯୋଗ, ପରିବେଶ ପାଇଁ ବୃକ୍ଷ,ମୃତ୍ତିକା ପାଇଁ ଜୈବସାର ଓ ସ୍ୱାବଲମ୍ବନ ପାଇଁ ସ୍ୱଦେଶୀ ଇତ୍ୟାଦି ଦାବି ରେ ମୁଖ୍ୟମନ୍ତ୍ରୀ ଙ୍କୁ ଦାବି ଜଣାଇବାର କାର୍ଯ୍ୟକ୍ରମ ରହିଛି ।

# ରୁଙ୍ଗଟା ମାଇନ୍ସରୁ ୪୦ଲକ୍ଷ ପିଗ-ଆଇରନ ଚୋରି କମ୍ପାନୀ ମାମଲାରେ ମୁଖ୍ୟ ଅଭିଯୁକ୍ତ ଗିରଫ

ଖଜୁରିଆକଟା ୧୩/୯(ନୀଳକଣ୍ଠ ଦାସ)ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନମଣ୍ଡଳୀ ନିମବହାଲି ଝାଡ଼ବନ୍ଧ ସ୍ଥିତ ରୁଙ୍ଗଟା ମାଇନ୍ସ ରୁ ୪୦ଲକ୍ଷ ଟଙ୍କାର ପିଗ ଆଇରନ ଚୋରି ମାମଲାରେ ଦୁର୍ଦ୍ଧାନ୍ତ ଆନ୍ତଃରାଜ୍ୟ ଆଇରନ ମାଫିଆକୁ ପୋଲିସ ଗିରଫ କରିବାସହ ଦୁଇଟି ଟ୍ରଲର ଜବତ କରିଛି ।ହିନ୍ଦୋଳ ଉପଖଣ୍ଡ ବାଲିମି ଥାନା ଅନ୍ତର୍ଗତ ଝାଡ଼ବନ୍ଧ ସ୍ଥିତ ରୁଙ୍ଗଟା ମାଇନ୍ସ କମ୍ପାନୀରୁ ପିଗ ଆଇରନ ଚୋରି ହୋଇଥିବା ନେଇ ରୁଙ୍ଗଟା ମାଇନ୍ସ ଲିମିଟେଡ଼ ଆଡିଶନାଲ ଜିଏମ ସିକ୍ୟୁରିଟି ତରୁଣ ଦୁବେ ବାଲିମି ଥାନାରେ ଗତ ୯/୯/୨୦୨୬ରେ ଏତଲା ଦେବାପରେ ବାଲିମି ଥାନା ରେ ର ମାମଲା ରୁଜୁ ହୋଇ ମୁଖ୍ୟଅଭିଯୁକ୍ତ ଦୁର୍ଦ୍ଧାନ୍ତ ଆନ୍ତଃରାଜ୍ୟ ଆଇରନ ମାଫିଆ ନୟାପଲ୍ଲୀର ରଶ୍ମିରଂଜନ ଭୂୟାଁଙ୍କୁ ପୁରୀରୁ ବାଲିମି ପୋଲିସ ଗିରଫ କରିବାସହ ଦୁଇଟି ଟ୍ରଲର ଏବଂ ନମ୍ବର ଗାଡ଼ିକୁ ପ୍ରାୟ ୪୦ଲକ୍ଷ ଟଙ୍କାର ଆଇରନ ଚୋରି ପରିବହନରେ ବ୍ୟବହୃତ ପାଇଁ ଜବତ କରିଛି ।ତେବେ ବାଲିମି ପୋଲିସ ତଦନ୍ତ ଜାରି



ରଖିଥିବାବେଳେ ଏହି ହାଇପ୍ରୋଫାଇଲ ଆଇରନ ଡକାୟତି ମାମଲାରେ ଡ୍ରାଇଭର ଧନୁ ନାଏକ ଗୁଣ୍ଡୁ ପ୍ରତାପ ସିଂ, ବରପାଳର ବାବୁଲ ବେହେରା, ଖୁଣ୍ଟୁଣୀର ବିଶାଳ ରାଉତ ଓ ଜରପଡାର ସୁଶାନ୍ତ ସାହୁ(ଛୁଟି) ଙ୍କୁ ଧରିବାକୁ ଏବଂ ଚୋରି ଆଇରନ ଜବତ କରିବାକୁ ଜୋରଦାର ଉଦ୍ୟମ କରୁଥିବା ଜଣାପଡିଛି । ତେବେ ଏହି ହାଇପ୍ରୋଫାଇଲ ଆନ୍ତଃରାଜ୍ୟ ଆଇରନ ଡକାୟତି ଘଟଣା ଢେଙ୍କାନାଳ ଜିଲ୍ଲା ତଥା ଓଡିଶାରେ ଚାଞ୍ଚଲ୍ୟ ଖେଳାଇଦେଇଛି ।

# ବିଦେଶୀ ମଦ ଦୋକାନରେ ମନମାନି

# ଧାର୍ଯ୍ୟ ଦରଠାରୁ ବୋତଲ ପିଛା ୨୦ ଟଙ୍କା ଅଧିକ ଆଦାୟ, ବଢୁଛି ଅସନ୍ତୋଷ

ପରଜଙ୍ଗ, ୧୩।୯ (ଅକ୍ଷର ଓଡ଼ିଶା): ଢେଙ୍କାନାଳ ଜିଲା ପରଜଙ୍ଗ ବଜାରରୁ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତା କଡ଼ରେ ଥିବା ବିଦେଶୀ ମଦ ଦୋକାନରେ ଧାର୍ଯ୍ୟ ଦରଠାରୁ ଅଧିକ ଟଙ୍କା ଆଦାୟ ନେଇ ଅସନ୍ତୋଷ ବଢୁଛି। ବିଭିନ୍ନ କିସମର ମଦ ବୋତଲରେ ଉଲ୍ଲେଖ ଥିବା ଧାର୍ଯ୍ୟ ମୂଲ୍ୟଠାରୁ ବୋତଲ ପିଛା ୨୦ ଟଙ୍କା ଅଧିକ ଦାବି କରାଯାଉଥିବା ଗ୍ରାହକମାନେ ଅଭିଯୋଗ କରିଛନ୍ତି ।ଅଧିକ ଟଙ୍କା ଦେବାକୁ ଗ୍ରାହକ ରାଜି ନ ହେଲେ ଦୋକାନ କର୍ମଚାରୀ ମଦ ଦେବାକୁ ମନା କରୁଥିବା ଅଭିଯୋଗ ହେଉଛି। ଏହାକୁ ନେଇ ବିଭିନ୍ନ ସମୟରେ ଦୋକାନରେ ପାଟିତୁଣ୍ଡ ଓ ଭଙ୍ଗାରୁଜା ଭଳି ପରିସ୍ଥିତି ସୃଷ୍ଟି ହେଉଛି। ଘଟଣା ସମୟରେ ଦୋକାନୀ ପକ୍ଷରୁ ପୁଲିସକୁ ଡକାଯାଇ ଗ୍ରାହକଙ୍କୁ ଭୟଭୀତ କରାଯିବା ସହ ଥାନାକୁ ନିଆଯାଉଥିବା ଅଭିଯୋଗ ହୋଇଛି। ତେବେ ଅଧିକ ଦରରେ ମଦ ବିକ୍ରିକୁ ନେଇ ଉଠୁଥିବା ବିବାଦର ମୂଳ କାରଣ ପ୍ରତି ପୁଲିସ ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି ।ଏ ସମ୍ପର୍କରେ ମଦ ଦୋକାନ କର୍ମଚାରୀ ମନୁ ଶର୍ମା କହିଛନ୍ତି, ଦୋକାନ ଭଡ଼ା, ବିଭିନ୍ନ ଅଧିକାରୀଙ୍କ ମାସିକିଆ ଖର୍ଚ୍ଚ ଏବଂ ପରିବହନ ସମୟରେ ମଦ ବୋତଲ ଭାଙ୍ଗିଯାଉଥିବାରୁ ତାହାର ଭରଣା ପାଇଁ ବୋତଲ ପିଛା ୨୦ ଟଙ୍କା ଅଧିକ ନିଆଯାଉଛି ।ଅନ୍ୟପକ୍ଷରେ, ଉକ୍ତ ଦୋକାନଟି ଠିପିବନ୍ଦ ବିଦେଶୀ ମଦ ଦୋକାନ ହୋଇଥିବା ବେଳେ ଏହାକୁ ଲାଗି ଚାଖଣା ଦୋକାନ ଚାଲିଛି। ଫଳରେ ରାସ୍ତାକଡ଼ରେ ଖୋଲାଖୋଲି ମଦ୍ୟପାନ କରାଯାଉଥିବା ଅଭିଯୋଗ ହେଉଛି। ମଦ୍ୟପମାନେ ରାସ୍ତାରେ ଯାଉଥିବା ଲୋକଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ବିଭିନ୍ନ ସମୟରେ ଗଣ୍ଡଗୋଳ ଘଟୁଥିବା ଅଭିଯୋଗ ହୋଇଛି। ନିକଟରେ ଚାଖଣା ଦୋକାନରେ ଜଣେ ଗ୍ରାହକଙ୍କୁ ବୋତଲରେ ଆକ୍ରମଣ ଏବଂ ଦୁଇଜଣ ଦୁର୍ଦ୍ଦାନ୍ତ ଅପରାଧୀ ଚାଖଣା ଦୋକାନୀଙ୍କ ସହ ପାଟିତୁଣ୍ଡ କରିବା ପରେ ବନ୍ଧୁକ ଦେଖାଇ ଦୋକାନରେ ଭଙ୍ଗାରୁଜା କରିଥିବା ଭଳି ଘଟଣା ଘଟିଥିବା ଜଣାପଡ଼ିଛି। ଏହି ଘଟଣାରେ ପୁଲିସ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟଜଣ ଫେରାର ଥିବା କୁହାଯାଇଛି ।ଏତେସବୁ ଘଟଣା ପରେ ମଧ୍ୟ ମଦ ଦୋକାନ ନିକଟରୁ ଚାଖଣା ଦୋକାନ ହଟାଯାଉ ନାହିଁ। ଠିପିବନ୍ଦ ଦୋକାନ ନିକଟରେ ଖୋଲାଖୋଲି ମଦ୍ୟପାନ ଚାଲୁଥିବା ଅଭିଯୋଗ ସତ୍ତ୍ୱେ ପୁଲିସ ଓ ଅବକାରୀ ବିଭାଗ ନିରବ ରହିଥିବା ଅଭିଯୋଗ ହୋଇଛି ।ଏ ସମ୍ପର୍କରେ ପରଜଙ୍ଗ ଅବକାରୀ ଅଧିକାରୀ ବାସନ୍ତୀ ବାକ୍ଲି କହିଛନ୍ତି, ଧାର୍ଯ୍ୟ ଦରଠାରୁ ଅଧିକ ଦାମରେ ମଦ ବିକ୍ରି ନେଇ ବାରମ୍ବାର ଅଭିଯୋଗ ଆସିଛି। ତେବେ ଦୋକାନ କର୍ମଚାରୀମାନେ ତାଙ୍କ କଥା ଶୁଣୁନଥିବା ଏବଂ ନିକଟରେ ଠିପି ଖୋଲା ମଦ ବ୍ୟବସାୟ ସହ ଚାଖଣା ଦୋକାନ ଚାଲୁଥିବା ନେଇ ବିଭାଗ ଅସହାୟ ଥିବା ସେ କହିଥିବା ଜଣାପଡ଼ିଛି ।ଏହି ଘଟଣା ପ୍ରତି ଢେଙ୍କାନାଳ ଏସ୍ ?ପି ଓ ଜିଲା ଅବକାରୀ ଅଧୀକ୍ଷକ ଦୃଷ୍ଟି ଦେଇ ଧାର୍ଯ୍ୟ ଦରରେ ମଦ ବିକ୍ରି ସୁନିଶ୍ଚିତ କରିବା ସହ ନିୟମ ଉଲ୍ଲଂଘନ ଓ ଖୋଲାଖୋଲି ମଦ୍ୟପାନ ବିରୋଧରେ ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।




ଚୌଧୁରୀ ରମାକାନ୍ତ ଦାସ
ମୁଖ୍ୟ ସମ୍ପାଦକ, ଅକ୍ଷର ଓଡ଼ିଶା
ଅବସରପ୍ରାପ୍ତ ଯୁଗ୍ମ ସଚିବ
ରାଜ୍ୟସଭା, ସଂସଦ ଭବନ
ନୂଆଦିଲ୍ଲୀ - ୧୧୦୦୦୧


## ମୁଖ୍ୟ ସମ୍ପାଦକଙ୍କ କଲମରୁ

# ନିବେଶର ନୂଆ ଦିଗନ୍ତ

ମୋହନ ମାଝୀଙ୍କ ନେତୃତ୍ୱରେ ବିଶ୍ୱ ମାନଚିତ୍ରରେ ନୂଆ ଓଡ଼ିଶା। ଓଡ଼ିଶାର ଶିଳ୍ପ ଓ ଅର୍ଥନୈତିକ ଭବିଷ୍ୟତ ପାଇଁ କେବଳ ଘୋଷଣା ନୁହେଁ, ବରଂ ବିଶ୍ୱ ନିବେଶକଙ୍କ ଦ୍ୱାରକୁ ଯାଇ ରାଜ୍ୟର ସମ୍ଭାବନାକୁ ଉପସ୍ଥାପନ କରିବା ଆଜିର ଆବଶ୍ୟକତା। ଏହି ଦୃଷ୍ଟିକୋଣକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ୟୁଏଇରେ ଶେଷ ହୋଇଥିବା ତିନିଦିନିଆ ନିବେଶ ଅଭିଯାନ ଓଡ଼ିଶାର ଅର୍ଥନୈତିକ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ସଙ୍କେତ ଦେଇଛି। ଦୁବାଇ ଓ ଆବୁଧାବୀରେ ଆୟୋଜିତ ବୈଠକ, ନିବେଶକ ସମ୍ମିଳନୀ, ଏକକ ବୈଠକ ଓ ଆଲୋଚନା ମାଧ୍ୟମରେ ଓଡ଼ିଶା ପ୍ରାୟ ୨ ଲକ୍ଷ ୪୩ ହଜାର ୧୬୨ କୋଟି ଟଙ୍କାର ପ୍ରସ୍ତାବିତ ନିବେଶ ଏବଂ ୬ ଲକ୍ଷ ୧୮ ହଜାର ୭୨୫ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତିର ସମ୍ଭାବନା ସୃଷ୍ଟି କରିଥିବା ସୂଚନା ଆଶା ସୃଷ୍ଟି କରିଛି। ଏହି ସଂଖ୍ୟାଗୁଡ଼ିକ ନିଶ୍ଚିତ ନିବେଶର ପରିଣାମ ନୁହେଁ, ବରଂ ଭବିଷ୍ୟତ ପ୍ରକଳ୍ପର ସମ୍ଭାବନାଁ ତେଣୁ ଏହାର ପରବର୍ତ୍ତୀ ପରୀକ୍ଷା ହେବ ଏହି ପ୍ରସ୍ତାବଗୁଡ଼ିକ କେତେ ଶୀଘ୍ର ଭୂମିରେ ପ୍ରକଳ୍ପର ରୂପ ନେଉଛି। ଏହିଠାରେ ହିଁ ମୋହନ ମାଝୀଙ୍କ ନେତୃତ୍ୱର ଆସଲ ପରୀକ୍ଷା ଏବଂ ସୁଯୋଗ ଉଭୟ ରହିଛି। ମୁଖ୍ୟମନ୍ତ୍ରୀ ବିଦେଶ ଯାଇ କେବଳ ନିବେଶକଙ୍କୁ ଓଡ଼ିଶାର ସମ୍ପଦ ବିଷୟରେ କହିନାହାନ୍ତିଁ ସେ ଓଡ଼ିଶାକୁ ଭାରତର ଆଗାମୀ ଉତ୍ପାଦନ ଓ ପୁଞ୍ଜିନିବେଶର ଏକ ପ୍ରମୁଖ ଗନ୍ତବ୍ୟ ଭାବେ ପ୍ରତିଷ୍ଠା କରିବାର ଚେଷ୍ଟା କରିଛନ୍ତି। ଏହି ପରିବର୍ତ୍ତନର ଅର୍ଥ ଗଭୀର। ଦୀର୍ଘଦିନ ଧରି ଓଡ଼ିଶାକୁ ଖଣିଜ ସମ୍ପଦର ରାଜ୍ୟ ଭାବେ ଦେଖାଯାଉଥିଲା। ଏବେ ଲକ୍ଷ୍ୟ ହେବା ଉଚିତ ଖଣିଜରୁ ମୂଲ୍ୟଯୁକ୍ତ ଉତ୍ପାଦ, କଞ୍ଚାମାଲରୁ ଉଚ୍ଚମୂଲ୍ୟ ଶିଳ୍ପ, ସମ୍ପଦରୁ ନିଯୁକ୍ତି ଏବଂ ସ୍ଥାନୀୟ କ୍ଷମତାରୁ ବିଶ୍ୱ ବଜାର ପର୍ଯ୍ୟନ୍ତ ଯାତ୍ରା। ୟୁଏଇରେ ହୋଇଥିବା ଆଲୋଚନାରେ ଇସ୍ପାତ, ଆଲୁମିନିୟମ, ରାସାୟନିକ ଶିଳ୍ପ, ପେଟ୍ରୋରାସାୟନ, ସବୁଜ ଶକ୍ତି, ଦୁର୍ଲଭ ଖଣିଜ, ସୂଚନା ପ୍ରଯୁକ୍ତି, କୃତ୍ରିମ ବୁଦ୍ଧିମତ୍ତା, ତଥ୍ୟ କେନ୍ଦ୍ର, ଖାଦ୍ୟ ପ୍ରକ୍ରିୟାକରଣ, ଜାହାଜ ମରାମତି, ସାର, ଭିତ୍ତିଭୂମି, ପର୍ଯ୍ୟଟନ ଓ ପରିବହନ ଭଳି ବିଭିନ୍ନ କ୍ଷେତ୍ର ସାମିଲ ହୋଇଥିବାରୁ ଏହି ବିସ୍ତୃତ ଚିତ୍ରଟି ସ୍ପଷ୍ଟ ହେଉଛି। ଏହା ଓଡ଼ିଶାର ଶିଳ୍ପ ଚିନ୍ତାଧାରାରେ ଏକ ବଡ଼ ପରିବର୍ତ୍ତନର ସଙ୍କେତ। ଆଉ ଏକ ବିଶେଷ ଦିଗ ହେଉଛି ନିବେଶକଙ୍କ ସହିତ ସିଧାସଳଖ ଆଲୋଚନା। ୫୨ଟି ବ୍ୟବସାୟିକ ବୈଠକ, ୮ଟି ବୁଝାମଣାପତ୍ର ଏବଂ ୧୬ଟି ନିବେଶ ପ୍ରସ୍ତାବ ଓଡ଼ିଶାକୁ ନେଇ ଆନ୍ତର୍ଜାତିକ ବ୍ୟବସାୟୀ ମହଲର ଆଗ୍ରହକୁ ପ୍ରକାଶ କରୁଛି। ଏହି ଅଭିଯାନର ମୂଳ ଶକ୍ତି ହେଉଛି ରାଜ୍ୟର ପ୍ରାକୃତିକ ସମ୍ପଦ, ବନ୍ଦର, ଶିଳ୍ପ ଭିତ୍ତିଭୂମି, ଶକ୍ତି ଉପଲବ୍ଧତା, ମାନବ ସମ୍ପଦ ଏବଂ ଦେଶର ପୂର୍ବ ଉପକୂଳରେ ଓଡ଼ିଶାର ରଣନୈତିକ ଅବସ୍ଥାନ। କିନ୍ତୁ ଏହି ସମ୍ଭାବନାକୁ ସଫଳତାରେ ପରିଣତ କରିବା ପାଇଁ ପ୍ରଶାସନିକ ଗତି, ଜମି, ଅନୁମୋଦନ, ପରିବେଶୀୟ ସନ୍ତୁଳନ, ଦକ୍ଷ ମାନବ ସମ୍ପଦ ଓ ଆଇନଗତ ସ୍ୱଚ୍ଛତା ଅତ୍ୟନ୍ତ ଆବଶ୍ୟକ। ନିବେଶକଙ୍କୁ ଆଶ୍ୱାସନ ଦେବା ଯେତେ ଜରୁରୀ, ଆଶ୍ୱାସନକୁ ସମୟବଦ୍ଧ କାର୍ଯ୍ୟରେ ପରିଣତ କରିବା ତାହାଠାରୁ ଅଧିକ ଜରୁରୀ। ମୋହନ ମାଝୀ ସରକାର ପାଇଁ ଏହା ହେଉଛି ପରବର୍ତ୍ତୀ ବଡ଼ ପର୍ଯ୍ୟାୟ।

ଶିଳ୍ପ ଆସିଲେ କେବଳ କାରଖାନା ହୁଏ ନାହିଁଁ ତାହା ସହିତ ଆସେ ଛୋଟ ବ୍ୟବସାୟ, ପରିବହନ, ଆବାସ, ଖାଦ୍ୟ, ସେବା, ଦକ୍ଷତା ତାଲିମ ଏବଂ ହଜାର ହଜାର ପରିବାରର ଆୟର ସୁଯୋଗ। ସେଥିପାଇଁ ୬ ଲକ୍ଷରୁ ଅଧିକ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତିର ସମ୍ଭାବନା କେବଳ ଏକ ଆକର୍ଷଣୀୟ ସଂଖ୍ୟା ନୁହେଁ। ଏହା ଯୁବ ଓଡ଼ିଶାର ଆଶା ସହିତ ଜଡ଼ିତ। ନିର୍ମାଣ ପର୍ଯ୍ୟାୟର ସମ୍ଭାବ୍ୟ ନିଯୁକ୍ତିକୁ ମିଶାଇ ପ୍ରାୟ ୮ ଲକ୍ଷ ୯୫ ହଜାର ୭୨୫ ନିଯୁକ୍ତିର ସମ୍ଭାବନା ଦର୍ଶାଯାଇଥିବାରୁ ଏହାର ସାମାଜିକ ପ୍ରଭାବ ମଧ୍ୟ ବିଶାଳ ହୋଇପାରେ। ତେବେ ଏଠାରେ ସରକାରଙ୍କୁ ଏକ ସ୍ପଷ୍ଟ ନୀତି ରଖିବାକୁ ହେବନିବେଶ ଆସିବ, କିନ୍ତୁ ତାହାର ଲାଭ ଓଡ଼ିଶାର ଯୁବକ, ଛୋଟ ଉଦ୍ୟୋଗୀ, କୃଷକ ଏବଂ ସ୍ଥାନୀୟ ସମାଜ ପର୍ଯ୍ୟନ୍ତ ପହଞ୍ଚିବ। କେବଳ ବଡ଼ ପ୍ରକଳ୍ପ ନୁହେଁ, ସେଗୁଡ଼ିକୁ ଘେରି ଛୋଟ ଓ ମଧ୍ୟମ ଉଦ୍ୟୋଗର ଏକ ଦୃଢ଼ ପରିବେଶ ଗଢ଼ିବାକୁ ହେବ। ବିଶେଷକରି ଖାଦ୍ୟ ପ୍ରକ୍ରିୟାକରଣ ଓ ଜିଲ୍ଲାଭିତ୍ତିକ ସ୍ଥାନୀୟ ଉତ୍ପାଦ ପାଇଁ ଏହି ଅଭିଯାନ ନୂଆ ବଜାରର ଦ୍ୱାର ଖୋଲିପାରେ। ଓଡ଼ିଶାର ଗୋଟିଏ ଜିଲ୍ଲା, ଗୋଟିଏ ଉତ୍ପାଦ ଧାରଣାକୁ ବିଦେଶୀ ବଜାର ସହିତ ଯୋଡ଼ିବା ହେଲେ ଗ୍ରାମୀଣ ଉତ୍ପାଦନ ମଧ୍ୟ ବିଶ୍ୱ ଅର୍ଥନୀତିର ଅଂଶ ହୋଇପାରିବ। ୟୁଏଇରେ ପ୍ରବାସୀ ଓଡ଼ିଆଙ୍କ ସହିତ ମୁଖ୍ୟମନ୍ତ୍ରୀଙ୍କ ସାକ୍ଷାତ ମଧ୍ୟ ଏହି ଅଭିଯାନକୁ ଅର୍ଥନୈତିକତା ସହିତ ଭାବନାର ଏକ ସେତୁ ଦେଇଛି। ବିଦେଶରେ ରହୁଥିବା ଓଡ଼ିଆମାନେ କେବଳ ନିଜ ଜୀବିକା ପାଇଁ ନୁହେଁ, ନିଜ ମାଟିର ଉନ୍ନତି ପାଇଁ ମଧ୍ୟ ଭୂମିକା ନେଇପାରନ୍ତି। ନିବେଶ, ଜ୍ଞାନ, ପ୍ରଯୁକ୍ତି, ବଜାର ସଂଯୋଗ ଓ ସାଂସ୍କୃତିକ ପରିଚୟଏହି ପାଞ୍ଚଟିକୁ ଏକାଠି କରିପାରିଲେ ପ୍ରବାସୀ ଓଡ଼ିଆ ସମାଜ ରାଜ୍ୟର ଅର୍ଥନୈତିକ ଅଗ୍ରଗତିର ଏକ ଶକ୍ତିଶାଳୀ ସହଭାଗୀ ହୋଇପାରିବ। ମୋହନ ମାଝୀଙ୍କ ୟୁଏଇ ଅଭିଯାନର ସବୁଠାରୁ ବଡ଼ ରାଜନୈତିକ ଓ ପ୍ରଶାସନିକ ବାର୍ତ୍ତା ହେଉଛିଓଡ଼ିଶା ଏବେ ନିଜ ସମ୍ଭାବନାକୁ ନେଇ ଆତ୍ମବିଶ୍ୱାସୀ। ଏହି ଆତ୍ମବିଶ୍ୱାସକୁ ଏବେ ଫଳାଫଳରେ ପରିଣତ କରିବାକୁ ହେବ। ପ୍ରସ୍ତାବ କେତେ ଆସିଲା ତାହା ଇତିହାସର ଏକ ଅଧ୍ୟାୟ ହୋଇପାରେ, କିନ୍ତୁ କେତେ ପ୍ରକଳ୍ପ ଆରମ୍ଭ ହେଲା, କେତେ କାରଖାନା ଉତ୍ପାଦନ ଆରମ୍ଭ କଲା, କେତେ ଓଡ଼ିଆ ଯୁବକ ନିଯୁକ୍ତି ପାଇଲେ ଏବଂ କେତେ ସ୍ଥାନୀୟ ଉଦ୍ୟୋଗୀ ବଡ଼ ଯୋଗାଣ ଶୃଙ୍ଖଳାରେ ସାମିଲ ହେଲେଏହି ପରିଣାମ ହିଁ ସରକାରଙ୍କ ସଫଳତାର ପ୍ରକୃତ ମାପକ ହେବ। ମୋହନ ମାଝୀଙ୍କ ନେତୃତ୍ୱରେ ବିଦେଶୀ ମାଟିରେ ଓଡ଼ିଶାର ନିବେଶ ସମ୍ଭାବନାକୁ ଉପସ୍ଥାପନ କରିବା ଏକ ସକାରାତ୍ମକ ପଦକ୍ଷେପ। ଏବେ ଆବଶ୍ୟକ ହେଉଛି ସେହି ଗତିକୁ ଓଡ଼ିଶାର ମାଟିରେ ଅବିଚ୍ଛିନ୍ନ ରଖିବା। ଯଦି ପ୍ରସ୍ତାବଗୁଡ଼ିକ ଦ୍ରୁତ ଅନୁମୋଦନ, ସ୍ୱଚ୍ଛ ପ୍ରଶାସନ, ଦାୟିତ୍ୱଶୀଳ ଶିଳ୍ପ ନୀତି, ପରିବେଶ ସୁରକ୍ଷା, ସ୍ଥାନୀୟ ନିଯୁକ୍ତି ଓ ସମୟବଦ୍ଧ କାର୍ଯ୍ୟାନ୍ୱୟନ ସହିତ ଆଗକୁ ବଢ଼େ, ତେବେ ୟୁଏଇ ଯାତ୍ରା କେବଳ ଏକ ନିବେଶ ଅଭିଯାନ ହୋଇ ରହିବ ନାହିଁ। ଏହା ନୂଆ ଓଡ଼ିଶାର ଶିଳ୍ପ ଅଧ୍ୟାୟର ଏକ ଦୃଢ଼ ଆରମ୍ଭ ହୋଇପାରେ। ମୋହନ ମାଝୀଙ୍କ ସାମ୍ନାରେ ଏବେ ଚ୍ୟାଲେଞ୍ଜ ଏକବିଶ୍ୱରୁ ଆସିଥିବା ଆଗ୍ରହକୁ ଓଡ଼ିଶାର ଯୁବକଙ୍କ ହାତରେ ନିଯୁକ୍ତି, ଓଡ଼ିଶାର ଶିଳ୍ପୀଙ୍କ ହାତରେ ସୁଯୋଗ, ଓଡ଼ିଶାର ଉଦ୍ୟୋଗୀଙ୍କ ହାତରେ ବଜାର ଏବଂ ଓଡ଼ିଶାର ପରିବାରଙ୍କ ଜୀବନରେ ସମୃଦ୍ଧିରେ ପରିଣତ କରିବା। ସେହି ପରିଣତି ହିଁ ହେବ 'ନୂଆ ଓଡ଼ିଶା'ର ପ୍ରକୃତ ପରିଚୟ ଏବଂ ସେହି ପଥରେ ୟୁଏଇ ଅଭିଯାନ ଏକ ଆଶାଜନକ ପଦକ୍ଷେପ ଭାବେ ଇତିହାସରେ ସ୍ଥାନ ପାଇପାରେ।

# ଆଦ୍ୟ ପୂଜ୍ୟ ଶ୍ରୀ ଗଣେଶଙ୍କ ଅନନ୍ୟ ଅଷ୍ଟଅବତାର

ଯେଉଁଭଳି ଭାବରେ ଦୁଷ୍ଟ ରାକ୍ଷସ ମାନଙ୍କ ସଂହାର ପାଇଁ ଭଗବାନ ବିଷ୍ଣୁ ବିଭିନ୍ନ ଅବତାର ଗ୍ରହଣ କରି ମରିଉକୁ ଆସୁଥିଲେ ସେହିଭଳି ଆଦ୍ୟ ପୂଜ୍ୟ ଦେବତା ଶ୍ରୀଗଣେଶ ମଧ୍ୟ ବହୁବାର ଅବତାର ଗ୍ରହଣ କରିଛନ୍ତି ବୋଲି ଶାସ୍ତ୍ର ରେ ବର୍ଣ୍ଣିତ ହୋଇଛି। ପୌରାଣିକ କଥା ଅନୁସାରେ ତାରକାସୁରର ବଧ ଶ୍ରୀ ଗଣେଶଙ୍କ ବଡ଼ ଭାଇ କାର୍ତ୍ତିକେୟ କରିଥିଲେ । ଏହା ପରେ ଦୈତ୍ୟଗୁରୁ ଶୁକ୍ରାଚାର୍ଯ୍ୟଙ୍କ ସହାୟତାରେ ମହୋସୁର ନାମକ ଅସୁର ଦେବତା ମାନଙ୍କ ଉପରେ ଆକ୍ରମଣ କରିଦେଇଥିଲା। ଫଳରେ ସ୍ୱର୍ଗର ଦେବତାମାନେ ତ୍ରାହି ତ୍ରାହି ଡାକିଲେ। ଶେଷରେ ଏହି ରାକ୍ଷସ କବଳରୁ ରକ୍ଷା କରିବା ପାଇଁ ଦେବତା ମାନେ ଶ୍ରୀ ଗଣେଶଙ୍କ ନିକଟରେ ପ୍ରାର୍ଥନା କଲେ । ଫଳରେ ଶ୍ରୀ ଗଣେଶ ମହୋଦର ବା ପୃଥୁଳକାୟ ବପୁ ସହ ଅବତାର ଗ୍ରହଣ କରିଥିଲେ । ଏହି ସ୍ୱରୂପ ଦେଖିବା ପରେ ମୋହାସୁର ନିଜେ ନିଜେ ପରାଜୟ ସ୍ୱୀକାର କରିବା ସହ ମହୋଦର ଅର୍ଥାତ ଶ୍ରୀଗଣେଶଙ୍କ ଭକ୍ତ ହୋଇଯାଇଥିଲା । ଦ୍ ?ିତୀୟ ରେ ମତ୍ସ୍ୟାସୁର ନାମକ ଏକ ଅସୁର ପ୍ରଚଣ୍ଡ ଶିବ ଭକ୍ତ ଥିଲେ । ମହାଦେବଙ୍କୁ ନିଜ ତପସ୍ୟା ବଳରେ ପ୍ରସନ୍ନ କରି ସେ ଆଶୁତୋଷ ଶିବଙ୍କ ଠାରୁ ବିଶେଷ ବରପ୍ରାପ୍ତି ହୋଇଥିଲେ। ଶୁକ୍ରାଚାର୍ଯ୍ୟ ଙ୍କ ପରାମର୍ଶକ୍ରମେ ନିଜର ଦୁଇପୁତ୍ର ମହାପରାକ୍ରମି ସୁନ୍ଦରପ୍ରିୟ ଏବଂ ବିଷୟପ୍ରିୟ ଙ୍କ ସହ ମତ୍ସ୍ୟାସୁର ସ୍ୱର୍ଗଲୋକ ଉପରେ ଆକ୍ରମଣ କରିଥିଲେ । ଏହି ଆକ୍ରମଣରେ ଭୟଭୀତ ଦେବତାମାନେ ଶ୍ରୀଗଣେଶଙ୍କ ଶରଣ ପଶିବା ସହ ରକ୍ଷା କରିବା ପାଇଁ ପ୍ରାର୍ଥନା କରିବା ପରେ ଶ୍ରୀ ଗଣେଶ ବକ୍ରତୁଣ୍ଡ ରୂପ ଧାରଣ କରିଥିଲେ। ଏହି ସ୍ୱରୂପରେ ପ୍ରଭୁ ଶ୍ରୀଗଣେଶ ମତ୍ସ୍ୟାସୁର ର ଦୁଇ ପୁତ୍ର ଙ୍କୁ ବଧ କରିବା ସହ ମତ୍ସ୍ୟାସୁରଙ୍କୁ ପରାସ୍ତ କରିଥିଲେ। ତୃତୀୟ ରେ ମଦ ନାମକ



ଏକ ରାକ୍ଷସ ଦୈତ୍ୟ ଗୁରୁ ଶୁକ୍ରାଚାର୍ଯ୍ୟ ଙ୍କ ଦୀକ୍ଷା ଗ୍ରହଣ କରିଥିଲା । ଏହାପରେ ସେ ଦେବତାଙ୍କ ଉପରେ ଆକ୍ରମଣ କରିବା ଆରମ୍ଭ କରିଦେଇଥିଲା। ଦେବତାଙ୍କ ଆକୁଳ ପ୍ରାର୍ଥନାରେ ଶ୍ରୀଗଣେଶ ଏକଦନ୍ତ ରୂପ ଧାରଣ କରି ରାକ୍ଷସ ମଦର ବଧ କରିଥିଲେ । ଚତୁର୍ଥ ରେ କାମାସୁର ନାମକ ଏକ ଦୈତ୍ୟ ମହାଦେବଙ୍କୁ ପ୍ରସନ୍ନ କରି ତ୍ରିଲୋକ ବିଜୟୀ ହେବାର ବର ହାସଲ କରିଥିଲା ।ସେ ଦେବତା ମାନଙ୍କ ଉପରେ ଅତ୍ୟାଚାର ଆରମ୍ଭ କରି ଦେଇଥିଲା। ଦେବତା ମାନଙ୍କୁ କାମାସୁରର ଅତ୍ୟାଚାରରୁ ରକ୍ଷା କରିବା ପାଇଁ ପ୍ରଭୁ ଶ୍ରୀଗଣେଶ ବିକଟ ରୂପ ଧାରଣ କରିଥିଲେ । ଏହି ଅବତାରରେ ଶ୍ରୀଗଣେଶ ମୟୂର ପିଠିରେ ବସି କାମାସୁର ସହ ଯୁଦ୍ଧ କରି ତାର ବଧ କରିଥିଲେ । ପଞ୍ଚମ ରେ ଲୋଭାସୁର ନାମକ ଦୈତ୍ୟ ଶିବଙ୍କ ବରରେ ବଳିଆନ ହୋଇ ତ୍ରିଲୋକ କୁ ନିଜ ଅକ୍ତିଆରକୁ ନେଇ ଯାଇଥିଲା। ଲୋଭାସୁରକୁ ନିପାତ କରିବା ପାଇଁ ପ୍ରଭୁ ଶ୍ରୀଗଣେଶ ଙ୍କୁ ଗଜାନନ ବେଶ ଧାରଣ କରିବାକୁ ପଡିଥିଲା। ଏହି ସ୍ୱରୂପରେ ସେ ଲୋଭାସୁର ର ଅନ୍ତ କରିଥିଲେ । ଷଷ୍ଠ ରେ ସୂର୍ଯ୍ୟଦେବଙ୍କୁ ପ୍ରସନ୍ନ କରି କ୍ରୋଧାସୁର ନାମକ ଏକ ଦୈତ୍ୟ ସ୍ୱର୍ଗଲୋକ ଅଧିକାର କରିବା ସହ ଦେବତା ମାନଙ୍କୁ ନାନାଦି କଷ୍ଟ ଓ ଯାତନା ଦେଇଥିଲା । ଏହି କ୍ରୋଧାସୁର ର ଆତଙ୍କ କୁ ସମାପ୍ତ କରିବା ପାଇଁ ପ୍ରଭୁ ଶ୍ରୀ ଗଣେଶ ଲମ୍ବୋଦର ସ୍ୱରୂପ ଧାରଣ କରିଥିଲେ। ଶ୍ରୀ ଗଣେଶ ଙ୍କ ଲମ୍ବୋଦର ସ୍ୱରୂପ ଆଗରେ କ୍ରୋଧସୁର ଅଧିକ ସମୟ ତିଷ୍ଠି ପାରିନଥିଲା। ପ୍ରଭୁ ଶ୍ରୀ ଗଣେଶ ତାର ବଧ କରିଥିଲେ। ସପ୍ତମ ରେ ମମାସୁର ନାମକ ଏକ ଦୈତ୍ୟ ସବୁ ଦେବତାଙ୍କୁ ବନ୍ଦୀ କରିଦେଇଥିଲା। ପ୍ରଭୁ ଶ୍ରୀଗଣେଶ ଦେବତାଙ୍କ ଦୁଃଖ ସହି ନପାରି ବିଘ୍ନରାଜ ଅବତାର ଗ୍ରହଣ କରିବା ସହ ମମାସୁର କବଳରୁ ସମସ୍ତ ଦେବତାଙ୍କୁ ମୁକ୍ତ କରିଥିଲେ। ଅଷ୍ଟମ ରେ ଅହନ୍ତାସୁର ନାମକ ଅସୁର ର ଆତଙ୍କର ଅନ୍ତ ଘଟାଇବା ଲାଗି ପ୍ରଭୁ ଶ୍ରୀଗଣେଶ ଧୁମ୍ରବର୍ଣ୍ଣ ରୂପ ଧାରଣ କରିଥିଲେ ।ଏହି ଅବତାର ରେ ପ୍ରଭୁଙ୍କ ବର୍ଣ୍ଣ ଧୂଆଁ ଭଳି ହୋଇଥିଲା। ତେଣୁ ପ୍ରଭୁ ଶ୍ରୀ ଗଣେଶ ଙ୍କୁ ଧୁମ୍ରବର୍ଣ୍ଣ ବୋଲି ପୂଜା କରାଗଲା । ଏହି ଅବତାରରେ ସେ ଅହନ୍ତାସୁର ର ବଧ କରିଥିଲେ ।ଏହିପରି ଅଷ୍ଟରୂପ ଧାରଣ କରି ପ୍ରଭୁ ଶ୍ରୀ ଗଣେଶ ଅଷ୍ଟ ଅସୁରଙ୍କୁ ବଧ କରି ଦେବତା ମାନଙ୍କୁ ରକ୍ଷା କରିଥିବାରୁ ପ୍ରଭୁ ଶ୍ରୀ ଗଣେଶ ଙ୍କ ଅଷ୍ଟରୂପ କୁ ଗଣେଶ ଚତୁର୍ଥୀ ତିଥିରେ ପୂଜା କରାଯାଇ ଆସୁଛି। ଜୟ ଶ୍ରୀ ଆଦ୍ୟ ପୂଜ୍ୟ ଦେବତା ପ୍ରଭୁ ଶ୍ରୀ ଗଣେଶ।।




● ସନ୍ତୋଷ କୁମାର ଦାଶ
ତୁଳସୀପୁର, ପୁରୀ, ୯୪୩୭୩୬୧୮୮୮


# ବିଘ୍ନବିନାଶକଙ୍କ ଚରଣରେ ଭକ୍ତିପୂତ ପ୍ରଣାମ

ଭାରତୀୟ ପରମ୍ପରାରେ ପ୍ରତ୍ୟେକ ଶୁଭକାର୍ଯ୍ୟର ଆରମ୍ଭ ହୁଏ ଈଶ୍ୱରଙ୍କ ସ୍ମରଣରୁ। ଆଉ ଦେବତାଙ୍କ ଆରାଧନା ପୂର୍ବରୁ ଯେଉଁ ଦେବତାଙ୍କୁ ସର୍ବାଗ୍ରେ ପୂଜା କରାଯାଏ, ସେ ହେଉଛନ୍ତି ଶ୍ରୀଗଣନାଥ। ତେଣୁ ସେ 'ପ୍ରଥମପୂଜ୍ୟ', 'ବିଘ୍ନବିନାଶକ', 'ସିଦ୍ଧିଦାତା', 'ମଙ୍ଗଳମୂର୍ତ୍ତି' ଓ 'ବୁଦ୍ଧିଦାତା' ଭାବରେ ସମଗ୍ର ସମାଜରେ ପୂଜିତ।

ଶୁଭ କାର୍ଯ୍ୟର ପ୍ରଥମ ପଦକ୍ଷେପରେ ଗଣେଶଙ୍କୁ ସ୍ମରଣ କରିବା କେବଳ ଏକ ପରମ୍ପରା ନୁହେଁ। ଏହା ପଛରେ ରହିଛି ଗଭୀର ଆଧ୍ୟାତ୍ମିକ ଭାବନା। ମଣିଷ ଯେତେବେଳେ କୌଣସି ନୂଆ କାମ ଆରମ୍ଭ କରେ, ତା' ମନରେ ଥାଏ ଅନେକ ଆଶା, ଆକାଂକ୍ଷା ଓ ସଫଳତାର ସ୍ୱପ୍ନ। କିନ୍ତୁ ପଥରେ ଆସିପାରେ ଅନେକ ବାଧା। ସେହି ବାଧାକୁ ଦୂର କରି ଶୁଭପଥକୁ ପ୍ରଶସ୍ତ କରନ୍ତି ବିଘ୍ନବିନାଶକ ଶ୍ରୀଗଣେଶ, ଏହା ଭକ୍ତମାନଙ୍କର ଅଟଳ ବିଶ୍ୱାସ।

ପୁରାଣରେ ବର୍ଣ୍ଣିତ ଅଛି, ମାତା ପାର୍ବତୀ ନିଜ ଦେହର ମଳିରୁ ଏକ ବାଳକଙ୍କୁ ସୃଷ୍ଟି କରି ତାଙ୍କୁ ନିଜ ଦ୍ୱାରର ରକ୍ଷକ ଭାବେ ନିଯୁକ୍ତ କରିଥିଲେ। ମାତାଙ୍କ ଆଦେଶ ପାଳନ କରିବାକୁ ଯାଇ ସେ ବାଳକ ଭଗବାନ ଶିବଙ୍କୁ ମଧ୍ୟ ଭିତରକୁ ପ୍ରବେଶ କରିବାକୁ ଦେଇ ନଥିଲେ। ଏହାକୁ କେନ୍ଦ୍ର କରି ଘଟିଥିବା ଘଟଣାରେ ତାଙ୍କ ମୁଣ୍ଡ ଛେଦ ହୋଇଥିଲା। ପରେ ମାତା ପାର୍ବତୀଙ୍କ ଅନୁରୋଧରେ ଭଗବାନ ଶିବ ହାତୀର ମୁଣ୍ଡ ସ୍ଥାପନ କରି ତାଙ୍କୁ ପୁନର୍ଜୀବିତ କରିଥିଲେ।

ଏହି ବାଳକ ହିଁ ପରେ ହେଲେ ଗଣପତି, ଗଣନାଥ, ଗଜାନନ, ଏକଦନ୍ତ ଓ ବିଘ୍ନରାଜ। ଦେବତାମାନଙ୍କ ମଧ୍ୟରେ ସେ ସର୍ବପ୍ରଥମେ ପୂଜା ପାଇବେ ଏବଂ ତାଙ୍କ ପୂଜା ବିନା କୌଣସି ଶୁଭକାର୍ଯ୍ୟ ସମ୍ପୂର୍ଣ୍ଣ ହେବ ନାହିଁ ଏପରି ବର ମଧ୍ୟ ତାଙ୍କୁ ପ୍ରଦାନ କରାଯାଇଥିବା ପୁରାଣୀୟ ପରମ୍ପରାରେ ବର୍ଣ୍ଣିତ।



ଗଣନାଥଙ୍କ ପ୍ରତିମା କେବଳ ଏକ ଦେବତାଙ୍କ ମୂର୍ତ୍ତି ନୁହେଁଁ ଏହା ଜୀବନର ଅନେକ ମୂଲ୍ୟବୋଧର ପ୍ରତୀକ। ତାଙ୍କର ବିଶାଳ ହାତୀମୁଣ୍ଡ ବୁଦ୍ଧି, ଜ୍ଞାନ ଓ ଦୂରଦୃଷ୍ଟିର ପ୍ରତୀକ। ବଡ଼ କାନ ଆମକୁ ଅଧିକ ଶୁଣିବାର ଶିକ୍ଷା ଦିଏ। ଛୋଟ ଆଖି ଏକାଗ୍ରତାର ସନ୍ଦେଶ ଦିଏ। ତାଙ୍କର ବକ୍ର ଶୁଣ୍ଢ ବିବେକ ଓ ପରିସ୍ଥିତି ଅନୁସାରେ ନିଜକୁ ଖାପ ଖୁଆଇବାର ପ୍ରତୀକ ଅଟେ। ବିଶାଳ ଉଦର ଜୀବନର ଭଲମନ୍ଦ, ସୁଖଦୁଃଖକୁ ଧୈର୍ଯ୍ୟର ସହ ଗ୍ରହଣ କରିବାର ଶିକ୍ଷା ଦିଏ। ଏକଦନ୍ତ ମଧ୍ୟ ଏକ ଗଭୀର ବାର୍ତ୍ତା ବହନ କରେ ଜୀବନରେ ଭଲକୁ ଗ୍ରହଣ କରି ଅପ୍ରୟୋଜନୀୟ କୁ ତ୍ୟାଗ କରିବା। ଗଣେଶଙ୍କ ବାହନ ମୂଷିକ ମଧ୍ୟ ଏକ ପ୍ରତୀକ। ମଣିଷର ଅସୀମ ଇଚ୍ଛା ଓ ଚଞ୍ଚଳ ମନକୁ ନିୟନ୍ତ୍ରଣ କରି ବିବେକର ଅଧୀନରେ ରଖିବାର ସନ୍ଦେଶ ଏଥିରେ ଦେଖାଯାଏ।

ଗଣେଶ ପୂଜାରେ ଦୂବ ଘାସ ଅର୍ପଣର ଏକ ବିଶେଷ ମହତ୍ତ୍ୱ ରହିଛି। ସରଳ, ସବୁଜ ଓ ସହଜରେ ମିଳୁଥିବା ଦୂବଘାସ ଭକ୍ତିର ସରଳତାକୁ ପ୍ରକାଶ କରେ। ଏହା ଆମକୁ ମନେ ପକାଇଦିଏ ଯେ, ଈଶ୍ୱରଙ୍କ ନିକଟରେ ଆଡ଼ମ୍ବର ନୁହେଁ, ନିଷ୍କପଟ ଭକ୍ତି ହିଁ ପ୍ରଧାନ। ସେହିପରି ପ୍ରସାଦ ରୂପରେ ଲଡୁ ଭୋଗକୁ ଜ୍ଞାନ ଓ ଆଧ୍ୟାତ୍ମିକ ଆନନ୍ଦର ପ୍ରତୀକ ଭାବେ ଦେଖାଯାଏ। ଏହା ମଧ୍ୟ ଏକ ସୁନ୍ଦର ଜୀବନଦର୍ଶନ ଦିଏ। 'ପ୍ରଥମେ ଗଣେଶ'ଙ୍କୁ କାହିଁକି ପୂଜା କରାଯାଏ ? କାରଣ। ବିବାହ ହେଉ, ଗୃହପ୍ରବେଶ ହେଉ, ଯଜ୍ଞ ହେଉ, ପୂଜା ହେଉ, ନୂଆ ବ୍ୟବସାୟ ହେଉ କିମ୍ବା ନୂଆ ଶିକ୍ଷାର ଆରମ୍ଭ ସବୁଠି ପ୍ରଥମେ ଗଣେଶଙ୍କୁ ସ୍ମରଣ କରାଯାଏ। ତାର ଅର୍ଥ ଶୁଭକାର୍ଯ୍ୟର ଆରମ୍ଭରେ ମନକୁ ନିର୍ମଳ କରି, ଅହଂକାରକୁ ଦୂରେଇ, ଈଶ୍ୱରଙ୍କ ଆଶୀର୍ବାଦ ନେଇ ଆଗକୁ ବଢ଼ିବା ହେଉଛି ଆମ ସଂସ୍କୃତିର ମୂଳ ଭାବନା। ଗଣେଶଙ୍କ ପୂଜା ଆମକୁ କେବଳ 'ବିଘ୍ନ ଦୂର ହେଉ' ବୋଲି ପ୍ରାର୍ଥନା କରିବା ଶିଖାଏ ନାହିଁଁ ବରଂ ବିଘ୍ନକୁ ସାହସର ସହ ସାମ୍ନା କରିବା ପାଇଁ ବୁଦ୍ଧି, ବିବେକ ଓ ଧୈର୍ଯ୍ୟ ଲାଭ କରିବାକୁ ପ୍ରେରଣା ଦିଏ। ତେଣୁ ଗଣନାଥଙ୍କ ପୂଜାର ପ୍ରକୃତ ଅର୍ଥ ହେଉଛି ନିଜ ମନର ଅନ୍ଧକାରକୁ ଦୂର କରି ଜ୍ଞାନର ଆଲୋକ ଜାଳିବା। ନିଜ ଅହଂକାରକୁ ତ୍ୟାଗ କରି ନମ୍ରତାର ପଥରେ ଚାଲିବା। ଜୀବନର ପ୍ରତ୍ୟେକ କଠିନ ପଥରେ ଭଗବାନଙ୍କୁ ସ୍ମରଣ କରି ନିଷ୍ଠାର ସହ କର୍ମ କରିବା।

''ବକ୍ରତୁଣ୍ଡ ମହାକାୟ, ସୂର୍ଯ୍ୟକୋଟି ସମପ୍ରଭଃ।

ନିର୍ବିଘ୍ନଂ କୁରୁ ମେ ଦେବ, ଶୁଭକାର୍ଯ୍ୟେଷୁ ସର୍ବଦା ?''

ହେ ବକ୍ରତୁଣ୍ଡ ମହାକାୟ ! ହେ କୋଟି ସୂର୍ଯ୍ୟଙ୍କ ସମ ତେଜସ୍ୱୀ ପ୍ରଭୁ ! ଆମର ସମସ୍ତ ଶୁଭକାର୍ଯ୍ୟ ନିର୍ବିଘ୍ନରେ ସମ୍ପନ୍ନ ହେଉ। ଆମ ମନରୁ ଅଜ୍ଞାନ ଦୂର ହେଉ, ବୁଦ୍ଧି ଓ ବିବେକର ବିକାଶ ହେଉ ଏବଂ ଆପଣଙ୍କ ଆଶୀର୍ବାଦରେ ଆମ ଜୀବନ ମଙ୍ଗଳମୟ ହେଉ। ଶ୍ରୀ ଗଣେଶାୟ ନମଃ।


ସୁବ୍ରତ କୁମାର ଦାସ
ରାଜେନ୍ଦ୍ରପୁର, ବାରିକପୁର ବଜାର, ଭଦ୍ରକ
ମୋ:୯୪୩୭୭୩୧୯୦୩


# ନାରୀ ସୁରକ୍ଷା: ନୂଆ ଆଇନରେ ଅଧିକାର, ସୁବିଧା ଓ ନ୍ୟାୟର ନୂଆ ଦିଗ

ନାରୀ ହେଉଛି ସୃଷ୍ଟିର ଆଧାର, ପରିବାରର ଶକ୍ତି ଏବଂ ସମାଜର ମେରୁଦଣ୍ଡ। କିନ୍ତୁ ଆଧୁନିକ ସମାଜରେ ନାରୀ ଶିକ୍ଷିତ, ସ୍ୱାବଲମ୍ବୀ ଓ ସଚେତନ ହେଉଥିବା ସତ୍ତ୍ୱେ ତାଙ୍କ ବିରୋଧରେ ହିଂସା, ନିର୍ଯାତନା, ଯୌନ ଅପରାଧ, ଦାହେଜ ନିର୍ଯାତନା, ଅନଲାଇନ୍ ଉତ୍ପୀଡ଼ନ ଭଳି ଘଟଣା ଆଜି ମଧ୍ୟ ଚିନ୍ତାର କାରଣ। ତେଣୁ ନାରୀଙ୍କ ପାଇଁ ଆଇନ କେବଳ ଏକ ଧାରା ନୁହେଁ, ଏହା ତାଙ୍କ ଅଧିକାରର ସୁରକ୍ଷା କବଚ।

୧ ଜୁଲାଇ ୨୦୨୪ରୁ ଭାରତରେ ନୂଆ ଅପରାଧିକ ଆଇନଭାରତୀୟ ନ୍ୟାୟ ସଂହିତା, ୨୦୨୩ (BNS), ଭାରତୀୟ ନାଗରିକ ସୁରକ୍ଷା ସଂହିତା, ୨୦୨୩ (BNSS) ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ, ୨୦୨୩କାର୍ଯ୍ୟକାରୀ ହୋଇଛି। ଏହି ନୂଆ ଆଇନଗୁଡ଼ିକ ଭାରତୀୟ ନ୍ୟାୟ ବ୍ୟବସ୍ଥାରେ ଏକ ବଡ଼ ପରିବର୍ତ୍ତନର ଅଧ୍ୟାୟ ଆରମ୍ଭ କରିଛି।

BNS ଧାରା ୬୩ରୁ ୭୩ ପର୍ଯ୍ୟନ୍ତ ନାରୀଙ୍କ ବିରୋଧରେ ଯୌନ ଅପରାଧ ସମ୍ପର୍କିତ ବିଭିନ୍ନ ବ୍ୟବସ୍ଥା ରହିଛି। ବଳାତ୍କାର, ଯୌନ ଉତ୍ପୀଡ଼ନ, ନାରୀଙ୍କ ମର୍ଯ୍ୟାଦାକୁ ଅପମାନ କରିବା ଭଳି ଅପରାଧକୁ ଆଇନ ଗୁରୁତ୍ୱର ସହ ଦେଖେ। ନାରୀଙ୍କ ସମ୍ମତିର ମୂଲ୍ୟ ଏଠାରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ବିବାହିତ ନାରୀଙ୍କ ଉପରେ ନିର୍ଯାତନା ସମ୍ପର୍କରେ ମଧ୍ୟ BNSରେ ବ୍ୟବସ୍ଥା ରହିଛି। ଧାରା ୮୫ ଓ ୮୬ ଅନୁଯାୟୀ ସ୍ୱାମୀ କିମ୍ବା ତାଙ୍କ ସମ୍ପର୍କୀୟଙ୍କ ଦ୍ୱାରା ନାରୀଙ୍କୁ ନିର୍ଯାତନା ଦେବା ଅପରାଧ ହୋଇପାରେ। ଏହି ବ୍ୟବସ୍ଥା ଦାହେଜ ଓ ଘରୋଇ ନିର୍ଯାତନା ବିରୋଧରେ ନାରୀଙ୍କ ଆଇନଗତ ସୁରକ୍ଷାକୁ ମଜବୁତ କରେ।

ଏହା ସହିତ ଇଘଝ ଧାରା ୮୦ରେ ଦାହେଜ ମୃତ୍ୟୁ ସମ୍ପର୍କିତ କଠୋର ବ୍ୟବସ୍ଥା ରହିଛି। ବିବାହ ପରେ ନାରୀଙ୍କ ଉପରେ ଦାହେଜ ପାଇଁ ଚାପ, ନିର୍ଯାତନା ଓ ତାହାର ପରିଣତିରେ ମୃତ୍ୟୁ ଘଟିଲେ ଆଇନ ଅଭିଯୁକ୍ତଙ୍କ ବିରୋଧରେ କଠୋର ଭାବରେ ପ୍ରୟୋଗ ହୋଇପାରେ।

ନାରୀଙ୍କ ଆର୍ଥିକ ସୁରକ୍ଷା ମଧ୍ୟ ନ୍ୟାୟର ଏକ ଅଂଶ। BNSS ଧାରା ୧୪୪ ଅନୁଯାୟୀ, ଯଦି ସ୍ୱାମୀ ପର୍ଯ୍ୟାପ୍ତ ସାଧନ ଥିବା ସତ୍ତ୍ୱେ ସ୍ତ୍ରୀଙ୍କ ଭରଣପୋଷଣ କରିବାକୁ ଅବହେଳା କିମ୍ବା ମନା କରନ୍ତି, ତେବେ ଯୋଗ୍ୟ ପରିସ୍ଥିତିରେ ମାଜିଷ୍ଟ୍ରେଟ୍ ଭରଣପୋଷଣ ପାଇଁ ଆଦେଶ ଦେଇପାରନ୍ତି। ଅନ୍ତର୍ବର୍ତ୍ତୀ ଭରଣପୋଷଣ ଓ ମାମଲାର ଖର୍ଚ୍ଚ ପାଇଁ ମଧ୍ୟ ଆଇନରେ ବ୍ୟବସ୍ଥା ରହିଛି।




ନିବେଦିତା ପ୍ରିୟଦର୍ଶିନୀ ଶୁକ୍ଲା
ବିଡାନାସୀ, କଟକ, ଓଡ଼ିଶା
୭୦୦୮୪୭୮୯୮୬


ଆଜିର ଡିଜିଟାଲ୍ ଯୁଗରେ ନାରୀଙ୍କ ସୁରକ୍ଷା କେବଳ ଘର ଓ ରାସ୍ତାରେ ସୀମିତ ନୁହେଁ। ସୋସିଆଲ୍ ମିଡିଆରେ ଅଶ୍ଳୀଳ ମେସେଜ୍, ଅପମାନଜନକ ଫଟୋ, ନକଲି ପ୍ରୋଫାଇଲ୍, ବ୍ଲାକମେଲ୍ ଓ ଅନ୍ୟାନ୍ୟ ସାଇବର ଅପରାଧ ବିରୋଧରେ ମଧ୍ୟ ନାରୀ ଆଇନର ଆଶ୍ରୟ ନେଇପାରିବେ। ତେଣୁ ଡିଜିଟାଲ୍ ସଚେତନତା ଆଜି ନାରୀ ସୁରକ୍ଷାର ଏକ ଅବିଚ୍ଛିନ୍ନ ଅଂଶ।

ନାରୀଙ୍କ ପାଇଁ ଆଉ ଏକ ବଡ଼ ସୁବିଧା ହେଉଛି ମାଗଣା ଆଇନଗତ ସହାୟତା। ଆର୍ଥିକ ଦୁର୍ବଳତା କାରଣରୁ କୌଣସି ନାରୀ ନ୍ୟାୟରୁ ବଞ୍ଚିତ ହେବା ଉଚିତ୍ ନୁହେଁ। ଯୋଗ୍ୟ ବ୍ୟକ୍ତିମାନେ ଜିଲ୍ଲା ଆଇନ ସେବା ପ୍ରାଧିକରଣ (DLSA) ଓ ଅନ୍ୟ ଆଇନ ସେବା ସଂସ୍ଥା ମାଧ୍ୟମରେ ଆଇନଗତ ସହାୟତା ପାଇପାରନ୍ତି। କିନ୍ତୁ ଆଇନ ଯେତେ ଶକ୍ତିଶାଳୀ ହେଉନା କାହିଁକି, ଆଇନ ବିଷୟରେ ଜ୍ଞାନ ନଥିଲେ ତାହାର ଲାଭ ସମାଜର ଶେଷ ନାରୀ ପର୍ଯ୍ୟନ୍ତ ପହଞ୍ଚିପାରିବ ନାହିଁ। ତେଣୁ ପ୍ରତ୍ୟେକ ନାରୀଙ୍କୁ ନିଜ ଅଧିକାର, ଆଇନଗତ ପ୍ରତିକାର ଓ ଅଭିଯୋଗ ପ୍ରକ୍ରିୟା ବିଷୟରେ ସଚେତନ ହେବା ଆବଶ୍ୟକ। ଶେଷରେ କହିବାକୁ ଗଲେନାରୀଙ୍କୁ ସୁରକ୍ଷା ଦେବା କେବଳ ଆଇନର କାମ ନୁହେଁ। ଏହା ସମଗ୍ର ସମାଜର ଦାୟିତ୍ୱ। ଯେଉଁ ସମାଜରେ ନାରୀ ନିର୍ଭୟରେ ନିଜ କଥା କହିପାରେ, ନିଜ ଅଧିକାର ଜାଣିପାରେ ଏବଂ ଅନ୍ୟାୟ ବିରୋଧରେ ନ୍ୟାୟ ପାଇପାରେସେହି ସମାଜ ହିଁ ପ୍ରକୃତରେ ସଭ୍ୟ ସମାଜ। ଆଇନ ନାରୀଙ୍କ ହାତରେ କେବଳ ଏକ ଅସ୍ତ୍ର ନୁହେଁଁ ଏହା ତାଙ୍କ ସମ୍ମାନ, ସ୍ୱାଧୀନତା ଓ ନ୍ୟାୟର ଆଶ୍ୱାସନ।

ସୋମବାର ୧୪।୯।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା



# ଭାଦ୍ରବର ଚତୁର୍ଥୀ ପୂଜା

ଭଗବାନ ଗଣେଶଙ୍କର ଅନେକ ପ୍ରସିଦ୍ଧ ଏବଂ ଲୋକପ୍ରିୟ ନାମ ରହିଛି। ଗଣପତି, ବିଘ୍ନହର୍ତ୍ତା, ଗଜାନନ, ଲମ୍ବୋଦର, ଏକଦନ୍ତ, ବିନାୟକ, ଭାଲଚନ୍ଦ୍ର ଓ ସିଦ୍ଧିବିନାୟକ ସେମାନଙ୍କ ମଧ୍ୟରେ ଅନ୍ୟତମ। ସୃଷ୍ଟିର ସମସ୍ତ ଜୀବ, ଦେବଗଣ ଏବଂ ସମୂହର ସେ ସର୍ବୋଚ୍ଚ ସ୍ୱାମୀ ଓ ରକ୍ଷକ। ତେଣୁ ତାଙ୍କ ନାମ ଗଣପତି। ନିଜ ଭକ୍ତଙ୍କ ସମସ୍ତ ଦୁଖ, କଷ୍ଟ ଏବଂ ବାଧାବିଘ୍ନକୁ ସମୂଳେ ନାଶ କରୁଥିବାରୁ ସେ ବିଘ୍ନହର୍ତ୍ତା। ହାତୀ ଭଳି ମୁଣ୍ଡ ଥିବା ହେତୁ ତାଙ୍କୁ ଗଜାନନ କୁହାଯାଏ।ତାଙ୍କ ଏହି ରୂପ ମଣିଷକୁ ଗଭୀର ବୁଦ୍ଧିମତ୍ତା, ଧୈର୍ଯ୍ୟ ଓ ବୃହତ ଚିନ୍ତାଧାରା ରଖିବାକୁ ପ୍ରେରଣା ଦେଇଥାଏ। ଲମ୍ବୋଦର ଅର୍ଥାତ ବଡ଼ ପେଟ। ଜୀବନର ସମସ୍ତ ଭଲ-ମନ୍ଦ ପରିସ୍ଥିତି ଓ ରହସ୍ୟକୁ ନିଜ ଭିତରେ ହଜମ କରି ଶାନ୍ତ ରହିବା ଉଚିତ ବୋଲିଏହି ନାମ ସୂଚିତ କରିଥାଏ। ମହାକାବ୍ୟ ମହାଭାରତ ରଚନା ବେଳେ ତାଙ୍କୁ ନିଜର ଗୋଟିଏ ଦାନ୍ତ ଭାଙ୍ଗି ଲେଖନୀ ଭାବେ ବ୍ୟବହୃତ କରିବାକୁ ପଡ଼ିଥିଲା। ତେଣୁ ତାଙ୍କ ଅନ୍ୟ ଏକ ନାମ ଏକଦନ୍ତ। ଏହା ଦର୍ଶାଏ ଯେ କୌଣସି ଶୁଭକାର୍ଯ୍ୟ ପାଇଁ ତ୍ୟାଗ କରିବାକୁ ପଛଘୁଞ୍ଚା ଦେବା ଅନୁଚିତ। ସେ ସର୍ବଶ୍ରେଷ୍ଠ ନାୟକ ବା ମାର୍ଗଦର୍ଶକ। ତାଙ୍କ ଉପରେ ଅନ୍ୟ କାହାର ଶାସନ ନାହିଁ। ତେଣୁ ସେ ବିନାୟକ। ମଥାରେ ଚନ୍ଦ୍ରମା ଧାରଣ କରିଥିବା ଭାଲଚନ୍ଦ୍ରଙ୍କ ଏହି ରୂପର ରହସ୍ୟ ହେଲା ମନୁଷ୍ୟ ଯେତେ ଜ୍ଞାନୀ ହେଲେ ମଧ୍ୟ ସଦାସର୍ବଦା ଶୀତଳ ଓ ଶାନ୍ତ ରହିବା ଆବଶ୍ୟକ। ଗଣେଶ ସମସ୍ତ ପ୍ରକାରର ସଫଳତା, ଐଶ୍ୱର୍ଯ୍ୟ ଏବଂ ମନସ୍କାମନା ପୂର୍ଣ୍ଣ କରୁଥିବା ପରମ ଦେବତା ଅଟନ୍ତି। ତେଣୁ ତାଙ୍କୁ ସିଦ୍ଧିବିନାୟକ କୁହାଯାଏ।

ଗଣେଶଙ୍କ ସ୍ୱରୂପ ଏବଂ ଜୀବନରୁ ଅନେକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ମିଳିଥାଏ। ତାଙ୍କ ଶରୀରର ପ୍ରତ୍ୟେକ ଅଙ୍ଗ ସୁନ୍ଦର ଜୀବନ ଦର୍ଶନରେ ଭରପୂର। ସମସ୍ତଙ୍କ କଥାକୁ ଭଲ ଭାବେ ଶୁଣିବା ଓ ବୁଝିବା, କମ୍ ଓ ମିଠା କହିବା ଏବଂ ତୀକ୍ଷ୍ଣ ନଜର ଓ ଏକାଗ୍ର ରହିବା ତାଙ୍କ ବଡ଼ କାନ, ଛୋଟ ପାଟି ଏବଂ ଛୋଟ ଆଖି ଶିଖାଇଥାଏ। ପ୍ରଥମପୂଜ୍ୟ ହୋଇ ମଧ୍ୟ ଛୋଟ ମୂଷାକୁ ନିଜର ବାହନ କରିବା ଅର୍ଥ ଅହଂକାର ତ୍ୟାଗ କରିବା, ସର୍ବଦା ନମ୍ର ଏବଂ ସରଳ ହେବା। ସଫଳତା ପାଇଁ ବଡ଼ ସାଧନ ନୁହଁ , ବରଂ ବୁଦ୍ଧିର ସଠିକ୍ ପ୍ରୟୋଗ ପ୍ରୟୋଜନ। ସୀମିତ ସମ୍ବଳର ଅଧିକାରୀ ହେଲେ ସୁଦ୍ଧା ଜ୍ଞାନ କୌଶଳ ଓ ବୁଦ୍ଧିମତ୍ତା ବଳରେ ସଫଳତା ମିଳିଥାଏ। ପ୍ରକୃତି ଓ ସମସ୍ତ ଜୀବଜନ୍ତୁଙ୍କ ସହ ସନ୍ତୁଳନ ରକ୍ଷା କରି ଚାଲିବା ଶ୍ରୀଗଣେଶଙ୍କ ମଣିଷ ସ୍ୱରୂପରେ ହାତୀ ମୁଣ୍ଡର ସଙ୍କେତ। ସମାଜର ସବୁ ଶ୍ରେଣୀର ଲୋକଙ୍କୁ ଆଦର କରିବା ଏବଂ ଏକାଠି ନେଇ ଚାଲିବା ଗଣେଶଙ୍କ ଠାରୁ ଶିଖିବାକୁ ମିଳେ।

ଅଗ୍ରପୂଜ୍ୟ ପ୍ରଭୁ ଶ୍ରୀ ଗଣେଶ। ପ୍ରତିବର୍ଷ ଭାଦ୍ରପଦ ଶୁକ୍ଳ ଚତୁର୍ଥୀ ତିଥିରେ ତାଙ୍କର ମହୋତ୍ସବ ପାଳିତ ହୋଇଥାଏ। ବିଶେଷକରି ଶିକ୍ଷାନୁଷ୍ଠାନ ଏବଂ ସାହି ବଜାର ମାନଙ୍କରେ। ଅବଶ୍ୟ ଅନେକେ ତାଙ୍କ ଘରେ ଏହି ଉତ୍ସବ ପାଳିଥାନ୍ତି। ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କ ମଧ୍ୟରେ ଗଣେଶ ଚତୁର୍ଥୀରେ ଏକ ଭିନ୍ନ ଆଗ୍ରହ ଓ ଉତ୍ସାହ ଦେଖିବାକୁ ମିଳିଥାଏ। ଶାସ୍ତ୍ରୀୟ ବିଧି ମୁତାବକ ଗଣେଶ ପୂଜା ଚତୁର୍ଥୀରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ଚାଲେ। ପୌରାଣିକ ମତ ଅନୁସାରେ ମହର୍ଷି ବେଦବ୍ୟାସ ଗଣେଶ ଚତୁର୍ଥୀରୁ ମହାଭାରତର ଶ୍ଳୋକ କହିବା ଆରମ୍ଭ କରିଥିଲେ। ତାଙ୍କ ଅନୁରୋଧ କ୍ରମେ ଭଗବାନ ଗଣେଶ ଲିପିବଦ୍ଧ କରୁଥିଲେ। ଅନନ୍ତ ଚତୁର୍ଦ୍ଦଶୀ ତିଥିରେ ମହାଭାରତ ରଚନା ସମାପ୍ତ ହେଲା। କ୍ରମାଗତ ଲେଖିବା ଫଳରେ ତାଙ୍କ ଶରୀରର ତାପମାତ୍ରା ଅଶେଷ ବୃଦ୍ଧି ପାଇଥିଲା। ଗଣେଶଙ୍କ ଶରୀରକୁ ଶୀତଳ କରିବା ପାଇଁ ବେଦବ୍ୟାସ ତାଙ୍କୁ ଏକ ପବିତ୍ର କୁଣ୍ଡରେ ସ୍ନାନ କରାଇଥିଲେ। ସୁତରାଂ ସେହିଦିନ ଗଣେଶ ବିସର୍ଜନ ଅନୁଷ୍ଠିତ ହୋଇଥାଏ। ସ୍ୱତନ୍ତ୍ରତା ସଂଗ୍ରାମ ସମୟରେ ବ୍ରିଟିଶ ସରକାର ଲୋକଙ୍କୁ ଏକତ୍ରିତ ହେବାକୁ ଦେଉନଥିଲେ। ୧୮୯୩ ମସିହାରେ ବାଳ ଗଙ୍ଗାଧର ତିଳକ ଦଶଦିନିଆ ସାର୍ବଜନୀନ ଚତୁର୍ଥୀ ପୂଜା ଆୟୋଜନ କରି ଧର୍ମ ଆଳରେ ଲୋକଙ୍କୁ ଏକଜୁଟ କରିଥିଲେ ବୋଲି ଐତିହାସିକ ମାନ୍ୟତା ରହିଛି। ଶୃଙ୍ଖଳିତ ସମାଜ ଗଠନ ଦୃଷ୍ଟିରୁ ଏହି ଗଣଉତ୍ସବର ଉଭୟ ସକାରାତ୍ମକ ଏବଂ ନକାରାତ୍ମକ ଦିଗ ରହିଛି। ଲାଭ ସହ ହାନି ମଧ୍ୟ ଅଛି। ସାର୍ବଜନୀନ ଗଣେଶ ପୂଜା ସମାଜର ସମସ୍ତ ବର୍ଗର ଲୋକଙ୍କ ପାଇଁ ଉନ୍ମୁକ୍ତ, ଖୋଲା। ଜାତି, ଧର୍ମ, ଲିଙ୍ଗ, ବର୍ଣ୍ଣ, ସମ୍ପ୍ରଦାୟ, ଧନୀ, ଗରୀବ, ବୃତ୍ତି, କୁଳ, ଗୋତ୍ର ନିର୍ବିଶେଷରେ ସମସ୍ତେ ଏହି ପୂଜୋତ୍ସବର ପ୍ରତିଭାଗୀ ହୋଇପାରିବେ। ଏଥିନିମିତ୍ତ ସିମିତି କୌଣସି ଧାର୍ମିକ କିମ୍ବା ପରମ୍ପରାଗତ ପ୍ରତିବନ୍ଧକ ନଥାଏ। ପୂଜା ମଣ୍ଡପଗୁଡ଼ିକରେ ସମସ୍ତେ ଏକତ୍ରିତ ମିଳିମିଶି ବିଭିନ୍ନ କାର୍ଯ୍ୟ ସମ୍ପାଦନ କରନ୍ତି। ଯଦ୍ଦ୍ୱାରା ସାମାଜିକ ସୌହାର୍ଦ୍ଦ୍ୟ ବଢ଼େ। ଗଜାନନ ବୁଦ୍ଧି ବିଦ୍ୟା ପ୍ରଦାନ କରିଥାନ୍ତି ବୋଲି ଲୋକଙ୍କ ମନରେ ଦୃଢ଼ ଧାରଣା ରହିଛି। ତାଙ୍କୁ ଭକ୍ତିର ସହ ପୂଜା କଲେ ଶିକ୍ଷା ଏବଂ ସଦ୍‌ବୁଦ୍ଧିର ଜାଗରଣ ହୋଇଥାଏ। ପିଲାଙ୍କ କ୍ଷେତ୍ରରେ ଏପ୍ରକାର ଚିନ୍ତାଧାରା ଏକ ଶକ୍ତି ଭଳି କାମ କରିଥାଏ। ପାଠ ପ୍ରତି ରୁଚି ବଢ଼ିଥାଏ। ଏହି ପର୍ବ ମୂର୍ତ୍ତି କାରିଗର, ଫୁଲ ବ୍ୟବସାୟୀ, ମିଠା ବିକାଳୀ ଓ ସଜାଳିଙ୍କ ଭଳି ଅନେକ ସ୍ଥାନୀୟ ଲୋକଙ୍କ ଜୀବିକା ନିର୍ବାହରେ ସହାୟକ ହୋଇଥାଏ। କଳାର ବିକାଶ ଘଟିଥାଏ। ଅର୍ଥନୀତି ଗତିଶୀଳ ହୁଏ। ପ୍ରବନ୍ଧନ କୌଶଳରେ ପଟୁତା ଆସେ। ନେତୃତ୍ୱ ନେବାର ଦକ୍ଷତା ବଢ଼େ। ଦଳଗତ କାର୍ଯ୍ୟ ଏବଂ ଆର୍ଥିକ ପରିଚାଳନାର ଅଭିବୃଦ୍ଧି ହୁଏ। ପୂଜା ଉପଲକ୍ଷେ ବିଭିନ୍ନ ସ୍ଥାନରେ ବକ୍ତୃତା, ଚିତ୍ରାଙ୍କନ,



**ଡ଼କ୍ଟର ପ୍ରମୋଦ କୁମାର ପଣ୍ଡା**
ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ,
ସମ୍ବଲପୁର, ମୋ-୭୯୭୮୨୮୩୧୯୦

ସଂଗୀତ, ନୃତ୍ୟ ପ୍ରତିଯୋଗିତା ଇତ୍ୟାଦି ଆୟୋଜିତ ହୋଇଥାଏ। ଏହା ଦ୍ୱାରା ଶିଶୁ ଏବଂ ଯୁବପିଢ଼ିଙ୍କ ଭିତରେ ଲୁଚି ରହିଥିବା ପ୍ରତିଭାର ଉନ୍ମେଷ ଘଟେ। ଲୋକଲୋଚନକୁ ଆଣିବାରେ ସହାୟକ ହୁଏ। ସାଂସ୍କୃତିକ ଜାଗରଣ ଏବଂ ପ୍ରତିଭା ଅନ୍ୱେଷଣ ପ୍ରତି ରୁଚି ବଢ଼ିଥାଏ। ପୂଜାଧଜା, ମନ୍ତ୍ରପାଠ, ଆଳତୀ, ଆଧ୍ୟାତ୍ମିକ ପରିବେଶ ଇତ୍ୟାଦି ଯୋଗୁଁ ଚାପ କମେ। ମାନସିକ ଶାନ୍ତି ମିଳେ। ମନ ପବିତ୍ର ରହେ। ସମାଜରେ ପବିତ୍ର ତଥା ସକାରାତ୍ମକ ଶକ୍ତିର ସଞ୍ଚାର ହୋଇଥାଏ। ଭାଇଚାରା ବଢ଼େ। ସାମାଜିକ ସମ୍ପର୍କ ଦୃଢ଼ୀଭୂତ ହୁଏ। ବିଦ୍ୱେଷ ଓ ବିଷାଦ ଘଟେ। ଅର୍କେଷ୍ଟ୍ରା ଭଳି କାର୍ଯ୍ୟକ୍ରମ ବେଳବଳେ ଅନେକ ଲୋକଙ୍କ ପାଇଁ ମନୋରଞ୍ଜନର ଏକ ସହଜ ସାଧନ ବନିଯାଏ।

ସମ୍ପ୍ରତି ପ୍ଲାଷ୍ଟର ଅଫ୍ ପ୍ୟାରିସ୍ ଓ ବିଭିନ୍ନ ରାସାୟନିକ ରଙ୍ଗର ଉପଯୋଗରେ ମୂର୍ତ୍ତି ପ୍ରସ୍ତୁତ ହେଉଛି। ବ୍ୟବହାର ମଧ୍ୟ ଦିନକୁଦିନ ବଢ଼ିଚାଲିଛି। ପୂଜା ପରେ ମୂର୍ତ୍ତିଗୁଡ଼ିକ ନଦୀ ବା ପୋଖରୀରେ ବିସର୍ଜନ କରିବା ଦ୍ୱାରା ଜଳ ପ୍ରଦୂଷଣ ସାଙ୍ଘାତିକ ରୂପ ନେଉଛି। ଜଳଜୀବଙ୍କ ପାଇଁ ବିପଦ ସୃଷ୍ଟି ହେଉଛି। ଆଜିକାଲି ଉଗ୍ର ଆଧୁନିକତା ସବୁଆଡ଼େ ବ୍ୟାପିଲାଣି। ସମସ୍ତଙ୍କୁ ଗ୍ରାସ କଲାଣି। ଭକ୍ତିପୂତ ପବିତ୍ର ପରିବେଶରେ ଡିଜେ ନହଲେ ନଚଲେ। ତା'ସହ ପ୍ରଗଳ୍‌ଭ ଆଶାଳୀନ ନୃତ୍ୟ, ସଙ୍ଗୀତ। ଏସବୁ ପୂଜା ପଦ୍ଧତିକୁ କଳୁଷିତ କରୁଛି। ଶବ୍ଦ ପ୍ରଦୂଷଣ ସୃଷ୍ଟି କରୁଛି। ବୃଦ୍ଧ, ଶିଶୁ ଓ ରୋଗୀଙ୍କ ପାଇଁ ଏହା କଷ୍ଟଦାୟକ, ବିପଦପୂର୍ଣ୍ଣ। ଯୁବପିଢ଼ିଙ୍କ ମଦ୍ୟପାନ, ଅଶାଳୀନ ନୃତ୍ୟ ଅପସଂସ୍କୃତିକୁ ଜନ୍ମ ଦେଉଛି। ଅପବ୍ୟୟ ବଢୁଛି। ପ୍ରତିଯୋଗୀତା ମୂଳକ ମନୋଭାବ ଯୋଗୁଁ ଲକ୍ଷ ନୁହଁ, କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ଅଯଥା ଆଡ଼ମ୍ବର ବଢୁଛି। ରାସ୍ତାଘାଟ ଅବରୋଧ କରି ମଣ୍ଡପ ନିର୍ମିତ ହେଉଛି। ସାଧାରଣ ପରିବହନ ଏବଂ ଜରୁରୀକାଳୀନ ସେବା ପ୍ରଭାବିତ ହୋଇଥାଏ। ଦୈନନ୍ଦିନ ଜୀବନ ଯାତ୍ରା ବ୍ୟାଘାତ ହେଉଛି। ଦୁର୍ଘଟଣା ଘଟୁଛି। ପ୍ରାଣ ଯାଉଛି। ପୂଜା ସମୟରେ ଓ ପୂଜା ପରେ ବ୍ୟବହୃତ ପ୍ଲାଷ୍ଟିକ୍ ଗ୍ଲାସ୍, ପ୍ଲେଟ୍, ଖାଦ୍ୟ ସାମଗ୍ରୀ, ଥର୍ମୋକୁଲ୍ ଏବଂ ଫୁଲ-ପତ୍ର ଇତ୍ୟାଦି ରାସ୍ତାଘାଟରେ ଇତସ୍ତତ ପଡ଼ିରହୁଛି। ପ୍ରବଳ ଅପରିଷ୍କାର ପରିବେଶ ସୃଷ୍ଟି କରୁଛି। ପୂଜା ଦିନଗୁଡ଼ିକରେ ପ୍ରବଳ ଶବ୍ଦ ଓ କୋଳାହଳ ଯୋଗୁଁ ପିଲାଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ଜୋର ଜବରଦସ୍ତ ଚାନ୍ଦା ଆଦାୟ ଆଜିକାଲି ଅମାନିଆଙ୍କ ଅଭ୍ୟାସରେ ପରିଣତ ହେଲାଣି। ପାର୍ବଣ ଋତୁରେ ଅନେକ ସମୟରେ ପୂଜା କମିଟିସବୁ ଜନସାଧାରଣ, ବ୍ୟବସାୟୀମାନଙ୍କୁ ବାଧ୍ୟତାମୂଳକ ଭାବେ ଅଧିକ ଚାନ୍ଦା ମାଗିଥାନ୍ତି। ଏହାକୁ କେନ୍ଦ୍ର କରି ସ୍ଥାନୀୟ ଅଞ୍ଚଳରେ ବିବାଦ ଦେଖାଦିଏ। ଗଣ୍ଡଗୋଳ ହୁଏ। ସାମାଜିକ ଅଶାନ୍ତି ଓ ଅସ୍ଥିରତା ବ୍ୟାପେ। ପୁଲିସ କେସ ମଧ୍ୟ ହୁଏ।

ଉତ୍ସବ ସାମାଜିକ ଆନନ୍ଦ ପାଇଁ ଉଦ୍ଦିଷ୍ଟ, କାହାର ଦୁଖର କାରଣ ନିମିତ୍ତ ନୁହେଁ। ଗଣେଶ ଚତୁର୍ଥୀର ଆଧ୍ୟାତ୍ମିକ ମୂଲ୍ୟବୋଧ ବଜାୟ ରଖିବା ସହ ପରିବେଶ ଅନୁକୂଳ ମୂର୍ତ୍ତି ଓ ସାମଗ୍ରୀର ବ୍ୟବହାର ଏବଂ ଶୃଙ୍ଖଳିତ ପୂଜା ବିଧି ଅନୁସୃତ ହେଲେ ଏହି ପବିତ୍ର ପର୍ବର ପ୍ରକୃତ ସୁଫଳ ମିଳିପାରିବ। ସମାଜକଲ୍ୟାଣ ନିମନ୍ତେ ପ୍ରଦୂଷଣମୁକ୍ତ ପୂଜା ଅପରିହାର୍ଯ୍ୟ ଅଟେ।

# ଅଗ୍ରପୂଜ୍ୟ ଶ୍ରୀଗଣେଶ

ସନାତନ ହିନ୍ଦୁ ଧର୍ମର ଅଗ୍ରପୂଜ୍ୟ ଦେବତାରୂପେ ଶ୍ରୀଗଣେଶ ସୁବିଦିତ। ତେଣୁ ଗଣପତିଙ୍କୁ ପ୍ରତ୍ୟେକ ଶୁଭକାର୍ଯ୍ୟ, ପୂଜାପାଠ କିମ୍ବା ନୂତନ କାର୍ଯ୍ୟ ଆରମ୍ଭ ପୂର୍ବରୁ ସର୍ବପ୍ରଥମେ ପୂଜକମାନେ ନିମ୍ନ ଲିଖିତ ବୈଦିକ ମନ୍ତ୍ରକୁ ପାଠ କରିଥାନ୍ତି:-

ହରି ଓଁ ।। ଗଣାନାଂ ତ୍ୱା ଗଣପତିଗୁଂ ହବାମହେ
ପ୍ରିୟାଣାଂ ତ୍ୱା ପ୍ରିୟପତିଗୁଂ ହବାମହେ
ନିଧୀନାଂ ତ୍ୱା ନିଧିପତିଗୁଂ ହବାମହେ, ବସୋ ମମ ?
ଆହମଜାନି ଗର୍ଭଧମା ତ୍ୱମଜାସି ଗର୍ଭଧମ୍ ?

ଅର୍ଥାତ୍: ହେ ପ୍ରଭୁ ଗଣେଶ ! ଆପଣ ସମସ୍ତ ଜୀବଗଣ ଏବଂ ସମଗ୍ର ସୃଷ୍ଟି ସମୂହ (ଗଣ) ର ସ୍ୱାମୀ ବା ରକ୍ଷକ। ଆମ୍ଭେମାନେ ଆପଣଙ୍କୁ ଆବାହନ କରୁଛୁ। ସକଳ ପ୍ରିୟ ବସ୍ତୁ ଓ ଆନନ୍ଦଦାୟକ ଶକ୍ତିଗୁଡ଼ିକର ଆପଣ ସ୍ୱାମୀ ଅଟନ୍ତି। ସେଥିପାଇଁ ଆମ୍ଭେମାନେ ଆପଣଙ୍କୁ ପ୍ରଣାମ ପୂର୍ବକ ଆବାହନ କରୁଛୁ। ସେହିପରି ଆପଣ ସମସ୍ତ ପ୍ରକାରର ଐଶ୍ୱର୍ଯ୍ୟ, ଜ୍ଞାନ ଓ ସୁଖ-ସମୃଦ୍ଧି ରୂପକ ନିଧି (ରତ୍ନଭଣ୍ଡାର) ର ଅଧିପତି। ଆପଣଙ୍କୁ ଆମ୍ଭେମାନେ ଆମ ଜୀବନକୁ ଆସିବା ପାଇଁ ପ୍ରାର୍ଥନା କରୁଛୁ। ହେ ପ୍ରଭୁ ! ଆପଣ ମୋ ଭିତରେ ବାସ କରନ୍ତୁ ଏବଂ ମୋତେ ନିଜ ଶରଣରେ ରଖନ୍ତୁ।

ଗଜାନନଙ୍କୁ କେବଳ ଅଗ୍ରପୂଜ୍ୟ ଭାବେ ପୂଜା କରାଯାଏ ନାହିଁ, ଅପିତୁ ବିଦ୍ୟାରମ୍ଭ ସମୟରେ, ବିବାଦ କାଳରେ , ପ୍ରବାସ ସ୍ଥାନରେ, ନିର୍ଜନ ଜାଗାରେ , ସଂଗ୍ରାମ ସ୍ଥଳରେ ଏବଂ ଘୋର ସଙ୍କଟ ବେଳରେ ଏହି ଦେବଙ୍କ ଦ୍ୱାଦଶ ନାମକୁ ସ୍ମରଣ କଲେ ମଣିଷ ସମସ୍ତ ଦୁଃଖ ଓ କଷ୍ଟରୁ ଉଦ୍ଧାର ପାଇଥାଏ। ଯାହାର ଦୃଷ୍ଟାନ୍ତ ସ୍କନ୍ଦ ପୁରାଣରେ ରହିଛି :-

ସୁମୁଖଶ୍ଚୈକଦନ୍ତଶ୍ଚ କପିଳୋ ଗଜକର୍ଣ୍ଣକଃ।
ଲମ୍ବୋଦରଶ୍ଚ ବିକଟୋ ବିଘ୍ନନାଶୋ ଗଣାଧିପଃ ?
ଧୂମ୍ରକେତୁର୍ଗଣାଧକ୍ଷୋ ଭାଲଚନ୍ଦ୍ରୋ ଗଜାନନଃ।
ଦ୍ୱାଦଶୈତାନି ନାମାନି ଯଃ ପଠେଚ୍ଛୃଣୁୟାଦପି ?
ବିଦ୍ୟାରମ୍ଭେ ବିବାହେ ଚ ପ୍ରବେଶେ ନିର୍ଗମେ ତଥା।
ସଂଗ୍ରାମେ ସଙ୍କଟେ ଚୈବ ବିଘ୍ନସ୍ତସ୍ୟ ନ ଜାୟତେ ?

ଏତଦ୍ ବ୍ୟତୀତ ସେ ହେଉଛନ୍ତିଟ ବିଘ୍ନହର୍ତ୍ତା, ସିଦ୍ଧିଦାତା ଏବଂ ବୁଦ୍ଧିର ଦେବତା। ତାଙ୍କର ଯେଉଁ ବିଚିତ୍ର ଓ ଅଲୌକିକ ରୂପକୁ ଆମେ ଦର୍ଶନ କରୁଛେ, ଏଥିରେ ଅନେକ ତତ୍ତ୍ୱାର୍ଥ ଲୁକ୍କାୟିତ ରହିଛି। ଗିରିଜା ନନ୍ଦଙ୍କ ପ୍ରତ୍ୟେକ ଅଙ୍ଗପ୍ରତ୍ୟଙ୍ଗ, ଆୟୁଧ ଏବଂ ବାହନ ପଛରେ ଏକ ଗଭୀର ଆଧ୍ୟାତ୍ମିକ, ସାମାଜିକ ଓ ବ୍ୟବହାରିକ ଜୀବନ ଦର୍ଶନ ଭରି ରହିଛି। ଯାହା ତାଙ୍କର 'ଗଣେଶ' ନାମରୁ ଜଣାଯାଏ। ଏହି ନାମର ଅର୍ଥ ହେଉଛି ଗଣ ମାନଙ୍କର ଈଶ, ଅର୍ଥାତ୍ ଯେ ସମୂହ ଜନତାଙ୍କ ସ୍ୱାମୀ ବା ଶାସକ। ଜଣେ ଆଦର୍ଶ ନେତା କିପରି ହେବା ଉଚିତ, ତାହା ଗଣେଶଙ୍କ ନେତୃତ୍ୱରୁ ସ୍ପଷ୍ଟ ଜଣାଯାଏ। ସେ ସମସ୍ତଙ୍କୁ ସାଥିରେ ନେଇ ଚାଲିବାର ପ୍ରେରଣା ଦିଅନ୍ତି। ତାହାଙ୍କ ବିଶାଳ ମସ୍ତକଟି ହାତୀର ସ୍ୱରୂପ। ଏଣୁ ତାହାଙ୍କୁ ଗଜାନନ କୁହାଯାଏ। ହାତୀ ହେଉଛି ବୁଦ୍ଧିମତ୍ତା, ଗାମ୍ଭୀର୍ଯ୍ୟ ଏବଂ ସ୍ମରଣ ଶକ୍ତିର ପ୍ରତୀକ। ଯାହା ମାନବକୁ ଉଚ୍ଚ ଚିନ୍ତାଧାରା ରଖିବାକୁ ଏବଂ ନିଜର ବୁଦ୍ଧି ଓ ବିବେକକୁ ସର୍ବଦା ଜାଗ୍ରତ ରଖିବାକୁ ଶିକ୍ଷା ଦିଏ। ବିଶାଳ ମସ୍ତକ ଦର୍ଶାଏ ଯେ ଜଣେ ବ୍ୟକ୍ତିକୁ ଜ୍ଞାନ ଅର୍ଜନ ପାଇଁ ସର୍ବଦା ପ୍ରସ୍ତୁତ ରହିବା ଉଚିତ। ସେହିପରି ଛୋଟ ଛୋଟ ଦୁଇଟି ଆଖି। ଏହା ସୂକ୍ଷ୍ମ ଦୃଷ୍ଟିଭଙ୍ଗୀ, ଏକାଗ୍ରତା ଓ ଦୂରଦର୍ଶିତାର ପ୍ରତୀକ। ଯାହା ଜୀବନରେ ସଫଳତା ପାଇବାକୁ ହେଲେ କୌଣସି ବିଷୟକୁ ଗଭୀର ଭାବେ ନିରୀକ୍ଷଣ କରିବା ଏବଂ ସେଥିପ୍ରତି ସମ୍ପୂର୍ଣ୍ଣ ଏକାଗ୍ର ରହିବା ଆବଶ୍ୟକ ବୋଲି ଏହା ସୂଚାଇଥାଏ। ବିଶାଳ କାନ ଦୁଇଟି ଜଣାଏ ଯେ, ଜଣେ ଭଲ ଶ୍ରୋତା ହେବା କେତେ ଜରୁରୀ। ସଂସାରର ସମସ୍ତ ଭଲ ମନ୍ଦ କଥାକୁ ଧୈର୍ଯ୍ୟର ସହ ଶୁଣିବା ଉଚିତ, ମାତ୍ର କୁଲା ଯେପରି ଅଦରକାରୀ ଜିନିଷକୁ ଫିଙ୍ଗିଦେଇ କେବଳ ସାର ଅଂଶକୁ ରଖେ, ସେହିପରି ଆମକୁ କେବଳ ଭଲ କଥାକୁ ଗ୍ରହଣ କରି ଖରାପ କଥାକୁ ପରିତ୍ୟାଗ କରିବା ଉଚିତ। ହାତୀର ଶୁଣ୍ଢ ଅତ୍ୟନ୍ତ ଲମ୍ବ ଓ ଶକ୍ତିଶାଳୀ ହେଲେବି, ସେ ଖୁବ୍ ସୂକ୍ଷ୍ମ କାର୍ଯ୍ୟ ମଧ୍ୟ କରିପାରେ। ଏହା ଜୀବନର ଉଭୟ ସ୍ଥୂଳ ଏବଂ ସୂକ୍ଷ୍ମ ପରିସ୍ଥିତିକୁ ସାମ୍ନା କରିବାର କ୍ଷମତାକୁ ଦର୍ଶାଏ। ଉପରକୁ ଉଠିଥିବା ଶୁଣ୍ଢ କୁଣ୍ଡଳିନୀ ଶକ୍ତିର ଜାଗରଣ ଓ ଆଧ୍ୟାତ୍ମିକ ପ୍ରଗତିର ପ୍ରତୀକ। ଗଣେଶଙ୍କର ଗୋଟିଏ ଦାନ୍ତ ଅକ୍ଷୁର୍ଣ୍ଣ ଥିବା ବେଳେ ଅନ୍ୟଟି ଭଙ୍ଗା, ତେଣୁ ତାହାଙ୍କୁ ଏକଦନ୍ତ କୁହାଯାଏ। ଏହା ଦ୍ୱୈତଭାବର ଅନ୍ତ ଓ ଅଦ୍ୱୈତଭାବର ପ୍ରତୀକ। ପୌରାଣିକ କଥା ଅନୁସାରେ, ମହାଭାରତ ଲେଖିବା ପାଇଁ ସେ ନିଜର ଦାନ୍ତକୁ ଭାଙ୍ଗି ଲେଖନୀ ଭାବରେ ବ୍ୟବହାର କରିଥିଲେ, ଯାହା ଜ୍ଞାନ ପାଇଁ ତ୍ୟାଗର ମହତ୍ତ୍ୱକୁ ବୁଝାଏ। ଲମ୍ବୋଦର (ବିଶାଳ ପେଟ) ସୂଚାଏ ଯେ ଜୀବନରେ ଆସୁଥିବା ସମସ୍ତ ସୁଖ, ଦୁଃଖ, ରହସ୍ୟ, ସମାଲୋଚନା ଓ ଅପବାଦକୁ ନିଜ ଭିତରେ ହଜମ କରି ନେବା ଉଚିତ। ସବୁ ପରିସ୍ଥିତିରେ ଧୈର୍ଯ୍ୟବାନ ରହିବା ଏହାର ମୁଖ୍ୟ ବାର୍ତ୍ତା।

ସେଭଳି ଚତୁର୍ଭୁଜରେ ଧାରଣ କରିଥିବା ଆୟୁଧର ମଧ୍ୟ ବିଶେଷ ମହତ୍ତ୍ୱ ଓ ରହସ୍ୟ ରହିଛି। ଯେପରି ଅଙ୍କୁଶଟ ଏହା ମନକୁ ନିୟନ୍ତ୍ରଣ କରିବା ଓ କୁପ୍ରବୃତ୍ତିକୁ ଦମନ କରିବାର ସଙ୍କେତ। ପାଶ (ଦଉଡ଼ି) ଏହା ସଂସାରର ମୋହମାୟାରୁ ଦୂରେଇ ରହି ଈଶ୍ୱରଙ୍କ ସହ ବାନ୍ଧି ହୋଇ ରହିବାକୁ ପ୍ରେରଣା ଦିଏ। ମୋଦକ (ଲଡ୍ଡୁ) ଏହା ସାଧନାର ମଧୁର ଫଳ କିମ୍ବା ଆନନ୍ଦର ପ୍ରତୀକ। କଠିନ ପରିଶ୍ରମ ଓ ସଦମାର୍ଗରେ ଚାଲିଲେ ଶେଷରେ ମୋଦକ ଭଳି ମିଠା ଫଳ ମିଳିଥାଏ। ବରଦ ମୁଦ୍ରା ବା ଆଶୀର୍ବାଦ ମୁଦ୍ରା ଯାହା ସର୍ବଦା ଆଶୀର୍ବାଦ ପ୍ରଦାନ କରୁଥାଏ, ଯେ ଶରଣାଗତ ଭକ୍ତକୁ ଅଭୟ ପ୍ରଦାନ କରେ। ମୂଷିକ ବାହନର ମଧ୍ୟ ମହତ୍ତ୍ୱ ରହିଛି। ଏତେ ବଡ଼ ଦେବତା ହୋଇ ମଧ୍ୟ ଗଣେଶ ଏକ କ୍ଷୁଦ୍ର ଜୀବ ମୂଷାକୁ ନିଜର ବାହନ କରିଛନ୍ତି। ମୂଷା ହେଉଛି ଚଞ୍ଚଳତା, ଲୋଭ ଏବଂ ଅଜ୍ଞାନତାର ପ୍ରତୀକ। ସେ ଅନ୍ଧାରରେ ସବୁ ଜିନିଷକୁ କାଟି ନଷ୍ଟ କରିଦିଏ। ଗଣେଶ ମୂଷା ଉପରେ ବସିବା ଅର୍ଥ ହେଉଛି ସେ ନିଜର ବୁଦ୍ଧି ଓ ଜ୍ଞାନ ଦ୍ୱାରା ଚଞ୍ଚଳ ମନ, ଲୋଭ ଓ ବାସନାକୁ ନିଜ ନିୟନ୍ତ୍ରଣରେ ରଖିଛନ୍ତି। ଏହା ସମାଜକୁ ବାର୍ତ୍ତା ଦିଏ ଯେ କୌଣସି ଜୀବ ଛୋଟ ବା ତୁଚ୍ଛ ନୁହେଁ, ପ୍ରତ୍ୟେକଙ୍କର ନିଜସ୍ୱ ଗୁରୁତ୍ୱ ରହିଛି। ଆଜିର ଆଧୁନିକ ଯୁଗରେ ଗଣେଶଙ୍କ ସ୍ୱରୂପ ମାନସିକ ଚାପ ଦୂର କରିବା ଏବଂ ବ୍ୟକ୍ତିର ବ୍ୟକ୍ତିତ୍ୱ ବିକାଶ ପାଇଁ ଏକ ଶ୍ରେଷ୍ଠ ଉଦାହରଣ। ମାତା ପାର୍ବତୀ ଓ ପିତା ମହାଦେବଙ୍କୁ ପ୍ରଦକ୍ଷିଣ କରି ସେ



**ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ**
ଖମ୍ବେଶ୍ୱରୀ ପାଟଣା, ଆସିକା ଗଞ୍ଜାମ
୯୮୬୧୩୩୪୮୬୮

ପ୍ରମାଣିତ କରିଥିଲେ ଯେ ପିତାମାତା ହିଁ ସନ୍ତାନ ପାଇଁ ସମଗ୍ର ସଂସାର ଏବଂ ଏହା ପାରିବାରିକ ମୂଲ୍ୟବୋଧ ପାଇଁ ଶ୍ରେଷ୍ଠ ଶିକ୍ଷା। ବିଘ୍ନରାଜ ଭାବେ ସେ ପ୍ରତ୍ୟେକ ବାଧାବିଘ୍ନକୁ ଧୈର୍ଯ୍ୟର ସହ ଦୂର କରିବାର ସାମର୍ଥ୍ୟ ଦିଅନ୍ତି, ଯାହା ସଂକଟ ପରିଚାଳନା ଶିକ୍ଷା ଦିଏ।

ଶ୍ରୀଗଣେଶଙ୍କ ସ୍ୱରୂପ କେବଳ ପୂଜା ମଣ୍ଡପରେ ସୀମିତ ନୁହେଁ, ବରଂ ତାହା ଜୀବନ ଜିଇଁବାର ଏକ ସମ୍ପୂର୍ଣ୍ଣ ଦାର୍ଶନିକ କଳା। ତାଙ୍କର ଏହି ଦିବ୍ୟ ରୂପକୁ ଆମେ ଯଦି କେବଳ ବାହ୍ୟ ଦୃଷ୍ଟିରେ ନଦେଖି ତାଙ୍କର ଆଧ୍ୟାତ୍ମିକ ଓ ବ୍ୟବହାରିକ ମହତ୍ତ୍ୱକୁ ନିଜ ଜୀବନରେ ପ୍ରୟୋଗ କରିବା, ତେବେ ଆମର ବୁଦ୍ଧି ସଂଶୋଧିତ ହୋଇ, ଜୀବନର ସମସ୍ତ ବିଘ୍ନ ଦୂର ହେବ ଏବଂ ସମାଜରେ ସୁଖ-ଶାନ୍ତି ପ୍ରତିଷ୍ଠା ହୋଇପାରିବ। ସେଥିପାଇଁ ଶ୍ରୀଗଣେଶ ସ୍ୱରୂପର ମହତ୍ତ୍ୱ ସନାତନ ସଂସ୍କୃତିର ଏକ ଚିରନ୍ତନ ଓ ଅଦ୍ୱିତୀୟ ମହତ୍ତ୍ୱକୁ ପ୍ରତିପାଦିତ କରିଛି।

## ହେ ଗଜାନନ



ଦେଖ
ବାଇଶି ବର୍ଷ ହେଲା
ଅଧାଗଢ଼ା ଜୀବନକୁ ନେଇ
ଜୀଇଁ ଚାଲିଛି ମୋର ହତଭାଗ୍ୟ ଜୀବନ,

ଯାହା ଦେଇଛ
ତାହା ଖୁସିରେ ସାଉଁଟି ନେଇଛି
ଯାହା ଦେଇନ
ତାହାକୁ ନେଇ କେବେ ଅଭିଯୋଗ
କରିନି,
କି କେବେ ବର୍ଣ୍ଣି ପାରିନି
ତମ ଆଗରେ ହୃଦୟର କେଇ ପର୍ଦ୍ଦ
ଅକୁହା କଥା..... !

ଶୁଣିଛି,
ତମେ ତିମିରକୁ ଭେଦି
ଜହ୍ନ ଉଏଁଇ ପାର ଅମାବାସ୍ୟା ରାତିରେ,
ତମେ ଅଜ୍ଞାନ ମୁଣ୍ଡରେ ଭରିଦେଇପାର
ଜ୍ଞାନର ସବୁତକ ବୀଜ,
ପୁଣି ତମ ବଳରେ ହତଭାଗ୍ୟ
ପାରି ହେଇଯାଏ ବୁଦ୍ଧିର ପରିସୀମା.... !

ଜାଣିନି,
କେବେ ,କେମିତି ,କେଉଁ ମୁହୂର୍ତ୍ତରେ
ତମକୁ ମନେ ପକେଇଛି
କି ତମ ଆଗରେ ବଖାଣିଛି ହୃଦୟର
ବେଦନା ?
କିନ୍ତୁ
ଏତିକି ଜାଣିଛି
ଯେତେବେଳେ ଜୀବନର ଘଡିସନ୍ଧି
ବେଳରେ
ନିଜର ସବୁତକ ବଳ, ବୁଦ୍ଧି, ବିଦ୍ୟା
ହାରି ଦେବାର ମୁହୂର୍ତ୍ତରେ
ତମେ ଆସି ସମ୍ଭାଳି ନେଇଯାଅ
ମୋର ପରିବାପଣିଆକୁ,
ତମେ ଆସି ଜିତେଇ ଦେଇଯାଅ
ହାରିଯିବାର ସବୁତକ ବାଜି....... !

**ଦିନେଶ ମେହେର**
ସ୍ନାତକୋତ୍ତର (ଇତିହାସ ବିଭାଗ-୧)
ଭବାନୀପାଟଣା, କଳାହାଣ୍ଡି
୮୦୧୮୮୨୮୪୫୬

## ଗଜାନନ ଗୀତି

ମରଣ ତାଡିକୁ ଆଲିଙ୍ଗନ କଲ
ମାତାଙ୍କ ସୁରକ୍ଷା ପାଇଁ,
କୁହ ଗଜାନନ ତୁମ ପରି ପୁତ୍ର
ପାରିଛିକି କେ ହୋଇ ?

ତୁମେ ଗଜାନନ ପୀରତି ଭାବର
ନିନାଦିତ ଶଙ୍ଖନାଦ,
ଏବେ ମୂଢ଼ ନର ନୀରବରେ କିଆଁ
ଅହଂକାର ବଶମ୍ବଦ ?

ଇତର ମୂଷାକୁ ଆଦରିଲ ତୁମେ
ଉଦାରରେ ଗଜାନନ,
ଉଚ୍ଚତର ପ୍ରାଣୀ ହୋଇବି ମଣିଷ
ଶିଖିଲାକି ତୁମଗୁଣ ?

ଲଡ୍ଡୁ ପ୍ରିୟ ବୋଲି ତୁମ ପାଶେ ଲାଗେ
ଶରଧାରେ ସେଇ ଭୋଗ,
ରାଜନୀତି ଲଡ୍ଡୁ ନେତାଙ୍କର କିନ୍ତୁ
କ୍ଷମତାର ଭୋକରଙ୍ଗ।

ଏଇ ଦିନେ ପ୍ରଭୁ ତୁମ ହୃଦୟରେ
ଅଗ୍ରପୂଜ୍ୟ ଗଜାନନ,
ବାକି ଦିନେ କିଆଁ କାମନାର ତାଡି
ଗଜପରି ବଳବାନ ?

ଗଜାନନଙ୍କର ବୁଦ୍ଧି ଜ୍ଞାନ ସବୁ
ପାରିଛୁ କି ହୃଦେ ବୋଳି ?
ନହେଲେ କାହିଁକି ହୀନମନ୍ୟତାରେ
ହେଉଅଛୁ କୋଳାକୋଳି ?

**ସୁଜିତ କୁମାର ମିଶ୍ର**
ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
୭୬୮୩୮୬୭୭୪୨

## ବିଘ୍ନ ବିନାଶନ ଗଉରୀ ନନ୍ଦନ

ବିଘ୍ନ ବିନାଶନ ଗଉରୀ ନନ୍ଦନ
ଗଣପତି , ଲମ୍ବୋଦର
ଗଣେଶ, ବିଘ୍ନେଶ, ଗଜେନ୍ଦ୍ରବଦନ
ପ୍ରଭୁ ପାଶାଙ୍କୁଶଧର ।
ଭାଦ୍ରବ ଶୁକଳ ଚତୁର୍ଥୀ ତିଥିରେ
କର ବାରେ ଆଗମନ
ସିଦ୍ଧି, ନିଧି, ବୁଦ୍ଧି, ବିଦ୍ୟା ପ୍ରଦାୟକ
ଅପେକ୍ଷାରେ ଭକ୍ତ ଜନ
ହେ ମଙ୍ଗଳମୟ ! ଅଗ୍ରପୂଜ୍ୟ ପ୍ରଭୁ
ଝରାଅ କରୁଣା ଝର ।
ମୂଷିକ ପୃଷ୍ଠରେ ଆରୋହଣ କରି
ସରଗୁ ଓହ୍ଲାଇ ଆସ
ଭକତ ମନରେ ଭାବ ସୃଷ୍ଟି କରି
ଦିବ୍ୟଜ୍ୟୋତି ପରକାଶ
ଭକତର ଦୁଃଖ କାନଡେରି ଶୁଣି
ସକଳ ସଙ୍କଟ ହର ।

**ନିରଞ୍ଜନ ସାହୁ**
ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ, ୭୫୯୦୧୬
୯୯୩୮୭୪୧୫୮୩

## ଗଣେଶ ବନ୍ଦନା

ବୁଦ୍ଧି ଦିଅ ବୋଲି ତୁମେ
ବୁଦ୍ଧିଦାତା ହେଲ
ବିଘ୍ନବିନାଶନ ହୋଇ
ବିପଦରେ ସାହସ ଢାଲ ।।
ହେ ଗଣପତି ଗଜାନନ
ଅଗ୍ରପୂଜ୍ୟ ଭଗବାନ
ଅନ୍ଧକାରୁ ଆଲୋକ ଭରି
ଜୀବନକୁ ଉଜ୍ଜ୍ୱଳକର ।।
ନମ ଗଣେଶ ନମ ବିଘ୍ନେଶ
ଗିରିଜା ନନ୍ଦନ ପ୍ରଭୁ
ଆଶିଷ ଦିଅ କରୁଣା ଦିଏ
ଭକତି ଅନ୍ତରେ ଡାକଇ ପ୍ରଭୁ ।।
ପାର୍ବତୀ ପୁତ୍ର ଶଙ୍କର ସୁତ
ମୂଷିକ ବାହନ ପ୍ରଭୁ
ଏକ ଦନ୍ତ ମହାକାୟ
ତୁମରି ହାତେ ଚାଲେ ସବୁ ।।
ଦୂର ହେଉ ଅନ୍ଧକାର
ସ୍ଥିତ ହେଉ ସଦାଚାର
ବୁଦ୍ଧି ଜ୍ଞାନର ହେଉ ଉଦୟ
ମଙ୍ଗଳମୟ ହେଉ ସଂସାର ।।
ପର ଉପକାର ଲାଗି ସାହସ ଦିଏ
କର ଚରଣେ ବଳ ଭରି ଦିଏ
ଆହେ ବିଘ୍ନହର ଗଣପତି
ତୁମ ପାଦ ତଳେ କରୁଛି ପ୍ରଣତି ।।

-**ଦୀପିକା ହୋତା,** ନୂଆପଡ଼ା

## ଅକ୍ଷର ପ୍ରତି କୃତଜ୍ଞତା

ଶିବ-ପାର୍ବତୀ ନନ୍ଦନଙ୍କ କୃପା ଯେବେ ହେଲା,
ଭାବନା ମୋ ରୂପ ନେଇ ଅକ୍ଷରେ ସଜିଲା।
ବିଘ୍ନରାଜ ଶ୍ରୀଗଣେଶ ପ୍ରେରଣା ଢାଳିଲେ,
ମାତୃଭାଷା ବେଦନାକୁ ପଦେ ସଜାଡ଼ିଲେ।

ଧନ୍ୟ ହେ 'ଅକ୍ଷର' ତୁମେ ଧନ୍ୟ ତୁମ ସେବା,
ଏ ଅପୂର୍ବ ସୁଯୋଗକୁ କୃତଜ୍ଞତା ଦେବା।
ଭାଷାର ବେଦନା ଥିଲା ବ୍ୟାକୁଳିତ ପ୍ରାଣେ,
ଆଦରେ ସ୍ଥାନ ତ ତୁମେ ଦେଲ ନିଜ ମନେ।

ମାତୃଭାଷା ପାଇଁ ଯେଉଁ ଲୁହ ଝରୁଥିଲା,
ତୁମରି ପୃଷ୍ଠାରେ ଆସି ଆଶ୍ରୟ ଲଭିଲା।
ମନର ଭାବନାକୁ ଯେ ଦେଇଅଛ ଡେଣା,
ଜଗତେ ଶୁଣାଇ ଦେଲ ଭାଷାର ବେଦନା।

ଲେଖକର ସ୍ୱପ୍ନକୁ ତୁମେ ସାକାର ଯେ କଲ,
ଭାଷା ସାହିତ୍ୟର ନବ ଦିଶା ଦେଖାଇଲ।
କୋଟି କୋଟି ଧନ୍ୟବାଦ ହେ ପ୍ରିୟ 'ଅକ୍ଷର',
ପ୍ରଗତି ପଥରେ ସଦା ବଢୁ ତୁମ ଆଦର।

**-ତନୁଜ କୁମାର ମଲଣା**

# ଆମ ଗ୍ରହକୁ ଶୀତଳ ରଖିବା ପାଇଁ ବିଶ୍ୱ ସ୍ତରୀୟ ପ୍ରୟାସ

ପୃଥିବୀ ଆମର ଘର। ଏହି ଘରର ବାୟୁ, ଜଳ, ମାଟି, ଜଙ୍ଗଲ, ନଦୀ, ପାହାଡ଼ ଓ ଜୀବଜନ୍ତୁ ସଭିଙ୍କୁ ନେଇ ଆମ ଜୀବନର ଆଧାର। କିନ୍ତୁ ମଣିଷର ଅତ୍ୟଧିକ ଭୋଗବାଦ, ଜୀବାଶ୍ମ ଇନ୍ଧନର ବ୍ୟାପକ ବ୍ୟବହାର, ଜଙ୍ଗଲ ଧ୍ୱଂସ ଓ ଅନିୟନ୍ତ୍ରିତ ଶିଳ୍ପାୟନ ପୃଥିବୀର ପ୍ରାକୃତିକ ସନ୍ତୁଳନକୁ ଗୁରୁତର ଭାବେ ପ୍ରଭାବିତ କରୁଛି। ଫଳରେ ବଢୁଛି ଗ୍ରୀଷ୍ମର ତୀବ୍ରତା, ଅନିୟମିତ ବର୍ଷା, ବନ୍ୟା, ମରୁଡ଼ି, ଘୂର୍ଣ୍ଣିବାତ୍ୟା ଓ ଅନ୍ୟାନ୍ୟ ଚରମ ପାଣିପାଗ ଘଟଣା ଏବେ ନିତିଦିନିଆ ହୋଇଗଲାଣି।

ପୃଥିବୀକୁ 'ଶୀତଳ' ରଖିବା ଅର୍ଥ କେବଳ ଗଛ ଲଗାଇବାର ଏକ ସାଧାରଣ କାର୍ଯ୍ୟ ନୁହେଁ,ଏହା ଏକ ବିଶ୍ୱସ୍ତରୀୟ ଜୀବନରକ୍ଷା ଅଭିଯାନ। ଏଥିପାଇଁ ଦେଶ, ସରକାର, ଶିଳ୍ପସଂସ୍ଥା, ବୈଜ୍ଞାନିକ ସମୁଦାୟ ଓ ସାଧାରଣ ଲୋକଙ୍କୁ ଏକାଠି ହେବାକୁ ପଡ଼ିବ। ଜଳବାୟୁ ପରିବର୍ତ୍ତନର ମୂଳ କାରଣ ଖୋଜିଲେ ମନ ଭିତରେ ଉଙ୍କି ମାରେ ବାୟୁମଣ୍ଡଳ କଥା। କୋଇଲା, ତୈଳ ଓ ପ୍ରାକୃତିକ ଗ୍ୟାସ ଭଳି ଜୀବାଶ୍ମ ଇନ୍ଧନ ଜଳିବା ସମୟରେ ବହୁ ପରିମାଣରେ ଅଙ୍ଗାରକାମ୍ଳ ଓ ଅନ୍ୟାନ୍ୟ ଉଷ୍ମଧାରୀ ଗ୍ୟାସ ବାୟୁମଣ୍ଡଳକୁ ଯାଏ। ଏହି ଗ୍ୟାସଗୁଡ଼ିକ ପୃଥିବୀରୁ ବାହାରୁଥିବା ଉଷ୍ମାର କିଛି ଅଂଶକୁ ଧରି ରଖିଥାଏ। ଏହାକୁ ହିଁ ଗ୍ରୀନହାଉସ୍ ପ୍ରଭାବ କୁହାଯାଏ।ପ୍ରାକୃତିକ ଭାବେ ଗ୍ରୀନହାଉସ୍ ପ୍ରଭାବ ଜୀବନ ପାଇଁ ଆବଶ୍ୟକ। କିନ୍ତୁ ମଣିଷର କାର୍ଯ୍ୟକଳାପ ଏହାକୁ ଅତ୍ୟଧିକ ବଢ଼ାଇ ଦେଇଥିବାରୁ ପୃଥିବୀର ହାରାହାରି ତାପମାତ୍ରା ବୃଦ୍ଧି ପାଉଛି। ତେଣୁ ଆଜିର ଚ୍ୟାଲେଞ୍ଜ କେବଳ 'ପାଣିପାଗ'ର ନୁହେଁ, ଏହା ଖାଦ୍ୟ, ପାଣି, ସ୍ୱାସ୍ଥ୍ୟ, କୃଷି, ଅର୍ଥନୀତି ଓ ମାନବ ସୁରକ୍ଷାର ପ୍ରଶ୍ନ ଉଠାଉଛି।

ଜଳବାୟୁର କୌଣସି ସୀମା ନାହିଁ। ଗୋଟିଏ ଦେଶରୁ ନିର୍ଗତ ହେଉଥିବା ଗ୍ରୀନହାଉସ୍ ଗ୍ୟାସର ପ୍ରଭାବ କେବଳ ସେହି ଦେଶ ମଧ୍ୟରେ ସୀମିତ ରହେ ନାହିଁ। ସେଥିପାଇଁ ଜଳବାୟୁ ସଙ୍କଟର ସମାଧାନ ମଧ୍ୟ ଏକ ଦେଶର ଏକାକୀ ପ୍ରୟାସରେ ସମ୍ଭବ ନୁହେଁ। ଏହି ଚିନ୍ତାଧାରାରୁ ବିଶ୍ୱସ୍ତରରେ ଅନେକ ପଦକ୍ଷେପ ନିଆଯାଇଛି। ପ୍ୟାରିସ୍ ଚୁକ୍ତି ମାଧ୍ୟମରେ ଦେଶଗୁଡ଼ିକ ବିଶ୍ୱ ତାପମାତ୍ରା ବୃଦ୍ଧିକୁ ଯଥାସମ୍ଭବ ସୀମିତ ରଖିବା ପାଇଁ ସାମୂହିକ ଲକ୍ଷ୍ୟ ଗ୍ରହଣ କରିଛନ୍ତି। ଏହା ସହିତ ପ୍ରତିବର୍ଷ ଅନୁଷ୍ଠିତ ଜାତିସଂଘ ଜଳବାୟୁ ସମ୍ମିଳନୀଗୁଡ଼ିକରେ ନିର୍ଗମନ ହ୍ରାସ, ଜଳବାୟୁ ଅର୍ଥାୟନ, ଅନୁକୂଳନ ଓ କ୍ଷୟ-କ୍ଷତି ଭଳି ପ୍ରସଙ୍ଗ ଉପରେ ଆଲୋଚନା ହେଉଛି।



ଡା. ରାଜାରାମ ଷଡ଼ଙ୍ଗୀ
ଶିଶୁ ମଙ୍ଗଳ ସମିତି, ସମ୍ବଲପୁର
୯୪୩୭୪ ୦୫୪୫୫

ପୃଥିବୀକୁ ଶୀତଳ ରଖିବାର ସବୁଠାରୁ ବଡ଼ ଉପାୟ ହେଉଛି ଗ୍ରୀନହାଉସ୍ ଗ୍ୟାସ ନିର୍ଗମନ କମାଇବା। ଏଥିପାଇଁ ସୌର, ପବନ, ଜଳବିଦ୍ୟୁତ ଓ ଅନ୍ୟାନ୍ୟ ସ୍ୱଚ୍ଛ ଶକ୍ତି ଉତ୍ସର ବ୍ୟବହାର ବଢ଼ାଇବା ଆବଶ୍ୟକ।ବିଶ୍ୱର ବିଭିନ୍ନ ଦେଶ ଏବେ ନବୀକରଣଯୋଗ୍ୟ ଶକ୍ତି, ବିଦ୍ୟୁତ ଯାନ, ଶକ୍ତି ସଞ୍ଚୟକାରୀ ପ୍ରଯୁକ୍ତି ଓ ସବୁଜ ଶିଳ୍ପରେ ବିନିଯୋଗ ବଢ଼ାଉଛନ୍ତି। କିନ୍ତୁ ପରିବର୍ତ୍ତନର ଗତି ଆହୁରି ଦ୍ରୁତ ହେବା ଦରକାର।

ପୃଥିବୀର ତାପମାତ୍ରା ନିୟନ୍ତ୍ରଣରେ ଜଙ୍ଗଲର ଭୂମିକା ଅସାଧାରଣ। ଗଛ ଅଙ୍ଗାରକାମ୍ଳ ଶୋଷଣ କରେ, ଜଳଚକ୍ରକୁ ସହାୟତା କରେ ଏବଂ ସ୍ଥାନୀୟ ପରିବେଶକୁ ଶୀତଳ ରଖେ। ତେଣୁ ନୂଆ ଗଛ ଲଗାଇବା ସହିତ ପୁରୁଣା ପ୍ରାକୃତିକ ଜଙ୍ଗଲକୁ ସୁରକ୍ଷା କରିବା ଅଧିକ ଜରୁରୀ। କେବଳ 'କେତେ ଗଛ ଲଗାଗଲା' ତାହା ନୁହେଁ, 'କେତେ ଜଙ୍ଗଲ ବଞ୍ଚିଲା',ଏହା ମଧ୍ୟ ଆମର ପରିବେଶୀୟ ସଫଳତାର ମାପଦଣ୍ଡ ହେବା ଉଚିତ। ଦ୍ରୁତ ସହରୀକରଣ ଯୋଗୁଁ କଂକ୍ରିଟ୍ ଓ ଡାମର ଅଞ୍ଚଳ ବଢୁଛି। ଏହା ସହରରେ 'Urban Heat Island' ପ୍ରଭାବ ବଢ଼ାଇଥାଏ। ତେଣୁ ସହରରେ ଗଛ, ପାର୍କ, ଜଳାଶୟ, ଖୋଲା ସ୍ଥାନ ଓ ସବୁଜ କରିଡର୍‌କୁ ସୁରକ୍ଷା ଦେବା ଆବଶ୍ୟକ।ଛାତ ଉପରେ ସୌର ପ୍ୟାନେଲ, ସବୁଜ ଛାତ, ଶକ୍ତି-ସଞ୍ଚୟକାରୀ ଭବନ ଓ ସାର୍ବଜନୀନ ପରିବହନ ଭଳି ବ୍ୟବସ୍ଥା ସହରକୁ ଅଧିକ ସ୍ଥାୟୀ କରିପାରିବ।

ଭାରତ ଏକପଟେ ଦ୍ରୁତ ବିକାଶର ପଥରେ ଆଗକୁ ବଢୁଛି, ଅନ୍ୟପଟେ ଜଳବାୟୁ ସଙ୍କଟର ପ୍ରଭାବ ମଧ୍ୟ ଅନୁଭବ କରୁଛି। ତେଣୁ ବିକାଶ ଓ ପରିବେଶ ସୁରକ୍ଷା ମଧ୍ୟରେ ସନ୍ତୁଳନ ଆବଶ୍ୟକ। ଓଡ଼ିଶା ପାଇଁ ଏହି ପ୍ରସଙ୍ଗ ଆହୁରି ଗୁରୁତ୍ୱପୂର୍ଣ୍ଣ। ସମୁଦ୍ରତଟୀୟ ଅଞ୍ଚଳ, ଜଙ୍ଗଲ, ନଦୀ ଓ ଖଣିଜ ସମ୍ପଦ ଉପରେ ନିର୍ଭର ଅର୍ଥନୀତି ଜଳବାୟୁ ଓ ପରିବେଶୀୟ ପରିବର୍ତ୍ତନର ପ୍ରଭାବ ସହିତ ଜଡ଼ିତ। ଶିଳ୍ପାୟନ ଆବଶ୍ୟକ, କିନ୍ତୁ ତାହା ନଦୀ, ଜଙ୍ଗଲ, ଜମି ଓ ଲୋକଙ୍କ ସ୍ୱାସ୍ଥ୍ୟର ମୂଲ୍ୟରେ ହେବା ଉଚିତ ନୁହେଁ।ଜଳବାୟୁ ସୁରକ୍ଷା କେବଳ ସରକାରଙ୍କ କାମ ନୁହେଁ। ଆମର ଛୋଟ ଛୋଟ ଅଭ୍ୟାସ ମଧ୍ୟ ବଡ଼ ପରିବର୍ତ୍ତନ ଆଣିପାରେ।ଅନାବଶ୍ୟକ ବିଦ୍ୟୁତ ବ୍ୟବହାର ଏଡ଼ାଇବା, ସାର୍ବଜନୀନ ପରିବହନ ଓ ସାଇକେଲ୍‌ର ବ୍ୟବହାର ବଢ଼ାଇବା, ପ୍ଲାଷ୍ଟିକ୍ ଓ ଏକବାର ବ୍ୟବହୃତ ସାମଗ୍ରୀ କମାଇବା, ଖାଦ୍ୟ ଅପଚୟ ରୋକିବା, ଜଳ ସଂରକ୍ଷଣ କରିବା ଓ ସ୍ଥାନୀୟ ଗଛଗୁଡ଼ିକୁ ସୁରକ୍ଷା କରିବା ଭଳି ଭଲ ପଦକ୍ଷେପ ହେଉଛି ଜଳବାୟୁ ସୁରକ୍ଷାର ଅଂଶ। ଏଣୁ ଶୀତଳ ପୃଥିବୀ ପାଇଁ ନୂଆ ସଂକଳ୍ପ ନେବାର ସମୟ ଆସିଛି।ଆମେ ଏମିତି ଏକ ବିକାଶ ମଡେଲ୍ ଆବଶ୍ୟକ କରୁଛୁ, ଯେଉଁଠାରେ ଅର୍ଥନୈତିକ ପ୍ରଗତି ସହିତ ପରିବେଶ ସୁରକ୍ଷା ମଧ୍ୟ ଚାଲିବ। ଶିଳ୍ପ ହେଉ, କିନ୍ତୁ ପ୍ରଦୂଷଣ ନିୟନ୍ତ୍ରଣ ସହିତ। ସହର ବଢୁ, କିନ୍ତୁ ଜଳାଶୟ ଓ ସବୁଜ ଅଞ୍ଚଳ ନଷ୍ଟ ନହେଉ। ରାସ୍ତା ହେଉ, କିନ୍ତୁ ଗଛ ଓ ପ୍ରାକୃତିକ ଜଳପଥର ସୁରକ୍ଷା ହେଉ। ବିକାଶ ହେଉ, କିନ୍ତୁ ଆଗାମୀ ପିଢ଼ିର ଅଧିକାରକୁ ବନ୍ଧକ ରଖିବା ଭଳି ନୁହେଁ।ବରଂ ଏହି ପିଢ଼ିକୁ ସୁରକ୍ଷିତ ରଖିବା ଭଳି ସାମୁହିକ ଉଦ୍ୟମ ଲୋଡ଼ା। ପୃଥିବୀକୁ ଶୀତଳ ରଖିବାର ଅର୍ଥ କେବଳ ତାପମାତ୍ରା କମାଇବା ନୁହେଁ। ଏହା ମଣିଷ ଓ ପ୍ରକୃତି ମଧ୍ୟରେ ହରାଇଯାଉଥିବା ସନ୍ତୁଳନକୁ ପୁନଃସ୍ଥାପନ କରିବା। ଏହି ଲଢ଼େଇରେ କୌଣସି ଦେଶ ଏକା ଜିତିପାରିବ ନାହିଁ। ବିଶ୍ୱକୁ ଏକାଠି ହେବାକୁ ପଡ଼ିବ, ଏବଂ ପ୍ରତ୍ୟେକ ମଣିଷକୁ ନିଜ ଭୂମିକା ନେବାକୁ ପଡ଼ିବ। ଆଜିର ଏକ ଗଛ ଆସନ୍ତାକାଲିର ଛାୟା। ଆଜିର ଏକ ସଚେତନ ପଦକ୍ଷେପ ଆଗାମୀ ପିଢ଼ିର ନିରାପଦ ଭବିଷ୍ୟତ ଏହାକୁ ପ୍ରତିଟି ମଣିଷ ଉପଲବ୍ଧି କରିବାକୁ ପଡିବ। ଏହା ସ୍ପଷ୍ଟ ବାର୍ତ୍ତା ଦିଏକି ପୃଥିବୀ ଆମର ସମ୍ପତ୍ତି ନୁହେଁ,ଏହା ଆମ ଆଗାମୀ ପିଢ଼ି ପାଖରୁ ଆମେ ଧାର ନେଇଥିବା ଏକ ଅମୂଲ୍ୟ ଘର। ତାହାକୁ ଉତ୍ତପ୍ତ ନୁହେଁ, ସୁସ୍ଥ, ସବୁଜ ଓ ଶୀତଳ ରଖିବା ଆମ ସମସ୍ତଙ୍କ ସାମୂହିକ ଦାୟିତ୍ୱ।

# ରୂପ ଅରୂପର ପ୍ରେମ

ସେଦିନ ସଞ୍ଜବେଳେ ବାଲକୋନିରେ ବସି ଚା' ପିଉ ପିଉ ଅନନ୍ୟା ନିଜର ଆଉ ନୀରବର ଗୋଟିଏ ପୁରୁଣା ଫଟୋ ଦେଖୁଥିଲା। ଫଟୋରେ ସେ ସଜେଇ ହୋଇ, ଓଠରେ ମିଠା ହସ ଆଉ ଆଖିରେ ଏକ ସୁନ୍ଦର ଚମକ ନେଇ ଠିଆ ହୋଇଥିଲା। ସେ ହସି ହସି ନୀରବକୁ ପଚାରିଲା, 'ତୁମକୁ ମୋର ଏହି ରୂପଟି ବହୁତ ପସନ୍ଦ ନା ?'

ନୀରବ ତା' ପାଖକୁ ଆସି ତା' ହାତରୁ ଫୋନ୍‌ଟି ନେଇ ପାଖରେ ରଖିଦେଲା। ତା' ଆଖିରେ ଆଖି ମିଶାଇ କହିଲା, 'ନା ଅନନ୍ୟା, ମୋତେ ତୁମେ କେବଳ ସେତେବେଳେ ସୁନ୍ଦର ଲାଗନି, ଯେତେବେଳେ ତୁମ ବାଳ ଖୋଲାଥାଏ, ଓଠରେ ହସ ଥାଏ ଆଉ ଆଖିରେ ଜହ୍ନରାତି ଓହ୍ଲାଇ ଆସିଥାଏ।' ସେ ଅନନ୍ୟାର ହାତକୁ ନିଜ ହାତପାପୁଲିରେ ନେଇ ଆସ୍ତେ ଚାପିଧରି ଆଗକୁ କହିବାକୁ ଲାଗିଲା 'ମୋର ମନେଅଛି, ସେହି ସକାଳ କଥା। ଯେତେବେଳେ ତୁମେ ନିନ୍ଦରୁ ଉଠି ଅଧାବୁଜା ଆଖିରେ ଚା' ବନାଇବାକୁ ରୋଷେଇ ଘରକୁ ଯାଉଥିଲ। ବାଳଗୁଡ଼ିକ ବିଛୁଡ଼ି ହୋଇଥିଲା, ଆଉ ମୁହଁରେ ରାତିର କ୍ଳାନ୍ତି ଥିଲା ଯେମିତି ରାତି ଯାଉ ଯାଉ ତା'ର ଶେଷ ମହକ ତୁମ ମୁହଁରେ ଛାଡ଼ି ଦେଇଯାଇଛି। ମୋତେ ତୁମର ସେହି ସକାଳର ନିଷ୍କପଟ ରୂପ ବି ସେତିକି ପ୍ରିୟ।'

'ମୋତେ ତୁମର ସେହି ରୂପ ବି ଦରକାର ଯେତେବେଳେ ତୁମେ ସାମାନ୍ୟ କଥାରେ ରୁଷିଯାଅ ଭ୍ରୂଲତା ଗହଣରେ ମେଘ, ଓଠରେ ନୀରବତା, ଆଉ ଆଖିରେ ଲୁଚିରହିଥିବା ମନାଇବାର ଗୋଟିଏ ଛୋଟ ଇଚ୍ଛା। ମୁଁ ତୁମର ସେହି ରୂପକୁ ବି ପ୍ରେମ କରେ ଯାହା ସାରା ଦିନ ଏ ନିଷ୍ଠୁର ଦୁନିଆ ସହ ଲଢ଼ି ଲଢ଼ି ସଞ୍ଜ ହେଲା ବେଳକୁ ଥକିଯାଏ। ସେତେବେଳେ ମୁଁ ତୁମ କାନ୍ଧରେ ମୁଣ୍ଡ ରଖି କହିବାକୁ ଚାହେଁ ଆଜି କିଛି ହୁଅନାହିଁ, ଆଜି ବସ୍ ମୋ ବାହୁବନ୍ଧନରେ ତୁମର ସବୁ ସାହସ ଓ ଶକ୍ତି ଓହ୍ଲାଇ ଦିଅ।' ଅନନ୍ୟା ନୀରବର କଥା ଶୁଣି ନିଜ ଭିତରେ ଏକ ଅଜବ ଶାନ୍ତି ଅନୁଭବ କରୁଥିଲା। ତା' ଆଖିପାପୁଡ଼ିରେ ସଙ୍କୋଚର ଏକ ହାଲୁକା ଲାଲିମା ଓହ୍ଲାଇ ଆସିଲା। ନୀରବ ତା' ଗାଲକୁ ସ୍ପର୍ଶ କରି କହିଲା, 'ତୁମର ହସ ବସନ୍ତ ପରି, କାନ୍ଦ ବର୍ଷାର ପ୍ରଥମ ଓଦା ମାଟି ପରି, ଆଉ ନୀରବତା ଗଭୀର ସମୁଦ୍ର ପରି। ମୋତେ ତୁମର ସଙ୍କୋଚ ବି ପ୍ରିୟ, ଯେତେବେଳେ ମୋ ଆଙ୍ଗୁଠି ତୁମ ହାତକୁ ଛୁଏଁ ଆଉ ତୁମେ ଆଖି ନୁଆଁଇ ନିଅ। ଆଉ ସବୁଠାରୁ ଅଧିକ ମୋତେ ସେହି ନାରୀ ପ୍ରିୟ, ଯିଏ ନିଜ ପ୍ରେମରେ ନିଜ ଇଚ୍ଛାକୁ ଡରେନାହିଁ ଯେଉଁଦିନ ତୁମେ ନିଜେ ମୋ ପାଖକୁ ଆସି ମୋ ଛାତିରେ ମୁଣ୍ଡ ରଖି ନିଜର ସବୁ ଭାର ଛାଡ଼ିଦିଅ। ସେତେବେଳେ ତୁମ ଶରୀରଠାରୁ ଅଧିକ ତୁମର ବିଶ୍ୱାସ ମୋତେ ଛୁଇଁଯାଏ।' ନୀରବ ଅନନ୍ୟାର ଆଖିରେ ଆଖି ମିଶାଇ ଶେଷରେ କହିଲା, 'ତୁମର ସବୁଠାରୁ ଆକର୍ଷଣୀୟ ରୂପ ସେତିକିବେଳେ ଦେଖାଯାଏ, ଯେତେବେଳେ ତୁମେ ସୁନ୍ଦର ଦେଖାଯିବାକୁ କୌଣସି ଚେଷ୍ଟା କରନାହିଁ। ଯେତେବେଳେ ତୁମକୁ ନିଜର କୌଣସି ତ୍ରୁଟି କିମ୍ବା କ୍ଳାନ୍ତି ଲୁଚାଇବାର ଆବଶ୍ୟକତା ନଥାଏ, ଆଉ ତୁମେ ମୋ ସାମ୍ନାରେ କେବଳ ନିଜର ସମ୍ପୂର୍ଣ୍ଣ ସତ୍ୟ ହୋଇ ରହିଯାଅ। ସେହି ମୁହୂର୍ତ୍ତରେ ତୁମେ କୌଣସି ଅପ୍ସରୀଠାରୁ ବି ସୁନ୍ଦର ଲାଗ, କାରଣ ଅପ୍ସରୀର ସୌନ୍ଦର୍ଯ୍ୟ ଆଖିକୁ ବାନ୍ଧିରଖେ, ଆଉ ତୁମର ଏହି ସତ୍ୟ ରୂପ ସିଧା ମୋ ଆତ୍ମାକୁ ବାନ୍ଧିନିଏ।' ଅନନ୍ୟାର ଆଖିରୁ ଖୁସିର ଲୁହ ଝରିପଡ଼ିଲା। ସେ କିଛି ନକହି ଆସି ନୀରବର ଛାତିରେ ନିଜ ମୁଣ୍ଡ ରଖିଦେଲା। ନୀରବ ତା' ବାଳକୁ ଧୀରେ ଛୁଇଁ ଭାବୁଥିଲା ସେ ଗୋଟିଏ ରୂପର ପ୍ରେମିକ ନୁହେଁ, ସେ ସେହି ନାରୀକୁ ପ୍ରତ୍ୟେକ ଥର, ପ୍ରଥମ ଥର ପରି ପ୍ରେମ କରିବସେ।

ବିପ୍ଳବ ବିକାଶ ବେହେରା
ରାଣୀତାଲ, ଭଦ୍ରକ, ୮୩୩୮୨୧୦୯୭

# ରେଡ଼ିଓ ଏବଂ କୃତ୍ରିମ ବୁଦ୍ଧିମତା

ଚଳିତ ବର୍ଷ ବିଶ୍ୱ ରେଡ଼ିଓ ଦିବସର ବାର୍ତ୍ତା ରହିଛି 'ରେଡ଼ିଓ ଏବଂ କୃତ୍ରିମ ବୁଦ୍ଧିମତା'। ସଂକ୍ଷେପରେ ଏହାକୁ ବ୍ୟାଖ୍ୟାକଲେ ରେଡ଼ିଓ ସହ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାକୁ ଯୋଡ଼ି ଉନ୍ନତିର ଏକ ନୂଆ ପଥକୁ ଆବିଷ୍କାର କରିବା। ଗତବର୍ଷ ଡିସେମ୍ବର ମାସରେ ଆସାମର ଗୌହାଟୀ ଠାରେ ଅନୁଷ୍ଠିତ ହୋଇଥିବା ଦୁଇଦିନିଆ ପୂର୍ବାଞ୍ଚଳ ସ୍ତରୀୟ ଗୋଷ୍ଠୀ ବେତାର ସମ୍ମେଳନ ୨୦୨୫ ରେ ଏହି ପ୍ରସଙ୍ଗକୁ ମୁଖ୍ୟ ଭାବେ ଆଲୋଚନା କରାଯାଇଥିଲା। କୃତ୍ରିମ ବୁଦ୍ଧିମତା ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା ଏ.ଆଇ. ହେଉଛି ଆଧୁନିକ ପ୍ରଯୁକ୍ତିବିଦ୍ୟାର ଏକ ଶକ୍ତିଶାଳୀ ଉପକରଣ ଯାହାର ପ୍ରୟୋଗ ଏବେ ବିଭିନ୍ନ କ୍ଷେତ୍ରରେ କରାଯାଉଛି। ଏହି କ୍ରମରେ ରେଡ଼ିଓ ବା ବେତାର ପରି ପୁରାତନ ଗଣମାଧ୍ୟମକୁ ସାମିଲ୍ କରିବା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ। କୃତ୍ରିମ ବୁଦ୍ଧିମତାକୁ ରେଡ଼ିଓରେ ବ୍ୟବହାର କରାଗଲେ ସୃଜନଶୀଳତା, କାର୍ଯ୍ୟଦକ୍ଷତା ଏବଂ ସମ୍ପର୍କର ପୃଷ୍ଠଭୂମି ସୁଦୃଢ଼ ହେବ ବୋଲି ବିଭିନ୍ନ ମଞ୍ଚରେ ବର୍ତ୍ତମାନ ତର୍କ ବିତର୍କ କରାଯାଉଛି। କିନ୍ତୁ ଏହି ସ୍ଥାନରେ ସ୍ୱାଭାବିକ ଭାବେ ପ୍ରଶ୍ନ ଉଙ୍କିମାରୁଛି ଯେ କୃତ୍ରିମ ବୁଦ୍ଧିମତା ରେଡ଼ିଓରେ କିପରି ଭାବେ କାର୍ଯ୍ୟ କରିବ। ରେଡ଼ିଓ ମୁଖ୍ୟତଃ ସ୍ୱର ଓ ଶବ୍ଦକୁ ନେଇ କାର୍ଯ୍ୟକରେ କିନ୍ତୁ ଏହା ପଛରେ ବିଭିନ୍ନ ସାଧନ ଗୁଡ଼ିକ ରହିଥାଏ ଯଥା ଶ୍ରୋତାଙ୍କ ମନ ପସନ୍ଦର କାର୍ଯ୍ୟକ୍ରମ ପ୍ରସାରଣ କରିବା, ନିଆରା ଢଙ୍ଗରେ ଉପସ୍ଥାପନା କରିବା , ସ୍କ୍ରିପ୍ଟ ଲେଖିବା, ସାକ୍ଷାତକାର ନେବା, ଉପଯୋଗୀ ସଙ୍ଗୀତ ପ୍ରସ୍ତୁତ କରିବା ଇତ୍ୟାଦି।

ପ୍ରସାରଣର ସ୍ୱତନ୍ତ୍ର ମାଧ୍ୟମ ଯୋଗେ ରେଡ଼ିଓ ଶ୍ରୋତାଙ୍କ ପାଖରେ ପହଞ୍ଚୁଛି ଏବଂ ଏଥିପାଇଁ ପ୍ରତ୍ୟେକ ବେତାର କେନ୍ଦ୍ରରେ ଏକ ନିର୍ଦ୍ଦିଷ୍ଟ ପ୍ରସାରଣ ସଂସ୍ଥା କାମ କରୁଛି । ଏହି ସମସ୍ତ କାର୍ଯ୍ୟରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ କୃତ୍ରିମ ବୁଦ୍ଧିମତା ବା ଏ.ଆଇ. ଏକ ବରଦାନ ଭାବେ ବର୍ତ୍ତମାନ ଉଭା ହୋଇଛି। ଉଦାହରଣ ସ୍ୱରୂପ ରେଡ଼ିଓରେ ପ୍ରସାରଣ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର ଅଡିଓ ବା ବାଣୀକୁ ତତକ୍ଷଣାତ୍ ଲେଖାରେ ରୂପାନ୍ତରଣ କରିବା କିମ୍ବା କୌଣସି ଲେଖାକୁ ଅଡିଓରେ ରୂପାନ୍ତରଣ କରିବା ଏବଂ ଅନ୍ୟ ଭାଷାରେ ଅନୁବାଦ କରିବା ପରି କାର୍ଯ୍ୟ ଏବେ ସ୍ୱୟଂ ଚାଳିତ କୃତ୍ରିମ ବୁଦ୍ଧିମତା ଦ୍ୱାରା ସମ୍ଭବ ହେଉଛି। କୌଣସି ପ୍ରକାରର ଅଶାଳୀନ ଶବ୍ଦ ଯେପରି ରେଡ଼ିଓରେ ପ୍ରସାରଣ ନହୁଏ ତାର ସମ୍ପୂର୍ଣ୍ଣ ଦାୟିତ୍ୱ ଏ.ଆଇ. ରଖୁଛି। ରେଡିଓରେ ପ୍ରସ୍ତୁତ ହେଉଥିବା ସଙ୍ଗୀତ କଥା ଟିକେ ଚିନ୍ତା କରନ୍ତୁ ଯେଉଁଥିରେ ଗୀତିକାର, କଣ୍ଠଶିଳ୍ପୀ, ସଙ୍ଗୀତ ପରିଚାଳକ, ବାଦ୍ୟଯନ୍ତ୍ର ଶିଳ୍ପୀ ଆଦିଙ୍କର ଆବଶ୍ୟକତା ରହେ । ଏଥିପାଇଁ ଅଧିକ ପାରିଶ୍ରମିକ ଏବଂ ଦୀର୍ଘ ସମୟ ଖର୍ଚ୍ଚହୁଏ। ଏହି କ୍ଷେତ୍ରପାଇଁ ଯଦି କୃତ୍ରିମ ବୁଦ୍ଧିମତାକୁ ପ୍ରୟୋଗ କରାଯାଏ ତେବେ ଖୁବ୍ କମ୍ ସମୟରେ ଶ୍ରୋତାଙ୍କ ମନ ପସନ୍ଦର ବିଭିନ୍ନ ଗୀତ ପ୍ରସ୍ତୁତ ହୋଇପାରିବ ଯାହାର ଏକ ଜ୍ୱଳନ୍ତ ଉଦାହରଣ



ଅଧ୍ୟାପକ ରାଜେଶ ରାୟ
ସାମୟିକ ଉଦଘୋଷକ,
ଆକାଶବାଣୀ, ଜୟପୁର
୬୩୭୧୫୫୫୯୪୦

ହେଉଛି ସୁନୋ ଏ. ଆଇ ଆପ୍। ବର୍ତ୍ତମାନ ଏହି ଆପ୍ କୁ ବ୍ୟବହାର କରି କିଛି ମାଧ୍ୟମରେ ସୁନ୍ଦର ସୁନ୍ଦର ଗୀତ ପ୍ରସ୍ତୁତ କରାଯାଉଛି । ଅବଶ୍ୟ ମଣିଷ ଦ୍ୱାରା ପ୍ରସ୍ତୁତ ହେଉଥିବା ଗୀତ ଏବଂ ଗୋଟିଏ ଯନ୍ତ୍ର ଦ୍ ?ାରା ପ୍ରସ୍ତୁତ ହେଉଥିବା ଗୀତ ମଧ୍ୟରେ ଅନେକ ପାର୍ଥକ୍ୟ ଅଛି । ତଥାପି ରେଡ଼ିଓର ବିକାଶ ପାଇଁ ଏହି ଦିଗକୁ ଅନୁସରଣ କରିବା କିଛି ଖରାପ ନୁହେଁ । ମନୋରଞ୍ଜନର ନିଆରା ମାଧ୍ୟମ ରୂପେ ରେଡ଼ିଓ କାମ କରିବା ସହ ବିଭିନ୍ନ ଶିକ୍ଷା ଭିତ୍ତିକ ସୂଚନାକୁ ଶ୍ରୋତାଙ୍କ ପାଖେ ପହଞ୍ଚାଇ ଥାଏ । କରୋନା କାଳରେ ରେଡ଼ିଓ ମାଧ୍ୟମରେ ପାଠ ପଢେଇବାର ଚିତ୍ର ଆପଣ ଦେଖିଥିବେ ନିଶ୍ଚୟ। ଉପାନ୍ତ ଅଞ୍ଚଳରେ ରହୁଥିବା ଗରିବ ପିଲାମାନଙ୍କୁ ସହଜରେ ବିଭିନ୍ନ ଶିକ୍ଷା ଦେବାପାଇଁ ଆକାଶବାଣୀ ଏବଂ ଗୋଷ୍ଠୀ ବେତାର କେନ୍ଦ୍ର ପରି ରେଡ଼ିଓ ସଂସ୍ଥା ଗୁଡିକ ବର୍ତ୍ତମାନ ସକ୍ରିୟ ଭାବେ କାମ କରୁଛନ୍ତି। ଯଦି ଏହି କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାକୁ ସାମିଲ କରାଯାଏ ତେବେ ଅତି ସରଳରେ ଏବଂ ଆକର୍ଷଣୀୟ ଢଙ୍ଗରେ ପିଲାମାନେ ଘରେ ରହି ରେଡ଼ିଓ ମାଧ୍ୟମରେ ପାଠ ପଢିପାରିବେ କାରଣ କୃତ୍ରିମ ବୁଦ୍ଧିମତା ପିଲାମାନଙ୍କର ମାନସିକତାକୁ ସହଜ ଭାବେ ପଢ଼ିଅତି ନିଆରା ଶୈଳୀରେ ଶିକ୍ଷାଦାନ କରୁଛି ଯାହା ଗୋଟିଏ ପିଲା ସରଳ ଭାବେ ଆନନ୍ଦ ମନରେ ବୁଝିପାରୁଛି।

ରେଡ଼ିଓର ଅନ୍ୟଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ହେଲା ଉପସ୍ଥାପନା । ଜଣେ ଉପସ୍ଥାପକ କିମ୍ବା ଉପସ୍ଥାପିକା ନିଜର ସୁମଧୁର କଣ୍ଠ ଏବଂ ଶବ୍ଦ ସଂଯୋଜନା ଶୈଳୀରେ ରେଡ଼ିଓକୁ ଶ୍ରୋତାଙ୍କ ପାଖରେ ପହଞ୍ଚାଇଥାଏ । ବର୍ତ୍ତମାନ ଆକାଶବାଣୀ ପରି ସରକାରୀ ରେଡ଼ିଓ ସଂସ୍ଥାରେ ଉପସ୍ଥାପନା ଦାୟିତ୍ୱ ସମ୍ଭାଳିବା ପାଇଁ ସାମୟିକ ଘୋଷକମାନଙ୍କୁ ନିଯୁକ୍ତି ଦିଆଯାଉଛି। ଯଦିଓ ପୂର୍ବରୁ ଏହି ଦାୟିତ୍ୱ ପାଇଁ ନିୟମିତ ଘୋଷକ ନିଯୁକ୍ତି କରାଯାଉଥିଲା କିନ୍ତୁ ଏବେ ତାହା ଶୂନ୍ୟ। ମୋଟାମୋଟି ଭାବେ କହିଲେ ଅସ୍ଥାୟୀ କର୍ମଚାରୀମାନଙ୍କ ଦ୍ୱାରା ଏବେ ରେଡ଼ିଓ ସଂସ୍ଥା ଗୁଡ଼ିକ କାମ କରୁଛି । ଏହି କ୍ରମକୁ ଅନୁଧ୍ୟାନ କଲେ ଆଗାମୀ ଦିନରେ ରେଡିଓରେ ମାନବ ସମ୍ବଳ ଅଭାବ ହେବାର ଚିତ୍ର ପରିଲକ୍ଷିତ ହେଉଛି । ତେଣୁ କୃତ୍ରିମ ବୁଦ୍ଧିମତାର ସହଯୋଗ ମିଳିଲେ ଏହି ଅଭାବରେ ଉନ୍ନତି ଆସିପାରିବ। ରେଡ଼ିଓରେ କାମ କରୁଥିବା ଘୋଷକମାନେ କୃତ୍ରିମ ବୁଦ୍ଧିମତାର ସହଯୋଗରେ ସୁନ୍ଦର ସ୍କ୍ରିପ୍ଟ ପ୍ରସ୍ତୁତ କରିପାରିବେ ଏବଂ ଉପସ୍ଥାପନା ସମୟରେ କୌଣସିବି ଶବ୍ଦକୁ ସହଜରେ ଖୋଜି ପାଇପାରିବେ ଯାହାଦ୍ୱାରା କାର୍ଯ୍ୟକ୍ରମର ଗୁଣାତ୍ମକ ମୂଲ୍ୟ ବୃଦ୍ଧି ପାଇବ । ଏମିତିକି କୃତ୍ରିମ ବୁଦ୍ଧିମତା ଦ୍ୱାରା ରେଡ଼ିଓରେ ସମ୍ବାଦ ପଠନ ଠାରୁ ଆରମ୍ଭ କରି, ସାକ୍ଷାତକାର ନେବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଅବିକଳ ମଣିଷ ସ୍ୱରରେ ଅତି ସହଜ ଭାବେ ସମ୍ଭବ ହେଉଛି। ରେଡ଼ିଓରେ ରାଜସ୍ୱ ଉତ୍ପାଦନ ବା ଆୟ ସୃଷ୍ଟି କରିବା ଏକ ବହୁତ୍ ବଡ଼ ଚ୍ୟାଲେଞ୍ଜ। ଖାସ୍ କରି ଏବେ ରେଡ଼ିଓରେ ବିଜ୍ଞାପନ ଦେବାର ରୁଚି ବହୁତ୍ କମ୍ ଦେଖା ଯାଉଛି ଯାହାର ପ୍ରମୁଖ କାରଣ ହେଲା ବିଜ୍ଞାପନ ଦାତାମନେ ଏକଥା ଭାବୁଛନ୍ତି ଯେ ରେଡ଼ିଓକୁ ବର୍ତ୍ତମାନ କେତେଲୋକ ଶୁଣୁଛନ୍ତି । ଯଦି ବିଜ୍ଞାପନ ଦିଆଯାଏ ତେବେ ତାହା କେତେ ପ୍ରଭାବୀ ହେବ ? ଏଠାରେ ସେମାନେ ରେଡ଼ିଓର ଗୁଣାତ୍ମକ ଦିଗ ଏବଂ ଲୋକପ୍ରିୟତା ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରୁଛନ୍ତି । ଏବେ କୃତ୍ରିମ ବୁଦ୍ଧିମତାର ଦ୍ୱାରା ଉନ୍ନତ ଏବଂ ଆକର୍ଷଣୀୟ ବିଜ୍ଞାପନ ପ୍ରସ୍ତୁତ କରାଗଲାଣି ଯାହା ସବୁ ବର୍ଗର ଲୋକଙ୍କୁ ଆକୃଷ୍ଟ କରୁଛି । ଏହି କୌଶଳକୁ ଯଦି ରେଡ଼ିଓରେ ବ୍ୟବହାର ଯାଏ ତେବେ ନିଶ୍ଚିତ ଭାବରେ ରେଡ଼ିଓର ରାଜସ୍ୱ ଉତ୍ପାଦନ ବୃଦ୍ଧି ପାଇପାରିବ। ଲୋକପ୍ରିୟତାର ପୃଷ୍ଠଭୂମିକୁ ଦେଖିଲେ ବର୍ତ୍ତମାନ ରେଡ଼ିଓ ଶ୍ରୋତାଙ୍କ ସଂଖ୍ୟା ବହୁତ୍ କମ୍। ସତକଥା କହିଲେ ଯୁବପୀଢ଼ି ରେଡ଼ିଓ ଠାରୁ ଏବେ ବହୁତ୍ ଦୂରରେ । ତେଣୁ ସେମାନଙ୍କୁ ରେଡ଼ିଓ ପ୍ରତି ଆକୃଷ୍ଟ କରିବାପାଇଁ ହେଲେ ସେମାନଙ୍କ ମନ ପସନ୍ଦର ସମସ୍ତ କାର୍ଯ୍ୟକ୍ରମ ଗୁଡିକୁ ଭେଟି ଦେବାକୁ ପଡ଼ିବ ଏଥିପାଇଁ କୃତ୍ରିମ ବୁଦ୍ଧିମତାର ସାହାଯ୍ୟ ନିହାତି ଜରୁରୀ। ଏ.ଆଇ ଦ୍ୱାରା ନିର୍ମିତ ସ୍ୱତନ୍ତ୍ର ଚାର୍ଟବଟ ଶ୍ରୋତାଙ୍କ ସହ ସ୍ୱତଃ ଭାବେ ସମ୍ପର୍କ ରଖିବା ସହ ସେମାନଙ୍କ ମାନସିକତାକୁ ପଢ଼ି ପାରୁଛି ଯାହାଦ୍ୱାରା ସେମାନଙ୍କ ରୁଚି ଏବଂ ଅରୁଚିକୁ ସହଜରେ ଜାଣି ସେହିପରି କାର୍ଯ୍ୟକ୍ରମ ପ୍ରସାରଣ କରୁଛି। ଏବେ ଆସିବା ସମୟାନୁବର୍ତ୍ତିତାକୁ ଯାହା ରେଡ଼ିଓରେ ବିଶେଷ ଭାବେ ପରିଲକ୍ଷିତ ହୁଏ। ଠିକ୍ ସମୟରେ ଶ୍ରୋତାଙ୍କ ପାଖେ ଠିକ୍ କାର୍ଯ୍ୟକ୍ରମ ପ୍ରସାରଣ ହେଲେ ଲୋକପ୍ରିୟତା ଏବଂ ବିଶ୍ୱାସ ବଢ଼ିଥାଏ। କୃତ୍ରିମ ବୁଦ୍ଧିମତା ଏହି କ୍ଷେତ୍ରଟିକୁ ଅତି ସୁନ୍ଦର ଭାବେ ନିୟନ୍ତ୍ରଣ କରିପାରିବ । ବର୍ତ୍ତମାନ ସମୟରେ ଲୋକମାନେ ବହୁଳ ଭାବେ ସାମାଜିକ ଗଣମାଧ୍ୟମ ବା ଇଣ୍ଟରନେଟ ଦୁନିଆରେ ରହୁଛନ୍ତି । ତେଣୁ ବିଭିନ୍ନ ରେଡ଼ିଓ ସଂସ୍ଥା ଏବେ ସାମାଜିକ ଗଣମାଧ୍ୟମ ଦ୍ୱାରା ଲୋକଙ୍କ ସହ ଯୋଡ଼ି ରହିବା ପାଇଁ ପ୍ରୟାସ କରୁଛନ୍ତି। ଯଦି କୃତ୍ରିମ ବୁଦ୍ଧିମତା ରେଡ଼ିଓରେ କାମକରେ ତେବେ ସହଜରେ ରେଡ଼ିଓର ସମସ୍ତ କାର୍ଯ୍ୟକ୍ରମ ଏବଂ ସୂଚନା ଗୁଡ଼ିକ ଶୀଘ୍ର ସାମାଜିକ ଗଣମାଧ୍ୟମରେ ପହଞ୍ଚିପାରିବ।

# ଅଦ୍ୱିତୀୟ ଜାତୀୟ ନେତା ଆବ୍ରାହମ ଲିଙ୍କନ

ଗଣତନ୍ତ୍ର ଶବ୍ଦରେ ଆବ୍ରାହମ ଲିଙ୍କନଙ୍କ ଲୋକପ୍ରିୟ ଚିନ୍ତାଧାରା 'ଗଣତନ୍ତ୍ର ହେଉଛି ଲୋକମାନଙ୍କର, ଲୋକମାନଙ୍କ ଦ୍ୱାରା ଓ ଲୋକମାନଙ୍କ ପାଇଁ ସରକାର' । ରାଜନୈତିକ ଦର୍ଶନ, ରାଷ୍ଟ୍ର ଓ ବ୍ୟକ୍ତିର ସଂପର୍କ ଉପରେ ଆଲୋକପାତ କରିଥାଏ। ଲୋକମାନେ ଦୈନନ୍ଦିନ ସମ୍ମୁଖୀନ ହେଉଥିବା ବିଭିନ୍ନ ପ୍ରଶ୍ନ ମଧ୍ୟରେ ଯେପରିକି ନ୍ୟାୟ, ଆଇନ, ସଂପତ୍ତି, ଅଧିକାର ଓ ଆନୁଗତ୍ୟ ସଂପର୍କରେ ଆଲୋଚନା କରେ । ନୈତିକତା ଓ ରାଜନୀତି ପାରମ୍ପରିକ ବିଚାରରେ ସହବନ୍ଧିତ ବିଷୟବସ୍ତୁର ଅଟନ୍ତି ଏବଂ ଏଥିରେ ବ୍ୟକ୍ତି କ'ଣ କରିବା ଉଚିତ ଓ ରାଷ୍ଟ୍ର କ'ଣ କରିବା ଉଚିତ ସେ ସଂପର୍କରେ ଅବଗତ କରାଇଥାନ୍ତି। ସାରା ବିଶ୍ୱରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ଆବ୍ରାହମ ଲିଙ୍କନ ରାଜନୀତି ଓ ଦର୍ଶନ ଶାସ୍ତ୍ର କ୍ଷେତ୍ରରେ। ଆମେରିକା ଇତିହାସର ରାଜନୈତିକ ଅସ୍ଥିରତା ଜନିତ ଘଡ଼ିସନ୍ଧି ମୁହୂର୍ତ୍ତରେ ଷୋଳତମ ରାଷ୍ଟ୍ରପତି ଦାୟିତ୍ୱ ନିର୍ବାହ କରି ରାଷ୍ଟ୍ରୀୟ ପ୍ରଗତିରେ ସହାୟକ ହୋଇଥିଲେ। ଆମେରିକାବାସୀ ତାଙ୍କୁ ଜଣେ ଅଦ୍ୱିତୀୟ ରାଷ୍ଟ୍ର ଜନନାୟକରୂପେ ଗ୍ରହଣ କରି ନେଇଛନ୍ତି। ଶାସନ କ୍ଷେତ୍ରରେ ପ୍ରଚୁର ଅଭିଜ୍ଞତା ଅର୍ଜନ କରି ଲିଙ୍କନ୍ ଜଣେ ଶକ୍ତିଶାଳୀ ଶାସକର ପରିଚୟ ସୃଷ୍ଟି କରିପାରିଥିଲେ। ନିଜ ପରିଚୟ ନିଜ ସୃଷ୍ଟି କରିଥିଲେ ସାଧାରଣ ପରିବାରରୁ ଜନ୍ମଗ୍ରହଣ କରି ହ୍ୱାଇଟ ହାଉସ୍‌ରେ ପହଞ୍ଚିବା। ଜୀବନର ଯେଉଁ ସମୟରେ ମଣିଷ ଉଚ୍ଚ ଓ ମନୋଜ୍ଞ ଅଭିଳାଷ ପୋଷଣ କରି ସୁଦୂର ଭବିଷ୍ୟତର ସ୍ୱପ୍ନ ଦେଖେ, ସେତିକି ବେଳେ ଆବ୍ରାହମ ଲିଙ୍କନ ଉତ୍କଟ ଆର୍ଥିକ ଅନାଟନରେ ପଡ଼ି ନିଜର ପରିବାର କଥା ବ୍ୟତୀତ ଅନ୍ୟ କିଛି କଥା ଚିନ୍ତା କରିବା ପାଇଁ ସୁଯୋଗ ନଥିଲା। ଶିକ୍ଷା କ୍ଷେତ୍ରରେ ପୂର୍ଣ୍ଣତା ଆଣିବା ପାଇଁ ଜଣେ ବକ୍ତା ଓ ଲେଖକ ଭାବେ ନିଜକୁ ପ୍ରତିଷ୍ଠିତ କରିବାକୁ ପଡ଼ିଥାଏ। ଆର୍ଥିକ ଅନାଟନରେ କାଳତିପାତ କରିଥିଲେ ମଧ୍ୟ ନିଜର ଉଦ୍ୟମରେ ବିଭିନ୍ନ ପ୍ରକାର ବହି ଆଣି ଗଭୀର ଧ୍ୟାନ ସହକାରେ ପଢ଼ା ଆରମ୍ଭ କଲେ । ଜନ୍ ଷ୍ଟୁଆର୍ଟ ନାମକ ଜଣେ ଆଇନଜୀବୀଙ୍କ ସହାୟତାରେ ଆଇନ ଶିକ୍ଷା ପ୍ରତି ଅନୁରକ୍ତି ପ୍ରକାଶ କରି ଉପଯୋଗୀ ଅଧ୍ୟୟନ ଆରମ୍ଭ କଲେ। ଷ୍ଟୁଆର୍ଟଙ୍କ ଠାରୁ କିଛି ବହି ପାଇବା ଉଦ୍ଦେଶ୍ୟରେ ତାଙ୍କୁ ଦୀର୍ଘ କୋଡ଼ିଏ ମାଇଲ ବାଟ ଚାଲି ଯିବାକୁ ପଡୁଥିଲା। ଏପରିକି କାରଖାନା ଓ ସାଧାରଣ ରାସ୍ତା ଭଳି ଜନଗହଳି ସ୍ଥାନରେ ପଢ଼ାପଢ଼ି କରି ମଧ୍ୟ ବେସ ମନେ ରଖି ପାରୁଥିଲେ। ପାଠପଢ଼ାରେ ନିଷ୍ଠା ପ୍ରକାଶ ପାଇଲେ ତାହା ବହୁ ଚିନ୍ତାଶୀଳ ବ୍ୟକ୍ତିଙ୍କର ଭାବଧାରାକୁ ବୁଝିବାରେ ଏବଂ ବହୁ ଜଟିଳ ସମସ୍ୟାର ସମାଧାନ ଅଣାଇବାରେ ସହାୟତା କରିପାରେ ବୋଲି ବିଶ୍ୱାସ ପୋଷଣ କରିଥିଲେ।



କିଶୋର ଚନ୍ଦ୍ର ବେହେରା
ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ସିଦ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ
ନନ୍ଦପୁର, ଜିଲ୍ଲା: କୋରାପୁଟ,
୯୪୩୭୯୫୫୫୬୮

ଆବ୍ରାହମ ଲିଙ୍କନଙ୍କ ଅନ୍ୟତମ ଲୋକପ୍ରିୟ କୃତିତ୍ୱ ହେଉଛି ଦାସତ୍ୱ ପ୍ରଥା ଉଚ୍ଛେଦ କରିବା। ୧୬୮୯ ମସିହାରେ ଆମେରିକାର ସମ୍ବିଧାନ ପ୍ରଣୟନବେଳେ ଦାସତ୍ୱ ପ୍ରଥାର ଅସ୍ତିତ୍ୱକୁ ସ୍ୱୀକାର କରାଯାଇ ତାକୁ ରାଜ୍ୟ ସରକାରମାନଙ୍କର ଦାୟିତ୍ୱର ପରିସରଭୁକ୍ତ କରାଯାଇଥିଲା। ଆଫ୍ରିକାରୁ କ୍ରିତଦାସ ରୂପେ ଆସିଥିବା ନିଗ୍ରୋ ଶ୍ରେଣୀଭୁକ୍ତ ଶ୍ରମିକମାନେ ଦକ୍ଷିଣାଞ୍ଚଳର ତେର ଗୋଟି ରାଜ୍ୟରେ ବହୁଳ ଭାବରେ ବସବାସ କରୁଥିଲେ ଏବଂ ଉତ୍ତରାଞ୍ଚଳରେ ସେମାନଙ୍କ ସଂଖ୍ୟା ଅତି ନଗଣ୍ୟ। ଦକ୍ଷିଣାଞ୍ଚଳର କାର୍ପାସ କୃଷି କ୍ଷେତ୍ରରେ ସେମାନଙ୍କର ବହୁଳ ଚାହିଦା ଥିବା ଫଳରେ କାର୍ପାସ କୃଷକମାନେ ଉକ୍ତ ପ୍ରଥାର ବିରୋଧ କରିବା ପରିବର୍ତ୍ତେ ସ୍ଥାୟୀ ଭାବରେ ତା'ର ପ୍ରଚଳନ ସପକ୍ଷରେ ଯୁକ୍ତି ବାଢ଼ିଥିଲେ। ଏହି ପରିପ୍ରେକ୍ଷୀରେ ଆବ୍ରାହମ ଲିଙ୍କନ ଦୃଢ଼ ଭାବରେ ଘୋଷଣା କଲେ ଯେ ଦାସତ୍ୱକୁ ଯଦି ମଣିଷର ତୃଟି ବୋଲି ବିବେଚନା କରାଯାଏ, ତେବେ ଜଗତରେ ଅନ୍ୟ କୌଣସି କାର୍ଯ୍ୟ ତୃଟିପୂର୍ଣ୍ଣ ହୋଇ ନପାରେ। ଯୁକ୍ତରାଷ୍ଟ୍ର ଆମେରିକାରେ ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ଉଭୟ ଉତରାଞ୍ଚଳ ଓ ଦକ୍ଷିଣାଞ୍ଚଳ ରାଜ୍ୟମାନଙ୍କରେ ପ୍ରତିକୂଳ ପରିସ୍ଥିତି ସୃଷ୍ଟି ହେବାକୁ ଲାଗୁଥିଲା। ଉଭୟ ଅଞ୍ଚଳ ମଧ୍ୟରେ ୧୮୨୦ ଓ ୧୮୫୦ ମସିହାରେ ଗୃହଯୁଦ୍ଧ ପରିସ୍ଥିତି ସୃଷ୍ଟି ହେବାର ଲକ୍ଷଣ ଦେଖାଯାଉଥିଲା। ସାଂପ୍ରଦାୟିକ ଭେଦଭାବ ଦାସତ୍ୱ ପ୍ରଥାର ଅନ୍ୟତମ କାରଣ ବୋଲି ଆବ୍ରାହମ ଲିଙ୍କନ ଦୃଢ଼ତାର ସହିତ ବିଚାର କରି ଦେଶବାସୀଙ୍କୁ ଅବଗତ କରାଇଥିଲେ। ଆମେରିକା ରାଷ୍ଟ୍ର ଗଠନ ବେଳେ ମାନବ ସମାଜର ମୁକ୍ତିପାଇଁ ସେ ଦେଶବାସୀଙ୍କୁ ସମ୍ବୋଧିତ କରିବା ସହିତ ସତର୍କ କରାଇ ଦେଇଥିଲେ। ନିଜେ ସେ କହୁଥିଲେ, 'ମୁଁ ଯେହେତୁ ଅନ୍ୟର ଦାସ ହେବାକୁ ଚାହେଁନି, ଅନ୍ୟର ପ୍ରଭୁ ହେବା ପାଇଁ ମୁଁ ଏକାନ୍ତ ଅଯୋଗ୍ୟ' । ଆବ୍ରାହମ ଲିଙ୍କନ ମଣିଷକୃତ ସମ୍ବିଧାନରେ ବ୍ୟବସ୍ଥାକୁ ମାନବିକ ଅଧିକାର ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରୁନଥିଲେ। ଏପରିକି ଦେଶର ଐକ୍ୟ ମୁଲ୍ୟ ଅପେକ୍ଷା ମାନବିକ ମୂଲ୍ୟବୋଧ ଉପରେ ସେ ଅଧିକ ଗୁରୁତ୍ୱ ଦେଉଥିଲେ।

ରାଜନେତା କ୍ଷେତ୍ରରେ ଆବ୍ରାହମ ଲିଙ୍କନଙ୍କ ଅନ୍ୟ ଏକ ଅଧ୍ୟାୟ ସୃଷ୍ଟି ହେଲା ସର୍ବୋଚ୍ଚ ପଦବୀ ରାଷ୍ଟ୍ରପତି ଭାବେ ଦାୟିତ୍ୱ ବହନ କରିବା। ୧୮୬୦ ମସିହାରେ ରାଷ୍ଟ୍ରପତି ନିର୍ବାଚନରେ ନିଜେ ପ୍ରାର୍ଥୀପତ୍ର ଦାଖଲ କରିନଥିଲେ ମଧ୍ୟ ତାଙ୍କୁ ସେ ଦିଗରେ ପ୍ରରୋଚିତ କରାଗଲା। ରିପବ୍ଲିକ ଦଳର ଚିକାଗୋ ସହରର ସର୍ବସାଧାରଣ ଅଧିବେଶନରେ ସମସ୍ତ ତୁଙ୍ଗ ନେତାଙ୍କ ନିଷ୍ପତ୍ତି କ୍ରମେ ତାଙ୍କୁ ପ୍ରାର୍ଥୀ ରୂପେ ମନୋନୀତ କରାଯାଇ ଟେଲିଗ୍ରାମ ମାଧ୍ୟମରେ ଜଣାଇ ଦିଆଯାଇଥିଲା। ନିୟୁର୍କ ସହରରେ ଏକ ନିର୍ବାଚନ ସଭାରେ ଭାଷଣ ଦେଇ ଶ୍ରୋତାମଣ୍ଡଳୀଙ୍କୁ ମନ୍ତ୍ରମୁଗ୍ଧ କରିପାରିଥିଲେ, ଆବ୍ରାହମ ଲିଙ୍କନଙ୍କ ଓଜସ୍ୱିନୀ ଭାଷଣ ଶୁଣି ତାଙ୍କୁ ଅଦ୍ ?ିତୀୟ ଜାତୀୟ ନେତା ଭାବେ ସ୍ୱୀକୃତି ପ୍ରଦାନ କରିଥିଲେ। ଦେଶସାରା ଆବ୍ରାହମ ଲିଙ୍କନଙ୍କ ବ୍ୟକ୍ତିତ୍‌ବ ସଂପର୍କରେ ବିଶଦ ଆଲୋଚନା ହେଲା ଏବଂ ଲିଙ୍କନଙ୍କ ଦୂରଦୃଷ୍ଟି ଚିନ୍ତାଧାରା ତିନିଜଣ ପ୍ରତିଦ୍ୱନ୍ଦ୍ୱୀଙ୍କୁ ବହୁ ଭୋଟରେ ପରାସ୍ତ କରି ସେ ଆମେରିକାର ରାଷ୍ଟ୍ରପତି ରୂପେ ନିର୍ବାଚିତ ହୋଇଥିଲେ। ସର୍ବୋଚ୍ଚ ପଦବୀ ଅଧିଷ୍ଠିତ ହେବା ପୂର୍ବରୁ ଅର୍ଥାତ୍ ଶପଥ ଗ୍ରହଣ ପୂର୍ବରୁ ଦକ୍ଷିଣାଞ୍ଚଳର ଛଅଗୋଟି ରାଜ୍ୟ ଯୁକ୍ତରାଷ୍ଟ୍ରରୁ ଅଲଗା ହୋଇ କନଫେଡରେଟ୍ ଷ୍ଟେଟ୍ ଅଫ ଆମେରିକା ନାମକ ଏକ ସ୍ ?ତନ୍ତ୍ର ଯୁକ୍ତ ରାଜ୍ୟ ପ୍ରତିଷ୍ଠା କରିଥିଲେ। ଯୁକ୍ତରାଷ୍ଟ୍ର ଫେଡେରାଲ୍ ସରକାରଙ୍କର ଅଧୀନରେ ପରିଚାଳିତ କାର୍ଯ୍ୟାଳୟ ମଧ୍ୟ ସେମାନେ ବଳପୂର୍ବକ ନିଜ ଅଧୀନକୁ ନେଇ ଆସିଥିଲେ ।

ଆବ୍ରାହମ ଲିଙ୍କନଙ୍କ ଆକସ୍ମିକ ହତ୍ୟା ତାଙ୍କର ଗୌରବକୁ ବହୁମାତ୍ରାରେ ତାଙ୍କର ଦର୍ଶନଶାସ୍ତ୍ର, ଶାସନ ନୀତି ଓ ରାଷ୍ଟ୍ର ବିକାଶ ବିଶ୍ୱବାସୀଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ। ୧୪ ଏପ୍ରିଲ୍, ୧୮୬୫ରେ ଆପୋମାଟୋକ୍ସରେ କନଫେଡେରେଟ୍ ଆତ୍ମସମର୍ପଣର ପାଞ୍ଚ ଦିନ ପରେ, ଲିଙ୍କନ୍ ଓ୍ୱାଶିଂଟନ ଡି. ସି. ର ଫୋର୍ଡ ଥିଏଟର ଏକ ନାଟକରେ ଯୋଗ ଦେଉଥିଲେ, ସେତେବେଳେ ତାଙ୍କୁ କନଫେଡେରେଟ୍ର ସହାନୁଭୂତିଶୀଳ ଜନ୍ ଓ୍ୱିଲ୍‌କସ୍ ବୁଥ ଦ୍ୱାରା ମାରାତ୍ମକ ଭାବରେ ଗୁଳି କରାଯାଇଥିଲା। ଲିଙ୍କନଙ୍କୁ ତାଙ୍କର ଯୁଦ୍ଧକାଳୀନ ନେତୃତ୍ୱ ଏବଂ ୟୁନିଅନକୁ ସଂରକ୍ଷିତ କରିବା ଏବଂ ଦାସତ୍ୱ ଉଚ୍ଛେଦ ପାଇଁ ତାଙ୍କର ପ୍ରୟାସ ପାଇଁ ଜଣେ ସହିଦ ଏବଂ ଜାତୀୟ ନାୟକ ଭାବରେ ସ୍ମରଣ କରାଯାଏ। ସେ ପ୍ରାୟତଃ ଉଭୟ ଲୋକପ୍ରିୟ ଏବଂ ବିଦ୍ୱାନ ଜନମତରେ ଆମେରିକା ଇତିହାସର ସର୍ବଶ୍ରେଷ୍ଠ ରାଷ୍ଟ୍ରପତି ଭାବରେ ସ୍ଥାନ ପାଇଛନ୍ତି। ଲିଙ୍କନଙ୍କର ଜୀବନୀକୁ ଯୁକ୍ତରାଷ୍ଟ୍ର ଆମେରିକାରେ ଆଜି ପୁରାଣ ଭଳି ଘରେ ଘରେ ଅଧ୍ୟୟନ କରାଯାଉଛି। ଯଦି ଆମେରିକା ବାସୀ ପୃଥିବୀରେ ଶ୍ରେଷ୍ଠତମ ଜାତି ରୂପେ ହୋଇଥାନ୍ତି, ତେବେ ତାହା କେବଳ ଏହି ମହାପୁରୁଷଙ୍କର ଉଦ୍ୟମ ଓ ତ୍ୟାଗର ଏକ ବହୁ ମୂଲ୍ୟ ପରିମାଣ।



ସୋମବାର ୧୪।୯।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

# ନୂତନ ସନିଶ୍ଚର ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେଲେ ବିଧାୟକ



ଆଠଗଡ଼,୧୩।୯(ଅକ୍ଷର ଓଡ଼ିଶା): ବଡ଼ମ୍ବା ବ୍ଲକ୍ ଅନ୍ତର୍ଗତ ଚମ୍ପେଇଦ୍ୱାର ଗ୍ରାମରେ ଅନୁଷ୍ଠିତ ଗ୍ରହରାଜ ସନିଶ୍ଚରଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦାନ କରିଥିଲେ ବିଧାୟକ ବିଜୟ କୁମାର ଦଳବେହେରା। ପ୍ରଭୁଙ୍କ ପାଦପଦ୍ମରେ ପ୍ରଣିପାତ କରି ଜନକଲ୍ୟାଣ ନିମନ୍ତେ ପ୍ରାର୍ଥନା କରିଥିଲେ ବିଧାୟକ। ଏହି ଅବସରରେ ବିଧାୟକଙ୍କ ସହିତ ବଡ଼ମ୍ବା ବ୍ଲକ ପୂର୍ବତନ ଅଧକ୍ଷ ଶ୍ରୀ ବିଭୂଦତ୍ତ ପଟ୍ଟନାୟକ, ସମାଜ ସେବୀ ମନୋଜ୍ ଉଦୟ ଭାନୁ, ଯୁବ ନେତୃତ୍ୱ ବେଣୁ, ନିଗମାନନ୍ଦ ନାୟକ ଓ ସମସ୍ତ ଭକ୍ତ ବୃନ୍ଦ ଉପସ୍ଥିତ ଥିଲେ।

## ମାଲକାନଗିରିରେ ବନ୍ୟା ଜନିତ ଜରୁରୀକାଳୀନ ସ୍ଥିତି

# କ୍ଷେତ୍ର ପରିଦର୍ଶନ କରି ସ୍ଥିତି ପରଖିଲେ ଜିଲ୍ଲାପାଳ



ମାଲକାନଗିରି, ୧୩।୯(ପ୍ରଦୀପ ରାଉଳ): ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁଁ ସୃଷ୍ଟି ହୋଇଥିବା ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ଲାଗି ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ସହାୟତା କାର୍ଯ୍ୟ ଜାରି ରହିଛି। ବିଭିନ୍ନ ସ୍ଥାନରେ ପ୍ରବଳ ବନ୍ୟା ପାଣି ଯୋଗୁଁ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିବା ବେଳେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ସମଗ୍ର ସରକାରୀ କଳକୁ ହାଇଆଲର୍ଟରେ ରଖାଯାଇଛି। ଜନସାଧାରଣଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଜିଲ୍ଲାପାଳ ନିଜେ ପୋଟେରୁ ଓ କନ୍ୟାଶ୍ରମ ପୋଲ ଅଞ୍ଚଳ ଗସ୍ତ କରି ସ୍ଥିତିର ପ୍ରତ୍ୟେକ୍ଷ ତଦାରଖ କରିଛନ୍ତି। ପ୍ରବଳ ବର୍ଷା ଯୋଗୁଁ ବନ୍ୟା ପାଣି ପୋଲ ଉପରେ ପ୍ରବାହିତ ହେଉଥିବାରୁ ବିଭିନ୍ନ ମାର୍ଗରେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ରାସ୍ତା ଓ ପୋଲର ଦୁଇ ପାର୍ଶ୍ୱରେ ଅନେକ ବସ୍ ଏବଂ ଅନ୍ୟାନ୍ୟ ଯାନବାହନ ଅଟକି ରହିଛି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ, ପୋଲ ପାର ହୋଇନପାରି ଅଟକି ରହିଥିବା ବସ୍ ଡ୍ରାଇଭର, କର୍ମଚାରୀ ଓ ଯାତ୍ରୀମାନଙ୍କୁ ପ୍ରଶାସନ ପକ୍ଷରୁ ତୁରନ୍ତ ରନ୍ଧା ଖାଦ୍ୟ ଏବଂ ପାନୀୟ ଜଳ ଯୋଗାଇ ଦିଆଯାଇଛି। ଏହା ସହିତ ପ୍ରତିଷେଧକ ମୂଳକ ବ୍ୟବସ୍ଥା ସ୍ୱରୂପ ତଳି ଅଞ୍ଚଳରେ ଥିବା ଲୋକମାନଙ୍କୁ ସୁରକ୍ଷିତ ଭାବେ ବନ୍ୟା ଆଶ୍ରୟ ସ୍ଥଳୀକୁ ସ୍ଥାନାନ୍ତର କରାଯାଇ ସେଠାରେ ମଧ୍ୟ ରନ୍ଧା ଖାଦ୍ୟର ସୁବ୍ୟବସ୍ଥା କରାଯାଇଛି।ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରିଦେଇଛି। ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଏବଂ ବନଖଣ୍ଡ ଅଧିକାରୀ ସାଇ କିରଣ ଡି.ଏନ. ଙ୍କ ସମେତ ସମସ୍ତ ଅଧିକାରୀ ଅତ୍ୟାଧିକ ବର୍ଷା ପ୍ଳାବିତ ଅଞ୍ଚଳରେ ଉପସ୍ଥିତ ରହି ସ୍ଥିତି ତଦାରଖ କରିଛନ୍ତି। ସୁରକ୍ଷା ଦୃଷ୍ଟିରୁ ଜିଲ୍ଲାର ସମସ୍ତ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ରକୁ ବନ୍ଦ ରଖାଯାଇଛି। କୌଣସି ବି ଜରୁରୀକାଳୀନ ସ୍ଥିତିର ମୁକାବିଲା ଓ ସହାୟତା କାର୍ଯ୍ୟ ପାଇଁ ଘଟଣାସ୍ଥଳରେ ଓଡ଼ିଶା ବିପର୍ଯ୍ୟୟ ଦ୍ରୁତ ଆକ୍ସନ ଫୋର୍ସ ଏବଂ ସ୍ଥାନୀୟ ପୋଲିସ ବାହିନୀକୁ ମୁତୟନ କରାଯାଇ ପ୍ରଶାସନିକ ସ୍ତରରେ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଜାରି ରଖାଯାଇଛି।

## ବରିଷ୍ଠ ସାମ୍ବାଦିକ ପ୍ରମୋଦ ଦାସଙ୍କ ଅକାଳ ବିୟୋଗ



ଅସ୍ତରଙ୍ଗ ୧୩।୯(ଅକ୍ଷର ଓଡ଼ିଶା): ଅସ୍ତରଙ୍ଗ ଅଞ୍ଚଳର ଜଣେ ଧର୍ମ ପରାୟଣ ଓ ମିଷ୍ଟ ଭାଷୀ ଦୈନିକ ଖବରକାଗଜ ନିର୍ଭୟର ସାମ୍ବାଦିକ ପ୍ରମୋଦ କୁମାର ଦାସଙ୍କ (୬୫) ବର୍ଷ ବୟସରେ ପରଲୋକ ଘଟିଛି। ସେ ପୂର୍ବରୁ ଅସ୍ତରଙ୍ଗ ଅଗ୍ରଣୀ ଅନୁଷ୍ଠାନ ସେ ହୃଦ୍ ରୋଗ ଓ କୀଡୀନ୍ ଜନିତ ସମସ୍ୟାର ପୀଡିତ ଥିଲେ। ଶୁକ୍ରବାର ରାତ୍ର ୯ ଘଟିକା ସମୟରେ ଭୁବନେଶ୍ୱର ସ୍ଥିତ ସମ୍‌ହସ୍ପିଟାଲ ରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଖବର ପାଇ ପୁରୀ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସାଧୀନ କୁମାର ନାୟକ ତାଙ୍କ ଅସ୍ତରଙ୍ଗ ସ୍ଥିତ ବାସଭବନ ଯାଇ ଶେଷ ଦର୍ଶନ କରିବା ସହିତ ଅସ୍ତରଙ୍ଗ ମାଟି ଜଣେ ଦକ୍ଷ ଓ ନିର୍ଭିକ ସାମ୍ବାଦିକ ହରାଇଲା ବୋଲି କହିଥିଲେ। ତାଙ୍କ ପରଲୋକରେ ଅସ୍ତରଙ୍ଗ ସାମ୍ବାଦିକ ସଙ୍ଘ ର ସଦସ୍ୟ, ରାଜନେତା, ବୁଦ୍ଧିଜୀବୀ, ମାଆ ଲକ୍ଷ୍ମୀ କ୍ଲବ ର ସଦସ୍ୟ ବୃନ୍ଦ, ଅଞ୍ଚଳ ବାସୀ, ବନ୍ଧୁ ପରିଜନ, ସମାଜସେବୀ ଜଗନ୍ନାଥ ବେହୁରା, ପ୍ରମୁଖ ଶୋକ ବ୍ୟକ୍ତ କରିବା ସହ ଶୋକ ସନ୍ତପ୍ତ ପରିବାର କୁ ସମବେଦନା ଜଣାଇଛନ୍ତି। ସ୍ୱର୍ଗ ଦ୍ୱାରରେ ଶେଷ କୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ବିୟୋଗ ରେ ସାରା ଅଂଚଳ ରେ ଶୋକ ର ଛାୟା ଖେଳିଯାଇଛି।

## ଜି. ନୂଆଗାଁରୁ ୫୩ ଲିଟରରୁ ଅଧିକ ବିଦେଶୀ ମଦ ଜବତ

# ଅଭିଯୁକ୍ତ ଗିରଫ, ଅଦାଲତ ଚାଲାଣ

ବେଲଗୁଣ୍ଠା, ୧୪।୯ (ଅକ୍ଷର ଓଡ଼ିଶା): ଅବକାରୀ ଚଢ଼ାଉ ସମୟରେ ବେଲଗୁଣ୍ଠା ଥାନା ଅନ୍ତର୍ଗତ ଜି. ନୂଆଗାଁରୁ ବିଭିନ୍ନ ବ୍ରାଣ୍ଡର ପ୍ରାୟ ୫୩.୧୬୦ ଲିଟର ବିଦେଶୀ ମଦ ଜବତ ହୋଇଛି। ଏହି ଘଟଣାରେ ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଭଞ୍ଜନଗର ଏସ୍‌ଡିଜେଏମ୍ ଅଦାଲତକୁ ଚାଲାଣ କରିଛି। ସୂଚନାନୁଯାୟୀ, ଆଜି ଅବକାରୀ ଚଢ଼ାଉ ଡ୍ୟୁଟି ସମୟରେ ଏଏସ୍‌ଆଇ ଜ୍ୟୋତ୍ସ୍ନା ପ୍ରଧାନଙ୍କ ନେତୃତ୍ୱରେ ଟିମ୍ ଜି. ନୂଆଗାଁରେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ଅଭିଯୁକ୍ତ କାମାକ୍ଷ୍ୟା ପ୍ରସାଦ ପରିଡ଼ାଙ୍କ ଦୋକାନରୁ ବିଭିନ୍ନ ବ୍ରାଣ୍ଡର ପ୍ରାୟ ୫୩.୧୬୦ ଲିଟର ବିଦେଶୀ ମଦ ଜବତ କରାଯାଇଥିଲା।ଏନେଇ ବେଲଗୁଣ୍ଠା ଥାନାରେ କେସ୍ ନଂ. ୫୦୨, ତା. ୧୨.୦୯.୨୦୨୬ରେ ଓଡ଼ିଶା ଅବକାରୀ ଆଇନର ଧାରା ୫୨(ଏ) ଅନୁଯାୟୀ ମାମଲା ରୁଜୁ ହୋଇଛି। ମାମଲାର ତଦନ୍ତକାରୀ ଅଧିକାରୀ ଏଏସ୍‌ଆଇ ଅନୁ ମଲ୍ଲିକ ଅଭିଯୁକ୍ତ କାମାକ୍ଷ୍ୟା ପ୍ରସାଦ ପରିଡ଼ା (୫୭)ଙ୍କୁ ଗିରଫ କରିଛନ୍ତି। ଅଭିଯୁକ୍ତ ଜି. ନୂଆଗାଁ ବନ୍ଧସାହିର ସ୍ୱର୍ଗତ ପଞ୍ଚାନନ ପରିଡ଼ାଙ୍କ ପୁଅ ବୋଲି ଜଣାପଡ଼ିଛି। ପରେ ତାଙ୍କୁ ଭଞ୍ଜନଗର ଏସ୍‌ଡିଜେଏମ୍ ଅଦାଲତକୁ ଚାଲାଣ କରାଯାଇଛି।

# ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଅବମାନନା !

## ବାଲିମେଳାରେ ସଟର ବନ୍ଦ, କବାଟ ଖୋଲା : ଚାଲିଥିଲା ବିଦେଶୀ ମଦ ବିକ୍ରି



ବାଲିମେଳା,୧୩।୯ (ପ୍ରଦୀପ ରାଉଳ): ମାଲକାନଗିରି ଜିଲ୍ଲାରେ ବନ୍ୟା ପରିସ୍ଥିତି ଗମ୍ଭୀର ରହିଥିବା ବେଳେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଅବମାନନା କରି ମଦ ବିକ୍ରି ହେଉଥିବା ଅଭିଯୋଗ ଚର୍ଚ୍ଚାର ବିଷୟ ହୋଇଛି। ଲୋକଙ୍କ ସୁରକ୍ଷା ଓ ଶୃଙ୍ଖଳା ଦୃଷ୍ଟିରୁ ଜିଲ୍ଲାର ସମସ୍ତ ମଦ ଦୋକାନ ଶନିବାର ବନ୍ଦ ରଖିବାକୁ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେ ନିର୍ଦ୍ଦେଶ ଦେଇଥିଲେ। ତେବେ ବାଲିମେଳା ସଦର ମଶାଣି ସମ୍ମୁଖରେ ଥିବା ଠିପି ବନ୍ଦ ବିଦେଶୀ ମଦ ଦୋକାନରେ ଏହି ନିର୍ଦ୍ଦେଶର ଖୋଲାଖୋଲି ଉଲ୍ଲଂଘନ ହୋଇଥିବା ଅଭିଯୋଗ ଆସିଛି। ସୂଚନା ଅନୁଯାୟୀ, ଦୋକାନର ସଟର ବନ୍ଦ ରଖାଯାଇଥିଲେ ମଧ୍ୟ ପାର୍ଶ୍ୱରେ ଥିବା କବାଟ ଖୋଲି ଗ୍ରାହକଙ୍କୁ ବିଦେଶୀ ମଦ ବିକ୍ରି କରାଯାଉଥିବା ଦେଖିବାକୁ ମିଳିଥିଲା। ଏହାର ଏକ ଭିଡିଓ ମଧ୍ୟ ସୋସିଆଲ ମିଡିଆରେ ପ୍ରସାରିତ ହୋଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଉଲ୍ଲଂଘନକାରୀଙ୍କ ବିରୋଧରେ କଠୋର ପଦକ୍ଷେପ ନିଆଯିବ ବୋଲି କୁହାଯାଇଥିବା ସତ୍ତ୍ୱେ ଏପରି ଘଟଣା ଅବକାରୀ ବିଭାଗର ତଦାରଖ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛି। ଏନେଇ ବାଲିମେଳା ଅବକାରୀ ଓଆଇସି ବ୍ରଜ ବିହାରୀ ନାୟକଙ୍କୁ ପଚାରିବାରୁ ସେ ଛୁଟିରେ ଗାଁକୁ ଯାଇଥିବା କହିବା ସହ ଷ୍ଟାଫ ପଠାଇ ଘଟଣାର ଯାଞ୍ଚ କରିବେ ବୋଲି କହିଥିଲେ। ଅତିରିକ୍ତ ଅବକାରୀ ଅଧିକ୍ଷକ ଟଙ୍କଧର ଭୋଇଙ୍କୁ ପଚାରିବାରୁ ସେ ତୁରନ୍ତ ଷ୍ଟାଫ ପଠାଇ ଦୋକାନ ଉପରେ ନଜର ରଖିବା ସହ ଆଇନାନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଥିଲେ। ତେବେ ଜିଲ୍ଲାପାଳଙ୍କ ସ୍ପଷ୍ଟ ନିର୍ଦ୍ଦେଶ ସତ୍ତ୍ୱେ ଯଦି ମଦ ବିକ୍ରି ହୋଇଥାଏ, ତେବେ ଦାୟୀ ଦୋକାନୀଙ୍କ ବିରୋଧରେ କି ପଦକ୍ଷେପ ନିଆଯାଉଛି, ତାହା ଦେଖିବାକୁ ବାକି ରହିଲା। ପ୍ରଶାସନର ନିର୍ଦ୍ଦେଶ କେବଳ କାଗଜରେ ସୀମିତ ନ ରହି, ତାହାର କଡ଼ାକଡ଼ି ଅନୁପାଳନ ସୁନିଶ୍ଚିତ କରିବାକୁ ସାଧାରଣରେ ଦାବି ହେଉଛି।

## କୁହୁରି ବଘେଇସାହି ମଠ ଦ୍ୱାର ସହ ଲାଗି ବେଆଇନ ରୋଷେଇ ଘର ନିର୍ମାଣ, ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ

ଟାଙ୍ଗୀ, ୧୩।୯ (ଅକ୍ଷର ଓଡ଼ିଶା): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ୍ ଅନ୍ତର୍ଗତ କୁହୁରି ପଞ୍ଚାୟତର ବଘେଇସାହି ସ୍ଥିତ ଶତାଧିକ ବର୍ଷର ପୁରାତନ ରାଧାମୋହନ ମଠର ମୁଖ୍ୟ ପ୍ରବେଶ ଦ୍ୱାର ସହିତ ଲାଗି ପାଖ ଗେଟ ଜବରଦସ୍ତ ଗୋଟିଏ ସରକାରୀ ରୋଷେଇ ଘର ନିର୍ମାଣ କରାଯାଉଛି। ଏହି ନିର୍ମାଣ ଟାଙ୍ଗୀ ବ୍ଲକ୍ ପାଣ୍ଠିରୁ କରାଯାଉଥିବା ଜଣାପଡିଛି। ଏହାକୁ ନେଇ ସ୍ଥାନୀୟ



ଗ୍ରାମବାସୀ ଓ ଭକ୍ତମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଓ ଉତ୍ତେଜନା ଦେଖାଦେଇଛି। ସୂଚନା ଅନୁଯାୟୀ, ମଠର ସମ୍ମୁଖ ଭାଗରେ ଯେଉଁ ଖାଲି ସ୍ଥାନ ରହିଛି, ସେହି ସ୍ଥାନକୁ ମଠର ସୌନ୍ଦର୍ଯ୍ୟକରଣ ଓ ଭକ୍ତଙ୍କ ଯାତାୟତ ପାଇଁ ଛଡାଯାଇଥିଲା। ମାତ୍ର ଏବେ ସେହି ପବିତ୍ର ସ୍ଥାନରେ ଓ ମଠ ଗେଟ୍ ସହ ଲାଗି ରୋଷେଇ ଘରର ଫାଉଣ୍ଡେସନ ପକାଯାଇଛି। ମଠ ଗେଟ୍ ସହିତ ଅନାବନା ଭାବେ ଲାଗି ଘର ନିର୍ମାଣ ହେଲେ ମଠର ପରମ୍ପରା ଓ ପବିତ୍ରତା ନଷ୍ଟ ହେବ। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଏହି ମଠ ଆମ ଗ୍ରାମର ଆସ୍ଥାର ପ୍ରତୀକ। ପ୍ରତିଦିନ ଶହ ଶହ ଭକ୍ତ ଏଠାକୁ ଆସନ୍ତି। ଗେଟ୍ ଆଗରେ ରୋଷେଇ ଘର ହେଲେ ଭକ୍ତଙ୍କ ଯିବା ଆସିବା ବନ୍ଦ ହୋଇଯିବ, ବିଭିନ୍ନ ଧାର୍ମିକ କାର୍ଯ୍ୟରେ ଅସୁବିଧା ହେବ। ଗାଁ ଭିତରେ ଅନ୍ୟ ଅନେକ ସରକାରୀ ଖାଲି ଜାଗା ଥାଇ ମଧ୍ୟ ଜାଣିଶୁଣି ମଠ ଆଗରେ ନିର୍ମାଣ କରାଯାଉଛି.ଏ ନେଇ ଆମେ ଓଡ଼ିଆର ମାନ୍ୟବର ଆଇନ୍ ମନ୍ତ୍ରୀ ଏବଂ ମାନ୍ୟବର ଖୋର୍ଦ୍ଧା ବିଧାୟକ, ବ୍ଲକ ଅଧକ୍ଷା ,ବିଡିଓ ଟାଙ୍ଗୀ ବ୍ଲକ, ଏଇ/ଯେଇ ଟାଙ୍ଗୀ ବ୍ଲକ ଏବଂ ସରପଞ୍ଚ କୁହୁଡ଼ି,ଜିଲ୍ଲା ପରିଷଦ ଓ ସମିତି ସଭ୍ୟା କୁହୁଡ଼ି ଙ୍କୁ ଆମେ ଅବଗତ କରାଇଛୁ,ହେଲେ ଗ୍ରାମବାସୀଙ୍କ ଦାବି ହେଉଛି ମଠ ଗେଟ୍ ସମ୍ମୁଖରେ ଚାଲିଥିବା ଏହି ବେଆଇନ ରୋଷେଇ ଘର ନିର୍ମାଣକୁ ତୁରନ୍ତ ବନ୍ଦ କରାଯାଉ। ଏହି ନିର୍ମାଣକୁ ମଠ ଠାରୁ ଅନ୍ୟ ଏକ ଉପଯୁକ୍ତ ସ୍ଥାନକୁ ସ୍ଥାନାନ୍ତର କରାଯାଉ, ଆମ ମଠର ସୁରକ୍ଷା ପାଇଁ ପ୍ରଶାସନ ଦୃଢ଼ ପଦକ୍ଷେପ ନିଅନ୍ତୁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି.ଗ୍ରାମବାସୀଙ୍କ ଆଶା ଯେ ବିଡିଓ ମହାଶୟା ତୁରନ୍ତ ଏ ନେଇ ଉଚିତ୍ ପଦକ୍ଷେପ ଗ୍ରହଣ କରିବେ।

## ସୁଦାମ ଚରଣ ଡିଗ୍ରୀ ମହାବିଦ୍ୟାଳୟ, ଚନ୍ଦନଭାଟିର ୩୪ତମ ପ୍ରତିଷ୍ଠା ଦିବସ ପାଳିତ

ବଲାଙ୍ଗିର (ଦେବେନ୍ଦ୍ର ପୋଡ଼) : ସୁଦାମ ଚରଣ ଡିଗ୍ରୀ ମହାବିଦ୍ୟାଳୟ, ଚନ୍ଦନଭାଟିର ୩୪ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ମହାବିଦ୍ୟାଳୟ ଯାହାଙ୍କ ନାମରେ ନାମିତ ସେହି ଶିକ୍ଷାପ୍ରେମୀ ସ୍ୱର୍ଗତ ସୁଦାମ ଚରଣ ପଣ୍ଡାଙ୍କ ଜନ୍ମ ତା-୧୨.୧୦.୧୯୦୬ ମସିହାରେ, ଚନ୍ଦନଭାଟି ଗ୍ରାମର ପିତା ଦୈତାରୀ ପଣ୍ଡା, ମାତା ବୃନ୍ଦାବତୀ ଦେବୀଙ୍କ କୋଳରେ ହୋଇଥିଲା। ସେ ଜଣେ ଆଦର୍ଶ ଶିକ୍ଷକ ଥିଲେ ଏବଂ ଚନ୍ଦନଭାଟି ପ୍ରାଥମିକ ବିଦ୍ୟାଳୟରେ ଅନେକ ଦିନ ଧରି ଶିକ୍ଷକତା କରିଥିଲେ। ଖପ୍ରାଖୋଲ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ବେଳେ ନବଜାତ ଶିଶୁକୁ ନେଇ ବଦଳି ଯିବା ଅସମ୍ଭବ ହେବାରୁ ସ୍ୱାଭିମାନୀ ସ୍ୱର୍ଗତ ପଣ୍ଡା ସରକାରୀ ଚାକିରିରୁ ଇସ୍ତଫା ଦେଇ ନିଜ ଜନ୍ମମାଟି ଚନ୍ଦନଭାଟିକୁ ଚାଲିଆସି ୟୁ.ଜି.ଏମ୍.ଇ ସ୍କୁଲ ଚନ୍ଦନଭାଟିରେ ଦୀର୍ଘ ବର୍ଷ ଧରି ଅବୈତନିକ ଭାବେ ଶିକ୍ଷାଦାନ କରିଥିଲେ ଓ ଚନ୍ଦନଭାଟି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠାରେ ପ୍ରମୁଖ ଭୂମିକା ନେଇଥିଲେ। ମାତ୍ର ଅଞ୍ଚଳରେ ମହାବିଦ୍ୟାଳୟ ନଥିବାରୁ ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷା ସ୍ୱପ୍ନ ଅପୂରଣୀୟ ରହୁଥିବାରୁ ସେ ଏକ ଉଚ୍ଚଶିକ୍ଷାନୁଷ୍ଠାନ ପ୍ରତିଷ୍ଠାର ସ୍ୱପ୍ନ ଦେଖିଥିଲେ କିନ୍ତୁ ତାହା ତାଙ୍କ ଜୀବଦଶାରେ ପୂରଣ ହୋଇ ପାରିନଥିଲା ଏବଂ ତାଙ୍କର ତା-୦୩.୦୧.୧୯୮୩ରେ ପରଲୋକ ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ତାଙ୍କ ଅପୂରଣୀୟ ସ୍ୱପ୍ନକୁ ପୂରଣ କରିବାକୁ ୧୯୯୧ରେ ଜ୍ୟେଷ୍ଠ ପୁତ୍ର ଅବସରପ୍ରାପ୍ତ ବନାଞ୍ଚଳ ଅଧିକାରୀ ଭାବଗ୍ରାହୀ ପଣ୍ଡାଙ୍କ ପ୍ରଚେଷ୍ଟା ଓ ନେତୃତ୍ୱରେ ସ୍ୱର୍ଗତ ଶଙ୍କର୍ଷଣ ପାଣିଗ୍ରାହୀ, ଦୟାନିଧି ପାଣିଗ୍ରାହୀ, ଅଚ୍ୟୁତାନନ୍ଦ ଯୋଶୀ, ଜଗବନ୍ଧୁ ଖମାରୀ ଶର୍ମା, ଗନ୍ଧମାର୍ଦ୍ଦନ ବେହେରା, ପରକ୍ଷିତ ରଣା ପ୍ରମୁଖଙ୍କ ଉଦ୍ୟମରେ କ୍ଲବ ମହାବିଦ୍ୟାଳୟ ଭାବେ ପ୍ରତିଷ୍ଠା ହୋଇ ୧୯୯୩ ମସିହା ୧୦/୦୯/୧୯୯୩ ତାରିଖରେ ଡିଗ୍ରୀ ମହାବିଦ୍ୟାଳୟରେ ପରିଣତ ହୋଇଥିଲା।

# ରଣପୁରରେ ନବ ଭାରତ ସାକ୍ଷରତା ସଚେତନତାର ନିଆରା ପ୍ରୟାସ

## ଶୋଭାଯାତ୍ରା, ଘୋଡ଼ାନାଚ ଓ ଲୋକନୃତ୍ୟରେ ଗାଁ ଗାଁରେ ପହଞ୍ଚିଲା ସାକ୍ଷରତାର ବାର୍ତ୍ତା



ରଣପୁର, ୧୩।୯(ଅକ୍ଷର ଓଡ଼ିଶା): ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମକୁ ଜନଆନ୍ଦୋଳନର ରୂପ ଦେବା ଲକ୍ଷ୍ୟରେ ରଣପୁର ବ୍ଲକ ମହତପଲ୍ଲା ବିଦ୍ୟାଳୟ ପକ୍ଷରୁ ଏକ ଆକର୍ଷଣୀୟ ସାକ୍ଷରତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ସ୍ଥାନୀୟ ଲୋକଙ୍କ ସକ୍ରିୟ ଅଂଶଗ୍ରହଣରେ ସମଗ୍ର ଅଞ୍ଚଳରେ ସାକ୍ଷରତାର ବାର୍ତ୍ତା ପ୍ରଚାର କରାଯାଇଥିଲା।ମହତପଲ୍ଲା ଗ୍ରାମରେ ଏକ ବିଶାଳ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀମାନେ ବିଭିନ୍ନ ପ୍ଲାକାର୍ଡ ଧରି ସାକ୍ଷରତା ସମ୍ପର୍କିତ ସ୍ଲୋଗାନ ଦେଇ ଗ୍ରାମବାସୀଙ୍କୁ ସଚେତନ କରିଥିଲେ। 'ପଢ଼ିବା, ଶିଖିବା ଓ ଆଗକୁ ବଢ଼ିବା' ଭଳି ବାର୍ତ୍ତା ମାଧ୍ୟମରେ ନିରକ୍ଷରତା ଦୂରୀକରଣ ସହ ସମସ୍ତଙ୍କୁ ଶିକ୍ଷାର ମୁଖ୍ୟଧାରାରେ ସାମିଲ ହେବା ପାଇଁ ଆହ୍ୱାନ ଦିଆଯାଇଥିଲା। ଶୋଭାଯାତ୍ରା ପରେ ଘୋଡ଼ାନାଚ ଓ ବିଭିନ୍ନ ଲୋକପାରମ୍ପରିକ ନୃତ୍ୟ ମାଧ୍ୟମରେ ସାକ୍ଷରତାର ବାର୍ତ୍ତାକୁ ଅଧିକ ଆକର୍ଷଣୀୟ ଢଙ୍ଗରେ ଲୋକଙ୍କ ନିକଟରେ ପହଞ୍ଚାଯାଇଥିଲା। ପାରମ୍ପରିକ କଳା ଓ ସଂସ୍କୃତିକୁ ସଚେତନତାର ମାଧ୍ୟମ କରିବା ଫଳରେ କାର୍ଯ୍ୟକ୍ରମଟି ଉପସ୍ଥିତ ଲୋକଙ୍କ ମନ ଜିଣିଥିଲା।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରଣପୁର ବ୍ଲକ ଶିକ୍ଷା ଅଧିକାରୀ ପିଣ୍ଟୁ କୁମାର ପ୍ରଧାନ ଓ ସମ୍ମାନିତ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ମାଧବ ଚନ୍ଦ୍ର ମାଝୀ,ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘର ମହାସଚିବ ଜ୍ୟୋତି ରଞ୍ଜନ ଦାଶ,ଏନ୍.ପି.ଏସ୍. ଶିକ୍ଷକ ସଂଘର ସଭାପତି ଜ୍ୟୋତି ରଞ୍ଜନ କର, ସାଧନ କେନ୍ଦ୍ର ସଂଯୋଜକ ସୁଶୀଲ କୁମାର ରଣା ଓ ସାଧନ କେନ୍ଦ୍ର ସଂଯୋଜକ ପ୍ରଦୀପ କୁମାର ଜେନା ପ୍ରମୁଖ ଯୋଗଦେଇ ନବ ଭାରତ ସାକ୍ଷରତା ଅଭିଯାନର ଗୁରୁତ୍ୱ ଉପରେ ମତବ୍ୟକ୍ତ କରିଥିଲେ।

ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରସ୍ତୁତି ଓ ପରିବେଷଣରେ ଶିକ୍ଷକ ଭାସ୍କର ସାଇଁ ଓ ସଞ୍ଜୟ କୁମାର ଦାଶଙ୍କ ବିଶେଷ ସହଯୋଗ ରହିଥିଲା। ମହତପଲ୍ଲାଗ୍ରାମ ଓ ଏହାର ଆଖପାଖ ଅଞ୍ଚଳର ବହୁ ଶିକ୍ଷକ-ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ସାମିଲ ହୋଇ ଏହାକୁ ସଫଳ କରିବାରେ ସହଯୋଗ କରିଥିଲେ।ସାକ୍ଷରତା କେବଳ ପଢ଼ିବା ଓ ଲେଖିବାର ଦକ୍ଷତା ନୁହେଁ, ବରଂ ଏହା ଜୀବନକୁ ଜାଣିବା, ବୁଝିବା ଓ ଆତ୍ମନିର୍ଭର ହେବାର ଏକ ଶକ୍ତିଶାଳୀ ମାଧ୍ୟମ। ଏହି ମହତ୍ତ୍ୱପୂର୍ଣ୍ଣ ବାର୍ତ୍ତାକୁ ନେଇ ମହତପଲ୍ଲାର ଏହି ଅଭିନବ ପ୍ରୟାସ ନବ ଭାରତ ସାକ୍ଷରତା ଅଭିଯାନକୁ ଗ୍ରାମସ୍ତରରେ ଆହୁରି ସୁଦୃଢ଼ କରିବାରେ ଏକ ପ୍ରଶଂସନୀୟ ପଦକ୍ଷେପ ବୋଲି କହିଥିଲେ!।

# ଦୋଷୀ ସାବ୍ୟସ୍ତ ମାମଲାରେ ଅନୁଗୋଳ ରାଜ୍ୟରେ ପ୍ରଥମ

## ୨୦ଟି ଗୁରୁତର ମାମଲାରେ ସଫଳତା, ୪୪ ଜଣ ପୋଲିସ ଅଧିକାରୀ ଓ ସରକାରୀ ଓକିଲ ସମ୍ମାନିତ

ଅନୁଗୋଳ, ୧୩।୯ (ଅକ୍ଷର ଓଡ଼ିଶା): ଗୁରୁତର ଅପରାଧିକ ମାମଲାରେ ଦୋଷୀ ସାବ୍ୟସ୍ତ କରାଇବା କ୍ଷେତ୍ରରେ ଅନୁଗୋଳ ଜିଲ୍ଲା ପୋଲିସ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଦୋଷୀ ସାବ୍ୟସ୍ତ ମାମଲାର ସଂଖ୍ୟା ଦୃଷ୍ଟିରୁ ଅନୁଗୋଳ ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ, ୬୮ ପ୍ରତିଶତ ଦୋଷୀ ସାବ୍ୟସ୍ତ ହାର ସହ ପ୍ରତିଶତ ଦୃଷ୍ଟିରୁ ରାଜ୍ୟରେ ଦ୍ୱିତୀୟ ସ୍ଥାନରେ ରହିଛି।

ଏହି ସଫଳତାକୁ ନେଇ ଅନୁଗୋଳ ଜିଲ୍ଲା ପୋଲିସ ପକ୍ଷରୁ ଅଭିଯୋଜନା ନିର୍ଦ୍ଦେଶାଳୟର ସହଯୋଗରେ ପୋଲିସ-ପ୍ରସିକ୍ୟୁସନ୍ ସମନ୍ୱୟ ବୈଠକ ଆୟୋଜିତ ହୋଇଥିଲା। ତଦନ୍ତକାରୀ ଅଧିକାରୀ ଓ ସରକାରୀ ଓକିଲଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ସ୍ଥାପନ, ମାମଲାର ତ୍ୱରିତ ବିଚାର ଏବଂ ନ୍ୟାୟ ପ୍ରଦାନକୁ ଅଧିକ ପ୍ରଭାବଶାଳୀ କରିବା ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

ବୈଠକରେ ଗୁରୁତର ଅପରାଧିକ ମାମଲାର ତଦନ୍ତ, ମାମଲା ପ୍ରସ୍ତୁତି, ଅଭିଯୋଜନା ପ୍ରକ୍ରିୟା ଓ ଦୋଷୀ ସାବ୍ୟସ୍ତ ହାର ବୃଦ୍ଧି ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏଥିସହ ବୃତ୍ତିଗତ ତଦନ୍ତ, ମଜବୁତ ପ୍ରମାଣ ସଂଗ୍ରହ ଏବଂ ପ୍ରଭାବଶାଳୀ ଅଭିଯୋଜନା ମାଧ୍ୟମରେ ନ୍ୟାୟ ପ୍ରଦାନକୁ ଆହୁରି ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ୨୦ଟି ଗୁରୁତର ଅପରାଧିକ ମାମଲାରେ ଦୋଷୀ ସାବ୍ୟସ୍ତ କରାଇବାରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୧ ଜଣ ପୋଲିସ ଅଧିକାରୀ ଓ ୨୩ ଜଣ ସରକାରୀ ଓକିଲଙ୍କୁ ସମ୍ମାନିତ କରାଯାଇଥିଲା। ଅନୁଗୋଳ ଜିଲ୍ଲା ପୋଲିସର ଏହି ସଫଳତା ତଦନ୍ତ ଓ ଅଭିଯୋଜନା ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟର ଏକ ଉଦାହରଣ। ଅପରାଧିକ ମାମଲାରେ ତ୍ୱରିତ ନ୍ୟାୟ ସୁନିଶ୍ଚିତ କରିବା ଓ ଦୋଷୀଙ୍କୁ ଆଇନ ଅନୁଯାୟୀ ଦଣ୍ଡିତ କରାଇବା ଦିଗରେ ପୋଲିସ ଓ ଅଭିଯୋଜନା ବିଭାଗର ମିଳିତ ପ୍ରୟାସ ଜାରି ରହିବ।

## ଫ୍ରଡ୍ କଲ୍‌କୁ ନେଇ ସତର୍କତା, ଟଙ୍କା ନଦେବାକୁ ପରାମର୍ଶ

ଦେବଗଡ,୧୩।୯(ଅକ୍ଷର ଓଡ଼ିଶା): ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ କୁଣ୍ଢେଇଗୋଳା ଥାନା ଅନ୍ତର୍ଗତ ଖଇରପାଲି ଫାଣ୍ଡି ଅଞ୍ଚଳରେ ଫ୍ରଡ୍ କଲ୍‌କୁ ନେଇ ସତର୍କତା ଜାରି କରାଯାଇଛି। ରିଆମାଳ ବ୍ଲକର ଷ୍ଟାଫ୍ ପରିଚୟ ଦେଇ ଘର ନିର୍ମାଣ କରାଇଦେବାର ପ୍ରତିଶ୍ରୁତି ଦେଇ ଟଙ୍କା ମାଗୁଥିବା ନେଇ ସୂଚନା ମିଳିଛି। ସୂଚନା ଅନୁଯାୟୀ, ଫୋନ୍ କଲ୍ ମାଧ୍ୟମରେ ଲୋକଙ୍କୁ ପ୍ରଲୋଭିତ କରି ପ୍ରଥମେ ୩,୫୦୦ ଟଙ୍କା ଦେବାକୁ କୁହାଯାଉଥିବା ଅଭିଯୋଗ ହୋଇଛି। ଏପରି ଫୋନ୍ କଲ୍ ଆସିଲେ କାହାକୁ ଟଙ୍କା ନଦେବା ସହ ସନ୍ଦେହଜନକ କଲ୍ ରିସିଭ୍ ନକରିବାକୁ ଖଇରପାଲି ଫାଣ୍ଡି ଅଧିକାରିଣୀ ବିଷ୍ଣୁପ୍ରିୟା ରଣା ଲୋକଙ୍କୁ ସତର୍କ କରାଇଛନ୍ତି। ସେହିପରି ଏଭଳି କୌଣସି ଫ୍ରଡ୍ କଲ୍ ଆସିଲେ ତୁରନ୍ତ ନିକଟସ୍ଥ ପୋଲିସକୁ ଜଣାଇବାକୁ ସେ ପରାମର୍ଶ ଦେଇଛନ୍ତି।

## ୧୫ରେ ସଂପୁର ନୂଆଖାଇ ମହୋତ୍ସବ ଭେଟଘାଟ

ବୋଲଗଡ଼, ୧୩।୯ (ଅକ୍ଷର ଓଡିଶା ) ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଗଣପର୍ବ 'ନୂଆଖାଇ' ବୋଲଗଡ଼ ବ୍ଲକ ସଂପୁର ଗ୍ରାମରେ ଦୀର୍ଘ ଦୁଇ ଶତାବ୍ଦୀ ଧରି ନିଷ୍ଠାର ସହ ପାଳିତ ହୋଇଆସୁଛି। କିଛିବର୍ଷ ହେବ ଏହି ପର୍ବକୁ ମହୋତ୍ସବ ରୂପେ ଆହୁରି ଧୁମ୍‌ଧାମ୍‌ରେ ପାଳନ କରାଯିବା ପିବା ସହ ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଚଳିତବର୍ଷ ସେପ୍ଟେମ୍ବର ୧୫ ତାରିଖ ମଙ୍ଗଳବାର ନୂଆଖାଇ ପଡୁଥିବା ବେଳେ, ଜ୍ୟୋତିଷ ଗଣନା ଅନୁସାରେ ସକାଳ ୯ଟା ୧୫ରୁ ୧୦ଟା ୩୦ ମିନିଟ୍ ମଧ୍ୟରେରେ ନବାନ୍ନ ପ୍ରସାଦ ଲାଗି ପାଇଁ ଲଗ୍ନ ଧାର୍ଯ୍ୟ ହୋଇଛି। ବିଧି ପୂର୍ବକ ନୂତନ ଧାନ ସଂଗ୍ରହ, ଚାଉଳ ଓ ନୂଆ ଚୁଡ଼ା ପ୍ରସ୍ତୁତି ସହ ଅନ୍ୟାନ୍ୟ ନୀତିକାନ୍ତି ପରିଚାଳ ଚାଳନା ସମ୍ପର୍କରେ ଗ୍ରାମବାସୀଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଆଲୋଚନା ହୋଇଅଛି। ଏହି ଅବସରରେ ଆୟୋଜିତ 'ସଂପୁର ନୂଆଖାଇ ମହୋତ୍ସବ'ରେ ଅପରାହ୍ନରୁ ଗ୍ରାମ ଓ ଜିଲ୍ଲାର ବହୁ କଳାକାରଙ୍କ ଦ୍ୱାରା ଲୋକନୃତ୍ୟ ପରିବେଷଣ କରାଯିବ। ସେହିପରି ସନ୍ଧ୍ୟାରେ ଆଧୁନିକ ନୃତ୍ୟ, ଭଜନ ସନ୍ଧ୍ୟା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିସହ ବିଭିନ୍ନ କ୍ଷେତ୍ରର ବିଶିଷ୍ଟ ଅତିଥିମାନଙ୍କୁ ଆମନ୍ତ୍ରଣ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ମହୋତ୍ସବ କମିଟିର ସଭାପତି ଅନିଲ କୁମାର ନାୟକ ସୂଚନା ଦେଇଅଛନ୍ତି।

# ବନ୍ଧକ ଶ୍ରମ ଓ ମାନବ ଚାଲାଣ ନିରାକରଣ ସମନ୍ୱୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ଯାଜପୁର, ୧୩।୯(ଅକ୍ଷର ଓଡ଼ିଶା): ଗତ ୧୦ତାରିଖରେ ଯାଜପୁର ଜିଲ୍ଲା ପରିଷଦ ପକ୍ଷରୁ ଇଣ୍ଟରନ୍ୟାସନାଲ ଜଷ୍ଟିସ୍ ମିଶନ୍ ଏବଂ ସାମାଜିକ ସଂଗଠନ ଉତ୍କଳ ସେବକ ସମାଜ ର ସହଯୋଗରେ 'ବନ୍ଧୁଆ ଶ୍ରମ ଓ ମାନବ ଚାଲାଣ ନିରାକରଣ ଉପରେ ଜିଲ୍ଲାସ୍ତରୀୟ ଅଧିକାରୀ ଓ ପୁଲିସ କର୍ମଚାରୀଙ୍କ ପାଇଁ ଏକଦିବସୀୟ ସମନ୍ୱୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ' ସଫଳତାର ସହ ଅନୁଷ୍ଠିତ ହୋଇଯାଇଅଛି।

ଏହି କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଦେବୀ ପ୍ରସାଦ ମହାନ୍ତି ସଭାପତିତ୍ୱ କରିଥିଲାବେଳେ ଅତିଥି ଭାବେ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଲମ୍ବୋଦର ଖୁଣ୍ଟିଆ,ପିଏମଏସଡି ଶ୍ରୀମତୀ ମଧୁମିତା ପୃଷ୍ଟି ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ନିରଞ୍ଜନ କର ପ୍ରମୁଖ ଯୋଗଦାନ କରିଥିଲେ। ମୁଖ୍ୟ ବକ୍ତା ତଥା ବିଷୟ ବିଶେଷଜ୍ଞ ଭାବେ ଯୋଗଦେଇ ଆଇ.ଜେ.ଏମ ର ରାଜ୍ୟ କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଶ୍ରୀ ଜୟନ୍ତ ନାଗ ମାନବ ଚାଲାଣର ବିଭିନ୍ନ ଦିଗ, ଏହାର ପୃଷ୍ଠଭୂମି, ବର୍ତ୍ତମାନର ପରିସ୍ଥିତି, ବନ୍ଧକ ଶ୍ରମ ପ୍ରଥା (ଉଚ୍ଛେଦ) ଅଧିନିୟମ, ୧୯୭୬ ଏବଂ ଏହାର ଆଇନଗତ ବ୍ୟବସ୍ଥା ସହ ବିଭିନ୍ନ ସରକାରୀ ବିଭାଗର ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ।

କାର୍ଯ୍ୟକ୍ରମ ର ପ୍ରାରମ୍ଭରେ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଲମ୍ବୋଦର ଖୁଣ୍ଟିଆ ଏହି ସମସ୍ୟା ର ସଫଳ ମୁକାବିଲା ପାଇଁ ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କର ସହଯୋଗ କାମନା କରିବା ସହ ଏହି ସମ୍ବେଦନଶୀଳ ବିଷୟ ପ୍ରତି ଅଂଶ ଗ୍ରହଣ କାରୀମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଇ.ଜେ.ଏମ ର ଆଇନ ପରାମର୍ଶଦାତା ଶ୍ରୀ ଅମିତ ନାଗ ବନ୍ଧକ ଶ୍ରମ ସମସ୍ୟାର ସମାଧାନ ଦିଗରେ କ୍ଷେତ୍ରସ୍ତରରେ ଦେଖାଦେଉଥିବା ବାସ୍ତବ ସମସ୍ୟା ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ନିରଞ୍ଜନ କର ଶିଶୁ ଯତ୍ନ ଓ ସୁରକ୍ଷାର ଆବଶ୍ୟକତା ଥିବା ଶିଶୁମାନଙ୍କ (Children in Need of Care and Protection) ସମ୍ପର୍କରେ ଏବଂ କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଓ ସୁରକ୍ଷା) ଅଧିନିୟମର ବିଭିନ୍ନ ବ୍ୟବସ୍ଥା ଉପରେ ବିସ୍ତୃତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ଏକ ଉଲ୍ଲେଖନୀୟ ପଦକ୍ଷେପ ସ୍ୱରୂପ ସଭାପତି ଶ୍ରୀ ଦେବୀ ପ୍ରସାଦ ମହାନ୍ତି ବନ୍ଧକ ଶ୍ରମରୁ ଉଦ୍ଧାର ପାଇଥିବା ୮ ଜଣ ପୀଡ଼ିତଙ୍କ ପରିବାରକୁ ଜୀବିକା ଉନ୍ନୟନ ପାଇଁ ପ୍ରାରମ୍ଭିକ ଆର୍ଥିକ ସହାୟତା ବାବଦକୁ ପ୍ରତ୍ୟେକଙ୍କୁ ୪୦,୦୦୦ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ସେମାନଙ୍କୁ ବିଭିନ୍ନ ସରକାରୀ ଯୋଜନା ସହ ସଂଯୋଗ କରି ମୁଖ୍ୟସ୍ରୋତକୁ ଆଣିବା ପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ତହସିଲର ତହସିଲଦାର, ଅତିରିକ୍ତ ତହସିଲଦାର, ମଣ୍ଡଳ ଉନ୍ନୟନ ଅଧିକାରୀ , ସହକାରୀ ମଣ୍ଡଳ ଉନ୍ନୟନ ଅଧିକାରୀ, ପୁଲିସ ଅଧିକାରୀ, ଜିଲ୍ଲା ଶ୍ରମ ଅଧିକାରୀ ଏବଂ ବିଭିନ୍ନ ବ୍ଲକ୍ ସ୍ତରୀୟ ବିଭାଗର ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ବକ୍ତାମାନେ ବନ୍ଧକ ଶ୍ରମ ଓ ମାନବ ଚାଲାଣ ଭଳି ସଙ୍ଗୀନ ସାମାଜିକ ଅପରାଧର ପ୍ରଭାବଶାଳୀ ନିରାକରଣ ପାଇଁ ସମସ୍ତ ବିଭାଗ ମଧ୍ୟରେ ସୁଦୃଢ଼ ସମନ୍ୱୟ, ତ୍ୱରିତ ପଦକ୍ଷେପ ଏବଂ ପୀଡ଼ିତମାନଙ୍କ ପୁନର୍ବାସ ଓ ଜୀବିକା ସୁଦୃଢ଼ୀକରଣ ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଉତ୍କଳ ସେବକ ସମାଜର ନିର୍ଦ୍ଦେଶକ ଇଂ ଅନ୍ୱୟ ଅଭିନବ ସଂଯୋଜନା କରିଥିବା ବେଳେ ଶ୍ରୀମତୀ ପୁଷ୍ପିତା ନାୟକ କାର୍ଯ୍ୟକ୍ରମ ସଞ୍ଚାଳନ ଓ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଶ୍ରୀମତୀ ମଧୁମିତା ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।




ସୋମବାର ୧୪।୯।୨୦୨୬

ଅକ୍ଷର

AKHYARA ODISHA ଓଡ଼ିଶା


## ଖଣ୍ଡପଡ଼ାର ଲୋକପ୍ରିୟ ଜନନେତାଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ



ଖଣ୍ଡପଡ଼ା ୧୩।୯ (ଅକ୍ଷର ଓଡ଼ିଶା) ଖଣ୍ଡପଡ଼ାର ପୂର୍ବତନ ବିଧାୟକ ତଥା ଦିବଂଗତ ଲୋକପ୍ରିୟ ଜନନେତା ଅରୁଣ ପଟ୍ଟନାୟକଙ୍କ ୩୦ ତମ ଶ୍ରାଦ୍ଧବାର୍ଷିକ ପାଳନ ଅବସରରେ ଏକ ସ୍ମୃତିଚାରଣ ସଭା ଖଣ୍ଡପଡ଼ା ସହରସ୍ଥିତ ଅରୁଣ ନିବାସ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜାଗ୍ରତ ଖଣ୍ଡପଡ଼ା ଅନୁଷ୍ଠାନ ପକ୍ଷରୁ ଆୟୋଜିତ ସ୍ମୃତିଚାରଣ ସଭାରେ ଅରୁଣ ପଟ୍ଟନାୟକ ସ୍ମୃତି ପରିଷଦର ସଭାପତି ବସନ୍ତ କୁମାର ନାୟକ ପୌରୋହିତ୍ୟ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଅର୍ଥ ମନ୍ତ୍ରୀ ପଞ୍ଚାନନ କାନୁନଗୋ,ପୂର୍ବତନ ରାଜ୍ୟସଭା ସାଂସଦ ରବି ନାରାୟଣ ମହାପାତ୍ର, ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ,କଟକ ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଭିକାରୀ ଚରଣ ସାହୁ, ନୟାଗଡ ଜିଲ୍ଲା ପରିଷଦ ସଭାପତି ଙ୍କ ଦେବାଶିଷ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ଦିବଂଗତ ଜନନେତା ଅରୁଣଙ୍କ ସ୍ମୃତିଚାରଣ କରିବା ସହ ଅରୁଣ ଥିଲେ ପ୍ରେରଣାର ଉତ୍ସ ଓ ପ୍ରଗତିର ସାରଥୀ ବୋଲି ମତ ଦେଇଥିଲେ। ଖଣ୍ଡପଡ଼ାବାସୀଙ୍କ ହୃଦୟକୁ ଜିଣି ପାରିଥିବା ଅରୁଣ ଏବେ ବି ଜନମାନସରେ ସ୍ମୃତି ହୋଇ ରହିଛନ୍ତି ଓ ଭବିଷ୍ୟତରେ ବି ରହିବେ ବୋଲି ସ୍ମୃତିଚାରଣ ସଭାରେ ମତ ପ୍ରକାଶ ପାଇଥିଲା। ଖଣ୍ଡପଡ଼ା ଓ ଭାପୁର ବ୍ଲକ ଅଞ୍ଚଳରୁ ଏକ ହଜାରରୁ ଊର୍ଦ୍ଧ୍ୱ ଅରୁଣ ପ୍ରେମୀ ଜନତାଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ବ୍ୟକ୍ତିବିଶେଷ ସ୍ମୃତିଚାରଣ ସଭାରେ ଉପସ୍ଥିତ ରହି ଦିବଂଗତ ଜନନେତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶେଷରେ ସ୍ୱର୍ଗତ ପଟ୍ଟନାୟକଙ୍କ ପୁତ୍ର ତଥା ଖଣ୍ଡପଡ଼ାର ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ବିକଶିତ ଓ ଦାଦନମୁକ୍ତ କନ୍ଧମାଳ ପାଇଁ ରାଇକିଆରେ ବ୍ଲକସ୍ତରୀୟ ବୈଠକ

ରାଇକିଆ, ୧୩।୯ (ଜଗଦୀଶ ଦାଶ): କନ୍ଧମାଳ ଜିଲ୍ଲାରୁ ଦାଦନ ସମସ୍ୟା ଦୂର କରିବା ସହ ସ୍ଥାନୀୟ ଅଞ୍ଚଳରେ ରୋଜଗାର ସୃଷ୍ଟି କରି ଯୁବପିଢ଼ିଙ୍କୁ ସାବଲମ୍ବୀ କରିବା ଲକ୍ଷ୍ୟରେ ରାଇକିଆ ବ୍ଲକ ଅନ୍ତର୍ଗତ ବେରେଡାକିଆ ଆର ଏମ ସି ପରିସରରେ ଏକ ବ୍ଲକସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ସୋସିଆଲ ୱାର୍କର୍ସ ଆସୋସିଏସନ୍ ଅଫ୍ କନ୍ଧମାଳ (SWAK) ଅନୁଷ୍ଠାନର ଆୟୋଜନରେ ଅନୁଷ୍ଠିତ ଏହି ବୈଠକରେ ସାମାଜିକ କର୍ମୀ, ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି, ବୁଦ୍ଧିଜୀବୀ, ଜନପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇଥିଲେ। ସଭାପତି ଆମନ ଚନ୍ଦ୍ର ନାୟକ ବୈଠକରେ ଅଧ୍ୟକ୍ଷତା କରିଥିବା ବେଳେ ସାକ ସଦସ୍ୟ ସନ୍ତୋଷ ଦିଗାଲ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ବେରେଡାକିଆ ସରପଞ୍ଚ ଭାଷଣ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ପାଦକ ନୃସିଂହଦେଶ ପ୍ରଧାନ ବୈଠକର ଉଦ୍ଦେଶ୍ୟ ଓ ଦାଦନ ଶ୍ରମିକଙ୍କ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ।



ବୈଠକ ଆରମ୍ଭରେ ଦାଦନ ଖଟିବାକୁ ଯାଇ ବାହାର ରାଜ୍ୟରେ ମୃତ୍ୟୁବରଣ କରିଥିବା ୧୧ ଜଣ ଶ୍ରମିକଙ୍କ ଆତ୍ମାର ସଦ୍‌ଗତି କାମନା କରି ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଆଲୋଚନାରେ କୁହାଯାଇଥିଲା ଯେ, ରାଇକିଆର ଅନେକ ଅଞ୍ଚଳରେ ପର୍ଯ୍ୟାପ୍ତ ରୋଜଗାର ସୁଯୋଗର ଅଭାବ ଯୋଗୁଁ ପ୍ରତିବର୍ଷ ଶହ ଶହ ଶ୍ରମିକ କାମ ଅନ୍ୱେଷଣରେ ରାଜ୍ୟ ବାହାରକୁ ଯାଉଛନ୍ତି। ଦଲାଲଙ୍କ ମାଧ୍ୟମରେ ପ୍ରବାସ କରୁଥିବା ଅନେକ ଶ୍ରମିକ ଠକେଇ, ନିର୍ଯାତନା, ଦୁର୍ଘଟଣା ଓ ଅନ୍ୟାନ୍ୟ ସମସ୍ୟାର ଶିକାର ହେଉଛନ୍ତି। ତେଣୁ ଦାଦନ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସ୍ଥାନୀୟ ଅଞ୍ଚଳରେ ରୋଜଗାର ଓ ଜୀବିକା ସୁଯୋଗ ସୃଷ୍ଟି ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

'ଏକ ଜିଲ୍ଲା, ଏକ ସଙ୍କଳ୍ପ' ନୀତି ଆଧାରରେ କନ୍ଧମାଳର ପ୍ରାକୃତିକ ଓ ମାନବ ସମ୍ବଳର ସଠିକ୍ ଉପଯୋଗ କରି ଯୁବପିଢ଼ିଙ୍କ ପାଇଁ ସ୍ଥାୟୀ ରୋଜଗାର, ଆତ୍ମନିଯୁକ୍ତି ଓ କ୍ଷୁଦ୍ର ଉଦ୍ୟୋଗ ସୃଷ୍ଟି କରିବା ନେଇ ବିଭିନ୍ନ ମତ ପ୍ରକାଶ ପାଇଥିଲା। ବିଶେଷକରି ରାଇକିଆ ଅଞ୍ଚଳରେ ହଳଦୀ ଚାଷ ଓ ଚାଷୀଙ୍କ ସମସ୍ୟା ନେଇ ମଧ୍ୟ ଆଲୋଚନା ହୋଇଥିଲା। ହଳଦୀକୁ ଜିଆଇ ଟ୍ୟାଗ୍ ମାନ୍ୟତା ମିଳିଥିଲେ ମଧ୍ୟ ଚାଷୀମାନେ ଉତ୍ପାଦର ଉଚିତ୍ ମୂଲ୍ୟ ପାଉନଥିବା ନେଇ ଅଭିଯୋଗ ହୋଇଥିଲା। ହଳଦୀ ପାଇଁ ନିୟମିତ ମଣ୍ଡି ବ୍ୟବସ୍ଥା ଓ ଉଚିତ୍ ବଜାର ସଂଯୋଗ କରାଗଲେ ଚାଷୀମାନେ ଉତ୍ପାଦର ଉଚିତ୍ ମୂଲ୍ୟ ପାଇପାରିବେ ବୋଲି ମତ ପ୍ରକାଶ ପାଇଥିଲା। ସେହିପରି ଜଙ୍ଗଲଜାତ ଦ୍ରବ୍ୟ, ଅଁଳା, ପଣସ, ମାଣ୍ଡିଆ, ବିରି, ବିଭିନ୍ନ ମସଲାଜାତୀୟ ଫସଲ ଓ କୁଟୀର ଶିଳ୍ପର ପ୍ରକ୍ରିୟାକରଣ, ମୂଲ୍ୟବୃଦ୍ଧି ଏବଂ ବଜାର ସଂଯୋଗ ଉପରେ ଗୁରୁତ୍ୱ ଦିଆଯାଇଥିଲା। ସ୍ଥାନୀୟ ସମ୍ବଳକୁ ଆଧାର କରି ଛୋଟ ଓ ମଧ୍ୟମ ଉଦ୍ୟୋଗ ଗଢ଼ି ତୋଳିବା ମାଧ୍ୟମରେ ଅଧିକ ରୋଜଗାର ସୃଷ୍ଟି କରିବା ପାଇଁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବ ବୋଲି ବୈଠକରେ ସ୍ଥିର ହୋଇଥିଲା। କାର୍ଯ୍ୟକ୍ରମରେ ତଡିଙ୍ଗିଆ ସରପଞ୍ଚ ଅଶୋକ ପ୍ରଧାନ, ବାସ ସ୍ୱେଚ୍ଛା ସେବୀ ଅନୁଷ୍ଠାନର ପ୍ରତିଷ୍ଠାତା ଶଶାଙ୍କ ଶେଖର ଦିଗାଲ, ସମାଜସେବୀ ଶ୍ରୀ ନିହାର ଦିଗାଲ, ସମାଜସେବୀ ବିଚ୍ଛୁ ଦିଗାଲ, ମହିଳା ଜୀବିକା ସୁରକ୍ଷା ମଞ୍ଚ ସଭାନେତ୍ରୀ ଶ୍ରୀମତୀ ପ୍ରମୋଦା ନାୟକ, ରାଇକିଆ ପ୍ରେସ କ୍ଲବ ସଭାପତି ପ୍ରଦୀପ ବେହେରା, ସମାଜସେବୀ ମେନେସ୍ୱର ଦିଗାଲ, ସମାଜସେବୀ ତ୍ରୁଦ୍ଧାରା ମଲିକ ସମେତ ବିଭିନ୍ନ ପଞ୍ଚାୟତର ,ସାମାଜିକ କର୍ମୀ, ଗଣମାଧ୍ୟମ ପ୍ରତିନିଧି, ସମାଜସେବୀ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।ସାକ ସଦସ୍ୟା ମାନାକ୍ଷୀ ପ୍ରଧାନ, ବିବେକାନନ୍ଦ ପ୍ରଧାନ ଓ ମିହିର ଦିଗାଲ ସହଯୋଗ କରିଥିଲେ।ଶେଷରେ ସାକର କୋଷାଧ୍ୟକ୍ଷ ସାମନ୍ତ ଶେଖର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବିକଶିତ ଓ ଦାଦନମୁକ୍ତ କନ୍ଧମାଳ ଗଠନ ପାଇଁ ମିଳିତ ପ୍ରୟାସ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ।

## ଏଲଆଣ୍ଡଟି କମ୍ପାନୀରୁ ଚୋରି ଚୋରି ସାମଗ୍ରୀ ସହିତ ଜଣେ ଗିରଫ



ରାଜକନିକା ୧୨ ।୯(ନୁରେଇ ଖାନ): ଏଲଆଣ୍ଡଟି କମ୍ପାନୀରୁ ଚୋରି କରି କୋର୍ଟ ଚାଲାଣ ଆସାମୀ ତେବେ ଦୀର୍ଘ ଦିନ ହେବ ଏଲଆଣ୍ଡଟି କମ୍ପାନୀ ରାଜକନିକା ଅଂଚଳର ନନ୍ଦୀମାହାରା ନିକଟରେ ଓଭରହେଡ଼ ପାଣି ଟାଙ୍କି କାମ କରୁଥିବା ବେଳେ ଲୁଟେରା ମାନେ ଦୀର୍ଘ ଦିନ ହେବ କମ୍ପାନୀର ଲୁହା ପାଇପ ସହିତ ଅନ୍ୟ ସାମଗ୍ରୀ ଚୋରି ହେଉଥିବା ନେଇ କମ୍ପାନୀ ପ୍ରୋଜେକ୍ଟ ମ୍ୟାନେଜର ପ୍ରଦୀପ ନାୟକ ରାଜକନିକା ଥାନାରେ ଅଭିଯୋଗ କରିଥିଲେ ଅଭିଯୋଗ ଆଧାରରେ ରାଜକନିକା ପୁଲିସ ବିଶେଷ ସୂତ୍ରରୁ ଖବର ପାଇ ଆଜି ଭୋର ସମୟରେ ରାଜକନିକା ଥାନା ଅଧୀନ ମଲିସାହାରା ଗାଁର ଫକୀର ଖାଁଙ୍କ ପୁଅ ସାମସୁଦିନ ଖାଁଙ୍କୁ ଗିରଫ କରିବା ସହିତ ତାଙ୍କ ଘର ଛାତ ଉପରେ ରଖିଥିବା ଲୁହା ପାଇପ, ରଡ଼ ଓ ଅନ୍ୟ ସାମଗ୍ରୀକୁ ପୁଲିସ ଜବତ କରିବା ସହିତ ଏହି ଚୋରି ସମ୍ବନ୍ଧରେ ଅନ୍ୟ କିଏ ସାମିଲ ଅଛି ତାହାକୁ ନେଇ ରାଜକନିକା ଥାନା ଅଧିକାରୀ ତଦନ୍ତ କରୁଥିବା ସୂଚନା ମିଳିଥିବା ବେଳେ ସାମସୁଦିନ କୁ ଡାକ୍ତରୀ ମଇନା ପରେ କୋର୍ଟ ଚାଲାଣ କରିଛି।

## ବରଗଡ଼ରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ବରଗଡ଼, ୧୩।୯ (ଅକ୍ଷର ଓଡ଼ିଶା): ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣ, ନୂଆଦିଲ୍ଲୀ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶ କ୍ରମେ, ବରଗଡ଼ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ୨୦୨୬ ସେପ୍ଟେମ୍ବର ୧୨ ତାରିଖରେ ସିଭିଲ କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଶ୍ରୀ ଅନୁପ କୁମାର ଚନ୍ଦନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଲୋକ ଅଦାଲତରେ ସମସ୍ତ ପ୍ରକାରର ବିଚାରାଧିନ ମକଦ୍ଦମା ଯଥା ଦେଓ୍ୱାନୀ ଓ ଫୌଜଦାରି (ସାଲିସ ଯୋଗ୍ୟ), ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କରଣ, ବିଦ୍ୟୁତ ଓ ଜଳଯୋଗାଣ, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ୍ ବାଉନ୍ସ ମାମଲା, ଲୋକ ସେବା ସମ୍ବନ୍ଧୀୟ ମାମଲା, ବୈବାହିକ ବିବାଦ (ଛାଡପତ୍ର ବ୍ୟତୀତ), ପାରିବାରିକ ବିବାଦ, ଚାକିର ସମ୍ବନ୍ଧୀୟ (ପେନସନ), ରାଜସ୍ୱ ମାମଲା, ମୋଟର ଯାନ ଅଧିନିୟମ ମାମଲା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମାମଲାର ଆପୋସ ସମାଧାନ କରାଯାଇଥିଲା। ଉକ୍ତ ଲୋକ ଅଦାଲତ ରେ ୩,୫୭୮ ଗୋଟି ପ୍ରାକ୍ ମୋକଦ୍ଦମା ମାମଲା ର ବିଚାର ପାଇଁ ବିଭିନ୍ନ ବ୍ୟାଙ୍କ କାର୍ଯ୍ୟାଳୟରୁ, ୭୮୭ ଗୋଟି ବିଚାରଧିନ ମୋକଦ୍ଦମା ମାମଲା ର ବିଚାର ପାଇଁ ବିଭିନ୍ନ ଅଦାଲତରୁ ଏବଂ ୩,୨୦୭ ଗୋଟି ବିଚାରଧିନ ମୋକଦ୍ଦମା ମାମଲାର ବିଚାର ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ





ପ୍ରମୁଖଙ୍କ ତରଫରୁ ବିଚାରକୁ ନିଆଯାଇଥିଲା । ଉକ୍ତ ମକଦ୍ଦମା ମାନଙ୍କ ମଧ୍ୟରୁ ୩୩୭ ଗୋଟି ପ୍ରାକ୍ ମୋକଦ୍ଦମା ମାମଲା, ୧୬୪ ଗୋଟି ବିଚାର ବିଭାଗୀୟ ବିଚାରଧିନ ମୋକଦ୍ଦମା ମାମଲା ଏବଂ ୨,୬୨୯ ଗୋଟି ଜିଲ୍ଲାପାଳଙ୍କ ରାଜସ୍ୱ ବିଚାରଧିନ ମୋକଦ୍ଦମା ମାମଲା ର ବିଚାର ହୋଇ ପ୍ରାକ୍ ମାମଲା ବାବଦକୁ ୯୪,୫୯,୩୧୪/- ଟଙ୍କା ଏବଂ ବିଚାର ବିଭାଗୀୟ ବିଚାରଧିନ ମାମଲା ବାବଦକୁ ୨,୬୧,୫୬,୭୨୯/- ଟଙ୍କା ଆଦାୟ ହୋଇଥିଲା । ଉକ୍ତ ଲୋକ ଅଦାଲତକୁ ବରଗଡ଼ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଅନୁପ କୁମାର ଚନ୍ଦନ ଏବଂ ସଚିବ ବିଭୂତି ଭୁଷଣ ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିବାବେଳେ, ପାରିବାରିକ ଅଦାଲତର ବିଚାରପତି ମାନସ ରଞ୍ଜନ ରଥ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୀମତୀ ପୁନମ ଜେନା, ରେଜିଷ୍ଟ୍ରାର (ସିଭିଲ୍ କୋର୍ଟ) ଦିଗ୍‌ବିଜୟ ଦାସ, ବରିଷ୍ଠ ଦେବାନୀ ବିଚାରପତି ଶ୍ରୀମତୀ ସୁଚରିତା ମହାନ୍ତି, ବରିଷ୍ଠ ଦେବାନୀ ବିଚାରପତି (ମହିଳା ଅଦାଲତ) ଶ୍ରୀମତୀ ପ୍ରଜ୍ଞା ପୂଜାପ୍ରଦା, ଉପଖଣ୍ଡିୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୀମତୀ ଶ୍ରୀଷ୍ଟି ସାମନ୍ତ, ଦେବାନୀ ବିଚାରପତି ଶ୍ରୀ ସଂଗ୍ରାମ କୁମାର ମିଶ୍ର, ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀ ଚନ୍ଦନ ଦେହୁରି, ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀ ଅମ୍ଳାନ ରଥ ଏବଂ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଦ୍ୱିତୀୟ ଶ୍ରେଣୀ ଅଭିଳାଷ ଦାସ ବିଭିନ୍ନ ଅଦାଲତଗୁଡିକୁ ପରିଚାଳନା କରିଥିଲେ । ଜିଲ୍ଲା ଓ ଦୌରାଜଜ୍ ଅଦାଲତରେ ବରିଷ୍ଠ ଆଇନ୍‌ଜୀବୀ ସୁଧିର ପୁରୋହିତ ଓ ନିଧୁବନ ବିହାରି ପ୍ରସାଦ ପଣ୍ଡା, ପାରିବାରିକ ଅଦାଲତରେ ବରିଷ୍ଠ ଆଇନ୍‌ଜୀବୀ ଶ୍ରୀ ଯୁଗଳ ପ୍ରସାଦ ସିଂ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କର ଅଦାଲତରେ ଆଇନ୍‌ଜୀବୀ କିରଣ କୁମାର ମିଶ୍ର, ବରିଷ୍ଠ ଦେବାନୀ ଅଦାଲତରେ ବରିଷ୍ଠ ଆଇନ୍‌ଜୀବୀ ଚିତ ରଞ୍ଜନ ପଣ୍ଡା, ବରିଷ୍ଠ ଦେବାନୀ ବିଚାରପତି (ମହିଳା ଅଦାଲତ) ରେ ଆଇନ୍‌ଜୀବୀ ମହେନ୍ଦ୍ର ସାହୁ, ଉପଖଣ୍ଡିୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତରେ ଆଇନ୍‌ଜୀବୀ ମାନଭଞ୍ଜନ ତ୍ରିପାଠୀ, ଦେବାନୀ ଅଦାଲତରେ ଆଇନ୍‌ଜୀବୀ ଅଶ୍ୱିନି କୁମାର ଦାସ, ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀ ଅଦାଲତରେ ଆଇନ୍‌ଜୀବୀ ଶଶାଙ୍କ ଶେଖର ପଣ୍ଡା, ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀ ଅଦାଲତରେ ଆଇନ୍‌ଜୀବୀ ଦେବାଶିସ ମିଶ୍ର, ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଦ୍ୱିତୀୟ ଶ୍ରେଣୀ ଅଦାଲତରେ ଆଇନ୍‌ଜୀବୀ ସୀତାରାମ ମେହେର ଅଦାଲତଗୁଡିକୁ ପରିଚାଳନା କରିବାରେ ପ୍ରମୁଖ ସହଯୋଗ କରିଥିଲେ।

## ଦ୍ୱାଦଶତମ ଓଏଭି ପ୍ରତିଷ୍ଠା ଦିବସ ପାଳିତ

ସୁବର୍ଣ୍ଣପୁର(ବୀରମହାରାଜପୁର), ୧୩।୯(ସଂଗ୍ରାମ ମହାପାତ୍ର ) ଆଜି ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି), ରାଠାପୁରଠାରେ ଶନିବାର ଦିନ ଦ୍ୱାଦଶତମ ବିଦ୍ୟାଳୟ ସ୍ତରୀୟ ଓଏଭି ପ୍ରତିଷ୍ଠା ଦିବସ ''ସ୍ୱାର୍କ-୨୦୨୬'' ମହାସମାରୋହରେ ପାଳିତ ହୋଇଯାଇଛି।

କାର୍ଯ୍ୟକ୍ରମର ଶୁଭାରମ୍ଭ ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ସମାବେଶ ପରେ ଅତିଥିମାନଙ୍କୁ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କ ଦ୍ୱାରା ଉଷ୍ମ ସ୍ୱାଗତ ଜଣାଇବା ସହ ହୋଇଥିଲା। ଛାତ୍ରଛାତ୍ରୀଙ୍କ ମନ୍ତ୍ରୋଚ୍ଚାରଣ ମଧ୍ୟରେ ମାନ୍ୟବର ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହାପରେ ସମସ୍ତଙ୍କ ଦ୍ୱାରା ବନ୍ଦେ ମାତରମ୍ ଗାନ, ଅତିଥିମାନଙ୍କ ତିଳକ ଓ ସମ୍ମାନ ପ୍ରଦାନ ଏବଂ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ବରିଷ୍ଠ ଶିକ୍ଷକ ଶ୍ରୀ ନରେନ୍ଦ୍ର କୁମାର ବାରିକ। ଏହାପରେ ବିଦ୍ୟାଳୟର ଉପାଧ୍ୟକ୍ଷ ଶ୍ରୀ ବିଷ୍ଣୁ ପ୍ରସାଦ ଜେନା ନିଜର ଅଭିଭାଷଣ ରଖିଥିଲେ। ମୁଖ୍ୟ ଅତିଥି ଶ୍ରୀମତୀ ଶାନ୍ତିଲତା ଲୁହା, ଅଧ୍ୟକ୍ଷା, ବି.ଏମ୍. ପୁର ଏବଂ ମୁଖ୍ୟ ବକ୍ତା ଶ୍ରୀ ମଦନ ସୁନ୍ଦର ଖେତୀ, ଇଂରାଜୀ ଅଧ୍ୟାପକ, ମହିଳା ମହାବିଦ୍ୟାଳୟ, ସୋନପୁର ନିଜର ଅଭିଭାଷଣରେ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମନ୍ୱୟ ଏବଂ ଶିକ୍ଷାର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବରେ ସଂସ୍କୃତ ଅଧ୍ୟାପିକା ଶ୍ରୀମତି ସଂତୋଷିନୀ ନାୟକ ଯୋଗ ଦେଇଥିଲେ।

ମାନ୍ୟବର ଅତିଥିମାନେ ବିଦ୍ୟାଳୟର ଚାରିଟି ହାଉସ୍‌ର ହାଉସ୍‌ବୋର୍ଡ ସାଜସଜ୍ଜା ମଧ୍ୟ ପରିଦର୍ଶନ କରି ମୂଲ୍ୟାୟନ କରିଥିଲେ। ଏହି ଚାରିଟି ହାଉସ୍ ହେଉଛି ମହାନଦୀ ହାଉସ୍, ବ୍ରାହ୍ମଣୀ ହାଉସ୍, ବଂଶଧାରା ହାଉସ୍ ଓ ସୁବର୍ଣ୍ଣରେଖା ହାଉସ୍। ଏହି ପବିତ୍ର ଅବସରରେ ଓଏଭି, ରାଠାପୁରର ଭିଏମ୍‌ଡିସି ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। ଉତ୍ସବରେ ଛାତ୍ରଛାତ୍ରୀଙ୍କ ପ୍ରତିଭା ଓ ସୃଜନଶୀଳତାର ଝଲକ ପ୍ରଦର୍ଶନ କରୁଥିବା ଏକ ମନୋରମ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ଛାତ୍ରଛାତ୍ରୀଙ୍କ ବିଭିନ୍ନ ସଫଳତାକୁ ସ୍ୱୀକୃତି ଦେବା ଉଦ୍ଦେଶ୍ୟରେ ପୁରସ୍କାର ବିତରଣୀ ସମାରୋହ ଆୟୋଜିତ ହୋଇଥିଲା। ଏହି ସମାରୋହରେ ଶ୍ରୀ ପ୍ରଦ୍ୟୁମ୍ନ କୁ ଦୀପ ଏବଂ ଶ୍ରୀ ପଦ୍ମଲୋଚନ ମିଶ୍ର ପୁରସ୍କାର ବିତରଣ କରିଥିଲେ। ''ସ୍ୱାର୍କ-୨୦୨୬'' ଅବସରରେ ମୋଟ ୨୨ ଟି ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଲୋକନୃତ୍ୟ ପ୍ରତିଯୋଗିତାରେ ସିନିୟର ବିଭାଗରେ ଈଶାନେଶ୍ୱରୀ ଓ ଗ୍ରୁପ୍ ଏବଂ ଜୁନିୟର ବିଭାଗରେ ଦେବଶ୍ରୀ ଓ ଗ୍ରୁପ୍ ବିଜୟୀ ହୋଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କ ସକ୍ରିୟ ସହଯୋଗ ଏହି ପ୍ରତିଷ୍ଠା ଦିବସକୁ ସଫଳ ରୂପାୟିତ କରିଥିଲା। କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଓଏଭି ଆନ୍ଥେମ୍ ପରିବେଷଣ କରାଯାଇଥିଲା। ଏହାପରେ ଶିକ୍ଷକ ଶ୍ରୀ ଶିବଶଙ୍କର ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସମସ୍ତଙ୍କ ଦ୍ୱାରା ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଏହି ଉତ୍ସବ ଓଏଭି ପରିବାର ମଧ୍ୟରେ ଶିକ୍ଷା, ସଂସ୍କୃତି, ସଫଳତା ଓ ଏକତାର ଭାବନାକୁ ଆହୁରି ସୁଦୃଢ଼ କରିଥିଲା।

## ଜିଲ୍ଲାସ୍ତରୀୟ ଦିବ୍ୟାଙ୍ଗ କମିଟିର ବୈଠକ ଅନୁଷ୍ଠିତ

ସୁବର୍ଣ୍ଣପୁର, ୧୩।୯(ସଂଗ୍ରାମ ମହାପାତ୍ର): ଶୁକ୍ରବାର ଅପରାହ୍ନ ୪ ଘଟିକା ସମୟରେ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଦିବ୍ୟାଙ୍ଗ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଭାରପ୍ରାପ୍ତ ଜିଲ୍ଲା ମାଜିଷ୍ଟ୍ରେଟ ତଥା ଜିଲ୍ଲାପାଳ ଶ୍ରୀ ରାଜେନ୍ଦ୍ର ମାଝୀ ବୈଠକରେ ଉପସ୍ଥିତ ରହି ଜିଲ୍ଲାର ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କର ସୁବିଧା ଓ ଉନ୍ନତି ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କର ଦାୟିତ୍ୱ ଏବଂ ଆବଶ୍ୟକୀୟ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ବିଭିନ୍ନ ସମସ୍ୟା ଓ ଅନ୍ୟାନ୍ୟ ବିଷୟରେ ଆଲୋଚନା କରାଯାଇ ସେଗୁଡ଼ିକର ସମାଧାନ ଓ ଆବଶ୍ୟକ ପଦକ୍ଷେପ ନେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟରେ ଲିଫ୍‌ଟ ଓ ରାମ୍ପ ବ୍ୟବସ୍ଥା କରିବା ନେଇ ନିଷ୍ପତ୍ତି ହୋଇଥିଲା। ଏଥିସହିତ, ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ପାଇଁ ଉପଲବ୍ଧ ବିଭିନ୍ନ ଯୋଜନା ସମ୍ପର୍କରେ ଘରକୁ ଘର ବୁଲି ସଚେତନତା ସୃଷ୍ଟି କରିବାକୁ ଆଲୋଚନା କରାଯାଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ ଦିବ୍ୟାଙ୍ଗ କର୍ମଚାରୀମାନଙ୍କ ପ୍ରତି ସ୍ୱତନ୍ତ୍ର ଯତ୍ନ ନେବାକୁ ପରାମର୍ଶ ଦିଆଯାଇଥିଲା। ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କର ଅଭିଯୋଗଗୁଡ଼ିକୁ ତୁରନ୍ତ ସମାଧାନ କରିବା ସହ ସେମାନଙ୍କ ପ୍ରତି କୌଣସି ଅପରାଧ ଘଟିଲେ ଶୀଘ୍ର ପଦକ୍ଷେପ ନେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମଧ୍ୟ ଏକ ରାମ୍ପ ନିର୍ମାଣ କରିବା ନେଇ ଆଲୋଚନା ହୋଇଥିଲା।

## ଆମ ବିକାଶ ଆମ ନରସିଂହପୁର, ବିକାଶ ଧାରା ନରସିଂହପୁର ସାରା

ଆଠଗଡ଼,୧୩।୯(ଅକ୍ଷର ଓଡ଼ିଶା) ନରସିଂହପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ପଞ୍ଚମୁଖୀ ଛକ ନିକଟବର୍ତ୍ତି ଓଡିଶା ସରକାରଙ୍କ ବିକାଶ ମୂଳକ ଯୋଜନା 'ବିକଶିତ ଗାଁ ବିକଶିତ ଓଡିଶା' ଅନ୍ତର୍ଭୁକ୍ତ ନୂତନ ଭାବେ ନିର୍ମାଣ ହେଉଥିବା ଆଧୁନିକ ଶ୍ମଶାନ ପରିସରର ଶୁଭ ଶିଳାନ୍ୟାସ କରାଗଲା। ଐରାବତ ମାଟି, ଗଡ଼ଜାତ ମାଟି ନରସିଂହପୁରର ବିକାଶ କ୍ଷେତ୍ରରେ ଏହା ଏକ ନୂତନ ଯୁଗାନ୍ତକାରୀ ପଦକ୍ଷେପ। ଆଜିର ଏହି ଶୁଭ ଶିଳାନ୍ୟାସ ଅବସରରେ ବିଧାୟକ ବିଜୟ କୁମାର ଦଳବେହେରାଙ୍କ ସହିତ କଟକ ଲୋକସଭା ଆସନର ମାନ୍ୟବର ସାଂସଦ ରତ୍ନ ତଥା ଓଡ଼ିଶାର ବରିଷ୍ଠ ନେତୃତ୍ୱ ଶ୍ରୀଯୁକ୍ତ ଭର୍ତ୍ତୃହରି ମହତାବ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ କରିଥିଲେ। ଏଥି ସହିତ କଟକ ଜିଲ୍ଲା (ଗ୍ରାମୀଣ), ସଭାପତି ରାମନାରାୟଣ ମହାନ୍ତି, ବଡ଼ମ୍ବା ବ୍ଲକ ଅଧ୍ୟକ୍ଷ ରଘୁପତି



ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଭୂଦତ୍ତ ପଟ୍ଟନାୟକ, ନୂତନ ଭାବରେ ଆମ ଆଠଗଡ଼ ଉପଖଣ୍ଡର ଉପଜିଲ୍ଲାପାଳ ତଥା ବିଜ୍ଞାପିତ ଅଞ୍ଚଳ ପରିଷଦ ଆଠଗଡ଼ର ଭାରପ୍ରାପ୍ତ ଅଧିକାରୀ ଶ୍ରୀଯୁକ୍ତ ଅନିମେଷ ପ୍ରଧାନ, ବିଜ୍ଞାପିତ ଅଞ୍ଚଳ ପରିଷଦ ନରସିଂହପୁରର ଭାରପ୍ରାପ୍ତ ଅଧିକାରୀ ତଥା ବ୍ଲକ ଉନ୍ନୟନ ଅଧିକାରୀ ପ୍ରଳୟାନନ୍ଦ ଶତପଥୀ, ସାଧାରଣ ସମ୍ପାଦକ କଟକ ଜିଲ୍ଲା (ଗ୍ରାମୀଣ) ସୂର୍ଯ୍ୟମଣୀ ଜେନା,ସ୍ୱମ ମୋର୍ଚ୍ଚା ସଭାପତି କଟକ ଜିଲ୍ଲା (ଗ୍ରାମୀଣ) ମହେଶ୍ୱର ସେଠୀ, ଯୁବ ମୋର୍ଚ୍ଚା ସଭାପତି କଟକ ଜିଲ୍ଲା (ଗ୍ରାମୀଣ) ମିଥୁନ କୁମାର ବଳିଆର ସିଂ, ଉପସଭାପତି କଟକ ଜିଲ୍ଲା (ଗ୍ରାମୀଣ) ତଥା ଅଢେଇଗୁଣ୍ଠି ଗ୍ରାମପଞ୍ଚାୟତ ସମିତି ସଭ୍ୟ ମନୋଜ କୁମାର ପଣ୍ଡା, ଭାରତୀୟ ଜନତା ପାର୍ଟିର ନରସିଂହପୁର ଏନଏସି ସଭାପତି ସନ୍ତୋଷ କୁମାର ସାହୁ, ନୂଆପାଟଣା ଗ୍ରାମପଞ୍ଚାୟତର ସରପଞ୍ଚ ମାନସ କୁମାର ସାହୁ, ନୂଆପାଟଣା ଗ୍ରାମପଞ୍ଚାୟତର ବରିଷ୍ଠ ନେତୃତ୍ୱ ତଥା ମୋର ଅତିପ୍ରିୟ ସାନଭାଇ କେଦାର ବେହେରା, ୧୮ ଜୋନ୍ ସଭାପତି ଶଙ୍ଖାଳି ବେହେରା, ୧୮ ନମ୍ବର ଜୋନ୍ ଯୁବ ମୋର୍ଚ୍ଚା ସଭାପତି ଶୁଭାଶିଷ ଭଟ୍ଟ, ଯୁବ ସମାଜସେବୀ ତଥା ବରିଷ୍ଠ ନେତୃତ୍ୱ ପ୍ରଦିପ କୁମାର ପଟ୍ଟନାୟକ, ୧୭ ନମ୍ବର ଜୋନ୍ ସଭାପତି ବିଶ୍ୱମ୍ବର ଦଳେଇ, ଜୟମଙ୍ଗଳ ଗ୍ରାମପଞ୍ଚାୟତ ସରପଞ୍ଚ ପ୍ରକାଶ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଯୁବ ନେତୃତ୍ୱ ସାଗର କୁମାର ନାୟକ, ନରସିଂହ ପୁର ବ୍ଲକ ଯୁବମୋର୍ଚ୍ଚା ସଭାପତି ଜ୍ୟୋତିରଞ୍ଜନ ସାମଲ, ଯୁବ ନେତୃତ୍ୱ ତୁଷାର, ମାନସ, ରଞ୍ଜିତ୍, ପିଣ୍ଟୁ,ରୁଦ୍ର,ସଂଗ୍ରାମ,ବିଜୟ, ଚକ୍ରଗଡ ଗ୍ରାମର ଯୁବ ନେତୃତ୍ୱ ବାପୁନା ମହାନ୍ତି, ବଡଭୁଇଁ ଗ୍ରାମପଞ୍ଚାୟତର ପ୍ରମୁଖ କାର୍ଯ୍ୟକର୍ତ୍ତା ତଥା ବରିଷ୍ଠ ନେତୃତ୍ୱ ଶ୍ରୀ ଦିଲ୍ଲୀପ କୁମାର ସାହୁ (କାଳିଆ), ଯୁବ ନେତୃତ୍ୱ ସାନଭାଇ ଅନିଲ କୁମାର ପଣ୍ଡା, ଏସ କେ ଅବିତ୍, ସୁବଳୟା ଗ୍ରାମର ଯୁବ ସମାଜ ସେବୀ ପ୍ରତାପ ଚନ୍ଦ୍ର ପୁହାଣ ଏବଂ ସମସ୍ତ ଦେବଦୁର୍ଲଭ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ୫୨୨୭ ମାମଲାର ଆପୋଷ ସମାଧାନ





ନୂଆପଡା ୧୩।୯, (ଅକ୍ଷର ଓଡିଶା ): ନୂଆପଡ଼ା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଏବଂ ଜିଲ୍ଲା ଓ ଦୌରା ଜଜ୍ ତଥା ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀଯୁକ୍ତ ସମର ବିଳାସ ବେହେରା ଙ୍କ ଅଧ୍ୟକ୍ଷତା ରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଏହି ଲୋକ ଅଦାଲତରେ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍, ନୂଆପଡ଼ା ସୁନୀଲ କୁମାର ଦାସ, ବରିଷ୍ଠ ଦେଓ୍ୱାନୀ ଜଜ୍ ଦୁର୍ବାସା ଦୁର୍ଗା, ମହିଳା କୋର୍ଟ ଜଜ୍ ସରୋଜିନୀ ସାହୁ, ବରିଷ୍ଠ ଦେଓ୍ୱାନୀ ଜଜ୍, ଖଡ଼ିଆଳ ଇଶା ପତି, ନିବନ୍ଧକ ସୌଭାଗ୍ୟ ରଞ୍ଜନ ପ୍ରଧାନ, ଏସ୍.ଡି.ଜେ.ଏମ୍ ସ୍ନାତକୀ ଦାଶ, ଜେ.ଏମ.ଏଫ୍.ସି, କୋମନା ସମୃଦ୍ଧି ସାଗରିକା ବାରିକ, ଜେ.ଏମ. ଏଫ.ସି, ସିନାପାଲି ପ୍ରଜ୍ଞା ପାରମିତା ମହାନ୍ତି, ଜେ.ଏମ.ଏଫ୍.ସି, ଖଡ଼ିଆଳ ସମିକ୍ଷା ସା, ଜେ.ଏମ.ଏଫ୍.ସି, ବୋଡେନ, ରାଜେଶ କୁମାର ଦାସ, ଜେ.ଏମ୍. ଏସ୍.ସି, ନୂଆପଡ଼ା କାହ୍ନୁ କିସ୍କୁ ଏବଂ ବିଭିନ୍ନ ରାଜସ୍ୱ ଅଧିକାରୀ ଓ ଖାଉଟି ଅଦାଲତ ଅଂଶଗ୍ରହଣ କରି ୫,୦୭୮ ଗୋଟି ବିଭିନ୍ନ ମାମଲା ଯଥା ପାରିବାରିକ, ଚେକ୍ ବାଉନ୍‌ସ, ଦେଓ୍ୱାନୀ, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ଖାଉଟି ମାମଲା ଓ ରାଜସ୍ୱ ମାମଲାଗୁଡ଼ିକର ବିଚାର କରାଯାଇ ଥିଲା ଏବଂ ୩,୨୫,୩୭,୦୦୦/- ଟଙ୍କା ଆପୋଷ ସମାଧାନ କରାଯାଇଅଛି। ସେହିପରି ବିଭିନ୍ନ ବ୍ୟାଙ୍କ୍, ପରିବହନ ବିଭାଗ ଏବଂ ବିଦ୍ୟୁତ୍ ବିଭାଗ ଅଂଶଗ୍ରହଣ କରି ୧୪୯ ଗୋଟି ବ୍ୟାଙ୍କ ବକେୟା ?ଣ ଓ ବିଦ୍ୟୁତ୍ ଶୁକ୍‌ଳ ଦେୟ ମାମଲାଗୁଡ଼ିକର ଆପୋଷ ବୁଝାମଣା ରେ ସମାଧାନ ହୋଇ ୨୧,୩୦,୨୬୬/- ଟଙ୍କା ଆଦାୟ ହୋଇଥିଲା। ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ ଲୋକ ଅଦାଲତର ପରିଚାଳନା କରିଥିଲେ।

## ଖୋର୍ଦ୍ଧା ଜିଲ୍ଲା ପୋଲିସରେ ବଡ଼ ଅଦଳବଦଳ

ଖୋର୍ଦ୍ଧା,୧୩।୯ (ଅକ୍ଷର ଓଡ଼ିଶା): ବାଲୁଗାଁ-ଖୋର୍ଦ୍ଧା ଜିଲ୍ଲା ପୋଲିସରେ ଏକ ବଡ଼ ପ୍ରଶାସନିକ ଅଦଳବଦଳ ହୋଇଛି। ପୋଲିସ ମୁଖ୍ୟାଳୟରୁ ଜାରି ହୋଇଥିବା ଆଦେଶ ଅନୁଯାୟୀ ୨୧ ଜଣ ଏସ୍‌ଆଇ ଓ ଏଏସ୍‌ଆଇଙ୍କ ବଦଳି କରାଯାଇଛି। ଏହି କ୍ରମରେ ବାଲୁଗାଁ ଥାନାରେ ନୂଆ ଭାବେ ଜଣେ ଏଏସ୍‌ଆଇ ଆଉ ଏସ୍‌ଆଇ ଯୋଗ ଦେବେ। ନୂତନ ଭାବେ ଏସଆଇ ଜଗନ୍ନାଥ ସେଠୀ ଏବଂ ଏସ୍‌ଆଇ ଭଗବାନ ନାୟକ ବାଲୁଗାଁ ଥାନାରେ ଯୋଗ ଦେବେ। ସୂଚନା ଅନୁଯାୟୀ, ଶ୍ରୀ ନାୟକ ପୂର୍ବରୁ ଜଙ୍କିଆ ଥାନାରେ ଏସ୍‌ଆଇ ଭାବେ କାର୍ଯ୍ୟରତ ଥିଲେ।ଖାଲି ପଦବୀ, ପ୍ରଶାସନିକ ଆବଶ୍ୟକତା ଓ ଜନସେବାକୁ ଦୃଷ୍ଟିରେ ରଖି ଜିଲ୍ଲା ଏଷ୍ଟାବ୍ଲିସମେଣ୍ଟ ବୋର୍ଡର ନିଷ୍ପତ୍ତି କ୍ରମେ ଏହି ଅଦଳବଦଳ କରାଯାଇଛି। ଏହି କ୍ରମରେ ବିଭିନ୍ନ ଥାନାରେ ନୂତନ ୯ ଜଣ ଏସ୍‌ଆଇଙ୍କୁ ପୋଷ୍ଟିଂ ଦିଆଯାଇଥିବା ବେଳେ, ଅନ୍ୟ ଏକ ଆଦେଶରେ ୧୨ ଜଣ ଏସ୍‌ଆଇ/ଏଏସ୍‌ଆଇଙ୍କ ବଦଳି-ପୋଷ୍ଟିଂ ହୋଇଛି। ଖୋର୍ଦ୍ଧା ମଡେଲ ଥାନା, ସଦର, ବେଗୁନିଆ, ବୋଲଗଡ଼, ଜଙ୍କିଆ, ଟାଙ୍ଗୀ, ବାଲୁଗାଁ, ବାଣପୁର, ନାଚୁଣୀ, ନିରାକାରପୁର ସମେତ ୧୦ଟି ଥାନାରେ ଅଧିକାରୀମାନଙ୍କୁ ନୂତନ ଦାୟିତ୍ୱ ମିଳିଛି। ସେପ୍ଟେମ୍ବର ୧୧ରେ ଜାରି ହୋଇଥିବା ଆଦେଶ ପରେ ଖୋର୍ଦ୍ଧା ପୋଲିସ ବିଭାଗରେ ଏହି ବଡ଼ ଅଦଳବଦଳକୁ ନେଇ ଚର୍ଚ୍ଚା ଜୋର ଧରିଛି।

## କୋରୁକୋଣ୍ଡା ଥାନା ଏଏସଆଇଙ୍କ ବିରୋଧରେ ଅଭିଯୋଗ

### ଭଉଣୀକୁ ରକ୍ତ ଦେବାକୁ ଡାକ୍ତରଖାନା ଯିବାବେଳେ ଅଟକାଇଲା ପୁଲିସ

ମାଲକାନଗିରି,୧୩।୯ (ପ୍ରଦୀପ ରାଉଳ): କୋରୁକୋଣ୍ଡା ଥାନାର କାର୍ଯ୍ୟରତ ASI ଙ୍କ ଅମାନୁଷିକ, ମାତାଲ ଅବସ୍ଥାରେ ବର୍ବରତା ଓ ଅସଭ୍ୟ ବ୍ୟବହାର ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳର ପୂର୍ବତନ ବିଧାୟକ ମାନସ ମାଡକାମୀ ଓ ବିଜୁ ଜନତା ଦଳର ବରିଷ୍ଠ ନେତା ଙ୍କ ଉପସ୍ଥିତିରେ ଅଭିଯୋଗ କାରୀ ପଦଲାମ ପାଙ୍ଗି ମାଲକାନଗିରି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଙ୍କୁ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ରଶ୍ମିରଞ୍ଜନ ସେନାପତି ଙ୍କ ଜରିଆରେ ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି । ଏଠାରେ ସୂଚନା ଜଗ୍ୟ ଯେ - ପୁରୁଣା ଅର୍କେଲ ନିବାସୀ ଶ୍ରୀ ପଦଲାମ ପାଙ୍ଗି ଙ୍କ ଅଭିଯୋଗ ଅନୁଯାଇ ଗତ ସୋମବାର ତା ୦୭/୦୯/୨୦୨୬ ରିଖ ରାତ୍ର ପ୍ରାୟ ୧୨ଟା ସମୟରେ ପଦଲାମ ପାଙ୍ଗି ଏବଂ ଦୁଇ ସାଥୀ ପ୍ରୀତମ ଖିଲ, ସନ୍ତୋଷ ନାୟାକ ଦୁଇଟି ମୋଟର ସାଇକେଲ ଯୋଗେ ବାଲିମେଳା ଠାରୁ ମାଲକାନଗିରି ମୁଖ୍ୟ ଜିଲ୍ଲା ଚିକିତ୍ସାଳୟକୁ ଯାଉଥିଲେ। ନିଜ ଭଉଣୀ ସେଠାରେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିଲେ। ଏହି ସମୟରେ କୋରୁକୋଣ୍ଡା ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ କୋରୁକୋଣ୍ଡା ଥାନାର କିଛି କନେଷ୍ଟବଲ ଓ ଜଣେ ASI ଗାଡି ଯାଞ୍ଚ ନାମରେ ଅଟକାଇଲେ ଏବଂ କାଗଜପତ୍ର ମାଗିଲେ ଓ ସମସ୍ତ କାଗଜପତ୍ର ଦେଖାଇଲେ କିନ୍ତୁ ଇଓ ମହାଶୟ ନିଶାଗ୍ରସ୍ତ ଅବସ୍ଥାରେ ଥାଇ ଏହା ଚୋରି ଗାଡି ବୋଲି କହି ଅଟକ ରଖିଲେ। ବହୁତ ନେହୁରା ହୋଇ କହିଲେ ଯେ ଆମ ଭଉଣୀର ଅବସ୍ଥା ଗୁରୁତର, ଡାକ୍ତରଖାନାକୁ ଯିବା ଜରୁରୀ, ଆମକୁ ଛାଡି ଦିଅନ୍ତୁ, ଦରକାର ହେଲେ ଗାଡି ରଖି ପରେ ଯାଞ୍ଚ କରନ୍ତୁ। କିନ୍ତୁ ନିଶାଗ୍ରସ୍ତ ASI ଆମ ଗୁହାରି ନ ଶୁଣି ଅସଭ୍ୟ ଭାଷାରେ ଗାଳିଗୁଲଜ କରି ଜୋର ଜବରଦସ୍ତ ଅଟକ



ରଖିଲେ। ମାଲକାନଗିରି ଡାକ୍ତରଖାନାରୁ ଫୋନ ଆସିଲା ଭଉଣୀର ଗୁରୁତର ଅବସ୍ଥା ବିଷୟରେ ଜଣାଇଲେ ମଧ ସେ ଶୁଣିଲେ ନାହିଁ। ସେ ମାତାଲ ଅବସ୍ଥାରେ କହିଲେ ଯେ 'ମୋତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ହୁଅନ୍ତୁ କି ମୁଖ୍ୟମନ୍ତ୍ରୀ କି ବିଧାୟକ ଫୋନ କଲେ ମଧ ମୁଁ ଶୁଣିବି ନାହିଁ' ଏବଂ ରାତ୍ର ପ୍ରାୟ ୨ଟା ପର୍ଯ୍ୟନ୍ତ ଥାନାରେ ଅଟକ ରଖିଲେ ।ପଦଲାମ ପାଙ୍ଗିଙ୍କ ଅନୁପସ୍ଥିତିରେ ତାଙ୍କ ଭଉଣୀର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଗଲା। ଏହା ଏକ ଅଭାବନିଆ ଘଟଣା ହୋଇଥିବାରୁ ଏଥିରେ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳର ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମୀ ସ୍ୱତନ୍ତ୍ର ଭାବେ ତଦନ୍ତ କରି ଉଚିତ ପଦକ୍ଷେପ ଗ୍ରହଣ କରିବା ପାଇଁ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ରଶ୍ମିରଞ୍ଜନ ସେନାପତି ଙ୍କୁ ଅନୁରୋଧ କରିଛନ୍ତି। ଏଥିରେ ବିଜୁ ଜନତା ଦଳର ବରିଷ୍ଠ ନେତା ମଦନ ଖସଲା ,ଯୁବ ନେତା ମଙ୍ଗଳା ପାଙ୍ଗି ,ସଂଖ୍ୟା ଲଘୁ ସେଲ୍ ସଭାପତି ରାଜେନ୍ଦ୍ର ଖସଲା ,ବରିଷ୍ଠ ବିଜେଡି ନେତା ଧନୁର୍ଜୟ ହନ୍ତାଳ ପ୍ରମୁଖ ଉପସ୍ଥିତ ଥିଲେ ।




ଅକ୍ଷର

AKHYARA ODISHA ଓଡ଼ିଶା

ସୋମବାର ୧୪।୦୯।୨୦୨୬


## ନାଲକୋ ସିପିପି ପ୍ଲାଣ୍ଟ ପରିସରରୁ ୫ ଫୁଟିଆ ଅଜଗର ଉଦ୍ଧାର

ଅନୁଗୋଳ ୧୩/୦୯ (ଅକ୍ଷର ଓଡିଶା )ଅନୁଗୋଳ ଜିଲ୍ଲା ନାଲକୋ ଥାନା ଅଧୀନ ସିପିପି ପ୍ଲାଣ୍ଟ ପରିସରରୁ ଏକ ପ୍ରାୟ ୫ ଫୁଟ ଲମ୍ବର ଅଜଗର ସାପ ଉଦ୍ଧାର ହୋଇଛି। ନାଲକୋ ଘରୋଇ ସୁରକ୍ଷାକର୍ମୀଙ୍କ ତତ୍ପରତା ଯୋଗୁଁ ସାପଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି ।ସୂଚନା ଅନୁଯାୟୀ, ଗତକାଲି ରାତି ପ୍ରାୟ ୧୦ଟା ସମୟରେ ସିପିପି ପ୍ଲାଣ୍ଟ ପରିସରରେ ଏକ ଅଜଗର ସାପ ଥିବା ନେଇ ସୂଚନା ମିଳିଥିଲା। ଖବର ପାଇ ନାଲକୋର ଘରୋଇ ସୁରକ୍ଷାକର୍ମୀ ଉଗ୍ରସେନ ରାଉତ ଘଟଣାସ୍ଥଳରେ ପହଞ୍ଚି ସତର୍କତାର ସହ ସାପଟିକୁ ଉଦ୍ଧାର କରିଥିଲେ ।ପରେ ଏନେଇ ନାଲକୋ ବିଟ୍ ଟାଉନ୍ ସେକ୍ସନର ଅନୁଗୋଳ ରେଞ୍ଜର ଉଦ୍ଧବ ବେହେରାଙ୍କୁ ସୂଚନା ଦିଆଯାଇଥିଲା। ଖବର ପାଇ ରେଞ୍ଜରଙ୍କ ତତ୍ତ୍ୱାବଧାନରେ ଶଙ୍କର ଦାସଙ୍କ ସହ ରେସ୍କ୍ୟୁ ଟିମ୍ ପ୍ଲାଣ୍ଟ ପରିସରରେ ପହଞ୍ଚି ଅଜଗରଟିକୁ ନିଜ ହେପାଜତକୁ ନେଇଥିଲେ ।ଉଦ୍ଧାର ହୋଇଥିବା ଅଜଗରର ସ୍ୱାସ୍ଥ୍ୟବସ୍ଥା ପରୀକ୍ଷା କରାଯିବା ପରେ ତାକୁ ମନ୍ଦରଗିରି ପାହାଡ଼ ଅଞ୍ଚଳରେ ସୁରକ୍ଷିତ ଭାବେ ଛାଡ଼ି ଦିଆଯିବ ବୋଲି ରେସ୍କ୍ୟୁ ଟିମ୍‌ର ଶଙ୍କର ଦାସ ସୂଚନା ଦେଇଛନ୍ତି।

## ପୋଖରୀରେ ବୁଡି ୩ ବର୍ଷର ଶିଶୁ କନ୍ୟା ମୃତ

ଡାବୁଗାଁ ୧୩/୦୯/(ଅକ୍ଷର ଓଡିଶା) ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ଅନ୍ତର୍ଗତ ଟଇଁଲା ଗୁଡା ଗ୍ରାମରେ ଏକ ଅଭାବନୀୟ ଘଟଣା କ୍ରମରେ ଜଣେ ୩ ବର୍ଷର ଶିଶୁକନ୍ୟା ପୋଖରୀରେ ବୁଡି ମୃତ୍ୟୁ ବରଣ କରିଛି । ମୃତ ଶିଶୁ କନ୍ୟା ଟଇଁଲା ଗୁଡା ଗ୍ରାମର ମହେଶ ସରାବୁର ଝିଅ ମେଘା ସରାବୁ ବୋଲି ଜଣା ପଡିଛି । ସୂଚନା ଅନୁଯାଇ ରବିବାର ସକାଳେ ମହେଶ ସରାବୁ ଙ୍କ ୩ ବର୍ଷ ଶିଶୁକନ୍ୟା ଘର ମଧ୍ୟରେ ଖେଳୁ ଥିଲା। ଶିଶୁ କନ୍ୟାର ମା ନିଜ କାର୍ଯ୍ୟରେ ବ୍ୟସ୍ତ ରହିଥିଲା। ଶିଶୁ କନ୍ୟା ଖେଳୁ ଖେଳୁ ସକାଳ ୮ ଘଣ୍ଟ ସମୟରେ ଘର ନିକଟରେ ରହିଥିବା ପୋଖରୀକୁ ଚାଲି ଯାଇଥିଲା। ସେଠାରେ ଗୋଡ ଖସି ଯିବାରୁ ସେ ଗଭୀର ପାଣି ରେ ବୁଡି ଯାଇଥିଲା। ନିକଟ ଜମିରେ କାର୍ଯ୍ୟ ସାରି ଫେରୁଥିବା ଗ୍ରାମର ଜଣେ ଲୋକ ଶିଶୁ କନ୍ୟା ପାଣି ରେ ଭାସୁଥିବା ଦେଖି ଗ୍ରାମବାସୀ ଙ୍କୁ ଡାକି ଥିଲା। ତୁରନ୍ତ ପାଣି ରୁ ଉଦ୍ଧାର କରି ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ତେବେ ଡାକ୍ତର ସେଠାରେ ଶିଶୁ କନ୍ୟା ମୃତ ବୋଲି ଘୋଷଣା କରିଥିଲେ। ଏ ନେଇ ଶିଶୁ କନ୍ୟାର ବାପା ମହେଶ ସରାବୁ ଡାବୁଗାଁ ଥାନାରେ ଏତଲା ଦେବା ପରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ଜବତ କରିଥିଲେ ।

## ବାଲି ଚୋରାଚାଲାଣ କରୁଥିବା ୩ ଟ୍ରାକ୍ଟର ଜବତ

ଦଶମନ୍ତପୁର: ୧୩/ ୯ (କଇନ ଗରଡ଼ା) ବେଆଇନ ଭାବେ ବାଲି ଚୋରାଚାଲାଣ କରୁଥିବା ୩ ଟ୍ରାକ୍ଟରକୁ ଦଶମନ୍ତପୁର ପୋଲିସ ଜବତ କରି ଥାନାରେ ଅଟକ ରଖିଛି। ଗୁପ୍ତ ସୂଚନା ଆଧାରରେ ଦଶମନ୍ତପୁର ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ଚୋରାଚାଲାଣ ହେଉଥିବା ବାଲି ସହ ଟ୍ରାକ୍ଟର ଗୁଡ଼ିକୁ ଜବତ କରାଯାଇଥିଲା। ଦଶମନ୍ତପୁର ବ୍ଲକ ଗାଦିଆଗୁଡା ପଞ୍ଚାୟତ ଅନ୍ତର୍ଗତ ବାଲିଘାଟ ଗାଁ ବଡ଼ନଦୀ ରୁ ବେଆଇନ ଭାବେ ବାଲି ଚାଲାଣ କରି ଟ୍ରାକ୍ଟର ମାଲିକମାନେ ମାଲାମାଲ ହେଉଥିବା ବେଳେ ସରକାରଙ୍କୁ ଖଜଣା ନ ଦେଇ କିମ୍ବା ବାଲି ଚାଲାଣ ନିମନ୍ତେ କୌଣସି ସ୍ୱୀକୃତି ନ ନେଇ ବେଆଇନ ଭାବେ ଚୋରା ଚାଲାଣ କରୁଥିବା ରୁ ଧରପଗଡ଼ ହୋଇଥିବା ସୂଚନାରୁ ଜଣାପଡିଛି ଘଟଣାକୁ ନେଇ ପୋଲିସ ପକ୍ଷରୁ ଆଇନ ଅନୁଯାୟୀ ତଦନ୍ତ ଓ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଜାରି ରହିଛି। ବେଆଇନ ବାଲି ଚୋରାଚାଲାଣ ଉପରେ ଦଶମନ୍ତପୁର ପୋଲିସ ପକ୍ଷରୁ କଡ଼ା ନଜର ରଖାଯାଇଛି ବୋଲି ଥାନା ଅଧିକାରୀ ଚରଣସିଂ ମାଝୀ କହିଛନ୍ତି ।

## ଶ୍ରୀମନ୍ଦିରରେ ସମ୍ପନ୍ନ ହେଲା ନିକୁଞ୍ଜ ଲିଳା

ପୁରୀ, ୧୩।୯(ଅକ୍ଷର ଓଡିଶା ): ଭାଦ୍ରବ ଶୁକ୍ଳ ଦ୍ୱିତୀୟା ତିଥିରେ ଅନୁଷ୍ଠିତ ହୋଇଯାଇଛି ନିକୁଞ୍ଜ ଲୀଳା ।ହରଚଣ୍ଡି ସାହି ପକ୍ଷରୁ ନିକୁଞ୍ଜ ଲୀଳା ପ୍ରସ୍ତାବ କରାଯାଇଥିଲା । ଆଜି ଶୁକ୍ଳ ଦ୍ୱିତୀୟା ତିଥିରେ ସନ୍ଧ୍ୟାଧୂପ ପରେ ମଦନମୋହନ ରତ୍ନ ସିଂହାସନକୁ ବିଜେ କରି ଜଗନ୍ନାଥଙ୍କ ବାଡରୁ ଆଜ୍ଞାମାଳ ପ୍ରାପ୍ତି ପରେ ନାଟ ମଣ୍ଡପସ୍ଥିତ ଖଟ ଉପରକୁ ବିଜେ କରିଥିଲେ। ଏହା ପରେ ମହାପ୍ରଭୁଙ୍କର ନିକଟରେ ହରଚଣ୍ଡିସାହି ଲୋକମାନେ ନିକୁଞ୍ଜ ଲୀଳା ପ୍ରସ୍ତାବ କରିଥିଲେ।

# ରିଷିଗାଁ ତୃତୀୟ ମାସିକ କ୍ଲଷ୍ଟର ସ୍ତରୀୟ ବୈଠକ



ଭବାନୀପାଟଣା / ୧୩/ ୯/( ରାମ କୁମାର ସେନାପତି)/କଳାହାଣ୍ଡି ଜିଲ୍ଲା ଭବାନୀ ପାଟଣା ବ୍ଲକ ରିଷିଗାଁ ରେ ତୃତୀୟ ମାସିକ କ୍ଲଷ୍ଟର ସ୍ତରୀୟ ବୈଠକ ସିଆରସିସି ବୈକୁଣ୍ଠ ବେମାଲ ଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କାଉଗୋପନା ଠାରେ ଅନୁଷ୍ଠିତ ହୋଇଯାଇଛି ।ଏହି ଅବସରରେ ଏବିଇଓ ତଥା ଲାଞ୍ଜିଗଡ ବିଆରସିସି ହୃଷିକେଶ ନାଏକ ମୁଖ୍ୟ ଅତିଥି ,ସମ୍ମାନିତ ଅତିଥି ଭାବେ କାଉଗୋପନା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱନାଥ ପଣ୍ଡା ,ବିଦ୍ୟାଳୟ ଏସଏମସି ଚେୟାରପର୍ସନ ବିଚିତ୍ର ମାଝୀ, ପ୍ରଧାନ ଶିକ୍ଷକ ଦୀପକ କୁମାର ବାଗ ,ସନ୍ତୋଷ ଆଚାରୀ ପ୍ରମୁଖ ମଞ୍ଚସିନ ହୋଇ ଥିଲେ ।ଆୟୋଜକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ବିଶ୍ୱନାଥ ପଣ୍ଡା ସମସ୍ତ ଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟ ଅତିଥିଙ୍କ ଅଭିଭାଷଣ ରେ ଗ୍ୟାଲେରୀ କାମ ପ୍ରସ୍ତୁତିରେ ଦକ୍ଷତାର ବିକାଶ ର କୌଶଳ ଉପରେ ଉପସ୍ଥାପନ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିବା ବେଳେ, କ୍ଲଷ୍ଟର ଅଧିନସ୍ଥ ସମସ୍ତ ବିଦ୍ୟାଳୟ ରୁ ଆସିଥିବା ସମସ୍ତ ପ୍ରଧାନ ଓ ଏଫଏଲଏନ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ସିଆରସିସି ଶୀଯୁକ୍ତ ବେମାଲ ଚଳିତ ମାସର ଶୈକ୍ଷିକ କ୍ୟାଲେଣ୍ଡର, ବିଦ୍ୟାଳୟ ଗ୍ୟାଲେରୀ କାମ , ,ପ୍ରସ୍ତୁତି, ପ୍ରାରମ୍ଭିକ ମଧ୍ୟ ସ୍ତର ପାଇଁ ଆକଳନ ରୂପରେଖ,ଦଳଗତ କାର୍ଯ୍ୟ, ଶିକ୍ଷଣ ସୋପାନ ରେଜିଷ୍ଟ୍ରର,ଙଭକ୍ଷସଭର ମକ୍ଟଭଙ୍ଗରଭଙ୍ଗ ଆଦି କାର୍ଯ୍ୟକ୍ରମ ଉପରେ ପ୍ରଶିକ୍ଷଣ ଦେଇଥିଲେ ଉପସ୍ଥିତ ଶିକ୍ଷକ ଶିକ୍ଷୟତ୍ରୀ, କସାକେନ୍ଦୁ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।କାଉଗୋପନା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷାକଙ୍କ ସହ ସମସ୍ତ ସହକର୍ମୀ ମାନଙ୍କ ଅକ୍ଲାନ୍ତ ପରିଶ୍ରମ ଯୋଗୁ କାର୍ଯ୍ୟକ୍ରମ ସଫଳ ହୋଇଥିବାରୁ ସମସ୍ତଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା। ପ୍ରତି ମାସ ରେ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗର ଏଭଳି ଅଭିନବ ପ୍ରୟାସ ନିଶ୍ଚିତ ଭାବରେ ଛାତ୍ର ଛାତ୍ରୀଙ୍କ ଶିକ୍ଷଣ ଅଭିବୃଦ୍ଧି ନିମନ୍ତେ ବିଶେଷ ସହାୟକ ହୋଇପାରିଛି ।

# ପୁସ୍ତକ ଅନୁରାଗ ଉନ୍ମୋଚିତ



କେନ୍ଦ୍ରାପଡ଼ା। ୧୩। ୯। (ଗଗନ କୁମାର ପ୍ରଧାନ )ତୁଳସୀ କ୍ଷେତ୍ର କେନ୍ଦ୍ରାପଡ଼ାର ଅନ୍ୟତମ ସୁଯୋଗ୍ୟ ସନ୍ତାନ ତଥା ଶ୍ରୀ ବଳଦେବଜୀଉ ମନ୍ଦିର ଟ୍ରଷ୍ଟ ବୋର୍ଡର ସଦସ୍ୟ ମାନସ ଭୂଷଣ ପଣ୍ଡିତ ହୃଷୀକେଶ ରଥଙ୍କ ଉଦ୍ଦେଶ୍ୟରେ ବହୁ ଜନପ୍ରିୟ କବି ଓ ଲେଖକଙ୍କ ଦ୍ୱାରା ବିରଚିତ ଆଲେଖ୍ୟର ଏକ ସଫଳ ସଂକଳନ ଅନୁରାଗ ଶୀର୍ଷକ ପୁସ୍ତକ ବହୁ ବରେଣ୍ୟ ଅତିଥିମାନଙ୍କ ଉପସ୍ଥିତିରେ ଲୋକାର୍ପିତ ହୋଇଯାଇଛି। ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ୍,ାରୁଅ ସ୍ଥିତ ଭାବଗ୍ରାହୀ କଳା ନିକେତନର ଅକ୍ଷୟ ମହାନ୍ତି କକ୍ଷରେ ଅନୁଷ୍ଠିତ ଏହି ଭବ୍ୟ କାର୍ଯ୍ୟକ୍ରମରେ ଶ୍ରୁତିର ସମ୍ପାଦକ ସର୍ବେଶ୍ୱର ମିଶ୍ର ଅଧ୍ୟକ୍ଷତା କରିଥିଲେ। ଏଥିରେ ଡ଼. ସର୍ବେଶ୍ୱର ସେଣ ମୁଖ୍ୟ ଅତିଥି, ଡ଼. ନୀଳମଣି ଲେଙ୍କା ମୁଖ୍ୟ ବକ୍ତା, ପଣ୍ଡିତ ପଦ୍ମନାଭ ତ୍ରିପାଠୀ ବିଶିଷ୍ଟ ଅତିଥି ଏବଂ ସମ୍ମାନୀତ ଅତିଥି ଭାବରେ ଡ଼. ମନୋରଞ୍ଜନ ଦାଶ, ଦୟାନିଧି ଦାଶ, ସଙ୍ଗୀତ ଗୁରୁ ରବୀନ୍ଦ୍ର ନାଥ ମିଶ୍ର, ତାଳଧ୍ୱଜ ସମ୍ପାଦକ ସରୋଜ ମହାନ୍ତି, ଅନୁରାଗ ସମ୍ପାଦକ ଶାରଦା ପ୍ରସାଦ ମିଶ୍ର,ସହରିଶ୍ ଜେନା ପ୍ରମୁଖ ଯୋଗଦାନ ପୂର୍ବକ ପଣ୍ଡିତ ହୃଷୀକେଶ ରଥଙ୍କ ନିରଳସ ଆଦର୍ଶ ଆଧାତ୍ମିକ ଜୀବନାୟନ ସମ୍ପର୍କରେ ଆଲୋଚନା କରିବା ସହିତ ଅନୁରାଗ ପୁସ୍ତକର ଲୋକାର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିମାନେ ପଣ୍ଡିତ ହୃଷୀକେଶ ରଥଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।ଭାବଗ୍ରାହୀ କଳା ନିକେତନ ଓ ରେଡିଓ ଭାବଗ୍ରାହୀର ପ୍ରତିଷ୍ଠାତା ସଙ୍ଗୀତ ନିର୍ଦ୍ଦେଶକ ବିମଳ ପ୍ରସାଦ ପରିଡ଼ା ମଞ୍ଚ ପରିଚାଳନା କରିବା ସହିତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କବି ଶ୍ରୀଧର ଭୋଳ ଅତିଥି ପରିଚୟ ପ୍ରଦାନ କରିଥିଲେ। କଣ୍ଠଶିଳ୍ପୀ ହେନାଞ୍ଜଳି ଜେନା ଅନୁରାଗ ଶୀର୍ଷକ ସ୍ୱାଗତ ସଙ୍ଗୀତ ବିମଳ ପରିଡ଼ାଙ୍କ ରଚନା ଓ ନିର୍ଦ୍ଦେଶନାରେ ପରିବେଷଣ କରିଥିଲେ। ହରେକୃଷ୍ଣ ପତି ବେଦପାଠ କରିଥିଲେ। ଆରମ୍ଭରେ ଶ୍ରୀ ବଳଦେବଜୀଉଙ୍କ ଫଟୋରେ ଅତିଥିମାନେ ମାଲ୍ୟାର୍ପଣ କରି ପ୍ରଦୀପ ପ୍ରଜ୍ଜ୍ୱଳନ କରିଥିଲେ। କଳା ନିକେତନ ପରିସରରେ ଥିବା ଅକ୍ଷୟ ମହାନ୍ତି, ଭିକାରୀ ବଳ, ଲୋକକବି ଭାବଗ୍ରାହୀ ପରିଡ଼ା ଏବଂ କବି ପତ୍ନୀ ସରୋଜିନୀ ପରିଡ଼ାଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ଶେଷରେ ଅଧ୍ୟାପକ ଇନ୍ଦ୍ରମଣି ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସେବା ପାଇଁ ସ୍ମରଣୀୟ ହେଲେ ଡାକ୍ତର ସୁମନ୍ତ

## ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଦାୟୀ ଓ ନୂତନ ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଫିରିଙ୍ଗିଆ, ୧୩/ ୯(ଅକ୍ଷର ଓଡ଼ିଆ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକସ୍ଥିତ ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କ ବିଦାୟୀ ଓ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଭାବବିହ୍ୱଳ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦୀର୍ଘଦିନ ଧରି ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଦାୟିତ୍ୱ ତୁଲାଇ ଆସିଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡଃ ସୁମନ୍ତ କୁମାର ମାଝୀ ଏବଂ ପୂର୍ବତନ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡଃ ପ୍ରବୋଧ କୁମାର ପ୍ରଧାନଙ୍କୁ ବିଦାୟୀକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଡଃ ସୁମନ୍ତ କୁମାର ମାଝୀ ଫିରିଙ୍ଗିଆ ଅଞ୍ଚଳରେ କାର୍ଯ୍ୟରତ ଥିବା ସମୟରେ ବିଭିନ୍ନ ସମସ୍ୟା ଓ ପ୍ରତିକୂଳ ପରିସ୍ଥିତିକୁ ଦୃଢ଼ତାର ସହ ସାମ୍ନା କରି ଶୃଙ୍ଖଳା ଓ ନିଷ୍ଠାର ସହ ସ୍ୱାସ୍ଥ୍ୟକେନ୍ଦ୍ରର ଦାୟିତ୍ୱ ତୁଲାଇଥିଲେ। ରୋଗୀସେବାକୁ ସେ ସର୍ବଦା ପ୍ରାଥମିକତା ଦେଇ ଆସିଥିବା ବେଳେ ଅସୁବିଧାରେ ପଡ଼ିଥିବା ରୋଗୀଙ୍କୁ ନିଜସ୍ୱ ଉଦ୍ୟମରେ ଯାନବାହନ ବ୍ୟବସ୍ଥା କରିବା ସହ ବିଭିନ୍ନ ପ୍ରକାରର ସହଯୋଗ କରି ମାନବିକତାର ପରିଚୟ ଦେଇଥିଲେ। ବିଦାୟୀ ସମ୍ବର୍ଦ୍ଧନା ଅବସରରେ ଉପସ୍ଥିତ ଅତିଥି ଓ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀମାନେ ଡଃ ମାଝୀଙ୍କ କାର୍ଯ୍ୟଦକ୍ଷତା, ନିଷ୍ଠା ଓ ରୋଗୀଙ୍କ ପ୍ରତି ତାଙ୍କର ମାନବିକ ବ୍ୟବହାରକୁ ପ୍ରଶଂସା କରିଥିଲେ। ତାଙ୍କର ବଦଳି ଯୋଗୁଁ ସହକର୍ମୀମାନଙ୍କ ମଧ୍ୟରେ ଭାବବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା ।କଡଃ ସୁମନ୍ତ କୁମାର ମାଝୀଙ୍କର ନିଜ ଜିଲ୍ଲା କେନ୍ଦୁଝରକୁ ସ୍ୱାସ୍ଥ୍ୟ ଅଧିକାରୀ ଭାବେ ବଦଳି ହୋଇଥିବା ବେଳେ ପୂର୍ବତନ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡଃ ପ୍ରବୋଧ କୁମାର ପ୍ରଧାନଙ୍କର ମଧ୍ୟ ଅନ୍ୟତ୍ର ବଦଳି ହୋଇଛି ।ଅନ୍ୟପକ୍ଷରେ ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନୂତନ ଭାବେ ଯୋଗଦେଇଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡଃ ଜିତେନ୍ କୁମାର ଜେନାଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ଉଷ୍ମ ସ୍ୱାଗତ କରାଯାଇଥିଲା। ନୂତନ ଅଧିକାରୀଙ୍କ ନେତୃତ୍ୱରେ ଫିରିଙ୍ଗିଆ ଅଞ୍ଚଳର ସ୍ୱାସ୍ଥ୍ୟସେବା ଆହୁରି ସୁଦୃଢ଼ ହେବ ଏବଂ ରୋଗୀମାନେ ଉନ୍ନତ ସେବା ପାଇପାରିବେ ବୋଲି ଉପସ୍ଥିତ କର୍ମଚାରୀ ଓ ଅଞ୍ଚଳବାସୀ ଆଶା ପ୍ରକାଶ କରିଥିଲେ ।କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ ଡାକ୍ତର, ନର୍ସ, କର୍ମଚାରୀ, ସେବକ ଓ ସେବିକାମାନେ ଉପସ୍ଥିତ ରହି ବିଦାୟୀ ଅଧିକାରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ନୂତନ ଅଧିକାରୀଙ୍କୁ ସ୍ୱାଗତ କରିଥିଲେ।

# ରାସ୍ତା ଉପରେ ଚୋପା, ବିପଦରେ ଯାତାୟାତ



ରାଇଘର:: ୧୩/୦୯(ଭୁବନେଶ୍ୱର ସୁନାନୀ)ରାସ୍ତା ଲୋକଙ୍କ ଯାତାୟାତ ପାଇଁ, ହେଲେ ଏବେ ସେହି ରାସ୍ତା ହିଁ ପାଲଟିଛି ବିପଦର କାରଣ। ନୀଳଗିରି ବ୍ୟବସାୟୀଙ୍କ ମନମାନି ଯୋଗୁଁ ରାସ୍ତା ଉପରେ ଛଡ଼ାଯାଉଛି ନୀଳଗିରି ଗଛର ଚୋପା। ଫଳରେ ପଥଚାରୀଙ୍କ ଠାରୁ ଆରମ୍ଭ କରି ଯାନବାହନ ଚାଳକଙ୍କ ପାଇଁ ଏହି ରାସ୍ତା ବିପଦପୂର୍ଣ୍ଣ ହୋଇପଡ଼ିଛି ।ସୂଚନା ଅନୁଯାୟୀ, ରାଇଘର ବ୍ଲକ ର ଗଞ୍ଜାପାରା ପଞ୍ଚାୟତ ଅନ୍ତର୍ଗତ ହାତିବେନା ଆଦିବାସୀ ଅଞ୍ଚଳକୁ ଯାଇଥିବା ରାସ୍ତା ଉପରେ କୁଢ଼ କୁଢ଼ ହୋଇ ପଡ଼ିରହିଛି ନୀଳଗିରି ଚୋପା। ଦୈନିକ ଏହି ରାସ୍ତା ଦେଇ ଶହ ଶହ ଯାନବାହନ ଚଳାଚଳ କରୁଛି। ରାସ୍ତା ଉପରେ ଏଭଳି ଭାବେ ଚୋପା ପଡ଼ିରହିବା ଯୋଗୁଁ ଗାଡ଼ିର ଚକ ଖସିଯିବାର ଆଶଙ୍କା ରହିଛି ।ବିଶେଷକରି ଦୁଇଚକିଆ ଯାନ ଚାଳକଙ୍କ ପାଇଁ ଏହା ବଡ଼ ବିପଦ ସୃଷ୍ଟି କରିଛି। କୌଣସି ସମୟରେ ଚାଳକଙ୍କ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିପାରେ। ଏକ ଛୋଟ ଅସାବଧାନତା କାହାର ଜୀବନକୁ ବିପଦରେ ପକାଇଦେବ, ତାହା କହିହେବ ନାହିଁ ।ଲୋକଙ୍କ ପାଇଁ ନିର୍ମିତ ରାସ୍ତା ଯଦି କିଛି ବ୍ୟବସାୟୀଙ୍କ ଅସାବଧାନତା ଓ ମନମାନି ପାଇଁ ମରଣଯନ୍ତାରେ ପରିଣତ ହୁଏ, ତେବେ ଏହା ନିଶ୍ଚିତ ଭାବେ ଚିନ୍ତାର ବିଷୟ। ତେଣୁ ରାସ୍ତା ଉପରେ ପଡ଼ିଥିବା ନୀଳଗିରି ଚୋପା ତୁରନ୍ତ ହଟାଇବା ସହ ଏଭଳି ଭାବେ ରାସ୍ତା ଅବରୋଧ କରି କାର୍ଯ୍ୟ କରୁଥିବା ।ଲୋକଙ୍କ ଜୀବନ ଠାରୁ ବଡ଼ ଆଉ କିଛି ନୁହେଁ। ତେବେ କିଛି ବ୍ୟବସାୟୀଙ୍କ ସୁବିଧା ପାଇଁ ଯଦି ସାଧାରଣ ଲୋକଙ୍କ ଯାତାୟାତର ରାସ୍ତା ବିପଦପୂର୍ଣ୍ଣ ହୋଇଥିବାରୁ ବ୍ୟବସାୟୀଙ୍କ ଉପରେ ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ଦାନଗଦୀରେ ଯୁବ ବିଜେଡିର ଗୁରୁତ୍ୱପୂର୍ଣ୍ଣ ସାଂଗଠନିକ ବୈଠକ

ଯାଜପୁର୧୩/୦୯ (ଅକ୍ଷର ଓଡ଼ିଶା): ଯାଜପୁର ଜିଲ୍ଲା ଦାନଗଦୀ ବ୍ଲକ ଅନ୍ତର୍ଗତ ୧୦ ନମ୍ବର ଜୋନ୍ ଯୁବ ବିଜୁ ଜନତା ଦଳ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଜୋନ୍ ସ୍ତରୀୟ ବୈଠକରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ନେତା ପ୍ରୀତିରଞ୍ଜନ ଘଡ଼ାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମୀମାନଙ୍କୁ ଉତ୍ସାହିତ କରିବା ସହ ସଂଗଠନକୁ ତୃଣମୂଳ ସ୍ତରରେ ଆହୁରି ମଜବୁତ କରିବାକୁ ଆହ୍ୱାନ ଦେଇଥିଲେ। ୧୦ ନମ୍ବର ଜୋନ୍ ଯୁବ ବିଜେଡି ସଭାପତି ରତ୍ନପୂର୍ଣ୍ଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଦାନଗଦୀ ବ୍ଲକ ଯୁବ ସଭାପତି ଜୟପ୍ରକାଶ ସାହୁ, ୯ ନମ୍ବର ଜୋନ୍ ଯୁବ ସଭାପତି ସୁଦାମ ପୋଇ, ୮ ନମ୍ବର ଜୋନ୍ ଯୁବ ସଭାପତି ଅଜୟ କୁମାର ଜେନା, ବ୍ଲକ ସଭାପତି ଗୋପାଳ ବାରିକ, ଦାନଗଦୀ ବ୍ଲକ କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ଧୀର, ଜିଲ୍ଲା ଉପସଭାପତି ଲୋକନାଥ ଧୀର, ବରିଷ୍ଠ ବିଜେଡି ନେତା ପ୍ରଦୀପ କୁମାର ମହାନ୍ତି ଏବଂ ବ୍ଲକ ଉପାଧ୍ୟକ୍ଷ ଅଜୟ କୁମାର ବିନ୍ଧାଣୀ ପ୍ରମୁଖ ଉପସ୍ଥିତ ରହି ଦଳୀୟ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ ।ଏଥିସହିତ ବରିଷ୍ଠ ନେତା ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ରାଧାମୋହନ ବିଶ୍ୱାଳ, ସୁଦାମ ପାତ୍ର, ମନ୍ମଥ ଶତପଥୀ, ବ୍ରହ୍ମାନନ୍ଦ ରାୟ, ବସନ୍ତ କୁମାର ରାଉତ, ସତ୍ୟସୁନ୍ଦର ପାଲ, କାଳନ୍ଦୀ ସେଠୀଙ୍କ ସମେତ ବହୁ ସଂଖ୍ୟାରେ ନେତୃମଣ୍ଡଳୀ ଓ ଯୁବ କର୍ମୀ ଉପସ୍ଥିତ ରହି ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ।

# ପାରଳା ରାମସାଗରରେ ମାଛ ମଡ଼କ ୨ ରୁ ୫ କିଲୋ ଶହ ଶହ ମାଛ ଭାସୁଛନ୍ତି



ପାରଳାଖେମୁଣ୍ଡି, ୧୩/ ୯(ତାରିଣୀ ପ୍ରସାଦ ପଣ୍ଡା): ପାରଳାଖେମୁଣ୍ଡି ସହରର ଉପକଣ୍ଠରେ ଥିବା ରାମସାଗରରେ ଆଜି ରବିବାର ସକାଳୁ ଶହ ଶହ ସଂଖ୍ୟାରେ ମାଛ ମରି ପାଣିରେ ଭାସୁଥିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚିନ୍ତାର କାରଣ ହୋଇଛି। ପ୍ରାୟ ୨ରୁ ୫ କିଲୋଗ୍ରାମ ଓଜନର ବିଭିନ୍ନ ପ୍ରଜାତିର ମାଛ ମୃତ ଅବସ୍ଥାରେ ଭାସୁଥିବା ଦେଖାଯାଇଛି। ସକାଳୁ ସ୍ଥାନୀୟ ଲୋକେ ସାଗର ନିକଟକୁ ଯାଇ ଏଭଳି ଦୃଶ୍ୟ ଦେଖି ଚକିତ ହୋଇଥିଲେ। ସାଗରର ଜଳ ବିଷାକ୍ତ ହୋଇଥିବା କିମ୍ବା କୌଣସି ରାସାୟନିକ ପ୍ରତିକ୍ରିୟା ଯୋଗୁଁ ମାଛ ଗୁଡ଼ିକର ମୃତ୍ୟୁ ଘଟିଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତେବେ ମାଛ ମୃତ୍ୟୁର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

# ହିକିମପୁଟରେ ମୋବାଇଲ୍ ଲିଗାଲ୍ ଏଡ୍ କ୍ଲିନିକ୍



ନନ୍ଦପୁର ୧୩/୦୯ (ଶ୍ରୀରାମ ଖରା)ନନ୍ଦପୁର ବ୍ଲକ ଅନ୍ତର୍ଗତ ହିକିମପୁଟ ଗ୍ରାମ ପଞ୍ଚାୟତରେ ଶନିବାର ମୋବାଇଲ୍ ଲିଗାଲ୍ ଏଡ୍ କ୍ଲିନିକ୍ ଅନୁଷ୍ଠିତ ହୋଇଛି। ଏଥିରେ ପଞ୍ଚାୟତ ଅଞ୍ଚଳର ପ୍ରାୟ ୩୦ ଜଣ ଲୋକ ଯୋଗଦେଇ ଆଇନଗତ ଓ ବିଭିନ୍ନ ସରକାରୀ ସୁବିଧା ସମ୍ପର୍କରେ ପରାମର୍ଶ ନେଇଥିଲେ କାର୍ଯ୍ୟକ୍ରମରେ ପ୍ରୋଗ୍ରାମ ଅଫିସର ମହେଶ୍ୱର ଜୟପୁରିଆ, ଇନ୍‌ଷ୍ଟିଚ୍ୟୁସନାଲ୍ ଏନ୍‌ଗେଜମେଣ୍ଟ ଅଫିସର ଅଜୟ ଖାଲ୍ପା, ରିସର୍ଚ୍ଚ ପର୍ସନ କାନ୍ତମା ରାନ୍ଦାରୀ, ସରପଞ୍ଚ ଜମୁନା ବଦନାୟକ, ସୁନୀଲ ମିଶ୍ର ଓ ପିଏଲ୍‌ଭି ବଳରାମ ଖୋରା ଉପସ୍ଥିତ ଥିଲେ। କ୍ଲିନିକ୍‌ରେ ଲୋକଙ୍କଠାରୁ ୫ଟି ଜମି ବିବାଦ ଓ ୧ଟି ଅବକାରୀ ମାମଲା, ମୋଟ ୬ଟି ଆଇନଗତ ମାମଲା ସଂଗ୍ରହ କରାଯାଇ ଦଲିଲଭୁକ୍ତ କରାଯାଇଥିଲା। ଏଥିସହ ୮ଟି କଲ୍ୟାଣମୂଳକ ମାମଲାରେ ମଧ୍ୟ ସହାୟତା ଦିଆଯାଇଥିଲା। ଏଥିରେ ଜଣେ ହିତାଧିକାରୀଙ୍କ ନୂତନ ରାସନ କାର୍ଡ ପାଇଁ ଆବେଦନ ଏବଂ ୭ଟି ରାସନ କାର୍ଡରେ ନାମ ଯୋଡ଼ିବା ସମ୍ପର୍କିତ ସହାୟତା ରହିଥିଲା। କାର୍ଯ୍ୟକ୍ରମରେ ଗ୍ରାମବାସୀଙ୍କୁ ମାଗଣା ଆଇନଗତ ସହାୟତା, ଆବଶ୍ୟକ ଦଲିଲପତ୍ର ପ୍ରସ୍ତୁତି ଏବଂ ସରକାରୀ କଲ୍ୟାଣମୂଳକ ଯୋଜନାର ସୁବିଧା ପାଇବା ପ୍ରକ୍ରିୟା ସମ୍ପର୍କରେ ପରାମର୍ଶ ଓ ମାର୍ଗଦର୍ଶନ ଦିଆଯାଇଥିଲା। ଗ୍ରାମାଞ୍ଚଳର ଲୋକଙ୍କ ନିକଟରେ ଆଇନଗତ ସହାୟତା ପହଞ୍ଚାଇବାରେ ଏଭଳି ମୋବାଇଲ୍ ଲିଗାଲ୍ ଏଡ୍ କ୍ଲିନିକ୍ ଗୁରୁତ୍ୱପୂର୍ଣ୍ଣ ବୋଲି ଉପସ୍ଥିତ ବ୍ୟକ୍ତିମାନେ କହିଥିଲେ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ 'ସ୍ପାର୍କ-୨୦୨୬' ପାଳିତ



ବେଲଗୁଣ୍ଠା ୧୩/୦୯ (ଅକ୍ଷର ଓଡିଶା )ବେଲଗୁଣ୍ଠା ବ୍ଲକ୍‌ର ପ୍ରତାପଲକ୍ଷ୍ମଣପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ 'ସ୍ପାର୍କ-୨୦୨୬' କାର୍ଯ୍ୟକ୍ରମ ଉତ୍ସାହ ଓ ଆନନ୍ଦମୟ ପରିବେଶରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ମାନସ ରଞ୍ଜନ ଡାକୁଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଛାତ୍ରଛାତ୍ରୀଙ୍କ ଶିକ୍ଷା ସହିତ ସୃଜନଶୀଳତା, ପ୍ରତିଭା ବିକାଶ ଓ ନୈତିକ ମୂଲ୍ୟବୋଧର ବିକାଶ ଉପରେ ଗୁରୁତ୍ୱ ଦିଆଯାଇଥିଲା ।ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଏବଂ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବାଳକୃଷ୍ଣ ସାବତ, ସିଆରସିସି ଛାୟାକାନ୍ତ ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷକ ସୀତାକାନ୍ତ ତ୍ରିପାଠୀ ଏବଂ ଶିକ୍ଷୟିତ୍ରୀ ତଥା ବିଦ୍ୟାଳୟ ପରିଚାଳନା ସମିତି ସଦସ୍ୟା ନୀରଜା କୁମାରୀ ତ୍ରିପାଠୀ ଉପସ୍ଥିତ ଥିଲେ ।ବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀ ଡାକୁଆ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ସାହୁ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ଶିକ୍ଷାର ମହତ୍ତ୍ୱ, ଶୃଙ୍ଖଳା, ଚରିତ୍ର ଗଠନ ଓ ଜୀବନରେ ଲକ୍ଷ୍ୟ ନିର୍ଦ୍ଧାରଣ ସମ୍ପର୍କରେ ପ୍ରେରଣାଦାୟକ ବକ୍ତବ୍ୟ ଦେଇଥିଲେ। ପରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ।ଉତ୍ସବର ଶେଷ ପର୍ଯ୍ୟାୟରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ମନୋରମ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# କୁଚିଣ୍ଡା ସାମ୍ବାଦିକ ସଂଘର କର୍ମକର୍ତ୍ତା ନିର୍ବାଚନ





କୁଚିଣ୍ଡା ,୧୩।୦୯( ଚତୁର୍ଭୁଜ ଜୟପୁରିଆ ): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ସାମ୍ବାଦିକ ସଂଘର ସାଧାରଣ ପରିଷଦ ବୈଠକ ଓ କର୍ମକର୍ତ୍ତା ନିର୍ବାଚନ ରବିବାର କୁଚିଣ୍ଡା ସାମ୍ବାଦିକ ଭବନ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ସଂଘ ସଭାପତି ଦୀନେଶ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ବିଗତ ଦୁଇ ବର୍ଷରେ ହୋଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ,ଅଚଳ ହୋଇ ପଡିଥିବା ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଫିସକୁ ଖୋଲିବା ସହ ନୂତନ ଭାବେ ସୂଚନା ଅଧିକାରୀଙ୍କ ନିଯୁକ୍ତି କରାଇବାରେ ସାମ୍ବାଦିକ ସଂଘର ପ୍ରମୁଖ ଭୂମିକା ବିଷୟରେ ଆଲୋଚନା ହୋଇଥିଲା ।ପରେ ଆଗାମୀ ଦୁଇ ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ବରିଷ୍ଠ ଖବରଦାତା ବିରଞ୍ଚି ଦର୍ଶୀ ଓ ସୁଧିର କୁମାର ମହାନ୍ତି ନିର୍ବାଚନ ଅଧିକାରୀ ଦାୟିତ୍ୱ ତୁଲାଇଥିବା ବେଳେ ପର୍ଯ୍ୟବେକ୍ଷକ ଭାବେ ସମ୍ବଲପୁର ଜିଲ୍ଲା ଉପସଭାପତି ସତୀଶ କୁମାର ମିଶ୍ର ଯୋଗଦେଇଥିଲେ ।ସଂଘରେ ମତଭେଦ,ବିଦ୍ୱେଷକୁ ଭୁଲି ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣକୁ ଅକ୍ଷୁର୍ଣ୍ଣ ରଖିବା ନିମନ୍ତେ ନିର୍ବାଚନ ନକରି ସର୍ବସମ୍ମତିକ୍ରମେ ମନୋନୟନ ପଦ୍ଧତିରେ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଏଥିରେ ଦୀନେଶ କୁମାର ନନ୍ଦ ସଭାପତି, ପ୍ରଶାନ୍ତ ଶର୍ମା ଓ ହୃଦୟ ଚନ୍ଦ୍ର ପଟେଲ ଉପସଭାପତି, ରିଙ୍କୁ କୁସୁମ ସାଧାରଣ ସମ୍ପାଦକ,ଅଦିତ କୁମାର ପଣ୍ଡା ସମ୍ପାଦକ ଓ ସୁଧିର କୁମାର ମହାନ୍ତି କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲା ସଭାପତି ପ୍ରଭାତ ବେହେରା,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ମିଶ୍ର, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ସଚ୍ଚିକାନ୍ତ ସାହୁ, ପ୍ରକାଶ ଚନ୍ଦ୍ର ଶର୍ମା, ଅମୂଲ୍ୟ ମିଶ୍ର, ଜୟ କିଶୋର ମହାପାତ୍ର,ତପନ ଦାସ, ଦେବେନ୍ଦ୍ର ବେହେରା, ତନୟ ମହାପାତ୍ର, ସୌମ୍ୟରଞ୍ଜନ ଧଳ,ଲିପୁନ ଚାନ୍ଦ ସାହୁ,ରଞ୍ଜିତ ଦାସ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ପୂଜା ଚାନ୍ଦା ଆଦାୟ ନାମରେ ଜୋର ଜବର ଦସ୍ତି: ୩ ଗିରଫ

ଅନୁଗୋଳ, ୧୩/ ୯: (ଅଜିତ )ପୂଜା ଚାନ୍ଦା ଆଦାୟ ନାମରେ ସାଧାରଣ ଲୋକଙ୍କୁ ହଇରାଣ କରିବା ଓ ଜୋରଜବରଦସ୍ତି ଟଙ୍କା ଆଦାୟ ଅଭିଯୋଗରେ କଲିୟାରୀ ପୁଲିସ ୩ ଜଣଙ୍କୁ ଗିରଫ କରିଛି। ଗଣେଶ ପୂଜା ଅବସରରେ ଚାନ୍ଦା ଆଦାୟ କରୁଥିବା ବେଳେ ପୁଲିସ ଏହି ପଦକ୍ଷେପ ନେଇଛି ।ପୁଲିସ ସୂଚନା ଅନୁଯାୟୀ, ୧୨ ସେପ୍ଟେମ୍ବର ସନ୍ଧ୍ୟାରେ କଲିୟାରୀ ଥାନା ଅଞ୍ଚଳର ଜଗନ୍ନାଥ ଗେଷ୍ଟ ହାଉସ ନିକଟରେ ୩ ଜଣ ବ୍ୟକ୍ତି ରାସ୍ତାରେ ଯାଉଥିବା ଲୋକଙ୍କୁ ଅଟକାଇ ଗଣେଶ ପୂଜା ଚାନ୍ଦା ନାମରେ ଟଙ୍କା ମାଗୁଥିଲେ ।ଗିରଫ ଅଭିଯୁକ୍ତମାନେ ହେଲେ ଡେରା ଖଟିବସା ସାହିର ଦୀପକ ଗୋଛାୟତ (୨୮), ଦୁଃଖବନ୍ଧୁ ଗୋଛାୟତଙ୍କ ପୁଅ ଆଶୋକ ଗୋଛାୟତ (୩୬) ଏବଂ ମୀନ ଗୋଛାୟତଙ୍କ ପୁଅ ବାପି ଓରଫ ମହେଶ ଗୋଛାୟତ। ସମସ୍ତଙ୍କ ଘର କଲିୟାରୀ ଥାନା ଅଞ୍ଚଳରେ ।ପୁଲିସର ପ୍ରାଥମିକ ତଦନ୍ତରେ ଅଭିଯୁକ୍ତମାନେ ଲୋକଙ୍କ ସ୍ୱେଚ୍ଛା ବିନା ଗଣେଶ ପୂଜା ଚାନ୍ଦା ଆଦାୟ କରୁଥିବା ଅଭିଯୋଗ ସାମ୍ନାକୁ ଆସିଛି।



ସୋମବାର ୧୪।୦୯।୨୦୨୬
ଅକ୍ଷର
AKHYARA ODISHA

# ବ୍ଲକସ୍ତରୀୟ ଉଲ୍ଲାସ ତାଲିମ ଶିବିର



ରଣପୁର, ୧୩/୦୯ :(ଅକ୍ଷର ଓଡିଶା )ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ 'ଉଲ୍ଲାସ'କୁ ଆହୁରି ସୁଦୃଢ଼ ଓ ସଫଳ କରିବା ଉଦ୍ଦେଶ୍ୟରେ ରଣପୁର ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଶନିବାର ଦିନ ବ୍ଲକସ୍ତରୀୟ ଉଲ୍ଲାସ ତାଲିମ ଶିବିର ଗୋପାଳପୁର ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମକୁ ବ୍ଲକ ଶିକ୍ଷା ଅଧିକାରୀ ପିଣ୍ଟୁ କୁମାର ପ୍ରଧାନ ଓ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରିଣୀ ଲକ୍ଷ୍ମୀ ଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଉଲ୍ଲାସ କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଗ୍ରାମୀଣ ଅଞ୍ଚଳରେ ନିରକ୍ଷର ବୟସ୍କ ଶିକ୍ଷାର୍ଥୀଙ୍କୁ ସାକ୍ଷର କରିବାରେ ଏହାର ଉଦ୍ଦେଶ୍ୟ ବୋଲି ବ୍ଲକ ଶିକ୍ଷା ଅଧିକାରୀ ପିଣ୍ଟୁ କୁମାର ପ୍ରଧାନ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ !ତାଲିମରେ ଯୋଗ୍ୟ ଶିକ୍ଷାର୍ଥୀ ଚିହ୍ନଟ, ଶିକ୍ଷାର୍ଥୀଙ୍କୁ ସ୍ୱେଚ୍ଛାସେବୀ ଶିକ୍ଷକଙ୍କ ସହିତ ଟ୍ୟାଗ୍ କରିବା, ପରୀକ୍ଷା ପାଇଁ ଯୋଗ୍ୟ ଶିକ୍ଷାର୍ଥୀଙ୍କ ସର୍ଟଲିଷ୍ଟ ପ୍ରସ୍ତୁତି, ପରୀକ୍ଷା ପରେ ଶିକ୍ଷାର୍ଥୀଙ୍କ ମାର୍କ ପୂରଣ ପ୍ରକ୍ରିୟା ଆଦି ବିଷୟରେ ବିସ୍ତୃତ ଓ ବ୍ୟବହାରିକ ତାଲିମ ଦିଆଯାଇଥିଲା ।ପ୍ରଶିକ୍ଷଣ ସମୟରେ ଅଂଶଗ୍ରହଣକାରୀମାନଙ୍କୁ କେବଳ ସୂଚନା ପ୍ରଦାନ ନକରି ବିଭିନ୍ନ ପ୍ରକ୍ରିୟାକୁ ପ୍ରାୟୋଗିକ ଭାବେ ବୁଝାଇ ଦିଆଯାଇଥିଲା, ଯାହାଦ୍ୱାରା ଉଲ୍ଲାସ କାର୍ଯ୍ୟକ୍ରମର ଶିକ୍ଷାର୍ଥୀ ଚିହ୍ନଟଠାରୁ ଆରମ୍ଭ କରି ପରୀକ୍ଷା ପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟା ସଠିକ୍ ଭାବେ ସମ୍ପାଦନ କରିବାରେ ସହାୟତା ମିଳିବ ।ଏହି କାର୍ଯ୍ୟକ୍ରମକୁ ଚିତ୍ତରଞ୍ଜନ କୁଣ୍ଡ, ସଞ୍ଜୟ କୁମାର ବରାଡ଼, ରାଜୀବ କୁମାର ବେହେରା, ସୁଧାକର ମିଶ୍ର ଓ ସୁଶାନ୍ତ କୁମାର ପ୍ରଧାନ ସକ୍ରିୟ ସହଯୋଗ କରିଥିଲେ ।ଉଲ୍ଲାସ କେବଳ ଏକ ସରକାରୀ କାର୍ଯ୍ୟକ୍ରମ ନୁହେଁ, ବରଂ 'ସମସ୍ତଙ୍କ ପାଇଁ ଶିକ୍ଷା ଓ ସାକ୍ଷରତା' ର ଲକ୍ଷ୍ୟ ହାସଲ ପାଇଁ ଏକ ଜନଆନ୍ଦୋଳନ । ରଣପୁର ବ୍ଲକରେ ଏହି ତାଲିମ ଶିବିର ଉଲ୍ଲାସ କାର୍ଯ୍ୟକ୍ରମକୁ ତୃଣମୂଳସ୍ତରରେ ଆହୁରି ସୁଦୃଢ଼ କରିବା ସହ ନିରକ୍ଷରତାମୁକ୍ତ ସମାଜ ଗଠନ ଦିଗରେ ଏକ ସକାରାତ୍ମକ ପଦକ୍ଷେପ ବୋଲି ମତ ପ୍ରକାଶ ପାଇଛି ।

# ବୁଲା ଗୋରୁଙ୍କ ଉତ୍ପାତ, ମୃତଦେହକୁ ମଧ୍ୟ ମିଳୁନି ମାଲିକଙ୍କ ଦାୟିତ୍ୱ

## ରାଜପଥ ଉପରେ ଦୁଇ ଗାଈଙ୍କ ମୃତଦେହ, କୁକୁର ଝୁଣି ଖାଇବାରୁ ରକ୍ତରଞ୍ଜିତ ରାସ୍ତା



ଲକ୍ଷ୍ମୀପୁର ୧୩/୦୯(ଅକ୍ଷର ଓଡ଼ିଶା) : ବୁଲା ଗୋରୁଙ୍କ ଉତ୍ପାତକୁ ନେଇ ଅଞ୍ଚଳବାସୀ ଅତିଷ୍ଠ ହୋଇପଡ଼ିଛନ୍ତି । ଜୀବିତ ଥିବା ସମୟରେ ରାସ୍ତା ଉପରେ ବୁଲିବା ଓ ଯାତାୟାତରେ ବାଧା ସୃଷ୍ଟି କରିବା ସହ ଦୁର୍ଘଟଣାର କାରଣ ପାଲଟୁଥିବା ଗୋରୁ ମରିଯିବା ପରେ ମଧ୍ୟ ସମସ୍ୟା ସୃଷ୍ଟି କରୁଛନ୍ତି । ଗୋରୁ ପାଳକମାନେ କେବଳ କ୍ଷୀର କାଢ଼ି ବିକ୍ରି କରିବାରେ ଆଗ୍ରହୀ ଥିବା ବେଳେ, ଗୋରୁ ମରିଗଲେ ମାଲିକାନା ଦାବି କରିବାକୁ ମଧ୍ୟ କେହି ଆଗକୁ ଆସୁନଥିବା ଅଭିଯୋଗ ହେଉଛି । ଏହାର ଏକ ଜ୍ୱଳନ୍ତ ଉଦାହରଣ ଲକ୍ଷ୍ମୀପୁର ବ୍ଲକ୍ ସଦର ଅଞ୍ଚଳରେ ଦେଖିବାକୁ ମିଳିଛି ।ସୂଚନା ଅନୁସାରେ, ଗତକାଲି ରାତିରେ ସ୍ଥାନୀୟ ଓଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ କୌଣସି ଏକ ଅଜଣା ଗାଡ଼ି ଧକ୍କାରେ ଦୁଇଟି ଗାଈ ଜାତୀୟ ରାଜପଥ ଉପରେ ମୃତ୍ୟୁବରଣ କରିଥିଲେ । ଦୁର୍ଘଟଣା ପରେ ଦୀର୍ଘ ସମୟ ଧରି ଦୁଇ ଗାଈଙ୍କ ମୃତଦେହ ରାସ୍ତା ଉପରେ ପଡ଼ିରହିଥିଲା । ତେବେ ମୃତ ଗାଈଙ୍କ ମାଲିକ କେହି ମୃତଦେହ ନେବାକୁ ଆସିନଥିଲେ ।ଏହାର ସୁଯୋଗ ନେଇ ରାସ୍ତାରେ ଥିବା ମାଳମାଳ କୁକୁର ମୃତ ଗାଈ ଦୁଇଟିକୁ ଝୁଣି ଝୁଣି ଖାଇଥିଲେ । ଫଳରେ ରାଜପଥ ଉପରେ ରକ୍ତ ବୋହି ପରିବେଶ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ହୋଇପଡ଼ିଥିଲା । ସେହି ରାସ୍ତା ଦେଇ ଯାଉଥିବା ଛାତ୍ରଛାତ୍ରୀଙ୍କ ସମେତ ଅନେକ ଲୋକ ନାକରେ ରୁମାଲ ଦେଇ ଯାତାୟାତ କରୁଥିବା ଦେଖାଯାଇଥିଲା । ଏପରିକି ମୃତ ଗାଈଙ୍କୁ ଝୁଣି ଖାଉଥିବା ମାଳମାଳ କୁକୁରଙ୍କୁ ଦେଖି ଲୋକେ ଭୟଭୀତ ହୋଇପଡ଼ିଥିଲେ ।ଖବର ପାଇ ସ୍ଥାନୀୟ ସରପଞ୍ଚ ଶ୍ୟାମସୁନ୍ଦର ତାଡ଼ିଙ୍ଗି ଓ ନାୟବ ସରପଞ୍ଚ ପ୍ରଭାସିନୀ ମାଣ୍ଡିଙ୍ଗା ଘଟଣାସ୍ଥଳରେ ପହଞ୍ଚି ଦୁଇଟି ଗାଈଙ୍କ ମୃତଦେହ ରାସ୍ତାରୁ ହଟାଇବାର ବ୍ୟବସ୍ଥା କରିଥିଲେ ।ତେବେ ପ୍ରଶ୍ନ ଉଠୁଛି, ପ୍ରତିଦିନ ମାଳମାଳ ଗାଈଗୋରୁ ରାସ୍ତା ଉପରେ ଆସ୍ଥାନ ଜମାଇ ରହୁଥିବା ବେଳେ ସେମାନଙ୍କ ମାଲିକମାନେ କାହିଁକି କୌଣସି ପଦକ୍ଷେପ ନେଉନାହାନ୍ତି ରାସ୍ତା ଉପରେ ବୁଲା ଗୋରୁଙ୍କ ଯୋଗୁଁ ଦୁର୍ଘଟଣାର ଆଶଙ୍କା ବଢ଼ିବା ସହ ସାଧାରଣ ଲୋକଙ୍କୁ ନାନା ହଇରାଣ ହରକତର ସମ୍ମୁଖୀନ ହେବାକୁ ପଡୁଛି ।ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପ୍ରଶାସନ ପକ୍ଷରୁ ଗୋରୁ ମାଲିକମାନଙ୍କୁ ସଚେତନ କରାଯିବା ସହ ରାସ୍ତାରେ ଗୋରୁ ଛାଡ଼ିବା ଉପରେ ରୋକ୍ ଲଗାଇବାକୁ ସାଧାରଣରେ ଦାବି ହୋଇଛି । ଏଥିସହ ଲକ୍ଷ୍ମୀପୁର ଅଞ୍ଚଳରେ ଏକ କାଞ୍ଜିଆହୁଡ଼ା ବ୍ୟବସ୍ଥା କରାଗଲେ ବୁଲା ଗୋରୁ ସମସ୍ୟାରେ ଅନେକାଂଶରେ ରୋକ୍ ଲଗାଇହେବ ବୋଲି ଅଞ୍ଚଳବାସୀ ମତ ପ୍ରକାଶ କରିଛନ୍ତି ।

# ମହେନ୍ଦ୍ରତନୟା ନଦୀରେ ନିଖୋଜ ବୃଦ୍ଧଙ୍କ ଶବ ୩୦ ଘଣ୍ଟା ପରେ ଉଦ୍ଧାର

ପାରଳାଖେମୁଣ୍ଡି, ୧୩/୯(ତାରିଣୀ ପ୍ରସାଦ ପଣ୍ଡା): ଗଜପତି ଜିଲ୍ଲା ଗୋଷାଣୀ ବ୍ଲକ୍ କେରାଣ୍ଡି ପଞ୍ଚାୟତ ଅନ୍ତର୍ଗତ ଅମରା ଗ୍ରାମ ଅଞ୍ଚଳରେ ଗତ କାଲି ମହେନ୍ଦ୍ରତନୟା ନଦୀରେ ଗାଧୋଇବା ବେଳେ ଜଣେ ୬୯ ବର୍ଷୀୟ ବୃଦ୍ଧ ଦୁର୍ଗା ପ୍ରସାଦ ପାଣିଗ୍ରାହୀ ଭାସିଯାଇ ନିଖୋଜ ହୋଇ ଯାଇଥିଲେ । ଅଗ୍ନିଶର୍ମ୍‌ ବିଭାଗ ପକ୍ଷରୁ ଗତକାଲି ବହୁ ଅକ୍ଲାନ୍ତ ପରିଶ୍ରମ କରି ଖୋଜା ଖୋଜି କରିବା ପରେ ମଧ୍ୟ ନିଖୋଜ ବ୍ୟକ୍ତିଙ୍କୁ ଠାବ କରି ପାରି ନଥିଲେ । ଆଜି ଘଟଣା ଘଟିବାର ସ୍ଥାନରୁ ପ୍ରାୟ ୩ଶହ ରୁ ୪ଶହ ମିଟର ଦୂରରେ ଉକ୍ତ ନିଖୋଜ ବ୍ୟକ୍ତିଙ୍କ ଶବ ଭାସୁଥିବା ଦେଖିବାକୁ ମିଳିଥିଲା । ପରେ ଅଗ୍ନିଶମ ଯବାନମାନେ ନିଖୋଜର ୩୦ ଘଣ୍ଟା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଶବକୁ ମହେନ୍ଦ୍ର ତନୟା ନଦୀରୁ ଉଦ୍ଧାର କରିଥିଲେ । ଘଟଣା ନେଇ ପାରଳାଖେମୁଣ୍ଡି ଥାନାରେ ଏକ ମାମଲା ରୁଜୁ କରାଯିବା ସହ ଶବ ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡି ଡାକ୍ତରଖାନାକୁ ପଠା ଯାଇଥିବା ସୂଚନା ମିଳିଛି ।

## ସୋସିଆଲ ମିଡିଆରେ ଏଆଇ ଫଟୋକୁ ନେଇ ଚର୍ଚ୍ଚା

# ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବୀ

ଆସିକା, ୧୩/୦୯/:(ଅକ୍ଷର ଓଡିଶା )ଆସିକା ବିଧାନସଭା ନିର୍ବାଚନମଣ୍ଡଳୀର ଦୁଇ ପ୍ରମୁଖ ଦଳର ନେତା ଓ କିଛି ଦଳୀୟ କର୍ମୀଙ୍କୁ ନେଇ ସୋସିଆଲ ମିଡିଆରେ ପ୍ରଚାରିତ କଥିତ କୃତ୍ରିମ ବୁଦ୍ଧିମତ୍ତା (ଇଓ) ନିର୍ମିତ ଫଟୋକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଚାଲିଛି । ଦିନକୁ ଦିନ ନୂଆ ରୂପରେ ଏଭଳି ଫଟୋ ସାମାଜିକ ଗଣମାଧ୍ୟମରେ ପ୍ରଚାର ହେଉଥିବା ଦାବି ହେଉଥିବାରୁ ଏହାକୁ ନେଇ ଚିନ୍ତା ପ୍ରକାଶ ପାଉଛି ।ଆଧୁନିକ ଇଓ ପ୍ରଯୁକ୍ତି ବ୍ୟବହାର କରି ଏଭଳି ଫଟୋ ପ୍ରସ୍ତୁତ କରାଯାଉଥିବା ଅଭିଯୋଗ ରହିଛି । ଏହି ଫଟୋଗୁଡ଼ିକର ସତ୍ୟତା ସ୍ୱାଧୀନ ଭାବେ ନିଶ୍ଚିତ ହୋଇନଥିବାରୁ, ପ୍ରଥମ ଦୃଷ୍ଟିରେ ସତ ଫଟୋ ବୋଲି ଭ୍ରମ ସୃଷ୍ଟି ହେବାର ସମ୍ଭାବନା ନେଇ ଆଲୋଚନା ହେଉଛି । ଏପରି ଫଟୋ ସାର୍ବଜନୀନ ଭାବେ ପ୍ରଚାର ହେଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ସାମାଜିକ ସମ୍ମାନ ସହ ପରିବାର ଓ ପିଲାମାନଙ୍କ ଉପରେ ମଧ୍ୟ ମାନସିକ ଚାପ ପଡ଼ିପାରେ ବୋଲି ଆଶଙ୍କା ପ୍ରକାଶ କରାଯାଉଛି ।ସୂଚନା ଅନୁସାରେ, ଏଭଳି ଇଓ ନିର୍ମିତ କିମ୍ବା ବିକୃତ ଫଟୋ ସୋସିଆଲ ମିଡିଆରେ ପ୍ରଚାର ଘଟଣାକୁ ନେଇ ଦୁଇ ପ୍ରମୁଖ ଦଳ ପକ୍ଷରୁ ଆଇନଗତ ପଦକ୍ଷେପ ନିଆଯାଇଥିବା ଦାବି ହେଉଛି । ଏହି ଦାବି ସମ୍ପର୍କରେ ସମ୍ପୃକ୍ତ ଥାନା କିମ୍ବା ଅଧିକାରୀଙ୍କ ପକ୍ଷରୁ ଆନୁଷ୍ଠାନିକ ସ୍ପଷ୍ଟୀକରଣ ମିଳିନାହିଁ । ନିର୍ବାଚନ ଫଳାଫଳ ପ୍ରକାଶର କିଛି ମାସ ପରେ ଏଭଳି ପ୍ରବୃତ୍ତି ଆରମ୍ଭ ହୋଇଥିବା କିଛି ସୋସିଆଲ ମିଡିଆ ବ୍ୟବହାରକାରୀ କହୁଛନ୍ତି ।ତେବେ ନିକଟରେ ଅନୁଷ୍ଠିତ ସମିତି ବୈଠକ ପରେ ଏଭଳି ଫଟୋ ପୁଣି ଥରେ ଭାଇରାଲ ହୋଇଥିବା ଦାବି ଘଟଣାକୁ ନେଇ ଚର୍ଚ୍ଚା ବଢ଼ାଇଛି । ଘଟଣାଟି ସାଇବର ଥାନା ପର୍ଯ୍ୟନ୍ତ ପହଞ୍ଚିଥିବା ନେଇ ମଧ୍ୟ ଆସିକାରେ ଆଲୋଚନା ହେଉଛି । ଏହା ସମ୍ପର୍କରେ ଅଭିଯୋଗ, ମାମଲା କିମ୍ବା ତଦନ୍ତର ଆନୁଷ୍ଠାନିକ ସ୍ଥିତି ସ୍ପଷ୍ଟ ହୋଇନାହିଁ ।ସୋସିଆଲ ମିଡିଆରେ ଏଭଳି ଫଟୋ କିଏ ପ୍ରସ୍ତୁତ କରୁଛି, କିଏ ଏହାକୁ ପ୍ରଚାର କରୁଛି ଏବଂ ଏହା ପଛରେ କୌଣସି ଉଦ୍ଦେଶ୍ୟ ରହିଛି କି ନାହିଁ—ତାହା ନେଇ ରାଜନୈତିକ ମହଲଠାରୁ ସାଧାରଣ ଲୋକଙ୍କ ମଧ୍ୟରେ ଚର୍ଚ୍ଚା ଚାଲିଛି । ଘଟଣାର ପ୍ରକୃତ ସତ୍ୟ ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ଆଶା କରାଯାଉଛି । ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଆଇନାନୁଗ କାର୍ଯ୍ୟାନୁଷ୍ଠାନ ହେବ କି ନାହିଁ, ତାହା ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ପଦକ୍ଷେପ ଉପରେ ନିର୍ଭର କରିବ ।

# ଭାରତ ନିର୍ମାଣ ସେବା କେନ୍ଦ୍ର ପାଲଟିଛି ଭୂତକୋଠି



ନିଶ୍ଚିନ୍ତକୋଇଲି ତା ୧୨/୯–ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନର ଦାୟୀତ୍ୱ ହୀନତା ସର୍ବୋପରି କର୍ତବ୍ୟରେ ଚରମ ଅବହେଳା କାରଣରୁ ଜିଗ୍ନିପୁର ଗ୍ରାମପଂଚାୟତ ଭାରତ ନିର୍ମାଣ ସେବାକେନ୍ଦ୍ର ଏକ ରକମ ଭୂତକୋଠିରେ ପରିଣତ ହୋଇଥିବାର ଅଭିଯୋଗ ହୋଇଛି । ଏହି କାର୍ଯ୍ୟାଳୟ ଲୋକଙ୍କର କୌଣସି କାମରେ ଆସୁନଥିବା କାରଣରୁ ସରକାରଙ୍କର ଲକ୍ଷ ଲକ୍ଷ ଟଙ୍କା ପାଣିରେ ପଡିଲା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ବିଗତ ନବୀନ ସରକାରଙ୍କ ଶାସନ କାଳରେ ଜିଗ୍ନିପୁର ଗ୍ରାମପଂଚାୟତ ଭାରତ ନିର୍ମାଣ ସେବାକେନ୍ଦ୍ର ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ବରାଦରେ ନିର୍ମାଣ କରାଯାଇଥିଲା । ଏହି କାର୍ଯ୍ୟାଳୟ ପରିସରରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ଏକ ଗ୍ରାହକ ସେବାକେନ୍ଦ୍ର ମଧ୍ୟ ଖୋଲାଯାଇଥିଲା । ଏହି କେନ୍ଦ୍ରଟି ସରକାରୀ କାଗଜକଲମରେ ଚାଲିଥିବାର ଅଭିଯୋଗ ହୋଇଛି । ଏହି କାର୍ଯ୍ୟାଳୟରେ ଦୀର୍ଘ ଦିନ ହେଲା ତାଲା ଝୁଲୁଥିବାର ଅଭିଯୋଗ ହୋଇଛି । ଅପରପକ୍ଷରେ ଏହି କାର୍ଯ୍ୟାଳୟ ଓ ଗ୍ରାହକସେବା କେନ୍ଦ୍ର ନିମନ୍ତେ ସରକାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି । କିନ୍ତୁ ଏହା କୌଣସି କାମରେ ଆସୁନଥିବାର ଅଭିଯୋଗ ହୋଇଛି । ସେହିପରି ଭାବେ ଏହି ଗ୍ରାହକ ସେବା କେନ୍ଦ୍ରକୁ ଲୋକେ ଆସି ଉପଯୁକ୍ତ ସେବା ପାଇନପାରି ନିରାଶରେ ଫେରିବାକୁ ବାଧ ହେଉଛନ୍ତି । ଏହି ସେବାକେନ୍ଦ୍ର ପରିସରରେ ପଂଚାୟତର ବିଭିନ୍ନ ଆସବାପତ୍ର ରଖାଯାଇଥିଲା ବେଳେ ଏହାର ରକ୍ଷଣା ବେକ୍ଷଣା ଅଭାବରୁ ଏହାର ଚତୁପାର୍ଶ୍ୱରେ ଅନାବନା ଗଛଲତା ମାଡି ଯାଇଛି । ଏହି କାର୍ଯ୍ୟାଳୟ ପରିସରରେ ବିଭିନ୍ନ ବିଷାକ୍ତ ସରିସୃପମାନେ ନିର୍ଭୟରେ ବସବାସ କରୁଥିବାର ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ।

# ଦେବଗଡ଼ରେ ବିଜେପି ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ

ଦେବଗଡ଼,୧୩।୦୯(ଅକ୍ଷର ଓଡ଼ିଶା): ଦେବଗଡ଼ ଜିଲ୍ଲା ଭାରତୀୟ ଜନତା ପାର୍ଟି କାର୍ଯ୍ୟାଳୟଠାରେ ଜିଲ୍ଲା ବିଜେପିର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଉପସଭାପତି ଡ. ଯତୀନ ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ, ଜିଲ୍ଲା ସଭାପତି ଅରୁଣ କୁମାର ସାହୁ ଏବଂ ବରିଷ୍ଠ ନେତା ସୁଭାଷ ଚନ୍ଦ୍ର ପାଣିଗ୍ରାହୀଙ୍କ ସମେତ ଦଳର



ବହୁ ପଦାଧିକାରୀ ଓ ମାତୃଶକ୍ତିଙ୍କ ଉପସ୍ଥିତିରେ ବୈଠକ ହୋଇଥିଲା ।ବୈଠକରେ ଦଳର ସାଂଗଠନିକ ସ୍ଥିତି ସମୀକ୍ଷା ସହ ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ଆଲୋଚନା କରାଯାଇଥିଲା । ଲୋକଙ୍କ ସେବାରେ ନିଜକୁ ସମର୍ପିତ କରିଥିବା କାର୍ଯ୍ୟକର୍ତ୍ତାମାନଙ୍କୁ ବରିଷ୍ଠ ନେତୃତ୍ୱ ମାର୍ଗଦର୍ଶନ ପ୍ରଦାନ କରିଥିଲେ ।ଲୋକଙ୍କ ଆକାଂକ୍ଷା ଓ ବିଶ୍ୱାସକୁ ପୂରଣ କରିବା ସହ ଜନସେବା କାର୍ଯ୍ୟକୁ ଆହୁରି ସୁଦୃଢ଼ କରିବା ଦିଗରେ କାର୍ଯ୍ୟକର୍ତ୍ତାମାନେ ନିରନ୍ତର ପ୍ରୟାସ କରିବାକୁ ସଂକଳ୍ପ ନେଇଥିଲେ ।ବୈଠକଟି ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ଏକ ମହାମିଳନର ରୂପ ନେଇଥିବା ବେଳେ, ଏଥିରେ ଅଂଶଗ୍ରହଣ କରିବାକୁ ନେଇ ଦଳୀୟ କାର୍ଯ୍ୟକର୍ତ୍ତାମାନେ ଆନନ୍ଦ ପ୍ରକାଶ କରିଥିଲେ ।

# ପ୍ରତ୍ନତତ୍ତ୍ୱ ବିଭାଗ ନୃତତ୍ତ୍ୱବିଜ୍ଞାନୀ ଅଧୀକ୍ଷକ ଗର୍ବରାଇ ଶୈବପୀଠ ପରିଦର୍ଶନ



ପାପଡାହାଣ୍ଡି,୧୩।୯ (ଅକ୍ଷର ଓଡ଼ିଶା) :ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ନୂଆକୋଟ ସ୍ଥିତ ପ୍ରସିଦ୍ଧ ଶୈବପୀଠ ଗର୍ବରାଇ ମନ୍ଦିରକୁ ପ୍ରତ୍ନତତ୍ତ୍ୱ ବିଭାଗର ନୃତତ୍ତ୍ୱବିଜ୍ଞାନୀ ଅଧୀକ୍ଷକ ଡ. ପିୟୁଷ କୁମାର ସାହୁ ପରିଦର୍ଶନ କରିଛନ୍ତି । ଏହି ପରିଦର୍ଶନ ସମୟରେ ନବରଙ୍ଗପୁରର ପୂର୍ବତନ ସାଂସଦ ପର୍ଶୁରାମ ମାଝୀ ମଧ୍ୟ ଉପସ୍ଥିତ ଥିଲେ ।ପରିଦର୍ଶନ ସମୟରେ ଡ.ସାହୁ ମନ୍ଦିରର ପୁରାତନ ସ୍ଥାପତ୍ୟ, ଐତିହାସିକ ଗୁରୁତ୍ୱ ଓ ପରିବେଶ ସମ୍ପର୍କରେ ଅନୁଧ୍ୟାନ କରିଥିଲେ । ଗର୍ବରାଇ ମନ୍ଦିରର ଐତିହାସିକ ଓ ପ୍ରତ୍ନତାତ୍ତ୍ୱିକ ଗୁରୁତ୍ୱ ଦୃଷ୍ଟିରୁ ଏହାର ସୁରକ୍ଷା ଓ ସଂରକ୍ଷଣ ନେଇ ଆଲୋଚନା ହୋଇଥିବା ଜଣାପଡ଼ିଛି ।ଏହି ଶୈବପୀଠ ୧୧ଶହ ଶତାବ୍ଦୀ ର ବୋଲି କହିବା ସହ ରାଜା ଙ୍କ ଅନେକ କୀର୍ତ୍ତି ଲୁକାୟିତ ଭାବେ ରହିଛି ବୋଲି କହିଥିଲେ ।ସ୍ଥାନୀୟ ଅଞ୍ଚଳରେ ଗର୍ବରାଇ ଶୈବପୀଠ ଏକ ପ୍ରସିଦ୍ଧ ଧାର୍ମିକ ଓ ଐତିହାସିକ ସ୍ଥଳ ଭାବେ ପରିଚିତ ।ଶୈବପୀଠର ଅନୁସନ୍ଧାନ କରାଯିବ ବୋଲି ନୃତତ୍ତ୍ୱବିଜ୍ଞାନୀ ଅଧୀକ୍ଷକ କହିଥିଲେ ।ପ୍ରତ୍ନତତ୍ତ୍ୱ ବିଭାଗର ପରିଦର୍ଶନ ପରେ ମନ୍ଦିରର ସଂରକ୍ଷଣ ଓ ବିକାଶ ଦିଗରେ ଆଗାମୀ ଦିନରେ ପଦକ୍ଷେପ ନିଆଯିବ ବୋଲିସ୍ଥାନୀୟ ମହଲରେ ଆଶା ପ୍ରକାଶ ପାଇଛି ।ଏହି ସମୟରେ ଏଡିଟର ସେଣ୍ଟ୍ରାଲ ଆଡଭାଇଯୋର ସାହିତ୍ୟ ଏକାଡେମୀ ବବିତା ଦାସ,ଲେଖିକା ପ୍ରକାଶିକାପକ୍ଷୀଘର ବବିତା ଦାସ, କୃଷ୍ଣ ଗୌଡ଼ , ଡମ୍ବୁ ପ୍ରଧାନ,ସଞ୍ଜୀବ କୁମାର ବିଷୋୟୀ, ସୁଧାଂଶୁ ଶେଖର ବିଷୋୟୀ,ପୂଜକ ତୁଲାରାମ ମାଝୀ ଉପସ୍ଥିତ ରହିଥିଲେ ।

# ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ଅନଲାଇନ୍ ପଞ୍ଜୀକରଣ ଓ ପରୀକ୍ଷା ପ୍ରସ୍ତୁତି ନେଇ ତାଲିମ

ଖୋର୍ଦ୍ଧା,୧୩/୦୯(ଅକ୍ଷର ଓଡ଼ିଶା): ଖୋର୍ଦ୍ଧାବ୍ଲକ ଅନ୍ତର୍ଗତ ନରଣଗଡ଼ ଆଂଚଳିକ ସାଧନ କେନ୍ଦ୍ର ଆନୁକୂଲ୍ୟରେ ଭୀମେଶ୍ୱର ଦେବ ଉଚ୍ଚବିଦ୍ୟାଳୟ ଶରଧାପୁରଠାରେ ଏକଦିବସୀୟ କ୍ଲଷ୍ଟରସ୍ତରୀୟ ଉଲ୍ଲାସ କାର୍ଯ୍ୟକ୍ରମ ୨୦୨୬-୨୭ ଅନୁଷ୍ଠିତ ହୋଇଯାଇଛି । ନୂତନ ଭାରତ ସାକ୍ଷରତା କାର୍ଯ୍ୟକ୍ରମ ଅଧିନରେ ଆୟୋଜିତ ଏହି କର୍ମଶାଳାରେ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ଉଲ୍ଲାସ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ସମ୍ପର୍କରେ ବିସ୍ତୃତ ତାଲିମ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ତଥା ନରଣଗଡ଼ ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ ରାଜୀବ ଚରଣ ମହାପାତ୍ର ଯୋଗଦେଇ ଉଲ୍ଲାସ କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ, କାର୍ଯ୍ୟପ୍ରଣାଳୀ ଓ ଏହାର ସଫଳ ରୂପାୟଣ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଭୀମେଶ୍ୱର ଦେବ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ବେଣୁଧର ପ୍ରଧାନଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମର ଗୁରୁତ୍ୱ ସମ୍ପର୍କରେ ଅଂଶଗ୍ରହଣକାରୀମାନଙ୍କୁ ଅବଗତ କରାଇଥିଲେ । ନରଣଗଡ଼ କ୍ଲଷ୍ଟର ଅଧୀନସ୍ଥ ୧୦ଟି ବିଦ୍ୟାଳୟରୁ ୩୦ ଜଣ ଶିକ୍ଷକ-ଶିକ୍ଷୟିତ୍ରୀ ଏହି ଏକଦିବସୀୟ ତାଲିମ ଶିବିରରେ ଯୋଗଦେଇଥିଲେ । ଉଲ୍ଲାସ କାର୍ଯ୍ୟକ୍ରମକୁ ବିଦ୍ୟାଳୟସ୍ତରରେ ସୁଚାରୁ ଭାବେ କାର୍ଯ୍ୟକାରୀ କରିବା ସହ ଶିକ୍ଷାର୍ଥୀ ଓ ଶିକ୍ଷାଦାନ ପ୍ରକ୍ରିୟାକୁ ଅଧିକ ପ୍ରଭାବଶାଳୀ କରିବା ନେଇ ତାଲିମ ଦିଆଯାଇଥିଲା । ବିଶେଷକରି ଅନଲାଇନ୍ ପ୍ରକ୍ରିୟାରେ ଶିକ୍ଷାର୍ଥୀଙ୍କ ପଞ୍ଜୀକରଣ, ଶିକ୍ଷାର୍ଥୀଙ୍କ ତଥ୍ୟ ପ୍ରବେଶ, ସ୍ୱେଚ୍ଛାସେବୀ ଶିକ୍ଷକମାନଙ୍କୁ ସଂଯୋଜନ ଓ ପରୀକ୍ଷା ପାଇଁ ଶିକ୍ଷାର୍ଥୀଙ୍କୁ ପ୍ରସ୍ତୁତ କରିବା ଆଦି ବିଷୟରେ ପ୍ରାୟୋଗିକ ତାଲିମ ପ୍ରଦାନ କରାଯାଇଥିଲା । ଅନଲାଇନ୍ ବ୍ୟବସ୍ଥାରେ ତଥ୍ୟ ପ୍ରବେଶ ସମୟରେ ଆବଶ୍ୟକୀୟ ସୂଚନା କିପରି ସଠିକ୍ ଭାବେ ଦାଖଲ କରାଯିବ ଏବଂ ସ୍ୱେଚ୍ଛାସେବୀ ଶିକ୍ଷକମାନଙ୍କୁ ସଠିକ୍ ଭାବେ ସଂଯୋଜନ କରି ଶିକ୍ଷାର୍ଥୀଙ୍କୁ ପରୀକ୍ଷା ନିମନ୍ତେ ପ୍ରସ୍ତୁତ କରାଯିବ, ସେନେଇ ଅଂଶଗ୍ରହଣକାରୀମାନଙ୍କୁ ବୁଝାଇ ଦିଆଯାଇଥିଲା ।

## ଲୁହା ଚାନେଲ ବୋଝେଇ ଟ୍ରକ ଦୁର୍ଘଟଣା

# ରାସ୍ତା ମଝିରେ ଓଲଟି ପଡ଼ିବାରୁ ଯାତାୟାତ ବାଧାପ୍ରାପ୍ତ



ଲକ୍ଷ୍ମୀପୁର ୧୩/୦୯(ଅକ୍ଷର ଓଡିଶା ) କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ୍ ର କୁମ୍ଭାରୀପୁଟ ନିକଟ ଗବେରୀ ପାଖରେ ଏକ ଲୁହା ଚାନେଲ ବୋଝେଇ ୧୪ ଚକିଆ ଟ୍ରକ ଭାରସାମ୍ୟ ହରାଇ ରାସ୍ତା ମଝିରେ ଓଲଟି ପଡ଼ିବାରୁ ଦୁର୍ଘଟଣା ଘଟିଛି । ଫଳରେ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଛି । କେବଳ ଦୁଇଚକିଆ ଯାନ ଚଳାଚଳ କରିପାରୁଥିବା ବେଳେ ଚାରିଚକିଆ ଯାନ ଚଳାଚଳ ସମ୍ପୂର୍ଣ୍ଣ ଭାବେ ବାଧାପ୍ରାପ୍ତ ହୋଇଛି ।ସୂଚନା ଅନୁଯାୟୀ, ଟ୍ରକଟି (ଓଡି-୧୨-ଏବି-୬୫୧୭) ରାୟପୁରରୁ ବିଶାଖାପାଟଣା ଅଭିମୁଖେ ଲୁହା ଚାନେଲ ବୋଝେଇ କରି ଯାଉଥିବା ବେଳେ କୁମ୍ଭାରୀପୁଟ ନିକଟ ଗବେରୀ ପାଖ ମୋଡ଼ଣିରେ ଭାରସାମ୍ୟ ହରାଇ ରାସ୍ତା ମଝିରେ ଓଲଟି ପଡ଼ିଥିଲା । ଟ୍ରକଟି ଓଲଟି ପଡ଼ିବାରୁ ଏଥିରେ ବୋଝେଇ ହୋଇଥିବା ଲୁହା ଚାନେଲଗୁଡ଼ିକ ରାସ୍ତା ଉପରେ ବିଛାଡ଼ି ହୋଇ ପଡ଼ିଥିଲା । ଘଟଣା ସମ୍ପର୍କରେ ବନ୍ଧୁଗାଁ ଥାନାକୁ ସୂଚନା ଦିଆଯିବା ପରେ ପୁଲିସ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଟ୍ରକ ଚାଳକଙ୍କୁ ଉଦ୍ଧାର କରିଥିଲେ । ପରେ ତାଙ୍କୁ ବନ୍ଧୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇ ପ୍ରାଥମିକ ଚିକିତ୍ସା କରାଯାଇଥିଲା । ଚାଳକଙ୍କ ଡାହାଣ ହାତ ଭାଙ୍ଗିଥିବା ଜଣାପଡ଼ିବା ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।ଆହତ ଚାଳକଙ୍କ ନାମ ସଞ୍ଜୟ କୁମାର ଏବଂ ସେ ବିହାର ରାଜ୍ୟର ବୋଲି ଜଣାପଡ଼ିଛି । ଏପଟେ ବନ୍ଧୁଗାଁ ପୁଲିସ ରାସ୍ତା ମଝିରେ ଓଲଟି ପଡ଼ିଥିବା ଟ୍ରକକୁ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା ।

# ସୂଚନା ସ୍ତମ୍ଭ ରାସ୍ତା ପାର୍ଶ୍ୱରେ ପଡି ନଷ୍ଟ ହେଉଛି

ଖଣ୍ଡପଡ଼ା ୧୩।୯ (ଅକ୍ଷର ଓଡ଼ିଶା) ଖଣ୍ଡପଡ଼ା ସହରର ତ୍ରିନାଥ ଛକ ଠାରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପୂର୍ତ୍ତବିଭାଗ ପକ୍ଷରୁ ସ୍ଥାପିତ ହେବାକୁ ଥିବା ସୂଚନା ସ୍ତମ୍ଭ ଓ ହୋର୍ଡିଂଟି ରାସ୍ତା ପାର୍ଶ୍ୱରେ ଗତ ୬ ମାସ ହେଲା ପଡି ନଷ୍ଟ



ହେଉଥିବା ନଜରକୁ ଆସୁଛି ।ଖଣ୍ଡପଡ଼ା ସହରରୁ ବିଭିନ୍ନ ସ୍ଥାନର ଦୂରତ୍ୱ ସଂର୍ପକରେ ସୂଚନା ଦେବା ନିମନ୍ତେ ଉଦ୍ଦିଷ୍ଟ ଏହି ସୂଚନା ସ୍ତମ୍ଭଟି ସ୍ଥାପିତ ହୋଇ ନପାରିବାର କାରଣ କଣ ବୋଲି ପଚାରିଲେ ଖଣ୍ଡପଡ଼ା ପୂର୍ତ୍ତବିଭାଗ କର୍ତ୍ତୃପକ୍ଷ କୌଣସି ସୂଚନା ଦେଉ ନାହାଁନ୍ତି ।ତେବେ 'ସରକାରକା ମାଲ ଦରିଆ ମେ ଡାଲ' ନ୍ୟାୟରେ ସୂଚନା ସ୍ତମ୍ଭଟି ମଧୁବନ ମିନିଷ୍ଟାଡିୟମ ବାହ୍ୟ ପ୍ରାଚୀର ପାର୍ଶ୍ୱରେ ପଡି ରହିଥିବା ଜଣାପଡିଛି ।ଖଣ୍ଡପଡ଼ା ପୂର୍ତ୍ତବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ଓ ନୟାଗଡ ଅଧିକ୍ଷଣ ଯନ୍ତ୍ରୀ ଏଥପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।ଏ ସଂର୍ପକରେ ଖଣ୍ଡପଡା ପୂର୍ତ୍ତବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ରାଧେଶ୍ୟାମ କାଲୋଙ୍କ ସହ ଯୋଗାଯୋଗ କରିବାରେ ସେଥିପ୍ରତି ସେ ଦୃଷ୍ଟି ଦେବେ ବୋଲି କହିଛନ୍ତି ।

# ସୋନପୁରରେ ନିଆରା ଲଙ୍କା ପୋଡି ଉତ୍ସବ ପାଳିତ



ସୁବର୍ଣ୍ଣପୁର:୧୩।୯(ସଂଗ୍ରାମ ମହାପାତ୍ର ) ସୋନପୁର ଜିଲ୍ଲା ରେ ଭାଦ୍ରବ ମାସ ରେ ଧୁମ ଧାମ ରେ ସପ୍ତ ପୁରୀ ଅମାବାସ୍ୟା ଅନୁଷ୍ଠିତ ହୋଇ ଯାଇଛି । ଆଜି ସୋନପୁର ସହର ର ନିଆରା ଲଙ୍କା ପୋଡି ଉତ୍ସବ ବା ପୋଡା ଉଆଁସ ପାଳନ କରା ଯାଇଛି । ଏହି ଅବସରରେ ଆଜି ସକାଳୁ କୁନି କୁନି ପୁଅ ଝିଅ ମାନେ କୁଣ୍ଡି କାଟି ଘରେ ଖେଳିବା ସହ କାଠ ନିର୍ମିତ ବିଭିନ୍ନ ପ୍ରକାର ଘୋଡା, ହାତୀ ବାଘ, ସିଂହ, ଟାଣି ରାଜା ରାସ୍ତା ରେ ଟାଣି ମଜା ନେଉଥିଲେ ସେହିପରି ସୂର୍ଯ୍ୟାସ୍ତ ପରେ ଅମାବାସ୍ୟା ଘନ ଅନ୍ଧକାର ରେ ସହର ତଥା ଆଖ ପାଖ ଅଂଚଳ ର ଛୋଟ ଛୋଟ ପିଲା ମାନେ ମାଟି ତିଆରି ହନୁମାନ ଲାଞ୍ଜ ରେ ଅଗ୍ନି ସଂଯୋଗ କରି ରାସ୍ତା ରେ ବୁଲୁ ଥିଲେ । ସେହି ସମୟ ରେ ହନୁମାନ ଧ୍ୱନି ରେ ସହର ପ୍ରକମ୍ପିତ ହୋଇ ଉଠୁଥିଲା କ୍ଷ ଲଙ୍କା ପୋଡି ଦୃଶ୍ୟ କୁ ଦେଖିବା ପାଇଁ ଶହ ଶହ ଲୋକ ଙ୍କ ସମାଗମ ହୋଇ ଥିଲା । ଉଲ୍ଲେଖନିୟ ଯେ ସୋନପୁର କୁ ରାମାୟଣ ବର୍ଣିତ ପଶ୍ଚିମ ଲଙ୍କା ବୋଲି ବିଶିଷ୍ଟ ଐତିହାସିକ ସ୍ୱର୍ଗତ ଡ଼ ନିବନ କୁମାର ସାହୁ ମତ ପୋଷଣ କରିଛନ୍ତି । ଲଙ୍କା ଗଡ଼ର ଦେବି ଲଙ୍କେଶ୍ୱରୀ ଆର୍ଜ୍ଜି ସୋନପୁର ସହର ନିକଟସ୍ଥ ମହାନଦୀ ଭିତରେ ଗୋଟେ ଜାଗା ରେ ପୂଜା ପାଉଛନ୍ତି । ସେହି ସ୍ମୃତି କୁ ବହନ କରି ପ୍ରତି ମାସ ଭାଦ୍ରବ ସପ୍ତପୁରୀ ଅମାବାସ୍ୟା ରେ ଏଠାରେ ଲଙ୍କା ପୋଡି ଉତ୍ସବ ପାଳିତ ହୋଇ ଥାଏ ଅମାବାସ୍ୟା ଅନ୍ଧାରରେ ସାରା ସହର ହଠାତ୍ ଆଲୋକିତ ହୋଇଉଠେ । ଶହ ଶହ ହନୁମାନ ଲାଂଜରେ ନିଆଁ ଲଗେଇ ବାହାରି ପଡନ୍ତି ଶୋଭାଯାତ୍ରାରେ ।ଲାଂଜ ଅଗରେ ମଶାଲ୍ ଲଗେଇ ଅବା ଶୁଖିଲା ଗୋବର ଭର୍ତି ମାଟି ସରେଇ ରେ ନିଆଁ ଧରେ ଦିଆଯାଏ ।ହନୁମାନ ଦେହସାରା ରଂଗ ବେରଂଗ ଚିତ୍ର, ବେକରେ ମନ୍ଦାର ଫୁଲର ମାଳା, ଚାରି ପାଖେ ତାଳ ପତ୍ରର ମଣ୍ଡଣୀ ଓ ପାଦରେ ବାଉଁଶ ଗଳେଇ ଲଗା ଯାଇଥାଏ ଚାରୋଟି ଚକ ଓ ଏହା ଦେଖିବାକୁ ସୁନ୍ଦର ଲାଗିଥାଏ । ଆଜି ର ଏହି ଆଧୁନିକତା ସଭ୍ୟତା ଭିତରେ ବଞ୍ଚି ରହିଛି ଏହି ପରମ୍ପରା ଲଙ୍କାପୋଡି ଉତ୍ସବ ଯାକୁ ନେଇଁ ସହର ଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ପାଳିତ ହୁଏ ଅତି ଧୁମଧାମ ରେ ।

## ବ୍ରିକ୍ସ ସମ୍ମିଳନୀରେ କୋରାପୁଟ କଫି

# ବିଶ୍ୱ ଦରବାରରେ କୋରାପୁଟର ନୂଆ ପରିଚୟ

କୋରାପୁଟ ୧୩/୦୯ (ସମୀର )କୋରାପୁଟ କଫିର ସ୍ୱତନ୍ତ୍ର ସ୍ୱାଦ ଓ ସୁଗନ୍ଧ ଏବେ ବିଶ୍ୱ ଦରବାରରେ ଆହୁରି ପରିଚିତ ହେବାର ସୁଯୋଗ ପାଇଛି । ନୂଆଦିଲ୍ଲୀରେ ଅନୁଷ୍ଠିତ ୧୮ତମ ବ୍ରିକ୍ସ ଶିଖର ସମ୍ମିଳନୀରେ ଯୋଗଦେଇଥିବା ପ୍ରାୟ ୧୩୦୦ ଦେଶୀ ଓ ବିଦେଶୀ ସାମ୍ବାଦିକଙ୍କୁ ପ୍ରଦାନ କରାଯାଇଥିବା ସ୍ୱତନ୍ତ୍ର ଉପହାରରେ ଅନ୍ୟାନ୍ୟ ଭାରତୀୟ ଉତ୍ପାଦ ସହିତ ଓଡ଼ିଶାର କୋରାପୁଟ କଫି ସ୍ଥାନ ପାଇଛି ।ଏହା କୋରାପୁଟ ତଥା ସମଗ୍ର ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ କୁହାଯାଇଛି ।ଏହି ଗୌରବମୟ ଅବସରରେ କୋରାପୁଟର ସମସ୍ତ କଫିଚାଷୀ, କଫି ଉତ୍ପାଦନ ଓ ବିପଣନ ସହ ଜଡ଼ିତ ବ୍ୟକ୍ତିବିଶେଷ ଏବଂ କୋରାପୁଟ ଜିଲ୍ଲା ପ୍ରଶାସନଙ୍କୁ ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଛି ।ବ୍ରିକ୍ସ ଭଳି ବିଶ୍ୱସ୍ତରୀୟ ସମ୍ମିଳନୀରେ କୋରାପୁଟ କଫି ସ୍ଥାନ ପାଇବା ଦ୍ୱାରା ଏହାର ପ୍ରଚାର ଓ ପ୍ରସାର ଅନ୍ତର୍ଜାତୀୟ ସ୍ତରରେ ଆହୁରି ବ୍ୟାପକ ହେବ ।ଏହା କୋରାପୁଟ କଫିକୁ ବିଶ୍ୱବଜାରରେ ଏକ ସ୍ୱତନ୍ତ୍ର ପରିଚୟ ଦେବା ସହ କଫିଚାଷୀମାନଙ୍କ ପାଇଁ ନୂଆ ବଜାର ଓ ଅଧିକ ଆୟର ସୁଯୋଗ ସୃଷ୍ଟି କରିବ ବୋଲି ମଞ୍ଚ ଆଶା ପ୍ରକାଶ କରିଛି ।କୋରାପୁଟ କଫିର ଏହି ସଫଳତା ସ୍ଥାନୀୟ ଉତ୍ପାଦକୁ ବିଶ୍ୱସ୍ତରୀୟ ପରିଚୟ ଦେବାର ଏକ ଉଲ୍ଲେଖନୀୟ ଉଦାହରଣ । ଏହା କୋରାପୁଟର କଫିଚାଷୀଙ୍କ ମନୋବଳ ବଢ଼ାଇବା ସହ ଜିଲ୍ଲାରେ କଫିଚାଷକୁ ଆହୁରି ପ୍ରୋତ୍ସାହନ ଦେବ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି ।ଏହାପୂର୍ବରୁ ଦେଶର ପ୍ରଧାନମନ୍ତ୍ରୀ ତାଙ୍କ 'ମନ କି ବାତ' କାର୍ଯ୍ୟକ୍ରମରେ କୋରାପୁଟ କଫିର ପ୍ରଶଂସା କରିଥିଲେ ।ଏବେ ବ୍ରିକ୍ସ ଭଳି ଏକ ଅନ୍ତର୍ଜାତୀୟ ମଞ୍ଚରେ କୋରାପୁଟ କଫିର ଉପସ୍ଥିତି ଏହାର ବିଶ୍ୱସ୍ତରୀୟ ପରିଚୟକୁ ଆହୁରି ସୁଦୃଢ଼ କରିଛି ।




ସୋମବାର ୧୪।୦୯।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା




### କନିଷ୍ଠ ମହିଳା ଏସିଆ କପ୍

## ସୁପ୍ରିୟାଙ୍କ ହ୍ୟାଟ୍ରିକ୍, ଫାଇନାଲରେ ଭାରତ

ମୋକି (ଚୀନ) ୧୩/୦୯ : ଡ୍ରାଗ୍-ଫ୍ଲିକ୍ ବିଶେଷଜ୍ଞ ସୁପ୍ରିୟାଙ୍କ ଚମତ୍କାର ହ୍ୟାଟ୍ରିକ୍ ବଳରେ ଭାରତୀୟ ହକି ଦଳ ଏଏଚ୍ଏଫ୍ କନିଷ୍ଠ ମହିଳା ଏସିଆ କପ୍ ଫାଇନାଲରେ ପ୍ରବେଶ କରିଛି। ଶନିବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଭାରତ ୫-୧ ଗୋଲ୍‌ରେ ଦକ୍ଷିଣ କୋରିଆକୁ ପରାସ୍ତ କରିଛି। ଡିଫେଣ୍ଡିଂ ଚାମ୍ପିଅନ୍ ଭାରତ ଏହି ବିଜୟ ସହ ଟାଇଟଲ୍ ବଜାୟ ରଖିବାର ଦାବିକୁ ଆହୁରି ମଜଭୁତ କରିଛି।ପ୍ରଥମ କ୍ୱାର୍ଟରରେ ଉଭୟ ଦଳ ସତର୍କତାର ସହ ଖେଳିଥିଲେ। ତେବେ ୧୩ତମ ମିନିଟ୍‌ରେ ମଧୁ ସିଦାରଙ୍କ ଗୋଲ୍‌ରେ ଭାରତ ଅଗ୍ରଣୀ ହୋଇଥିଲା।୧୭ତମ ମିନିଟ୍‌ରେ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ସୁପ୍ରିୟା ଚମତ୍କାର ଡ୍ରାଗ୍-ଫ୍ଲିକ୍‌ରେ ଗୋଲ୍‌ରେ ପରିଣତ କରି ଦଳର ଅଗ୍ରଣୀକୁ ୨-୦ କରିଥିଲେ। ୨୧ତମ ମିନିଟ୍‌ରେ ସୁଖବୀର କୌରଙ୍କ ଗୋଲ୍‌ରେ ଭାରତ ୩-୦ରେ ଆଗୁଆ ହୋଇଥିଲା। ଦ୍ୱିତୀୟାର୍ଦ୍ଧର ୩୩ତମ ମିନିଟ୍‌ରେ ସୁପ୍ରିୟା ଆଉ ଏକ ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ପରିଣତ କରି ନିଜର ଦ୍ୱିତୀୟ ଗୋଲ୍ କରିଥିଲେ। ୪୧ତମ ମିନିଟ୍‌ରେ ୟୁରି ଜିଅଙ୍ଗ ଦକ୍ଷିଣ କୋରିଆ ପାଇଁ ଗୋଟିଏ ଗୋଲ୍ ଶୁଝାଇଥିଲେ। ଭାରତ ଶେଷ ପର୍ଯ୍ୟନ୍ତ ଚାପ ବଜାୟ ରଖି ୫୬ତମ ମିନିଟ୍‌ରେ ପୁଣି ପେନାଲ୍ଟି କର୍ଣ୍ଣର ପାଇଥିଲା। ସୁପ୍ରିୟା ଏହାକୁ ଗୋଲ୍‌ରେ ପରିଣତ କରି ହ୍ୟାଟ୍ରିକ୍ ପୂରଣ କରିବା ସହ ଭାରତକୁ ୫-୧ର ବଡ଼ ବିଜୟ ଦେଇଥିଲେ। ଭାରତ ରବିବାର ଫାଇନାଲରେ ଚୀନ୍‌କୁ ଭେଟିବ। ପୁରୁଷ ବର୍ଗ ଫାଇନାଲ୍‌ରେ ମଧ୍ୟ ଭାରତ ରବିବାର କୋରିଆକୁ ଭେଟିବ।

# ଆଦ୍ୱିକାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦେଲା ଡିଏନ୍ ୱିଜ୍‌ଡମ୍

## ୧ ଲକ୍ଷ ପୁରସ୍କାର, ସ୍କୁଲ୍ ଫି' ଛାଡ଼, ମିଳିବ ନିରନ୍ତର ସମର୍ଥନ

ଭୁବନେଶ୍ୱର ୧୩/୦୯: ଓଡ଼ିଶା ସନ୍ତରଣ ଦୁନିଆରେ ଆକସ୍ମିକ ଭାବେ ଆବିର୍ଭାବ ହୋଇଥିବା ଯୁବା ପ୍ରତିଭା ଆଦ୍ୱିକା ଉତ୍କଳଙ୍କୁ ଶୁକ୍ରବାର ଭୁବନେଶ୍ୱରରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏଥି ସହିତ ତାଙ୍କ ଖେଳ ଜୀବନକୁ ଆହୁରି ଉଚ୍ଚ ସୋପାନକୁ ନେବାକୁ ପ୍ରତିଶ୍ରୁତି ବି ମିଳିଯାଇଛି। ଆଦ୍ୱିକାଙ୍କୁ ତାଙ୍କ ସ୍କୁଲ୍ 'ଦ ଡିଏନ୍ ୱିଜଡମ୍ ଟ୍ରି ଗ୍ଲୋବାଲ୍ ସ୍କୁଲ ଏବଂ ଡିଏନ୍ ଗ୍ରୁପ୍' ଏହି ସମ୍ବର୍ଦ୍ଧନା ଦେଇ ଉତ୍ସାହିତ କରିଛି। ଏହା ସ୍କୁଲ୍‌ର ଅନ୍ୟ ଖେଳାଳିମାନଙ୍କୁ ବି ଉତ୍ସାହିତ କରିବ ବୋଲି ଆଶା କରାଯାଇଛି।ଶୁକ୍ରବାର ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ଡିଏନ୍ ଗ୍ରୁପ୍ ଅଧ୍ୟକ୍ଷ ଜଗଦୀଶ ପ୍ରସାଦ ନାଏକ ଆଦ୍ୱିକା ଉତ୍କଳଙ୍କୁ ୧,୦୦,୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିବା ସହିତ ବିଦ୍ୟାଳୟର ସମସ୍ତ ଦେୟକୁ ଛାଡ଼ କରି ଦେଇଛନ୍ତି। ଏଥି ସହିତ ଭବିଷ୍ୟତରେ ଆଦ୍ୱିକାଙ୍କ ସମସ୍ତ କ୍ରୀଡ଼ା ପ୍ରତିଯୋଗିତା ଖର୍ଚ୍ଚ ବହନ କରିବାକୁ ପ୍ରତିଶ୍ରୁତି ବି ଦେଇଛନ୍ତି। ଆଦ୍ୱିକାଙ୍କ ମାଇଲଖୁଣ୍ଟ ପ୍ରଦର୍ଶନ ପାଇଁ ଶ୍ରୀ ନାୟକ ଖୁସିରେ ଗର୍ବିତ ଓ ଗୌରବାନ୍ୱିତ ହୋଇଛନ୍ତି। ଆଦ୍ୱିକାଙ୍କ ବ୍ୟାଙ୍କକ୍ ସଫଳତା ତାଙ୍କ ତ୍ୟାଗ, କଠିନ ପରିଶ୍ରମ ଓ ନିରଂତର ଉତ୍ସାହର ପ୍ରତିବଦ୍ଧତାକୁ ପ୍ରମାଣିତ କରିଛି ବୋଲି ସେ ପ୍ରକାଶ କରିଛନ୍ତି। ଅନ୍ତର୍ଜାତୀୟ ମଞ୍ଚରେ ଜାତୀୟ ପତାକାକୁ ଉଚ୍ଚାରେ ଉଡ଼ାଇବା ଫଳରେ ଆଦ୍ୱିକା ଦ ଡିଏନ୍ ୱିଜଡମ୍ ଟ୍ରି ଗ୍ଲୋବାଲ୍ ସ୍କୁଲ୍‌ର ସମଗ୍ର ସମ୍ପ୍ରଦାୟ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଥାଇଲାଣ୍ଡର ବ୍ୟାଙ୍କକ୍‌ରେ ଅନୁଷ୍ଠିତ ଏସୀୟ ସ୍କୁଲ୍ ଆମନ୍ତ୍ରଣୀୟ ସର୍ଟ କୋର୍ସ ସନ୍ତରଣ ପ୍ରତିଯୋଗିତାରେ ୮ ବର୍ଷୀୟା ଆଦ୍ୱିକା ଚମତ୍କାର ପ୍ରଦର୍ଶନ କରି ଓଡ଼ିଶାର ନାମକୁ ଉଚ୍ଚକୁ ନେଇଛନ୍ତି। ବ୍ୟକ୍ତିଗତ ଭାବେ ଏହି କଟକ ଝିଅ ୫ ସ୍ୱର୍ଣ୍ଣ ଓ ୨ ରୌପ୍ୟ ପଦକ ଜିତିଛନ୍ତି। ଏହା ମଧ୍ୟରେ ଗୋଟିଏ ଲେଖାଏଁ ରିଲେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ସାମିଲ ରହିଛି। ୩ଟି ବର୍ଗରେ ମଧ୍ୟ ନୂଆ ରେକର୍ଡ କରିଛନ୍ତି। ଆଦ୍ୱିକା ୫୦ ମିଟର ଫ୍ରିଷ୍ଟାଇଲ୍ (୩୩.୧୦ ସେକେଣ୍ଡ), ୨୫ ମିଟର ଫ୍ରିଷ୍ଟାଇଲ୍ (୧୫.୫୭ ସେକେଣ୍ଡ), ୨୫ ମିଟର ବଟରଫ୍ଲାଏ (୧୬.୬୭ ସେକେଣ୍ଡ)ରେ ଜିତିଥିବା ୩ ସ୍ୱର୍ଣ୍ଣ ନିଜ ବୟସ ବର୍ଗରେ ରେକର୍ଡ କରିଥିଲେ। ଏହା ଛଡ଼ା ସେ ୫୦ ମିଟର ବଟରଫ୍ଲାଏ (୩୮.୪୬ ସେକେଣ୍ଡ) ରୌପ୍ୟ ଏବଂ ୨୫ ଗୁଣା ୪ ଇଣ୍ଡିଭିଜୁଆଲ୍ ମେଡଲି (୧:୩୨.୨୦) ସ୍ୱର୍ଣ୍ଣ ପଦକ ଜିତିଥିଲେ। ୪ ଗୁଣା ୫୦ ମିଟର ବାଳିକା ଫ୍ରିଷ୍ଟାଇଲ୍ ରିଲେରେ ସ୍ୱର୍ଣ୍ଣ ଏବଂ ଏହାର ମିଶ୍ରିତ ଫ୍ରିଷ୍ଟାଇଲ୍ ରିଲେରେ ରୌପ୍ୟ ପଦକ ହାସଲ କରିଥିଲେ। ଗ୍ରୁପ୍ ପ୍ରତିଯୋଗିତା ବିଜୟରେ ବି ସେ ଅଂଶ ବିଶେଷ ଥିଲେ। ତାଙ୍କ ଇଂଜିନିୟର ପିତାମାତା ଉତ୍କଳ କିଶୋର ସ୍ୱାଇଁ ଏବଂ ଗାୟତ୍ରୀରାଣୀ ତ୍ରିପାଠୀ ଏବେ ନିୟମିତଭାବେ ଆଦ୍ୱିକାଙ୍କୁ ଜଣେ ପ୍ରତିଷ୍ଠିତ ଖେଳାଳି ଭାବେ ଗଢ଼ିତୋଳିବା କାମରେ ଲାଗି ପଡ଼ିଛନ୍ତି।




## ଆତ୍ମହତ୍ୟା ଧମକ ମତ ବଦଳାଇଲେ ଦିବ୍ୟାଂଶୀ

ନୂଆଦିଲ୍ଲୀ ୧୩/୦୯ : ଆତ୍ମହତ୍ୟା ଧମକ ଦେବାର ଗୋଟିଏ ଦିନ ପରେ ମତ ପରିବର୍ତ୍ତନ କରିଛନ୍ତି ୧୮ ବର୍ଷୀୟା ଉଶୁ ଖେଳାଳି ଦିବ୍ୟାଂଶୀ ଚୌଧୁରୀ। ଭାରତର ଏସୀୟ କ୍ରୀଡ଼ା ଦଳରୁ ଶେଷ ମୁହୂର୍ତ୍ତରେ ବାଦ୍ ପଡ଼ିବା ପରେ ମାନସିକ ଭାବେ ଭାଙ୍ଗି ପଡ଼ି ସେ ଏକ ଭିଡିଓ ବାର୍ତ୍ତାରେ ଆତ୍ମହତ୍ୟାର ଧମକ ଦେଇଥିଲେ। ଏବେ ସେ ବାଦ୍ ପଡ଼ିବାର କାରଣ ବୁଝି ଯାଇଛନ୍ତି। ତାଙ୍କୁ ଖେଳ ଅପେକ୍ଷା ସ୍ୱାସ୍ଥ୍ୟ ବେଶୀ ଗୁରୁତ୍ୱପୂର୍ଣ୍ଣ। ପ୍ରତିଯୋଗିତାକୁ ଫେରିବାକୁ ହେଲେ ପୂରା ଠିକ୍ ହେବା ଆବଶ୍ୟକ ବୋଲି ମହାସଂଘର ଅଧିକାରୀମାନେ ବୁଝାଇବା ପରେ ସେ ମତ ପରିବର୍ତ୍ତନ କରିଛନ୍ତି। ଆଣ୍ଠୁ ଜନିତ ଆଘାତ ସମସ୍ୟାରୁ ସୁସ୍ଥଦିବ୍ୟାଂଶୀ କହିଛନ୍ତି ଯେ "ଆମ ମହାସଂଘ ମୋତେ ଅନେକ କଥା ବୁଝାଇଥିଲେ। ସେମାନେ କହିଥିଲେ ମହାସଂଘ ପାଇଁ ଖେଳାଳିଙ୍କ ସ୍ୱାସ୍ଥ୍ୟ ହେଉଛି ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ ମହାସଂଘ ଚାହୁଁଛି ଯେ ପ୍ରଥମେ ମୁଁ ଆଣ୍ଠୁ ଜନିତ ଆଘାତ ସମସ୍ୟାରୁ ସୁସ୍ଥ ହୁଏ। ସୁସ୍ଥ ହେଲା ପରେ ପଡ଼ିଆକୁ ଫେରିବି। ସେତେବେଳେ ମୋତେ ଲାଗୁଥିଲା ଯେ ମହାସଂଘ ମୋ ସାଥୀରେ ନାହିଁ। କିନ୍ତୁ ବାସ୍ତବରେ ମହାସଂଘ ମୋ ସହ ଅଛି। ସମସ୍ତେ ମୋତେ ସହଯୋଗ କଲେ ଏବଂ ସବୁକିଛି ବୁଝାଇଲେ। ବର୍ତ୍ତମାନ ମୁଁ ବୁଝିପାରିଛି ଯେ ସମସ୍ତେ ମୋ ସହିତ ଅଛନ୍ତି। ମହାସଂଘ ଓ ରୋଶିବିନା ଦିଦିଙ୍କ ପ୍ରତି ମୋର ଯେଉଁ ଧାରଣା ଥିଲା ତାହା ଭୁଲ୍"। ଦିବ୍ୟାଂଶୀ ପୂର୍ବରୁ ଅଭିଯୋଗ କରିଥିଲେ ଯେ "ଦୁଇଥର ଏସୀୟ କ୍ରୀଡ଼ା ପଦକ ବିଜେତା ରୋଶିବିନା ଦେବୀ ନାଓରେମ୍‌ଙ୍କ ବିପକ୍ଷରେ ଚୂଡ଼ାନ୍ତ ଚୟନ ପରୀକ୍ଷାରେ ଜିତିବା ସତ୍ତ୍ୱେ ତାଙ୍କୁ ଶେଷ ମୁହୂର୍ତ୍ତରେ ଏସୀୟ କ୍ରୀଡ଼ା ଦଳରୁ ବାଦ୍ ଦିଆଯାଇଛି। ରୋଶିବିନା ଦିଦିଙ୍କ ଦ୍ୱାରା ସେ ମାନସିକ ନିର୍ଯାତନାର ଶିକାର ହୋଇଥିଲେ ଏବଂ ଏଥିରେ ତାଙ୍କ ପରିବାର ମଧ୍ୟ ପ୍ରଭାବିତ ହୋଇଥିଲା। ଗତ ଜୁନ୍ ମାସରୁ ଏଭଳି ନିର୍ଯାତନାର ଶିକାର ହୋଇ ଆସୁଛନ୍ତି"। ହେଲେ ଭାରତୀୟ ଉଶୁ ମହାସଂଘ କହିଥିଲା ଯେ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ତାଙ୍କ ଆଘାତ ସମସ୍ୟାର ଯାଞ୍ଚ ପରେ ଫିଟ୍ ଘୋଷିତ ନ କଲେ ସେ ପ୍ରତିଯୋଗିତାରୁ ଦୂରେଇ ରହିବେ।




## ଭିଏତ୍‌ନାମ୍ ଓପନ୍ ଈଶା ଉପବିଜୟିନୀ

ହୋଚିମିନ୍ ସିଟି ୧୩/୦୯ : ଚଳିତ ଭିଏତ୍‌ନାମ ଓପନ୍ ବିଡବ୍ଲ୍ୟୁଏଫ୍ ସୁପର ୧୦୦ ପ୍ରତିଯୋଗିତାର ମହିଳା ଏକକରେ ଭାରତୀୟ ତାରକା ଈଶା ବରୁଆ ଉପବିଜେତାରେ ସନ୍ତୁଷ୍ଟ ରହିଛନ୍ତି। ରବିବାର ଫାଇନାଲ୍‌ରେ ଏହି ଭାରତୀୟ ୨୨ ବର୍ଷୀୟା ଯୁବତୀ ୮-୨୧, ୧୫-୨୧ରେ ଥାଇଲାଣ୍ଡର ସାରୁନରାକ ଭିଟିଦ୍‌ସର୍ନଙ୍କଠୁ ହାରି ଯାଇଥିଲେ। ୪ ବର୍ଷ ପରେ ଉଭୟ ପ୍ରଥମ ଥର ମୁହାଁମୁହିଁ ହୋଇଥିଲା ବେଳେ ସାରୁନରାକ୍ ବିଜୟୀ ହୋଇ ବ୍ୟବଧାନକୁ ୨-୦ରେ ପହଞ୍ଚାଇଛନ୍ତି। ଏକମାତ୍ର ଭାରତୀୟ ଭାବେ ଫାଇନାଲ୍ ଖେଳିଥିବା ଖେଳାଳି ଶେଷ ଥର ଲାଗି ୨୦୨ରେ ଇଣ୍ଡିଆ ଜୁନିୟର ଇଣ୍ଟରନ୍ୟାସନାଲ୍ ଗ୍ରାଣ୍ଡ ପ୍ରିକ୍ସରେ ସାରୁନରାକ୍‌ଙ୍କଠୁ ଈଶା ହାରିଥିଲେ। ଏହା ଈଶାଙ୍କ ଦ୍ୱିତୀୟ ବିଡବ୍ଲ୍ୟୁଏଫ୍ ଟୁର୍ ୧୦୦ ପ୍ରତିଯୋଗିତା ଫାଇନାଲ୍ ଥିଲା। ଏହା ପୂର୍ବରୁ ଗତ ବର୍ଷ ଡିସେମ୍ବରରେ ଓଡ଼ିଶା ମାଷ୍ଟର୍ସ ଫାଇନାଲ୍‌ରେ ସାଥୀ ଭାରତୀୟ ଖେଳାଳି ଉନ୍ନତି ହୁଡାଙ୍କଠୁ ହାରି ଉପବିଜେତାରେ ସନ୍ତୁଷ୍ଟ ରହିଥିଲେ। ଚଳିତ ପ୍ରତିଯୋଗିତାରେ ଏକମାତ୍ର ଭାରତୀୟ ଭାବେ ଫାଇନାଲ୍ ଖେଳିଥିବା ଈଶା ସେମିଫାଇନାଲ୍‌ରେ ନିଜ ଦେଶର ତାରକା ଖେଳାଳି ତନ୍ୱୀ ଶର୍ମାଙ୍କୁ ପରାସ୍ତ କରିଥିଲେ।



### ୟୁଏସ୍ ଓପନ୍‌ରେ ରିବାକିନା ଯୁଗଳ ସଫଳତା

## ନୂଆ ବିଜେତା ସହ ବିଶ୍ୱର ୧ନଂ ଖେଳାଳି ହେଲେ




ନ୍ୟୁୟର୍କ ୧୩/୦୯ :ରୁଷୀୟ ଜନ୍ମିତ କାଜାଖସ୍ତାନ ଖେଳାଳି ଏଲିନା ରିବାକିନା ରବିବାର ଯୁଗଳ ସଫଳତା ପାଇଛନ୍ତି। ଏଠାରେ ଚାଲିଥିବା ୟୁଏସ୍ ଓପନ୍ ଟେନିସ୍ ପ୍ରତିଯୋଗିତାରେ ଦ୍ୱିତୀୟ ମାନ୍ୟତାପ୍ରାପ୍ତ ରିବାକିନା ନୂଆ ୟୁଏସ୍ ଓପନ୍ ବିଜୟିନୀ ହେବା ସହ ବିଶ୍ୱର ୧ ନମ୍ବର ଖେଳାଳି ହୋଇଛନ୍ତି। ମହିଳା ଏକକ ଫାଇନାଲ୍‌ରେ ୨୭ ବର୍ଷୀୟା ଏହି ଅଷ୍ଟ୍ରେଲିଆ ଓପନ୍ ବିଜୟିନୀ ୬-୪, ୫-୭, ୬-୨ ସେଟ୍‌ରେ ଶୀର୍ଷ ମାନ୍ୟତାପ୍ରାପ୍ତ ବେଲାରୁଷ ଲଳନା ଆରିନା ସାବାଲେଙ୍କାଙ୍କୁ ପରାସ୍ତ କରିଛନ୍ତି।ଟ୍ରଫି ସଂଖ୍ୟା ୩ରେ ଏଥିସହ ୨୦୨୨ରେ ୱିମ୍ବଲଡନ୍ ଜିତିଥିବା ରିବାକିନା ଚଳିତ ବର୍ଷ ଦ୍ୱିମୁକୁଟ ହାସଲ କର ନିଜ ଗ୍ରାଣ୍ଡ ସ୍ଲାମ୍ ଟ୍ରଫି ସଂଖ୍ୟା ୩ରେ ପହଞ୍ଚାଇଛନ୍ତି। ଆର୍ଥର ଏସ୍ ଷ୍ଟାଡିୟମ୍‌ରେ ବିଶ୍ୱର ୧-୨ ଖେଳାଳିଙ୍କ ମଧ୍ୟରେ ଖେଳାଯାଇଥିବା ଏହି କଡ଼ା ସଂଘର୍ଷପୂର୍ଣ୍ଣ ଫାଇନାଲ୍‌ର ପ୍ରଥମ ସେଟ୍ ସାବାଲେଙ୍କା ହାରିବା ପରେ ପ୍ରତ୍ୟାବର୍ତ୍ତନ କରି ଦ୍ୱିତୀୟ ସେଟ୍ ଜିତି ନେଇଥିଲେ। ହେଲେ ନିର୍ଣ୍ଣାୟକ ସେଟ୍‌କୁ ରିବାକିନା ସହଜରେ ଜିତି ଟ୍ରଫି ନିଶ୍ଚିତ କରିବା ସହ ୫.୫ ମିଲିୟନ ଡଲାର (ପ୍ରାୟ ୫୨.୫୫ କୋଟି ଟଙ୍କା) ପକେଟସ୍ଥ କରିଥିଲେ। ଏଥିସହ ସେ ୟୁଏସ୍ ଓପନ୍‌ରେ ୨୦୨୪ ଓ ୨୦୨୫ ବିଜୟିନୀ ସାବାଲେଙ୍କାଙ୍କ ଲଗାତାର ୧୯ ମ୍ୟାଚ୍ ବିଜୟରେ ରୋକ୍ ଲଗାଇଥିଲେ। ୨୦୨୩ ଫାଇନାଲ୍‌ରେ କୋକୋ ଗେଫ୍‌ଙ୍କଠୁ ହାରିବା ପରଠୁ ୨୮ ବର୍ଷୀୟା ସାବାଲେଙ୍କା ଫ୍ଲସିଂ ମିଡୋଜ୍‌ରେ ଆଉ ପରାଜୟର ମୁହଁ ଦେଖି ନଥିଲେ।

## ହାରିସନ୍-ସ୍କୁପ୍‌ସ୍କିଙ୍କୁ ପୁରୁଷ ଯୁଗଳ ଟ୍ରଫି



ନ୍ୟୁୟର୍କ ୧୩/୦୯: ଚଳିତ ୟୁଏସ୍ ଓପନ୍ ଟେନିସ୍ ପ୍ରତିଯୋଗିତାର ପୁରୁଷ ଯୁଗଳ ବର୍ଗରେ ଚାମ୍ପିୟନ୍ ହୋଇଛନ୍ତି ଆମେରିକାର କ୍ରିଷ୍ଟିଆନ୍ ହାରିସନ୍ ଓ ବ୍ରିଟେନ୍‌ର ନିଲ୍ ସ୍କୁପ୍‌ସ୍କି। ଫାଇନାଲ୍‌ରେ ପଞ୍ଚମ ମାନ୍ୟତାପ୍ରାପ୍ତ ଏହି ଯୋଡ଼ି ଚମତ୍କାର ପ୍ରଦର୍ଶନ କରି ଟ୍ରଫି ହାତେଇଛନ୍ତି। ଫାଇନାଲ୍ ମୁକାବିଲାରେ ହାରିସନ୍-ସ୍କୁପ୍‌ସ୍କି ଯୋଡ଼ି ଷଷ୍ଠ ମାନ୍ୟତାପ୍ରାପ୍ତ ଜର୍ମାନୀର କେଭିନ୍ କ୍ରାୱିଜ୍ ଓ ଟିମ୍ ପୁଏଜ୍‌ଙ୍କୁ ସିଧାସଳଖ ସେଟ୍‌ରେ ପରାସ୍ତ କରିଥିଲେ। ଉଭୟ ଯୋଡ଼ିଙ୍କ ମଧ୍ୟରେ ଜୋରଦାର ଲଢ଼େଇ ହୋଇଥିଲେ ମଧ୍ୟ ଶେଷରେ ହାରିସନ୍-ସ୍କୁପ୍‌ସ୍କି ୬-୪, ୭-୬ ସେଟ୍‌ରେ ବିଜୟୀ ହୋଇଥିଲେ। ହାରିସନ୍ ଓ ସ୍କୁପ୍‌ସ୍କିଙ୍କ ଦ୍ୱିତୀୟ ଗ୍ରାଣ୍ଡ ସ୍ଲାମ୍ ଟାଇଟଲ୍ ଏହି ବିଜୟ ସହ ହାରିସନ୍ ଓ ସ୍କୁପ୍‌ସ୍କି ଯୋଡ଼ି ଚଳିତ ବର୍ଷ ଦ୍ୱିତୀୟ ଗ୍ରାଣ୍ଡ ସ୍ଲାମ୍ ଟାଇଟଲ୍ ହାସଲ କରିଛନ୍ତି। ଏହା ପୂର୍ବରୁ ଏହି ଯୋଡ଼ି ଅଷ୍ଟ୍ରେଲିଆନ୍ ଓପନ୍‌ରେ ମଧ୍ୟ ଚାମ୍ପିୟନ୍ ହୋଇଥିଲେ। ୟୁଏସ୍ ଓପନ୍‌ର ଏହି ଟାଇଟଲ୍ ହାରିସନ୍-ସ୍କୁପ୍‌ସ୍କି ଯୋଡ଼ିଙ୍କ ପାଇଁ ଚଳିତ ସିଜିନ୍‌ର ଉଲ୍ଲେଖନୀୟ ସଫଳତା ହୋଇଛି। ଅଷ୍ଟ୍ରେଲିଆନ୍ ଓପନ୍ ପରେ ଆଉ ଏକ ଗ୍ରାଣ୍ଡ ସ୍ଲାମ୍ ଟ୍ରଫି ଜିତି ସେମାନେ ନିଜ ଦବଦବା ଜାହିର କରିଛନ୍ତି।

## ଦିଲ୍ଲୀ କ୍ୟାପିଟାଲ୍ସ ବୋଲିଂ ପ୍ରଶିକ୍ଷକ ହେଲେ ଭାସ୍

ନୂଆଦିଲ୍ଲୀ ୧୩/୦୯ : ଆଗାମୀ ଆଇପିଏଲ୍ ଋତୁ ପୂର୍ବରୁ ଦିଲ୍ଲୀ କ୍ୟାପିଟାଲ୍ସରେ ଯୋଗଦେବେ ପୂର୍ବତନ ଶ୍ରୀଲଙ୍କା ବାମହାତୀ ଦ୍ରୁତ ବୋଲର ଚାମିଣ୍ଡା ଭାସ୍। ଗତ ଦୁଇ ଋତୁରେ ମୁଖ୍ୟ ପ୍ରଶିକ୍ଷକ ହେମାଙ୍ଗ ବଦାନୀ, ନିର୍ଦ୍ଦେଶକ ବେଣୁଗୋପାଳ ରାଓ ଓ ବୋଲିଂ ପ୍ରଶିକ୍ଷକ ମୁନାଫ ପଟେଲଙ୍କ ତତ୍ତ୍ୱାବଧାନରେ ଦଳ ଖରାପ ପ୍ରଦର୍ଶନ କରିଥିଲା।ଏବେ ମୁଖ୍ୟ ପ୍ରଶିକ୍ଷକ ସନ୍ଧାନ ଫଳରେ ଦଳ ନୂଆ ପ୍ରଶିକ୍ଷକ ନିଯୁକ୍ତି କରିବାକୁ ଚିନ୍ତା କରିଥିଲା। ଏଥିଲାଗି ଫ୍ରାଞ୍ଚାଇଜ୍ ପ୍ରଶିକ୍ଷକ ପଦ ପାଇଁ ଭାରତର ପୂର୍ବତନ ବୋଲର ଜାହିର ଖାନ୍ ଓ ଅନିଲ କୁମ୍ବଲେଙ୍କ ସହ କଥାବର୍ତ୍ତା କରିଥିଲା।

## ଶୁଦ୍ଧ ପାନୀୟ ଜଳ ପ୍ରକଳ୍ପର ଶୁଭ ଉଦଘାଟନ କଲେ ସାଂସଦ



ଆଠଗଡ଼, ୧୩/୯ (ଅକ୍ଷର ଓଡ଼ିଶା)ନରସିଂହପୁର ବ୍ଲକ୍ ବାଗଧରିଆ ଛକରେ ନୂତନ ଭାବେ ନିର୍ମିତ ବିଧାୟକ ଓ ସାଂସଦ ଶୁଦ୍ଧ ପାନୀୟ ଜଳ ପ୍ରକଳ୍ପର ଶୁଭ ଉଦଘାଟନ କଲେ ସାଂସଦ ରତ୍ନ ଭର୍ତ୍ତୃହରି ମହତାବ। ଏହି ଅବସରରେ ବିଧାୟକ ବିଜୟ କୁମାର ଦଳବେହେରାଙ୍କ ସହିତ କଟକ ଜିଲ୍ଲା (ଗ୍ରାମୀଣ) ସଭାପତି ରାମନାରାୟଣ ମହାନ୍ତି, କଟକ ଜିଲ୍ଲା ଗ୍ରାମୀଣ ଉପ ସଭାପତି ମନୋଜ୍ କୁମାର ପଣ୍ଡା,ବଡ଼ମ୍ବା ବ୍ଲକ ଅଧ୍ୟକ୍ଷ ତଥା ଜିଲ୍ଲା ବିଜେପି ସମ୍ପାଦକ ରଘୁପତି ମହାନ୍ତି,, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ବୁଥ ସ୍ତରିୟ ସର୍ବପ୍ରଥମ ପ୍ରତିନିଧି ବଡ଼ମ୍ବା ନିର୍ବାଚନ ମଣ୍ଡଳୀ ବିଭୂଦତ୍ତ ପଟ୍ଟନାୟକ, ସାଧାରଣ ସମ୍ପାଦକ ଜିଲ୍ଲା ଜିଲ୍ଲା (ଗ୍ରାମୀଣ) ସୂର୍ଯ୍ୟମଣୀ ଜେନା, ମୋର୍ଚ୍ଚା ସଭାପତି କଟକ ଜିଲ୍ଲା (ଗ୍ରାମୀଣ) ମହେଶ୍ୱର ସେଠୀ, ଗ୍ରାମର ସଭାପତି, ସମ୍ପାଦକ ଏବଂ ସମସ୍ତ ଅଞ୍ଚଳ ବାସୀ ଉପସ୍ଥିତ ଥିଲେ।

## ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତରେ ୫୧,୧୩୩ଟି ମାମଲାର ଆପୋଷ ସମାଧାନ



ବ୍ରହ୍ମପୁର: ୧୩/୦୯ ( ଅକ୍ଷର ଓଡ଼ିଶା ) ଗଞ୍ଜାମ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଆଜି ଜିଲ୍ଲାର ବିଭିନ୍ନ ଅଦାଲତରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ଜିଲ୍ଲା କୋର୍ଟ ସମେତ ଜିଲ୍ଲାର ସମସ୍ତ ଅଦାଲତରେ ଆୟୋଜିତ ଏହି ଲୋକ ଅଦାଲତରେ ମୋଟ ୫୧,୧୩୩ଟି ମାମଲାର ଆପୋଷ ସମାଧାନ କରାଯାଇଥିବା ବେଳେ ସମୁଦାୟ ୧୦ କୋଟି ୫ ଲକ୍ଷ ୭୮ ହଜାର ୮୧୫ ଟଙ୍କା ପ୍ରଦାନ ପାଇଁ ଆଦେଶ ହୋଇଛି ।ଲୋକ ଅଦାଲତରେ ୫୨ଟି ଫୌଜଦାରୀ ଆପୋଷଯୋଗ୍ୟ ମାମଲାର ସମାଧାନ ହୋଇଥିବା ବେଳେ ନେଗୋସିଏବଲ୍ ଇନଷ୍ଟ୍ରୁମେଣ୍ଟ ଆକ୍ଟ ଅଧୀନରେ ୨୫ଟି ମାମଲାରେ ୬୬ ଲକ୍ଷ ୩୫ ହଜାର ୭୫୭ ଟଙ୍କା ଆଦାୟ ପାଇଁ ଆଦେଶ ହୋଇଛି। ସେହିପରି ବ୍ୟାଙ୍କ ଋଣ ଆଦାୟ ସମ୍ବନ୍ଧୀୟ ୧୯୩ଟି ମାମଲାରେ ୯୫ ଲକ୍ଷ ୯୮ ହଜାର ୮୧୯ ଟଙ୍କାର ସମାଧାନ କରାଯାଇଛି। ମୋଟର ଦୁର୍ଘଟଣା ଦାବି ଟ୍ରିବ୍ୟୁନାଲର ୭୫ଟି ମାମଲାରେ ୭ କୋଟି ୫ ଲକ୍ଷ ୯୧ ହଜାର ଟଙ୍କାର କ୍ଷତିପୂରଣ ନିର୍ଦ୍ଧାରଣ ହୋଇଥିବା ବେଳେ ୨୬୧ଟି ଟ୍ରାଫିକ୍ ଚାଲାଣ ମାମଲା, ୧୧ଟି ଶ୍ରମ ବିବାଦ, ୫୪ଟି ବୈବାହିକ ବିବାଦ ଏବଂ ୧୭୯ଟି ଅନ୍ୟାନ୍ୟ ମାମଲାର ସମାଧାନ କରାଯାଇଛି। ଏଥିସହ ୫୦,୩୯୮ଟି ରାଜସ୍ୱ ମାମଲାରେ ୫ ଲକ୍ଷ ୯୪ ହଜାର ୫୩୮ ଟଙ୍କା ଆଦାୟ ହୋଇଥିବା ବେଳେ ସ୍ଥାୟୀ ଲୋକ ଅଦାଲତରେ ଜନସେବା ସମ୍ବନ୍ଧୀୟ ୫ଟି ମାମଲାର ସମାଧାନ ହୋଇଛି। ଏହାସହ ୫୫ଟି ଦେୱାନୀ ମାମଲାର ସମାଧାନ ସହ ୭୫ ଲକ୍ଷ ୭୮ ହଜାର ୪୫୪ ଟଙ୍କାର ଡିକ୍ରି ହୋଇଛି। ଏହି ଲୋକ ଅଦାଲତରେ ଜିଲ୍ଲା ଓ ଦୌରା ଜଜ୍ ଅଶାନ୍ତ କୁମାର ଦାସଙ୍କ ସମେତ ଦ୍ୱିତୀୟ ଏମ୍ଏସିଟି ବିଶ୍ୱଜିତ ଦାସ, ପ୍ରଥମ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ନରେଶ ମହାନ୍ତି, ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ଲଳିତା ମଞ୍ଜରୀ ପଟ୍ଟନାୟକ ଓ ତୃତୀୟ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ବିବସ୍ୱତ ଗୌତମ ମୋଟର ଦୁର୍ଘଟଣା ସମ୍ବନ୍ଧୀୟ ମାମଲାଗୁଡ଼ିକର ସମାଧାନରେ ଅଂଶଗ୍ରହଣ କରିଥିଲେ।

## ୩୫୨ ଖଣ୍ଡ ବଜ୍ରକାପ୍ତା କାତି ଜବତ : ୬ ଜଣ ଚାଲାଣ କାରି ଗିରଫ



ମାଲକାନଗିରି- ୧୩/୯ (ପ୍ରଦୀପ ରାଉଳ) ବେଆଇନ ଭାବେ ବନ୍ୟଜନ୍ତୁ ଚାଲାଣ ବିରୋଧରେ ବନବିଭାଗ କୁ ମିଳିଛି ବଡ଼ ସଫଳତା । ମାଲକାନଗିରି ବନ ଖଣ୍ଡ ଅଧୀନରେ ବଜ୍ରକାପ୍ତା କାତି ଅବୈଧ ଚାଲାଣ ନେଇ ବିଶ୍ୱସ୍ତ ସୂଚନା ପାଇ ମାଲକାନଗିରି ଓ ମାଥିଲି ରେଞ୍ଜର ମିଳିତ ଟିମ୍ ପକ୍ଷରୁ ମାଲକାନଗିରି ରେଞ୍ଜ ଅନ୍ତର୍ଗତ ପଦ୍ମଗିରି-ପାଣ୍ଡ୍ରିପାଣି ରାସ୍ତାରେ ଚଢାଉ କରାଯାଇଥିଲା।ଏହି ଚଢାଉ ସମୟରେ ପ୍ରାୟ ୨ କେଜି ଓଜନର ୩୫୨ଟି ମୂଲ୍ୟବାନ ବଜ୍ରକାପ୍ତା କାତି, ୩ଟି ମୋଟର ସାଇକେଲ ଜବତ କରାଯିବା ସହ ଏହି ଅବୈଧ କାରବାରରେ ସମ୍ପୃକ୍ତ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।ବଜ୍ରକାପ୍ତା ବନ୍ୟପ୍ରାଣୀ (ସୁରକ୍ଷା) ଅଧିନିୟମ, ୧୯୭୨ (୨୦୨୨ ସଂଶୋଧିତ) ଅନୁଯାୟୀ ଅନୁସୂଚୀ-୧ ଭୁକ୍ତ ସୁରକ୍ଷିତ ପ୍ରଜାତି। ଏହାର ଶିକାର, ରଖିବା ଓ ବିକ୍ରି ଏକ ଗୁରୁତର ଅପରାଧ ଅଟେ।ଏହି ଘଟଣାରେ ବନ୍ୟପ୍ରାଣୀ ଅପରାଧ ମାମଲା ରୁଜୁ କରାଯାଇଛି ଏବଂ କାତିର ଉତ୍ସ ଓ ଏହି ବେଆଇନ ବନ୍ୟଜନ୍ତୁ ବେପାରରେ ଅଭିଯୁକ୍ତମାନେ ହେଲେ- ରାମ କୃଷ୍ଣ ଗଦବା, ପୂର୍ଣ୍ଣ ଭୂମିଆ, ଈଶ୍ୱର ଭୂମିଆ ଉଦୁଲିବେଡ଼ା, ମାଥିଲି। କୁମା ବିଶୋଇ, ଭୋଇଗୁଡ଼ା, ମୁଦୁଲିପଡ଼ା। ସୁଶାନ୍ତ ଖିଲ୍, ବାସନିଗୁଡ଼ା ବୈପାରୀଗୁଡ଼ା। ଲକ୍ଷ୍ମଣ ଶିଳପଡ଼ିଆ, ପାଲିଗୁଡ଼ା, ବୈପାରୀଗୁଡ଼ା।ଅନ୍ୟ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ ତାହା ଜାଣିବା ପାଇଁ ଅଧିକ ତଦନ୍ତ ଜାରି ରହିଛିମାଲକାନଗିରି ବନ ଖଣ୍ଡ ବନ୍ୟଜନ୍ତୁ ସୁରକ୍ଷା ଓ ଅବୈଧ ଶିକାର ଏବଂ ଚାଲାଣ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପ୍ରତିବଦ୍ଧ ବୋଲି ବନଖଣ୍ଡ ଅଧିକାରୀ ଶ୍ରୀ ସାଇ କିରଣ ଡିଏନ ସାମ୍ବାଦିକ ସମ୍ମିଳନୀ ରେ ପ୍ରକାଶ କରିଛି।

## ଅପରାଧ ତ୍ୱରିତ ତଦନ୍ତ ଓ ଅପରାଧ ନିୟନ୍ତ୍ରଣ ଉପରେ ଗୁରୁତ୍ୱ

ଅନୁଗୋଳ:୧୩/୦୯ (ଅକ୍ଷର ଓଡିଶା ) ଅନୁଗୋଳ ଡି.ପି.ଓ. ସମ୍ମିଳନୀ କକ୍ଷରେ ଏସ୍‌ପିଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଅପରାଧ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଅତିରିକ୍ତ ଏସ୍‌ପିଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀ, ଜିଲ୍ଲାର ସମସ୍ତ ଥାନାର ଆଇଆଇସି ଓ ଏସ୍‌ଡିପିଓମାନେ ଯୋଗଦେଇଥିଲେ। ବୈଠକରେ ଜିଲ୍ଲାର ସାମଗ୍ରିକ ଅପରାଧ ସ୍ଥିତି, ବିଚାରାଧୀନ ମାମଲା, ବିଭିନ୍ନ ମାମଲାର ତଦନ୍ତ ଅଗ୍ରଗତି ଏବଂ ଗୁରୁତ୍ୱପୂର୍ଣ୍ଣ ଅପରାଧିକ ଘଟଣାର ସମୀକ୍ଷା କରାଯାଇଥିଲା।

ଏଥିସହ ଅପରାଧର ନୂତନ ଧାରା ଓ ତାହାର ମୁକାବିଲା ପାଇଁ ଆବଶ୍ୟକ ପଦକ୍ଷେପ ଉପରେ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା।ଏସ୍‌ପି ବିଭିନ୍ନ ମାମଲାର ତଦନ୍ତ ଅଗ୍ରଗତି ସହ ତଦାରଖ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ମାମଲାଗୁଡ଼ିକର ତ୍ୱରିତ ଓ ସମୟୋଚିତ ତଦନ୍ତ, ଗୁଣାତ୍ମକ ତଦନ୍ତ ଏବଂ ଫଳପ୍ରଦ ତଦାରଖ ଉପରେ ସେ ଗୁରୁତ୍ୱାରୋପ କରିଥିଲେ।ବିଚାରାଧୀନ ମାମଲାଗୁଡ଼ିକର ଶୀଘ୍ର ସମାଧାନ ସହ ଅପରାଧ ନିୟନ୍ତ୍ରଣ ଦିଗରେ ଅଧିକ ସକ୍ରିୟ ଓ ସମନ୍ୱିତ ପଦକ୍ଷେପ ନେବାକୁ ଏସ୍‌ପି ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଇନଶୃଙ୍ଖଳା ବଜାୟ ରଖିବା ।


ମୁଖ୍ୟ ସମ୍ପାଦକ- ଚୌଧୁରୀ ରମାକାନ୍ତ ଦାସ
Chief Editor- Chaudhury Ramakanta Das

କାର୍ଯ୍ୟକାରୀ ସମ୍ପାଦକ- ଭରତ ଚନ୍ଦ୍ର ବେହେରା
Executive Editor- Bharat Chandra Behera

Published & Owned by **BHARAT KUMAR BEHERA**, Published at -99/6, Kalinga Vihar, Bhubaneswar-751019. Printed at **PRINT-TECH OFFSET PVT. LTD.**, F-66/1 & 2, Chandaka Industrial Area, Bhubaneswar-751024. T- 0674-3595878, M-9937223063/9937053063, E-akhyaraodisha@gmail.com

ସମ୍ପାଦକ: ଭରତ କୁମାର ବେହେରା
Editor: Bharat Kumar Behera